

ଭାଷଣ ଦେଲେନି ପ୍ରଧାନମନ୍ତ୍ରୀ ପୃଷ୍ଠା ୫

# ସଂଚାର

THE SANCHAR
Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17
Vol. 34 | ISSUE 68 ଭାଗ ୩୪ | ସଂଖ୍ୟା ୬୮
Saturday 30 May 2026 | Page 8 Rs. 5.00
● ଭୁବନେଶ୍ୱର ଶନିବାର ୩୦ ମେ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

### ରାଜ୍ୟ ସରକାର-ଇଣ୍ଟେଲ୍-୩ଡିଜିଏସ୍ ଏମଓୟୁ ସ୍ୱାକ୍ଷରିତ

# ଓଡ଼ିଶା ହେବ ସେମିକଣ୍ଡକ୍ଟର ହବ୍

- ପ୍ରତିଷ୍ଠା ହେବ ଗ୍ଲାସ କୋର ସବଷ୍ଟ୍ରେଟ ଉତ୍ପାଦନ ୟୁନିଟ୍
- ଡିଜିଟାଲ ଅର୍ଥନୀତି ଅଭିବୃଦ୍ଧିରେ ସହାୟକ ହେବ: ମୁଖ୍ୟମନ୍ତ୍ରୀ
- ୫/୬ ବର୍ଷରେ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ ହେବ ପ୍ରକଳ୍ପ
- ସେମିକଣ୍ଡକ୍ଟର ଇକୋସିଷ୍ଟମ ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ: କେନ୍ଦ୍ରମନ୍ତ୍ରୀ




ଭୁବନେଶ୍ୱର,୨୯।୫(ସଂଚାର ବ୍ୟୁରୋ)ଃ ଓଡ଼ିଶାରେ ଏକ ଉନ୍ନତ ପ୍ୟାକେଜିଂ ଗ୍ଲାସ୍ କୋର୍ ସବଷ୍ଟ୍ରେଟ୍ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର, ଇଣ୍ଟେଲ୍ କର୍ପୋରେସନ୍ ଏବଂ ୩ଡିଜିଏସ୍, ୟୁଏସଏ ମଧ୍ୟରେ ଆଜି ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ପ୍ରକଳ୍ପ ଦେଶର ସର୍ବବୃହତ ଉଚ୍ଚ ପ୍ରଯୁକ୍ତି ଉତ୍ପାଦନ ନିବେଶ ମଧ୍ୟରୁ ଗୋଟିଏ ହେବ। ଏହି ୟୁନିଟ୍ ଭୁବନେଶ୍ୱର-ଖୋର୍ଦ୍ଧା ମଧ୍ୟରେ ସ୍ଥାପିତ ହେବାର ପ୍ରସ୍ତାବ ରହିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଇଣ୍ଟେଲର ସିଇଓ ଲିପ୍-ବୁ ଟାନ୍ ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା।

ଏହି ପ୍ରସ୍ତାବିତ ପ୍ରକଳ୍ପ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁମତି ପାଇବା ପରେ ରାଜ୍ୟର ବୈଷୟିକ ମାନଚିତ୍ରରେ ଏକ ବଡ଼ ରୂପାନ୍ତର ଆସିବ। ଏଥିସହ ପୂର୍ବ ଭାରତରେ ପ୍ରଯୁକ୍ତି ବିଦ୍ୟାରେ ସର୍ବବୃହତ ପୁଞ୍ଜିନିବେଶ ସହ ଓଡ଼ିଶାକୁ ବିଶ୍ୱ ସ୍ତରରେ ସେମିକଣ୍ଡକ୍ଟର ଉତ୍ପାଦନର ହବ୍ ଭାବେ ପ୍ରତିଷ୍ଠା କରିବ। ଏଥିସହ ଏଆଇ ଭିତ୍ତିଭୂମି, ଡାଟା ସେଣ୍ଟର ଓ ଡିଜିଟାଲ ଟେକ୍ନୋଲୋଜିରେ ମଧ୍ୟ ଓଡ଼ିଶା ବିଶ୍ୱ ପାଇଁ ଆକର୍ଷଣ ହେବ। ଏସିଆ ମହାଦେଶର ଅତ୍ୟାଧୁନିକ ସେମିକଣ୍ଡକ୍ଟର ଓ ଡିଜିଟାଲ ଭିତ୍ତିଭୂମି ସୃଷ୍ଟି କରିବାକୁ ରାଜ୍ୟ ସରକାର ସବୁପ୍ରକାର ସହଯୋଗ ଯୋଗାଇଦେବାକୁ ଘୋଷଣା କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ବିକାଶ ଇତିହାସରେ ଆଜି ଏକ ଐତିହାସିକ ଦିନ। ଏହି ଚୁକ୍ତି ➢ପୃଷ୍ଠା-୬

### ଚାଷୀଙ୍କ ପାଇଁ ନୈରାଶ୍ୟଜନକ ଖବର

# ଚଳିତ ବର୍ଷ ଓଡ଼ିଶାରେ କମ୍ ବର୍ଷା

ନୂଆଦିଲ୍ଲୀ,୨୯।୫ଃଓଡ଼ିଶାର ଚାଷୀକୁଳ ଖରିଫ ଋତୁ ପାଇଁ ସଜବାଜ ହେଉଥିବା ବେଳେ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଆଜି ସେମାନଙ୍କ ପାଇଁ ଏକ ନୈରାଶ୍ୟଜନକ ପୂର୍ବାନୁମାନ କରିଛି। ଆସନ୍ତା ମାସରୁ ଆରମ୍ଭ ହେଉଥିବା ମୌସୁମୀ ଋତୁରେ ଓଡ଼ିଶାରେ ସ୍ୱାଭାବିକଠାରୁ କମ୍ ବର୍ଷା ହେବ ବୋଲି ଆଇଏମ୍ଡି କହିଛି।

## ଘାତକ ହେବ ଏଲ୍-ନିନୋ; ତାତି ତାଉ ବଢ଼ିବ

ଆଇଏମ୍ଡି ପକ୍ଷରୁ ଜାରି ଏକ ବ୍ରିଫିଙ୍ଗ୍‌ରେ କୁହାଯାଇଛି ଯେ ବିଶ୍ୱ ତାପନ ଯୋଗୁ ବିଷୁବ-ପ୍ରଶାନ୍ତ ମହାସାଗରରେ ଏଲ୍-ନିନୋ ବିକଶିତ ହେଉଛି। ଏଲ୍-ନିନୋ ପ୍ରଭାବରେ ଓଡ଼ିଶା ସମେତ ସମଗ୍ର ଦେଶରେ ବର୍ଷା ପରିମାଣ ସ୍ୱାଭାବିକଠାରୁ ଯଥେଷ୍ଟ କମ୍ ହେବ।

ଆଇଏମ୍ଡି ଦେଶର ଋତୁକାଳୀନ ବୃଷ୍ଟିପାତ ଆକଳନକୁ ସଂଶୋଧନ କରିଛି। ଏହି ସଂଶୋଧନରେ ଦୀର୍ଘକାଳୀନ ହାରାହାରି (ଏଲ୍‌ପିଏ) ବୃଷ୍ଟିପାତ ଆନୁମାନିକ ୯୦ ପ୍ରତିଶତକୁ ହ୍ରାସ ପାଇଛି। ଏହାକୁ ଆଧାର କରି ଓଡ଼ିଶା ସମେତ ପୂର୍ବ ଓ ମଧ୍ୟ ଭାରତର ଏକ ବଡ଼ ଅଞ୍ଚଳରେ ନିଅଣ୍ଟିଆ ବର୍ଷାଋତୁ ଅନୁଭବ ହେବ ବୋଲି ପାଣିପାଗ ବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି। ଆଇଏମ୍ଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ଶୁକ୍ରବାର ପାଣିପାଗର ଢାଞ୍ଚା, ଋତୁକାଳୀନ ବର୍ଷା ପୂର୍ବାନୁମାନ ଓ ବିକଶିତ




ହେଉଥିବା ଏଲ-ନିନୋ ସ୍ଥିତିର ପ୍ରଭାବ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି। ସେ କହିଛନ୍ତି ଯେ ସମଗ୍ର ଦେଶରେ ଜୁନ୍ ମାସରେ ଆଶାନୁରୂପ ବର୍ଷା ହେବନାହିଁ। ଓଡ଼ିଶାରେ ମଧ୍ୟ ଜୁନ୍ ମାସରେ ଆଶାଠାରୁ କମ୍ ବର୍ଷା ହେବ। କେନ୍ଦ୍ର ଭାରତରେ ମଧ୍ୟ ଏହି ନିଅଣ୍ଟିଆ ସ୍ଥିତି ରହିବ। କେତେକ ସ୍ଥାନରେ ୯୪ ପ୍ରତିଶତରୁ କମ୍ ବର୍ଷା ହେବାର ସମ୍ଭାବନା ରହିଛି। ➢ପୃଷ୍ଠା-୬

# ବିଷାକ୍ତ ମଦ ନେଲାଣି ୧୮ ଜୀବନ

### ଜଣେ ବ୍ୟବସାୟୀ ଗିରଫ, ୫ ଅଟକ

ପୁଣେ,୨୯।୫ଃବିଷାକ୍ତ ସ୍ପିରିଟ୍‌ଯୁକ୍ତ ମଦ ପିଇ ଗତ ଦୁଇ ଦିନ ମଧ୍ୟରେ ପୁଣେ ଓ ଏହାର ଆଖପାଖ ଅଞ୍ଚଳରେ ଅତି କମ୍‌ରେ ୧୮ ଜଣଙ୍କର ମୃତ୍ୟୁ ଘଟିଛି। ଏହି ଘଟଣାରେ ଅନେକ ପୀଡ଼ିତଙ୍କୁ ଗୁରୁତର ଅବସ୍ଥାରେ



ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ପୁଲିସ୍ ସୂତ୍ରରୁ ଜାଣିବାକୁ ମିଳିଛି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାଭୀସ ମଦମୃତ୍ୟୁ ଘଟଣାକୁ ଗମ୍ଭୀରତାର ସହ ନେଇ ଏହାକୁ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ସେ କହିଛନ୍ତି ଯେ ୮ ଜଣଙ୍କୁ ଅଦ୍ୟାବଧି ଏହି ମାମଲାରେ ଗିରଫ କରାଯାଇଛି। ଏଥିସହ ସେ ପୁନେ ଓ ପିମ୍ପ୍ରି-ଚିଞ୍ଚୱାଡ଼ର ପୁଲିସ କମିଶନରଙ୍କୁ ଏହାର ତଦନ୍ତ କରି ଦୁର୍ଘଟଣା ପାଇଁ ଦାୟୀ ଲୋକଙ୍କୁ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ଘଟଣାରେ ପୁଲିସ ଯୋଗେଶ୍ ୱାଙ୍ଗଡ଼େ ନାମକ ଜଣେ ଲିକର ବ୍ୟବସାୟୀକୁ ଗିରଫ କରାଯାଇଛି। ସେ ଏହି ଘଟଣାରେ ଆତ୍ମସମର୍ପଣ କରିଛି। ରାଜ୍ୟ ଅବକାରୀ କମିଶନର ଅତୁଲ କାନାଡ଼େ ପିଟିଆଇକୁ କହିଛନ୍ତି ଯେ ଯୋଗେଶ୍ ୱାଙ୍ଗଡ଼େ ଉଭୟ ଫୁଗେୱାଡ଼ି ଓ ହଡ଼ପସର ଅଞ୍ଚଳକୁ ମଦ ବିତରଣ କରିଥିଲା। ଅଧିକ ତଦନ୍ତ ଲାଗି ତାକୁ ପିମ୍ପ୍ରି-ଚିଞ୍ଚୱାଡ଼ା ପୁଲିସ୍‌କୁ ହସ୍ତାନ୍ତର କରାଯାଇଛି। ଏହାଛଡ଼ା ଏହି ମାମଲାରେ ୫ ଜଣଙ୍କୁ ଅଟକ ରଖି ପୁଲିସ୍ ପଚରାଉଚରା କରୁଛି ବୋଲି ସୂଚନା ଦେଇଛନ୍ତି ପିମ୍ପ୍ରି-ଚିଞ୍ଚୱାଡା ସହରର ପୁଲିସ୍ କମିଶନର୍ ବିନୟ ଚୌବେ। ପିମ୍ପ୍ରି-ଚିଞ୍ଚୱାଡ଼ର ଫୁଗେୱାଡ଼ି ଅଞ୍ଚଳ ଓ ପୁନେର ହଡ଼ପସର ଅଞ୍ଚଳରେ ➢ପୃଷ୍ଠା-୬

● ୫୦ କୋଟି ସରକାରୀ ଟଙ୍କା ଆତ୍ମସାତ

# ପୋଷ୍ଟମାଷ୍ଟର ନିଲମ୍ବିତ



### ଚଳୁ କରିଦେଲେ ହିତାଧିକାରୀଙ୍କ ଟଙ୍କା

କୋରାପୁଟ, ୨୯।୫ (ସଂଚାର ବ୍ୟୁରୋ)ଃ କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାର ଅନେକ ଡାକ ଘରର ପୋଷ୍ଟ ମାଷ୍ଟରମାନେ ହିତାଧିକାରୀଙ୍କର ୫୦ କୋଟି ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହୋଇଥିବା ବେଳେ ବୈପାରୀଗୁଡ଼ା ପୋଷ୍ଟ ଅଫିସର ପୋଷ୍ଟ ମାଷ୍ଟର ଗୌରାଙ୍ଗ ସରକାରଙ୍କୁ ନିଲମ୍ବନ କରାଯାଇଛି। ଜୟପୁର ଡିଭିଜନର ବରିଷ୍ଠ ଡାକ ଅଧୀକ୍ଷକ ସତ୍ୟବାଦୀ ବିଶ୍ୱାଳ ତାଙ୍କୁ ନିଲମ୍ବନ କରିଛନ୍ତି। ପୋଷ୍ଟ ମାଷ୍ଟର ଗୌରାଙ୍ଗ ସରକାର ଝରିଗାଁ ସବ୍ ପୋଷ୍ଟ ଅଫିସରେ ଥିବା ସମୟରେ ହିତାଧିକାରୀଙ୍କ ଟଙ୍କା ଚଳୁ କରିଥିବା ଅଭିଯୋଗ ହୋଇଛି। ଏହି ୫୦ କୋଟି ଟଙ୍କା ଆତ୍ମସାତ ମାମଲାରେ କୋଡ଼ିଙ୍ଗା ଓ ଡାବୁଗାଁ ପୋଷ୍ଟ ମାଷ୍ଟରଙ୍କର ମଧ୍ୟ ସମ୍ପୃକ୍ତି ରହିଥିବା ଅଭିଯୋଗ ରହିଛି। ସେମାନଙ୍କ ବିରୋଧରେ ତଦନ୍ତ ଚାଲିଛି। କିଛି ଦିନ ତଳେ ନବରଙ୍ଗପୁରର ପୂର୍ବତନ ସାଂସଦ ତଥା ବିଜେଡି ନେତା ପ୍ରଦୀପ ମାଝୀ ଓ ଜୟପୁରର ପୂର୍ବତନ ➢ପୃଷ୍ଠା-୬

### କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ 'ସମଗ୍ର ଶିକ୍ଷା ଅଭିଯାନ'ର ସମୀକ୍ଷା

# ପ୍ରମୁଖ ଯୋଜନା ସମନ୍ୱୟରେ ସୁଦୃଢ଼ ହେବ ସ୍କୁଲ ଶିକ୍ଷା

ନୂଆଦିଲ୍ଲୀ,୨୯।୫(ସଂଚାର ବ୍ୟୁରୋ)ଃ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଏଠାରେ 'ସମଗ୍ର ଶିକ୍ଷା ଅଭିଯାନ' ଅଧୀନରେ ପାଣ୍ଠି ପ୍ରଦାନ ଓ ଏହାର ବିନିଯୋଗ ନେଇ ଏକ ବିସ୍ତୃତ ସମୀକ୍ଷା ବୈଠକ କରିଛନ୍ତି। ଶିକ୍ଷା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକରେ 'ସମଗ୍ର ଶିକ୍ଷା ୩.୦'କୁ ଆଗାମୀ ଦିନରେ ଅଧିକ ଦକ୍ଷ, ସ୍ୱଚ୍ଛ ଓ ଫଳାଫଳଭିତ୍ତିକ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି।



ଚଳିତ ବର୍ଷଠାରୁ ଦେଶର ସ୍କୁଲ ଶିକ୍ଷା ବ୍ୟବସ୍ଥାରେ ଅଧିକ ସମନ୍ୱୟ ତଥା ବ୍ୟାପକ ପ୍ରଭାବ ପକାଇବା ପାଇଁ ଏକ ଏକୀକୃତ

## 'ସମଗ୍ର ଶିକ୍ଷା ୩.୦'କୁ ଅଧିକ ଦକ୍ଷ, ସ୍ୱଚ୍ଛ କରାଯିବ

ଆଭିମୁଖ୍ୟ ଗ୍ରହଣ କରାଯିବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି ଯେ ଏହି ଯୋଜନା ଅନୁଯାୟୀ ସମଗ୍ର ଶିକ୍ଷା ଅଭିଯାନ, ପିଏମ୍-ପୋଷଣ, ଉଲ୍ଲାସ, ପିଏମ୍-ଶ୍ରୀ ଓ ଅନ୍ୟାନ୍ୟ ସମସ୍ତ ପ୍ରମୁଖ ଫ୍ଲାଗସିପ୍ ଯୋଜନାଗୁଡ଼ିକର ମିଶ୍ରଣ ବା ସମନ୍ୱୟ କରାଯିବ, ଯାହା ସମଗ୍ର ଶିକ୍ଷା ବ୍ୟବସ୍ଥା ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବାରେ ସହାୟକ ହେବ।

ଏହା ବ୍ୟତୀତ ବୈଠକରେ ସହଯୋଗୀ ସଂଘୀୟ ବ୍ୟବସ୍ଥାର ବିଚାରକୁ ବଜାୟ ରଖି କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଆଗାମୀ ଦିନର ସମ୍ପର୍କ ଏବଂ ସହଯୋଗକୁ ଆହୁରି ମଜବୁତ କରିବା ଉପରେ ମଧ୍ୟ ବିସ୍ତୃତ ଆଲୋଚନା କରାଯାଇଛି। ଜାତୀୟ ଶିକ୍ଷା ନୀତି (ଏନ୍‌ଇପି)ର ପ୍ରଭାବଶାଳୀ କାର୍ଯ୍ୟକାରିତା ଉପରେ ଅଧିକ ଦୃଷ୍ଟି ଦିଆଯିବ। ଏଥିରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଇନୋଭେସନ, ସଠିକ୍ ପୋଷଣ, ଦକ୍ଷତା ବିକାଶ, କ୍ରୀଡ଼ା ଓ କଳାର ବିକାଶ ଉପରେ ବିଶେଷ ପ୍ରାଧାନ୍ୟ ଦିଆଯିବ। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ପ୍ରଧାନ ଆଶା ପ୍ରକଟ କରିଛନ୍ତି ଯେ ଏହି ସମସ୍ତ ସାମଗ୍ରିକ ପ୍ରୟାସ ଦେଶର ଶିକ୍ଷାର୍ଥୀମାନଙ୍କୁ ଆଗାମୀ ଦିନରେ ଅଧିକ ସଶକ୍ତ ଓ ସମର୍ଥ କରି ଗଢ଼ିତୋଳିବ। ଏଥିସହ ବିକଶିତ ଭାରତ ୨୦୪୭ର ସ୍ୱପ୍ନକୁ ସାକାର କରିବା ପାଇଁ ଦେଶକୁ ଆବଶ୍ୟକ ହେଉଥିବା ଦକ୍ଷ ମାନବ ସମ୍ବଳ ବା ମାନବ ପୁଞ୍ଜି ଗଠନରେ ଏହି ପଦକ୍ଷେପ ଏକ ପ୍ରମୁଖ ଓ ପରିବର୍ତ୍ତନକାରୀ ଭୂମିକା ଗ୍ରହଣ କରିବ।

### ମିଡ୍ ନାଇଟ ଅପରେସନକୁ ୧୪ ବର୍ଷ

# ଉଦ୍ଦେଶ୍ୟମୂଳକ ଭାବେ ବାପାଙ୍କୁ ଭିଲେନ ସଜାଯାଇଥିଲା

ଭୁବନେଶ୍ୱର,୨୯।୫(ସଂଚାର ବ୍ୟୁରୋ)ଃ ଆଜିକୁ ଠିକ ୧୪ ବର୍ଷ ତଳେ ଆଜିର ଦିନରେ ନବୀନ ପଟ୍ଟନାୟକ ବିଦେଶ ଗସ୍ତରେ ଥିବା ସମୟରେ ବିଜେଡି ବିଭାଜନ ପାଇଁ ସ୍ୱର୍ଗତଃ ପ୍ୟାରୀମୋହନ ମହାପାତ୍ର ମିଡ୍ ନାଇଟ ଅପରେସନ କରିଥିବା ଅଭିଯୋଗ ହୋଇଥିଲା। ଯାହାକୁ ନେଇ ପ୍ୟାରୀ-ନବୀନଙ୍କ ମଧ୍ୟରେ ଫାଟ ହୋଇଥିଲା ଏବଂ ସମୟ କ୍ରମେ ପ୍ୟାରୀ ଅଙ୍କଲ ଦଳରୁ ବିଦା ହୋଇଥିଲେ। ଯେଉଁ ମିଡ୍ ନାଇଟ ଅପରେସନକୁ ନେଇ ଓଡ଼ିଶା ରାଜନୀତି ଦୋହଲି ଯାଇଥିଲା ସେ କାଳରାତିର କାରନାମାକୁ ମନେ ପକାଇ ନବୀନଙ୍କ ଉପରେ ବର୍ଷିଛନ୍ତି ପ୍ୟାରୀଙ୍କ ଝିଅ ସିକ୍ତା ପତି।

ସିକ୍ତା ଅଭିଯୋଗ କରିଛନ୍ତି ଯେ ନବୀନ ନିଜେ ବଞ୍ଚିବା ପାଇଁ ସବୁ କିଛି କରିପାରନ୍ତି। ତାଙ୍କ ଚୌକି ପାଖାପାଖି କିଏ ହେଲେ ସେ ତାଙ୍କୁ ଦଳରୁ ବିଦା କରିଦିଅନ୍ତି। ୨୦୧୨ ପର୍ଯ୍ୟନ୍ତ ବିଜେଡିରୁ ଯେତେ ପ୍ରତିଷ୍ଠାତା ସଦସ୍ୟଙ୍କୁ ବିଦା କରାଯାଇଛି, ସେସବୁ ନିଷ୍ପତ୍ତି ନିଜେ ନବୀନ ପଟ୍ଟନାୟକ ନେଉଥିଲେ।



## ବିଜେଡିରେ ରହି କିଛି ନେତା ଦଳକୁ ଧ୍ୱଂସ କରୁଛନ୍ତିଃ ସିକ୍ତା

ହେଲେ ସବୁ ଅଠା ତାଙ୍କ ବାପାଙ୍କ ମୁଣ୍ଡରେ ବୋଳାଯାଉଥିଲା ବୋଲି ସିକ୍ତା କହିଛନ୍ତି। ଏବେ କିଛି ବରିଷ୍ଠ ନେତା କହୁଛନ୍ତି ଯେ ପ୍ୟାରୀ ମହାପାତ୍ର ଥିଲେ ବିଜେଡି ୨୦୨୪ରେ ନିର୍ବାଚନ ହାରି ନ ଥାନ୍ତା। ହେଲେ ଯେତେବେଳେ ତାଙ୍କ ବାପାଙ୍କୁ ନିର୍ଯାତନା ଦିଆଯାଉଥିଲା, ସେ ସମୟରେ କେହି ଜଣେ ହେଲେ ବି ଛିଡ଼ା ହେଲେନି। ଆଉ ତା'ର ଫଳ ସେମାନେ ଭୋଗୁଛନ୍ତି।

ବିଜେଡିରେ ରହି କିଛି ନେତା ବିଜେଡିକୁ ଧ୍ୱଂସ କରୁଛନ୍ତି। ସେମାନେ କିଏ, ସେ କଥା ପ୍ରଭାତ ବିଶ୍ୱାଳ ଖୋଲିକି କହିଛନ୍ତି। ଯେଉଁ ଦଳ ତାଙ୍କ ବାପାଙ୍କ ପ୍ରତି ଅନ୍ୟାୟ କରିଥିଲା ସେ ନିଜର ସୁରକ୍ଷା ପାଇଁ ସେହି ଦଳରେ ଯୋଗ ଦେଇଥିଲେ। କାରଣ ତାଙ୍କ ପରିବାର ପ୍ରତି ବିପଦ ଥିଲା। ଉଦ୍ଦେଶ୍ୟମୂଳକ ଭାବେ ମିଡ ନାଇଟ ଅପରେସନରେ ତାଙ୍କ ବାପାଙ୍କୁ ଭିଲେନ ସଜାଯାଇଥିଲା ବୋଲି ସିକ୍ତା ଅଭିଯୋଗ କରିଛନ୍ତି।

୨୦୦୯ରେ ବିଜେଡି-ବିଜେପି ମେଣ୍ଟ ଭାଙ୍ଗିବା ପରେ ଦଳ ହାରିଯିବ ବୋଲି ସମସ୍ତେ କହୁଥିଲେ। ହେଲେ କେବଳ ପ୍ୟାରୀ ମହାପାତ୍ର କହିଥିଲେ ଯେ ବିଜେଡି ୧୦୩ ଆସନରେ ଜିତିବ। ଆଉ ନିର୍ବାଚନ ଫଳାଫଳ ଆସିବା ପରେ ଦଳ ସେତିକି ଆସନ ବି ଦଖଲ କରିଥିଲା। ସେତେବେଳେ ଦଳର ସବୁ ଲୋକ ତାଙ୍କ ବାପାଙ୍କ ଲୋକ ଥିଲେ। ସେ ଚାହିଁଥିଲେ ୨୦୦୯ରେ ନିଜ ହାତକୁ ସରକାର ନେଇପାରିଥାନ୍ତେ। ୨୦୧୨ ଯାଏଁ କାହିଁକି ଅପେକ୍ଷା କରିଥାନ୍ତେ? ତାଙ୍କୁ ବଦନାମ କରି ଦଳରୁ ବିଦା କରିବାକୁ ➢ପୃଷ୍ଠା-୬

### ରବି ଧାନ ସଂଗ୍ରହ ନେଇ ଉଚ୍ଚସ୍ତରୀୟ ବୈଠକ

# ବିନା ବାଧାରେ ଧାନ କିଣିବାକୁ ନିର୍ଦ୍ଦେଶ



ଭୁବନେଶ୍ୱର, ୨୯।୫ (ସଂଚାର ବ୍ୟୁରୋ)ଃ ଖାଦ୍ୟ, ଯୋଗାଣ ଏବଂ ଖାଉଟୀ କଲ୍ୟାଣ ବିଭାଗ ପ୍ରମୁଖ ସଚିବ ଓ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଅଧ୍ୟକ୍ଷ ସଞ୍ଜୟ କୁମାର ସିଂହ ନିଗମର ଏକ ଉଚ୍ଚସ୍ତରୀୟ ବୋର୍ଡ ବୈଠକରେ ଚାଷୀମାନଙ୍କ ପାଇଁ ବାଧାମୁକ୍ତ ଧାନ ସଂଗ୍ରହ ସୁନିଶ୍ଚିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିଗମର ସମ୍ମିଳନୀ କକ୍ଷରେ ଅଧିବେଶନରେ ଅଧ୍ୟକ୍ଷତା କରି ଶ୍ରୀ ସିଂହ ଖରିଫ ପର୍ଯ୍ୟାୟର ସଫଳତାର ସହ ସଂଗ୍ରହ ସମାପ୍ତି ପରେ ରାଜ୍ୟ ରବି ଧାନ କାର୍ଯ୍ୟକ୍ରମରେ ପରିବର୍ତ୍ତନ ହେବା ସହିତ କାର୍ଯ୍ୟକ୍ଷମ ଚ୍ୟାଲେଞ୍ଜଗୁଡ଼ିକର ସମାଧାନ ଦିଗରେ ଆଲୋଚନାକୁ ସକ୍ରିୟ ଭାବେ ନେତୃତ୍ୱ ଦେଇଥିଲେ। ପ୍ରମୁଖ ରାଜ୍ୟ ଭାବେ ନିଗମ ଚାଷୀଙ୍କଠାରୁ ସିଧାସଳଖ ଧାନ କିଣିବା ପାଇଁ ଦାୟୀ। ନିଗମ ବର୍ତ୍ତମାନ ରବି ଧାନ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ଉପରେ ଧ୍ୟାନ ଦେଉଛି। ବିଭାଗୀୟ ଅଧିକାରୀ ଓ ଅନ୍ୟାନ୍ୟ ବୋର୍ଡ ସଦସ୍ୟଙ୍କ ସମେତ ଏହି ବୈଠକରେ ଚାଷୀଙ୍କଠାରୁ ସିଧାସଳଖ ଧାନ କ୍ରୟ କରୁଥିବା ପ୍ରମୁଖ ସରକାରୀ ସଂସ୍ଥା ଭାବେ ନିଗମର ଭୂମିକା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକ ସମୟରେ ପରିଚାଳନା ନିର୍ଦ୍ଦେଶକ କେ ସୁଦର୍ଶନ ଚକ୍ରବର୍ତ୍ତୀ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାନ୍ୱୟନ ଓ ଲଜିଷ୍ଟିକ୍ ପ୍ରସଙ୍ଗ ଉଠାଇଥିଲେ।

ଶ୍ରୀ ସିଂହ ପ୍ରତ୍ୟେକ ପ୍ରତିବନ୍ଧକକୁ ବ୍ୟବସ୍ଥିତ ଭାବେ ସମାଧାନ କରିଥିଲେ ଓ ସମଗ୍ର ଓଡ଼ିଶାରେ ଚାଷୀ-ଅନୁକୂଳ କ୍ରୟ ପ୍ରକ୍ରିୟା ବଜାୟ ରଖିବା ପାଇଁ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ।

### 'ବନ୍ଦେ ମାତରମ୍' ବିବାଦ

## ଚିଠି ଲେଖିଲେ ରାଜ୍ୟପାଳ

ଥିରୁଅନନ୍ତପୁରମ୍,୨୯।୫ଃ କେରଳ ବିଧାନସଭାରେ ଜାତୀୟ ସଙ୍ଗୀତ 'ବନ୍ଦେ ମାତରମ୍'ର ପୂର୍ଣ୍ଣ ପରିବେଷଣ ନ ହେବା ନେଇ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି ରାଜ୍ୟପାଳ ଆରଭି ଆର୍ଲେକର। ଏହାକୁ ନେଇ ସେ ବିଧାନସଭା ବାଚସ୍ପତି ତିରୁଭଞ୍ଚୁର ରାଧାକୃଷ୍ଣନଙ୍କୁ ଚିଠି ଲେଖିବା ସହିତ କହିଛନ୍ତି ଯେ, ଜାତୀୟ ସଂଗୀତକୁ ସମ୍ପୂର୍ଣ୍ଣ ଗାନ ନ କରିବା ଗୃହ ମନ୍ତ୍ରଣାଳୟର ନିର୍ଦ୍ଦେଶାବଳୀକୁ ଉଲ୍ଲଂଘନ କରିଛି। ଏପରି ଘଟଣାର ପୁନରାବୃତ୍ତି ନହେବା ନିଶ୍ଚିତ କରିବାକୁ ସେ ବାଚସ୍ପତିଙ୍କୁ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ ଯେ, ବିଧାନସଭା ଅଧିବେଶନର ପ୍ରଥମ ଅଧିବେଶନରେ କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ୟୁଡିଏଫ୍) ସରକାର ଗୃହରେ ରାଜ୍ୟପାଳଙ୍କ ଅଭିଭାଷଣ ପୂର୍ବରୁ 'ବନ୍ଦେ ମାତରମ୍'ର ପୂର୍ଣ୍ଣ ସଂସ୍କରଣ ନ ବଜାଇବାକୁ ନିଷ୍ପତ୍ତି ନେଇଥିଲେ।

## ରାଜିନାମା ନେଇ ନିରବତା ଭାଙ୍ଗିଲେ ଟ୍ରମ୍ପ

ୱାଶିଂଟନ୍, ୨୯।୫ଃ ଇରାନ୍-ଆମେରିକାର ସଦ୍ୟତମ ଶାନ୍ତି ଚୁକ୍ତିନାମାକୁ ନେଇ ଗୁରୁବାରଠାରୁ ନିରବ ଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁକ୍ରବାର ମୁହଁ ଖୋଲିଛନ୍ତି। ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲରେ ଟ୍ରମ୍ପ ନିଜର ନିରବତା ଭାଙ୍ଗି କହିଛନ୍ତି ଯେ, ଇରାନ ସହ ଯୁଦ୍ଧବିରତି ବୃଦ୍ଧି ଲାଗି ଉଦ୍ଦିଷ୍ଟ ରାଜିନାମା ଉପରେ ଚୂଡ଼ାନ୍ତ ନିର୍ଣ୍ଣୟ ନେବା ଲାଗି ସେ ଆଲୋଚନା କରୁଛନ୍ତି। ଇରାନ ନିକଟରେ ପରମାଣୁ ଅସ୍ତ୍ର କିମ୍ବା କୌଣସି ପରମାଣୁ ବୋମା ନାହିଁ ବୋଲି ସେମାନଙ୍କୁ ଏଥିରେ ସହମତ ହେବାକୁ ପଡ଼ିବ। ଏଥିସହ ବିନା ପ୍ରତିବନ୍ଧକରେ ଜାହାଜ ଚଳାଚଳ ପାଇଁ ଉଭୟ ପକ୍ଷରୁ ଷ୍ଟ୍ରେଟ୍ ଅଫ୍ ହର୍ମୁଜକୁ ଖୋଲାଯିବା ସହ ଜଳପଥରେ ବିଛାଯାଇଥିବା ମାଇନ୍ସକୁ ନଷ୍ଟ କରାଯିବା ଉଚିତ ବୋଲି ସେ କହିଛନ୍ତି। ଦୁଇଦେଶ ରାଜିନାମାର ଏକ ଢାଞ୍ଚା ଉପରେ ସହମତ ହୋଇଛନ୍ତି ବୋଲି ଆମେରିକାର ଉପ-ରାଷ୍ଟ୍ରପତି ଜେଡି ଭାନ୍ସ ଶୁକ୍ରବାର ବିବିସିକୁ କହିବା ପରେ ରାଷ୍ଟ୍ରପତି ଟ୍ରମ୍ପ ଟ୍ରୁଥ୍ ସୋସିଆଲରେ ଏହା ଲେଖିଛନ୍ତି।



### କାନ ଡେରିଥା

ଥାନାରେ ହେଉଛି ଥାର୍ଡ଼ ଡିଗ୍ରୀ ଏଠି
ଇଏ କେମିତିକା ଭୟ
କାଡୁଆ ପୋଲିସ ମାଡ଼ ମରୁଥାନ୍ତି
ଆସାମୀ ଯେ ନିରୁପାୟ
ହାତ ଗୁଞ୍ଜା ପୁଳେ ଦିଅ
ନହେଲେ ଗୋଡ଼ ଭାଙ୍ଗିଦେବେ
ପଛ ନାଲି ହେବା ଥୟ
ଦେଖାଇବେ ଜେଲ ଭୟ ।

■ ଦେବାଶିଷ

# କେନ୍ଦୁଝରରେ ପିଲାଙ୍କୁ ଠକିଦେଲା ଘରୋଇ ସଂସ୍ଥା

- ଟାବଲେଟ୍ ଧରାଇ ସଂସ୍ଥା ଛୁ'
- ଖତ ଖାଇଲାଣି ସୋଲାର ଷ୍ଟାଣ୍ଡ

ଭୁବନେଶ୍ୱର, ୨୯।୫ (ସଂଚାର ବ୍ୟୁରୋ)ଃ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ଗରିବ ଆଦିବାସୀ ପିଲାଙ୍କୁ ଠକି ଛୁ' ମାରିଛି ଦିଲ୍ଲୀର ଏକ ସଂସ୍ଥା। ପିଲାମାନଙ୍କ ପାଠପଢ଼ା ପାଇଁ ଟାବଲେଟ୍ ସହ ସିମ୍‌କାର୍ଡ ଓ ସିବିଏସଇ ସଫ୍ଟୱେର ପ୍ରଦାନ ଓ ଏହାକୁ ସୌରଶକ୍ତି ସଂଯୋଗ ଦେବାକୁ ଥିବା ବେଳେ ଏହି ସଂସ୍ଥା କେବଳ ଟାବଲେଟ୍ ଧରାଇ ଛୁ' ମାରିଛି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ଜନସନ୍ ଆଣ୍ଡ ଜନ୍‌ସନ୍ କମ୍ପାନୀ ପକ୍ଷରୁ ଦୁର୍ଗମ ଅଞ୍ଚଳର ଗରିବ ଆଦିବାସୀ ପିଲାମାନଙ୍କୁ ପାଠପଢ଼ାରେ ସହାୟତା, ବିଶେଷକରି ସିବିଏସ୍‌ଇ ପାଠ୍ୟକ୍ରମ ପାଇଁ ସହାୟତା ଯୋଗାଇ ଦିଆଯାଇଥିଲା। ଏଥିପାଇଁ ପିଲାମାନଙ୍କୁ ଗୋଟିଏ ଟାବଲେଟ୍ ସହ ଏଥିରେ ସିବିଏସ୍‌ଇ ପାଠ୍ୟକ୍ରମର ସଫ୍ଟୱେର ଓ ଗୋଟିଏ ପାଠ୍ୟକ୍ରମ ଥିବା ଚିପ୍ ଯୋଗାଇ ଦିଆଯିବାର ଯୋଜନା ରହିଥିଲା। ଦୁର୍ଗମ ଅଞ୍ଚଳରେ ପିଲାମାନେ ଯେଉଁଭଳି ଶକ୍ତି ସମସ୍ୟାର ସମ୍ମୁଖୀନ ନହେବେ, ସେଥିପାଇଁ ସୌର ପ୍ୟାନେଲ ମଧ୍ୟ ଯୋଗାଇ ଦିଆଯିବାର ବ୍ୟବସ୍ଥା ହୋଇଥିଲା।

ଏହି ପ୍ରକଳ୍ପ ପାଇଁ କେନ୍ଦୁଝର ଜିଲ୍ଲାର ବାଂଶପାଳ ବ୍ଲକ୍‌କୁ ଚିହ୍ନଟ କରାଯାଇଥିଲା। ଏଠାରେ ୧୬୨ ଜଣ ପିଲାଙ୍କୁ ଏଥିରେ ସାମିଲ



କରାଯିବା ସହ ପ୍ରକଳ୍ପ ପାଇଁ ଜନସନ ଆଣ୍ଡ ଜନସନ୍ ଦିଲ୍ଲୀର ସିଡ୍ ନାମକ ଏକ ସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରିଥିଲା। ସିଡ୍ କର୍ତ୍ତୃପକ୍ଷ ପିଲାମାନଙ୍କୁ ଟାବଲେଟ୍ ଯୋଗାଇଥିବା ବେଳେ ସଫ୍ଟୱେର ଓ ଚିପ୍ ଆଦି କିନ୍ତୁ ଦେଲେ ନାହିଁ। ସୌର ପ୍ୟାନେଲ ବି ଲଗାଇଲେ ନାହିଁ। ସୌର ପ୍ୟାନେଲ ଲଗାଇବା ପାଇଁ ଆସିଥିବା ଲୁହାଖମ୍ବଗୁଡ଼ିକରେ କଳଙ୍କି ଲାଗି ଗଲାଣି। ଫଳରେ ପିଲାଙ୍କୁ ମିଳିଥିବା ଟାବଲେଟ୍ ଏବେ ଏକପ୍ରକାର ଅକାମୀ ହୋଇପଡ଼ିଛି।

ଏହି ସୂଚନା ଅନୁଯାୟୀ, ଜନସନ ଆଣ୍ଡ ଜନସନ୍ କମ୍ପାନୀର ପଇସାକୁ ଚଳୁ କରି ଉକ୍ତ ସଂସ୍ଥା ଛୁ' ମାରିଛି, ଆଉ ଧରାଛୁଆଁ ଦେଉନାହିଁ। ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ଆଦିବାସୀ ପିଲାଙ୍କୁ ଏଭଳି ଭାବେ ଜାତୀୟ ସ୍ତରର ସଂସ୍ଥାମାନେ ଭଣ୍ଡେଇଦେବା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ତେଣୁ ଏହାର ଅନୁଧ୍ୟାନ କରାଯିବା ସହ ଓଡ଼ିଶାରେ ବିଶେଷକରି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ କାର୍ଯ୍ୟ କରୁଥିବା ଜାତୀୟ ସ୍ତରର ବେସରକାରୀ ସଂସ୍ଥା (ଏନଜିଓ)ମାନଙ୍କ ବିଷୟରେ ସ୍ୱତନ୍ତ୍ର ଭାବେ ଅନୁଧ୍ୟାନ କରିବାକୁ ମତ ପ୍ରକାଶ ପାଉଛି।

SANCHAR ସଂଚାର

# ଅଳପୁଆରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

## ଅଭିଜ୍ଞ ଡାକ୍ତର ନିଯୁକ୍ତି ଦାବି




**କେନ୍ଦ୍ରାପଡ଼ା,୨୯।୫ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଅଳପୁଆରେ ନାହିଁ ନାହିଁ ରେ ଚାଲିଛି ସ୍ୱାସ୍ଥ୍ୟ ସେବା । ଅଳପୁଆ ସର୍ବଦା ବ୍ରାହ୍ମଣୀ ନଦୀ ବନ୍ୟା ବିଭିଷିକାରେ ପ୍ରଭାବିତ ହୋଇଥାଏ। ଏହି ଅଞ୍ଚଳର ବାସିନ୍ଦାମାନେ ବିଭିନ୍ନ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ସାମ୍ନା ପ୍ରତ୍ୟେକ ବର୍ଷ କରିଥାନ୍ତି । ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବା ପାଇଁ ଅଳପୁଆ ଠାରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାପନ କରାଯାଇଛି । ଏହି ମେଡିକାଲରେ ନିୟମିତ ଭାବେ ଯେଉଁ ଡାକ୍ତର ଅଛନ୍ତି ଯାହାକି ଉଦବେଗଜନକ ଅଟେ । ଡାକ୍ତର ଠିକ ସମୟରେ ଆସୁନଥିବା ବେଳେ ରୋଗୀମାନେ ଦୁର୍ଦ୍ଦଶା ଭୋଗୁଛନ୍ତି ।

ରାତିରେ ଯଦି କାହାର ଦେହ ଅସୁସ୍ଥ ହୋଇ ଏଠାକୁ ଆସେ ତେବେ ଏହି ପ୍ରାଥମିକ ସ୍ୱାସ୍ଥ କେନ୍ଦ୍ରରେ ତାଲା ଝୁଲୁ ଥିବା ଦେଖିବାକୁ ମିଳେ । ମେଡିକାଲରେ ଡାକ୍ତର ରହିବା ପାଇଁ ଗୃହ ଥିବା ବେଳେ ଡାକ୍ତରମାନେ ଭଡା ଘରେ ରହି ଦିନ ୧୦ଟା ପରେ ମେଡିକାଲ ଆସୁଥିବା ଦେଖାଦେଇଛି । ବିଚରା ରୋଗୀଟିର ଚିକିତ୍ସା ଅଭାବରୁ ଜୀବନ ଯିବା ଦେଖିବାକୁ ମିଳୁଛି । ଯଦି ଜଣେ ଗୁରୁତର ରୋଗୀ କିମ୍ବା ଗର୍ଭବତୀ ମହିଳା ଆସନ୍ତି ଏହି ପ୍ରାଥମିକ ମେଡିକାଲ ତାଙ୍କୁ ଚିକିତ୍ସା ନ କରାଇ କେନ୍ଦ୍ରାପଡ଼ା କି କଟକ ପଠାଇ ଦେଇଥାନ୍ତି। ମାତ୍ର ରୋଗୀଟି ଯିବା ପାଇଁ ଧୋୟା ଅଞ୍ଚଳର କୌଣସି ମେଡିକାଲରେ ଆମ୍ବୁଲାନ୍ସ ସେବା ଉପଲବ୍ଧ ନାହିଁ ଯାହା ଦୁର୍ଭାଗ୍ୟଜନକ।

ଆବଶ୍ୟକତା ଅନୁଯାୟୀ ସ୍ୱାସ୍ଥ କର୍ମଚାରୀ ନ ଥିବାରୁ ସ୍ୱାସ୍ଥ ସେବା ୦ ବାଧାପ୍ରାପ୍ତ ହେଉଥିବା ଦେଖିବାକୁ ମିଳୁଛି । ନାହିଁ ନାହିଁ ୦ ଚାଲିଛି ଅଳପୁଆ ପ୍ରାଥମିକ ସ୍ୱାସ୍ଥକେନ୍ଦ୍ର । ସ୍ୱାସ୍ଥ ସେବା ପାଇଁ କୋଟି କୋଟି ଟଙ୍କା ବ୍ୟୟ ଅଟକଳ ଧାର୍ଯ୍ୟ ହେଉଥିବା ବେଳେ ସରକାରଙ୍କ ଅଳପୁଆ ପ୍ରତି ବୈମାତୃକ ମନୋଭାବ ଆଶ୍ଚର୍ଯ୍ୟ କରିଛି। ଅଭିଜ୍ଞ ନିୟମିତ ଡାକ୍ତର ନିଯୁକ୍ତି, ରାତି ସମୟରେ ମେଡିକାଲ ଖୋଲା ରଖିବା ଅନ୍ତତଃପକ୍ଷେ ମେଡିକାଲକୁ ଗୋଟିଏ ଆମ୍ବୁଲାନ୍ସ ସେବା ଉପଲବ୍ଧ କରିବା ପାଇଁ ସତାଧିକା ଲୋକମାନେ ଦାବି କରିଛନ୍ତି ।

## ଆଳି ବ୍ଲକ୍ ଓ ପଞ୍ଚାୟତରେ ଖୋଲିଲା ନାହିଁ ଜଳଛତ୍ର
## ପଥଚାରୀଙ୍କ ତୃଷ୍ଣା ମେଣ୍ଟିବ କିପରି ?




**ଆଳି,୨୯।୫(ସଂଚାର ବ୍ୟୁରୋ):** ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ତହ ତହ ଖରା ଓ ଝାଞ୍ଜି ପବନ ସାଙ୍ଗକୁ ସନ୍ତୁଳି ହୋଇଛନ୍ତି ମଣିଷ ଠାରୁ ଜୀବ ଜନ୍ତୁ। ଅସ୍ଥ ବ୍ୟସ୍ଥ ହୋଇପଡ଼ିଛି ଜୀବନ । ଏହାକୁ ଆଖିଆଗରେ ରଖି ବିଭିନ୍ନ ସଂଗଠନ କିମ୍ବା ବେସରକାରୀ ଅନୁଷ୍ଠାନରେ ବ୍ୟକ୍ତି ମାନେ ଜଳ ଛତ୍ର ଖୋଲି ପଥଚାରୀ ମାନଙ୍କୁ ଜଳ କିମ୍ବା ଦହି ପାଣି ପିଇବା ନିମନ୍ତେ ବ୍ୟବସ୍ଥା କରୁଥିବା ବେଳେ ସରକାରୀ ତରଫରୁ ବ୍ଲକ କିମ୍ବା ପଞ୍ଚାୟତରେ ଜଳ ଛତ୍ର ଖୋଲା ହୋଇନାହିଁ। ଯାହାକୁ ନେଇ ସାଧାରଣ ଲୋକଙ୍କ ମନରେ ଅସନ୍ତୋଷ ଦେଖାଯାଇଛି। ଏମିତିକି ପ୍ରତିଦିନ ବ୍ଲକକୁ ଆସୁଥିବା ଶହ ଶହ ମହିଳା ପୁରୁଷ ମାନେ ପାନୀୟ ଜଳ ପିଇବା ଲାଗି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତି ବର୍ଷ ଗ୍ରୀଷ୍ମ ଋତୁରେ ବ୍ଲକ କିମ୍ବା ପଞ୍ଚାୟତରେ ଜଳ ଛତ୍ର ଖୋଲିବାରେ ନଜିର ଥିବା ବେଳେ ୩୨ ପଞ୍ଚାୟତ ମଧ୍ୟରୁ ହାତ ଗଣତି ପଞ୍ଚାୟତରେ ଜଳ ଛତ୍ର ଖୋଲା ହୋଇଥିବା ବେଳେ କାହିଁକି ଚଳିତ ବର୍ଷରେ ଅନେକ ପଞ୍ଚାୟତ ଓ ବ୍ଲକ ପରିସରରେ ଜଳ ଛତ୍ର ଖୋଲା ହୋଇ ନାହିଁ ତାହା ବଡ଼ ପ୍ରଶ୍ନ ହୋଇ ଉଭା ହୋଇଛି। ଏ ନେଇ ବିଡ଼ିଓ ଙ୍କ ପ୍ରତିକ୍ରିୟା ମିଳି ନ ଥିବା ବେଳେ ଯଥା ସମ୍ଭବ ଜଳ ଛତ୍ର ଖୋଲିବାକୁ ସାଧାରଣରେ ଦାବି ହୋଇଛି।

## ମାର୍ଶାଘାଇରେ ଖୋଲିଲା ସରକାରୀ ମୁଗମଣ୍ଡି



**ମାର୍ଶାଘାଇ,୨୯।୫(ସଂଚାର ବ୍ୟୁରୋ):** ମାର୍ଶାଘାଇ ପ୍ରାଥମିକ କୃଷି ସମବାୟ ସମିତିରେ ଶୁକ୍ରବାର ସରକାରୀ ମୁଗ ମଣ୍ଡି ଉଦଘାଟିତ ହୋଇଛି। ସମିତି ସଭାପତି ପ୍ରଦୀପ୍ତ କୁମାର ଗାହଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମାର୍ଶାଘାଇ କୃଷି ଜିଲ୍ଲା ଅଧିକାରୀ ହେମନ୍ତ କୁମାର ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ମଣ୍ଡି ଉଦଘାଟନ କରିଥିଲେ । କେନ୍ଦ୍ରାପଡ଼ା ଏଆରସିଏସ ଯୋଗେନ୍ଦ୍ର କୁମାର ବିଶ୍ୱାଳ, ମାର୍ଶାଘାଇ ବ୍ଲକକୃଷି ଅଧିକାରୀ ପ୍ରମୋଦିନୀ ପ୍ରଧାନ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ମାର୍ଶାଘାଇ ଶାଖା ପରିଚାଳକ ସୁଜିତ ଦାସ , ମାର୍ଶାଘାଇ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ନିଗମ ପ୍ରସାଦ ରଥ,ମଣିକୁଣ୍ଡା ପଞ୍ଚାୟତ ପୂର୍ବତନ ସମିତିସଭ୍ୟ ଜ୍ଞାନରଞ୍ଜନ ବସନ୍ତିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସମବାୟ ସମିତି ସମ୍ପାଦକ ଗୋବର୍ଦ୍ଧନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଆଜି ପର୍ଯ୍ୟନ୍ତ ୨୩୧ ଜଣ ଚାଷୀ ମୁଗ ବିକ୍ରୟ ନିମନ୍ତେ ପଞ୍ଜିକରଣ ନିମନ୍ତେ ଆବେଦନ କରିଥିବା ଜଣାପଡିଛି।

## ଟାଙ୍କି ଅଛି, ହେଲେ ପାଣି ଆସୁନି

### ବିଭାଗୀୟ ଅବହେଳାକୁ ଦାୟୀ କଲେ ଲୋକେ



**ମହାକାଳପଡ଼ା,୨୯।୫ (ସଂଚାର ବ୍ୟୁରୋ):** ମେଗା ପାନୀୟ ଜଳ ଯୋଗାଣ ପାଇଁ ଟାଙ୍କି ଅଛି ହେଲେ ପଞ୍ଚାୟତ ବାସୀ ୧୯ ଦିନ ଧରି ସେଥିରୁ ପାଣି ପାଇବାରୁ ବଞ୍ଚିତ ଅଛନ୍ତି। ମହାକାଳପଡ଼ା ବ୍ଲକ ତେର ଗାଁ ପଞ୍ଚାୟତରେ ଜଳ ସମସ୍ୟା ଉତ୍କଟ ହୋଇଛି। ମେଗା ପାନୀୟ ଜଳ ଯୋଗାଣ ବାଧାପ୍ରାପ୍ତ ହୋଇପଡ଼ିଥିବାରୁ ଲୋକେ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ପ୍ରଶାସନ ତରଫରୁ ଅସ୍ଥାୟୀ ଭାବେ ଟ୍ୟାଙ୍କର ଯୋଗେ ପାଣି ଯୋଗାଣ କରାଯାଉଥିଲେ ମଧ୍ୟ ତାହା ପର୍ଯ୍ୟାପ୍ତ ହେଉନାହିଁ। ଯାହାଫଳରେ ବେଲାର ନୁଆଗାଁ ଲୋକେ ଗତ ୨୩ ତାରିଖରେ ରାସ୍ତା ଉପରେ ଗରା ମାଠିଆ ଥୋଇ ରାସ୍ତା ଅବରୋଧ କରି ହୋହାଲ୍ଲା କରିଥିଲେ ।

ମହାକାଳପଡ଼ା ବ୍ଲକ୍ ଆରଡବ୍ଲ୍ୟୁଏସଏସର କନିଷ୍ଠ ଯନ୍ତ୍ରୀ ସୁବ୍ରତ ସାହୁ ପାନୀୟ ଜଳ ଯୋଗାଣରେ ସମସ୍ୟା ଥିବାରୁ ଲୋକଙ୍କୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଣ କରାଯାଉଛି। ଆଉ ତିନି ଦିନ ପରେ ମେଗା ପାନୀୟ ଜଳ ଯୋଗାଣ ସ୍ୱାଭାବିକ ହେବ ବୋଲି କହିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ଲୋକେ ମେଗା ପାନୀୟ ଜଳ ଯୋଗାଣରୁ ପାଣି ପାଇ ପାରିଲେ ନାହିଁ। ଆଜି ପାଇପ୍ ମରାମତି କରାଯାଇ ପାଣି ଯୋଗାଣ ପାଇଁ ପ୍ରୟାସ କରାଯାଇଥିଲେ ହିଁ ପୁନର୍ବାର ପାଇପ୍ ଫାଟିଯାଇଥିବା ଜଣା ପଡିଛି। ତେବେ କେବେ ଲୋକଙ୍କୁ ମେଗା ପାନୀୟ ଜଳ ଯୋଗାଣ କରିବାରେ ସଫଳ ହେଉଛି ବିଭାଗ ତାହା ଦେଖିବାକୁ ବାକି ରହିଲା।

## ସାମାଜିକ ସେବା ଓ ସୂଚନା ଅଧିକାର ଆଇନ ପାଇଁ ପ୍ରକାଶ ଦାସ ସମ୍ବର୍ଦ୍ଧିତ



**ମହାକାଳପଡ଼ା,୨୯।୫(ସଂଚାର ବ୍ୟୁରୋ):** ସାମାଜିକ ସେବା ଓ ସୂଚନା ଅଧିକାର ଆଇନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମହାକାଳପଡ଼ା ମାଟିର ସନ୍ତାନ ଆକ୍ଟିଭିଷ୍ଟ ତଥା ଓଡ଼ିଶା ଉଚ୍ଚନ୍ୟାୟାଳୟର ଅଧିବକ୍ତା ପ୍ରକାଶ ଦାସଙ୍କୁ ଉତ୍କଳ ପ୍ରତିଦିନ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଏମ୍ସ ଭୁବନେଶ୍ୱରର ପୂର୍ବତନ ନିର୍ଦ୍ଦେଶକ ତଥା ପଦ୍ମଶ୍ରୀ ସମ୍ମାନପ୍ରାପ୍ତ ଚିକିତ୍ସକ ଡାକ୍ତର ଅଶୋକ ମହାପାତ୍ର ଶ୍ରୀ ଦାସଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ସେ ଶ୍ରୀ ଦାସଙ୍କ ସାମାଜିକ ସଚେତନତାମୂଳକ କାର୍ଯ୍ୟ, ଜନସ୍ୱାର୍ଥ ସମ୍ପର୍କିତ ପଦକ୍ଷେପ ଏବଂ ଆରଟିଆଇ କ୍ଷେତ୍ରରେ ତାଙ୍କ ନିରନ୍ତର ସଂଘର୍ଷକୁ ଉଚ୍ଚ ପ୍ରଶଂସା କରିଥିଲେ। ଡାକ୍ତର ମହାପାତ୍ର କହିଥିଲେ ଯେ, ସମାଜର ସ୍ୱଚ୍ଛତା ଓ ଜବାବଦେହିତା ପାଇଁ ଏପରି ଯୁବ ସମାଜସେବୀଙ୍କ ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ ଓ ପ୍ରେରଣାଦାୟକ। ଏପରି ସମ୍ମାନ ତାଙ୍କୁ ଆଗାମୀ ଦିନରେ ଆହୁରି ନିଷ୍ଠା ଓ ଦୃଢ଼ତା ସହ ସାମାଜିକ କାର୍ଯ୍ୟ କରିବାକୁ ପ୍ରେରଣା ଓ ଉତ୍ସାହ ଯୋଗାଇବ ବୋଲି ପ୍ରକାଶ କହିଛନ୍ତି।

### ବାପାଙ୍କ ଶୁଦ୍ଧି କ୍ରିୟାପାଇଁ ଅର୍ଥ ପ୍ରତିବନ୍ଧକ

## ଘର ଘର ବୁଲି ଭିକ ମାଗୁଛନ୍ତି ଦୁଇ ଝିଅ

### ୬ ମାସ ତଳେ ମା' ଓ ସପ୍ତାହ ତଳେ ଘଟିଛି ପିତାଙ୍କର ଅକାଳ ବିୟୋଗ



**ଡେରାବିଶ,୨୯।୫(ସଂଚାର ବ୍ୟୁରୋ):** ପିତାଙ୍କ ଶୁଦ୍ଧିକ୍ରିୟା ପାଇଁ ଘର ଘର ବୁଲି ଭିକ୍ଷା କରୁଛନ୍ତି ଦୁଇ ଅନାଥ ଶିଶୁ କନ୍ୟା। ଦୁଃଖଦ ଘଟଣାଟି ଘଟିଛି କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବ୍ଲକ ଅନ୍ତର୍ଗତ ଇଣ୍ଡାଳ ପଂଚାୟତ ଅଡ଼ଙ୍ଗା ଗାଁରେ। ମୃତ ଗୌତମ ଜେନାଙ୍କ ପରିବାରରେ ଘଟିଛି ଗୋଟିକ ପରେ ଗୋଟିଏ ଅଘଟଣ । ୬ମାସ ତଳେ ଦିନ ମଜୁରିଆ ମୃତ ଗୌତମଙ୍କ ହାତ ଛାଡି ଚାଲିଯାଇଥିଲେ ଧର୍ମପତ୍ନୀ ପ୍ରଭାତୀ । ଅଜଣା ରୋଗରେ ପୀଡିତା ପ୍ରଭାତୀ ଚିକିତ୍ସା ଅଭାବରୁ ମୃତ୍ୟୁବରଣ କରିଥିବାର ସ୍ଥାନୀୟ ଲୋକେ କହିଛନ୍ତି ।

ପତ୍ନୀର ଶୁଦ୍ଧ କ୍ରିୟା ପରେ ୧୩ବର୍ଷ ଶିଶୁ କନ୍ୟା ରୁପାଲୀ ଓ ୯ବର୍ଷର ସାନ ଝିଅ ପ୍ରଭାସିନୀକୁ ନେଇ ଦୁଃଖ କଷ୍ଟେ ଚଳୁଥିଲେ। ମାଙ୍କ ମୃତ୍ୟୁ ପରେ ବଡ଼ ଝିଅ ରୁପାଲୀ ନବମ ଶ୍ରେଣୀରେ ପାଠ ପଢିବାକୁ ଯିବା ସହିତ ପିତା ଓ ସାନଭଉଣୀ ର ସମସ୍ତ ଦାୟିତ୍ୱ ନିର୍ବାହ କରୁଥିଲେ। ସପ୍ତାହ ତଳେ ଖୋଦ ଗୌତମ ଙ୍କର ଅକାଳ ବିୟୋଗ ଘଟିଛି । ସବୁଦିନ ଭଳି କାର୍ଯ୍ୟ ସାରି ମଧ୍ୟାହ୍ନରେ ଘରକୁ ଫେରି ବସିଥିବା ବେଳେ ମୁଣ୍ଡ ଘୁରାଇ ଦେଇଥିଲା। ଏପରିକି ବଡ଼ ଝିଅ ରୁପାଲୀ ବାପାଙ୍କୁ ଦେହ କିଭଳି ଲାଗୁଛି ପଚାରୁ ପଚାରୁ ଟଳିପଡ଼ିଥିଲେ ଗୌତମ। ପଡୋଶୀ ପହଂଚି ଡାକିଲା ବେଳେକୁ ଆଉ ଜବାବ ରଖି ନଥିଲେ । ସାନଭଉଣୀ ମାଆ ବଦଳରେ ନିଜେ ମାଆ ଭୂମିକା ନିର୍ବାହ କରୁଥିବା ବେଳେ ପିତାଙ୍କ ବିୟୋଗ ପରେ ବାପା ଭୂମିକା ନିର୍ବାହ କରି କିଭଳି ଘର ଚଳାଇବେ ବୋଲି ବୁଦ୍ଧି ବାଟ ଖୋଜୁଛନ୍ତି ।

ଜିଲ୍ଲା ପ୍ରଶାସନ ହେଉ ଅବା କେହି ବଦାନ୍ୟ ବ୍ୟକ୍ତି ସମ୍ପୃକ୍ତ ଅନାଥ ଶିଶୁ କନ୍ୟାକୁ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଦାବି କରଛନ୍ତି ।

## ଓମ୍‌ପ୍ରକାଶ ଭାରତରତ୍ନ ରାଜୀବଗାନ୍ଧି ପ୍ରତିଭା ସମ୍ମାନରେ ସମ୍ମାନିତ




**ଡେରାବିଶ,୨୯।୫(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳ କଲେଜର ଛାତ୍ର ଓମ୍‌ପ୍ରକାଶ ରଥ ଚଳିତ ବର୍ଷର ପ୍ରତିଷ୍ଠିତ ରାଜ୍ୟସ୍ତରୀୟ 'ଭାରତ ରତ୍ନ ରାଜୀବଗାନ୍ଧୀ ପ୍ରତିଭା ସମ୍ମାନ'ରେ ସମ୍ମାନିତ ହୋଇଛନ୍ତି। ଏହି ଉପଲକ୍ଷେ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନରେ ରାଜୀବଗାନ୍ଧୀଙ୍କ ୩୫ ତମ ପୁଣ୍ୟତିଥି ଅବସରରେ ଆୟୋଜିତ ପ୍ରତିଭା ସମ୍ମାନ ଉତ୍ସବରେ ମୁଖ୍ୟ ଅତିଥିଭାବରେ ବିଚାରପତି ଡି.ପି. ଚୌଧୁରୀ ଯୋଗଦେଇ ଓମ୍‌ପ୍ରକାଶଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଛନ୍ତି। ସୂଚନାଯୋଗ୍ୟ ଓମ୍ ପ୍ରକାଶ ଗତକିଛି ଦିନ ତଳେ ନରୀ ସଶକ୍ତିକରଣ ସମ୍ପର୍କରେ ଏକ ସନ୍ଦର୍ଭ ଲେଖି ଭାରତର ପ୍ରଧାନମନ୍ତ୍ରୀ ନରୋନ୍ଦ୍ର ମୋଦିଙ୍କ ଦ୍ୱାରା ପ୍ରଶଂଶିତ ହୋଇଥିଲେ।

## ଷଣ୍ଢପଲ୍ଲୀ କର୍ମବୀର ଯୁବକ ସଂଘ ପକ୍ଷରୁ 'କୃତି ବିଦ୍ୟାର୍ଥୀ ସମ୍ବର୍ଦ୍ଧିତ'



**ପଟ୍ଟାମୁଣ୍ଡାଇ, ୨୯।୫ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ପୌର ପରିଷଦ ଅନ୍ତର୍ଗତ ଷଣ୍ଢପଲ୍ଲୀ କର୍ମବୀର ଯୁବକ ସଂଘ ପକ୍ଷରୁ କୃତି ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି । ଆଡ଼ଭୋକେଟ ଅଶ୍ୱିନୀ କୁମାର ବେହେରାଙ୍କ ପୌରହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ପଟ୍ଟାମୁଣ୍ଡାଇ ପୌରପରିଷଦର ଅଧକ୍ଷ ହେମନ୍ତ କୁମାର ସାହୁ ମୁଖ୍ୟ ଅତିଥି,ବିଶିଷ୍ଟ କବି ପ୍ରଦୀପ କୁମାର ନାୟକ ମୁଖ୍ୟବକ୍ତା ଓ ପଟ୍ଟାମୁଣ୍ଡାଇ କଲେଜ ପଦାର୍ଥ ବିଜ୍ଞାନ ବିଭାଗ ପ୍ରାଧ୍ୟାପକ ରମେଶ କୁମାର ସାହୁ, ଶିକ୍ଷାବିତ ଚତୃର୍ଭୁଜ ରାଉଳ , ୧ନଂ ୱାର୍ଡ କାଉନସିଲର ଲକ୍ଷ୍ମୀପ୍ରିୟା ସାହୁ,୨ନଂ ୱାର୍ଡର କାଉନସିଲର ସନ୍ତୋଷ କୁମାର ଦାସ ପ୍ରମୁଖ ସମ୍ମାନିତଅତିଥି ଭାବେ ଯୋଗ ଦେଇଥିଲେ । ଏଇ ଅବସରରେ ଚଳିତ ବର୍ଷ ମାଟ୍ରିକ ଏବଂ +୨ ପରୀକ୍ଷାରେ ୮୦% ରୁ ଉର୍ଦ୍ଧ ନମ୍ବର ରଖିଥିବା ମାଟ୍ରିକ ବିଦ୍ୟାର୍ଥୀ ଧନଞ୍ଜୟ ଦାସ,ଅନନ୍ୟା ମହାଲିକ ଆଦିତ୍ୟ ରଞ୍ଜନ ଓଝା, ଏନ ଦିବ୍ୟାଂଶୁ ଦୀପଙ୍କର ପୂର୍ଣ୍ଣିମା ବେହେରା,ସୁଶ୍ରୀସଂଗୀତା ସାହୁ ଓ +୨ ବିଦ୍ୟାର୍ଥୀ ଆର୍ଯ୍ୟ କୁମାର ଏ. ଆର. ଓମ ପ୍ରକାଶ, ବ୍ରହ୍ମାନନ୍ଦ ସାହୁ,ଦେବୀକାରାଣୀ ସାହୁ ତନ୍ମୟ ଦାସ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ପଞ୍ଚାୟତ ପ୍ରତିନିଧିଙ୍କ ବିଶ୍ରାମ ଗୃହ ଏବେ ଅଡିଟ୍ ଅଫିସ୍

### ନାହିଁ ପାନୀୟ ଜଳ ସୁବିଧା

### ଶୌଚାଳୟକୁ ନେଇ ଅସନ୍ତୋଷ




**ମହାକାଳପଡ଼ା, ୨୯।୫ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟରେ ଏବେ ମୌଳିକ ସୁବିଧାର ଅଭାବକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଲୋକପ୍ରତିନିଧିଙ୍କ ପାଇଁ ନିର୍ମିତ ବିଶ୍ରାମ ଗୃହକୁ ଅଡିଟ୍ ଅଫିସ୍‌ରେ ପରିଣତ କରାଯାଇଥିବା ଅଭିଯୋଗ ହୋଇଥିବାବେଳେ, ପାନୀୟ ଜଳ ଓ ଶୌଚାଳୟ ବ୍ୟବସ୍ଥାର ଅବ୍ୟବସ୍ଥା ଲୋକଙ୍କ ଅସନ୍ତୋଷକୁ ଆହୁରି ବଢ଼ାଇଛି। ଏନେଇ ଅଭିଯୋଗ ଆଣିଛନ୍ତି ଜଣେ ମହିଳା ସରପଞ୍ଚ।

ଅଭିଯୋଗ ଅନୁଯାୟୀ ବିଭିନ୍ନ ପଞ୍ଚାୟତରୁ ବ୍ଲକ କାର୍ଯ୍ୟାଳୟକୁ ଆସୁଥିବା ସରପଞ୍ଚ, ସମିତି ସଭ୍ୟ ଓ ସାଧାରଣ ଲୋକଙ୍କ ପାଇଁ ବସିବାକୁ ଉପଯୁକ୍ତ ସ୍ଥାନ ନଥିବାରୁ ସମସ୍ୟା ସୃଷ୍ଟି ହେଉଛି। ଏହାସହ ବ୍ଲକ ପରିସରରେ ଥିବା ପାନୀୟ ଜଳ ବ୍ୟବସ୍ଥା ଦୀର୍ଘଦିନ ଧରି ଅଚଳ ହୋଇ ପଡ଼ିଥିବାରୁ ଲୋକେ ପାଣି ପିଇବା ପାଇଁ ହଇରାଣ ହେଉଛନ୍ତି। ବିପର୍ଯ୍ୟସ୍ତ ଶୌଚାଳୟ ମଧ୍ୟ ଅସନ୍ତୋଷର ପ୍ରମୁଖ କାରଣ ପାଲଟିଛି।

ତିଖିରି ପଞ୍ଚାୟତର ସରପଞ୍ଚ ଚାମେଲି ଓଝା ଏନେଇ ବିଡିଓ ରବି ନାରାୟଣ ଆଚାର୍ଯ୍ୟଙ୍କୁ ମୌଖିକ ଅଭିଯୋଗ କରିଥିବା ଜଣାପଡ଼ିଛି। ସେ କହିଛନ୍ତି, ବ୍ଲକରେ ସ୍ଥାୟୀ ବିଡିଓ ନଥିବା ଓ ଜଣେ ଅଧିକାରୀ ଏକାଧିକ ଦାୟିତ୍ୱ ସମ୍ଭାଳୁଥିବାରୁ ପ୍ରଶାସନିକ ବ୍ୟବସ୍ଥା ପ୍ରଭାବିତ ହେଉଛି। ଯାହାର ସିଧା ପ୍ରଭାବ ସାଧାରଣ ଲୋକ ଓ ଲୋକପ୍ରତିନିଧିଙ୍କ ଉପରେ ପଡୁଛି।

## ଯାଜପୁରରେ ଏସଆଇଆର୍ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ

### ଭୋଟର ତାଲିକାକୁ ସଠିକ୍ ଓ ପାରଦର୍ଶୀ କରିବା ହେଉଛି ଉଦ୍ଦେଶ୍ୟ

### ମେ ୩୦ରୁ ଜୁନ ୨୮ ପର୍ଯ୍ୟନ୍ତ ଘରକୁ ଘର ପରିଦର୍ଶନ କରିବେ ବିଏଲଓ



**ଯାଜପୁର, ୨୯।୫ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ବା ଏସଆଇଆର ପ୍ରକ୍ରିୟା ଆରମ୍ଭ ହେଉଥିବା ବେଳେ ଏ ସମ୍ପର୍କରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାପାଳ ଶ୍ରୀ କର ଏସଆଇଆର୍ ସମୟ ସାରଣୀ, ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ, ବିଏଲଓ ଏବଂ ବିଏଲଓ ସୁପରଭାଇଜରଙ୍କ ଦାୟିତ୍ୱ, ଫର୍ମ ପୂରଣ ପ୍ରକ୍ରିୟା, ଆପତ୍ତି ଦାଖଲ ଏବଂ ସମାଧାନ, ବିଏଲଓଙ୍କ ପ୍ରଶିକ୍ଷଣ, ହେଲ୍ପଲାଇନ୍ ଡେସ୍କ ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ।

ବୈଠକରେ ଜିଲ୍ଲାରେ ମୋଟ ମତଦାତାଙ୍କ ସଂଖ୍ୟା, ନିୟୋଜିତ ବିଏଲଓଙ୍କ ସଂଖ୍ୟା, ନିର୍ବାଚନ ମଣ୍ଡଳୀ ଅନୁଯାୟୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଅଯୋଗ୍ୟ ଏବଂ ଅନଧିକୃତ ବ୍ୟକ୍ତିଙ୍କୁ ହଟାଇବା ସହ ଯୋଗ୍ୟ ମତଦାତାଙ୍କ ନାମ ସମ୍ମିଳିତ କରି ଭୋଟର ତାଲିକାକୁ ସଠିକ୍, ନିର୍ଭୁଲ ଏବଂ ପାରଦର୍ଶୀ କରିବା ଦିଗରେ ଏସଆଇଆର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା। ଏହାକୁ ସୁଚାରୁ ରୂପେ ସମ୍ପାଦନ କରିବା ଆମର ଏକ ପ୍ରମୁଖ ଦାୟିତ୍ୱ ଏବଂ ଜନସାଧାରଣଙ୍କୁ ଏସଆଇଆର ସମ୍ପର୍କରେ ସଚେତନ କରିବା ଦିଗରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଜିଲ୍ଲାପାଳ କହିଥିଲେ।

ସୂଚନାଯୋଗ୍ୟ, ଜିଲ୍ଲାରେ ଏସଆଇଆର କାର୍ଯ୍ୟରେ ୧୬୩୯ ଜଣ ବିଏଲଓ ଏବଂ ୧୬୪ ଜଣ ବିଏଲଓ ସୁପରଭାଇଜର ନିୟୋଜିତ ଅଛନ୍ତି। ଚଳିତ ବର୍ଷ ମଇ ୩୦ ରୁ ଜୁନ ୨୮ ପର୍ଯ୍ୟନ୍ତ ବିଏଲଓମାନେ ଘରକୁ ଘର ପରିଦର୍ଶନ କରିବେ। ପ୍ରତ୍ୟେକ ମତଦାତାଙ୍କୁ ଦୁଇଟି ପରିଗଣନା ଫର୍ମ ପ୍ରଦାନ କରିବେ। ଏହି ଫର୍ମଗୁଡିକ ସତର୍କତାର ସହିତ ପୂରଣ କରିବାକୁ ହେବ । ଏଥିରେ ମତଦାତାଙ୍କ ବ୍ୟକ୍ତିଗତ ବିବରଣୀ, ପରିବାର ସଦସ୍ୟଙ୍କ ସୂଚନା ଏବଂ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ତଥ୍ୟ ଦେବାକୁ ପଡିବ ।

## ବ୍ରହ୍ମକମଳ ଫୁଲ ଗୋପୀନାଥଜୀଉଙ୍କୁ ଅର୍ପଣ



**ଡେରାବିଶ, ୨୯।୫ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦାନପୁର ଗ୍ରାମର ବିଜୟ କୁମାର ପଣ୍ଡାଙ୍କ ବାଡ଼ିରେ ଫୁଟିଥିବା ବିରଳ ବ୍ରହ୍ମକମଳ ଫୁଲକୁ ଶ୍ରୀ ଗୋପିନାଥଜୀଉଙ୍କୁ ଅର୍ପଣ କରାଯାଇଛି। ଶ୍ରୀ ପଣ୍ଡା ତାଙ୍କ ବାଡ଼ିରେ ଲଗାଇଥିବା ବ୍ରହ୍ମକମଳ ଗଛରେ ଆଜି ପ୍ରଥମେ ଫୁଲ ଫୁଟିଥିଲେ। ଏହି ଫୁଲକୁ ଗ୍ରାମର ଆରଧ୍ୟ ଶ୍ରୀ ଗୋପିନାଥଜୀଉଙ୍କୁ ଅର୍ପଣ କରି ପୂଜାର୍ଚ୍ଚନା କରିଥିଲେ।

### ବାଲି ମାଫିଆକୁ ନେଇ ଚର୍ଚ୍ଚା

## ରାଜସ୍ୱ ମନ୍ତ୍ରୀଙ୍କ ଗସ୍ତବେଳେ 'ଟଙ୍କା ଆଦାୟ' ଅଭିଯୋଗ

**ଯାଜପୁର, ୨୯।୫ (ସଂଚାର ବ୍ୟୁରୋ):** ଗତକାଲି ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀଙ୍କ ଯାଜପୁର ଗସ୍ତ ପରେ ଜିଲ୍ଲା ରାଜନୀତିରେ ନୂଆ ବିବାଦ ସୃଷ୍ଟି ହୋଇଛି। ମନ୍ତ୍ରୀଙ୍କ ଗସ୍ତ ସମୟରେ କିଛି ବେଆଇନ୍ ବାଲି ଖାଦାନରୁ ଏକ କଥିତ ସିଣ୍ଡିକେଟ୍ ମାଧ୍ୟମରେ ମୋଟା ଅଙ୍କର ଟଙ୍କା ଆଦାୟ ହୋଇଥିବା ନେଇ ସହରରେ ଚର୍ଚ୍ଚା ଜୋର ଧରିଛି। ଏହା ସହ ସରକାରୀ ଦଳର ଜଣେ ବରିଷ୍ଠ ନେତା ଏହି ଘଟଣାର ମାଷ୍ଟରମାଇଣ୍ଡ ବୋଲି ଅଭିଯୋଗ ହେଉଥିବାରୁ ପ୍ରସଙ୍ଗ ଆହୁରି ସମ୍ବେଦନଶୀଳ ହୋଇପଡ଼ିଛି। ଏହି ଅଭିଯୋଗ ପରେ ଜିଲ୍ଲାର ରାଜନୈତିକ ତାପମାତ୍ରା ହଠାତ୍ ବଢ଼ିଯାଇଛି।

ଖଣି ଓ ବାଲି ମାଫିଆଙ୍କ ଦାଦାଗିରିକୁ ନେଇ ଦୀର୍ଘଦିନ ଧରି ଯାଜପୁରରେ ଅସନ୍ତୋଷ ରହିଥିବାବେଳେ, ଏବେ ସିଧାସଳଖ ଭାବେ



ମନ୍ତ୍ରୀଙ୍କ ଗସ୍ତ ସମୟରେ ନେତାଙ୍କ ନାମ ଚର୍ଚ୍ଚାକୁ ଆସିବା ଘଟଣାକୁ ଆହୁରି ଗୁରୁତର କରିଦେଇଛି। ସୂତ୍ରରୁ ପ୍ରକାଶ ଯେ, ମନ୍ତ୍ରୀଙ୍କ ଗସ୍ତକୁ ଆଡ଼ କରି କିଛି ପ୍ରଭାବଶାଳୀ ବ୍ୟକ୍ତି ନିଜସ୍ୱ ସିଣ୍ଡିକେଟ୍ ଗଠନ କରି ବେଆଇନ୍ ବାଲି ଖାଦାନ ଚାଳକଙ୍କଠାରୁ ଟଙ୍କା ଆଦାୟ କରିଥିବା ନେଇ ଚର୍ଚ୍ଚା ହେଉଛି। ଯାହା ଫଳରେ ସରକାର ବଦନାମ ହେଉଛି।ଏହାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ମଧ୍ୟ ଅନେକ ପ୍ରଶ୍ନ ଉଠୁଛି।

ଏହି ମଧ୍ୟରେ କଥିତ ବାଲି ମାଫିଆଙ୍କ ସହ ମନ୍ତ୍ରୀଙ୍କ ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେବା ପରେ ରାଜନୀତି ଆହୁରି ଗରମ ହୋଇଛି। ମିଡିଆ ସମ୍ମୁଖରେ ନେତାଙ୍କ ପାଖରେ ଉପସ୍ଥିତିକୁ ନେଇ ମଧ୍ୟ ବିଭିନ୍ନ ମହଲରେ ଚର୍ଚ୍ଚା ଚାଲିଛି। କିଏ ଏହି ବ୍ୟକ୍ତିଙ୍କୁ ମନ୍ତ୍ରୀଙ୍କ ନିକଟକୁ ନେଇଥିଲା ଏବଂ କେମିତି ସେମାନେ ଏତେ ନିକଟତା ହାସଲ କଲେ, ସେଥିପାଇଁ ଉଚ୍ଚସ୍ତରୀୟ ତଦନ୍ତ ଦାବି ଉଠିଛି।

ଭାରତୀୟ ଜନତା ପାର୍ଟିର କିଛି ପୁରୁଣା ଓ ସଂଘର୍ଷଶୀଳ କର୍ମୀ ମଧ୍ୟ ଏହି ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି।

ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି, ଯଦି ଏହି ଅଭିଯୋଗରେ ସତ୍ୟତା ଥାଏ, ତେବେ ବାଲି ମାଫିଆ ଓ ରାଜନୈତିକ ନେକ୍ସସ୍‌ର ଆଉ ଏକ ଚିତ୍ର ସାମ୍ନାକୁ ଆସିବ। ଏହା ସହ ମନ୍ତ୍ରୀଙ୍କ ଭାବମୂର୍ତ୍ତି ଏବଂ ରାଜ୍ୟ ସରକାରଙ୍କ ଛବି ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା କଥା ସରକାରୀ ଦଳର କିଛି କର୍ମୀ ମତ ପ୍ରକାଶ କରିଛନ୍ତି।

ସାଧାରଣ ଲୋକଙ୍କ ପ୍ରଶ୍ନ ହେଉଛି, ଯେତେବେଳେ ସରକାର ବେଆଇନ୍ ବାଲି ଉତ୍ତୋଳନ ବନ୍ଦ କରିବାକୁ କଠୋର ପଦକ୍ଷେପ ନେଉଛନ୍ତି, ସେତେବେଳେ କିପରି କିଛି ସିଣ୍ଡିକେଟ୍ ଖୋଲାମେଲା ଭାବେ ସକ୍ରିୟ ରହି ଟଙ୍କା ଆଦାୟ କରୁଛନ୍ତି? ଏହା ପଛରେ କାହାର ଛତ୍ରଛାୟା ରହିଛି, ତାହା ନେଇ ମଧ୍ୟ ଲୋକମାନେ ପ୍ରଶ୍ନ ଉଠାଇଛନ୍ତି।

## ବିପଦସଙ୍କୁଳ ଓ ପରିତ୍ୟକ୍ତ ଗୃହ ନିକଟରେ ଅଙ୍ଗନବାଡ଼ି କେନ୍ଦ୍ର



**ଡେରାବିଶ, ୨୯।୫ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଇନ୍ଦାଳୋ ପଞ୍ଚାୟତ ଅନ୍ତର୍ଗତ ଛକନା ଗ୍ରାମର ଅଙ୍ଗନବାଡ଼ି କେନ୍ଦ୍ର ଏବେ ପରିତ୍ୟକ୍ତ ଓ ବିପଦସଙ୍କୁଳ କୋଠା ନିକଟରେ ଏକ ଭଙ୍ଗାଗୃହରେ ଚାଲିଥିବା ଭଳି ଦୃଶ୍ୟ ବରିଷ୍ଠ ନାଗରିକମାନଙ୍କୁ ଚକିତ କରିଛି। ଦେଶର ଭବିଷ୍ୟତ ଶିଶୁମାନଙ୍କୁ ସ୍ୱାସ୍ଥ୍ୟ ଓ ପ୍ରାଥମିକ ଶିକ୍ଷା ଆରମ୍ଭ ହେଉଥିବା ଅଙ୍ଗନବାଡ଼ି କେନ୍ଦ୍ର ଏବେ ଗ୍ରାମର ପ୍ରାଥମିକ ବିଦ୍ୟାଳୟ ପରିସରରେ ହେବାର ସରକାରଙ୍କ ନିୟମ ରହିଛି। ଛକନା ପ୍ରାଥମିକ ବିଦ୍ୟାଳୟ ପାଞ୍ଚ ବର୍ଷ ହେଲା ନିକଟସ୍ଥ ଉଚ୍ଚବିଦ୍ୟାଳୟ ସାରଦା ଏକାଡେମୀ ପରିସରକୁ ଉଠିଯିବା ପରେ ସେହିଠାରେ ଅଙ୍ଗନବାଡ଼ି ଗୃହ ନିର୍ମାଣ ହେବାକଥା। ଅଥଚ ପୂର୍ବରୁ ବିପଦସଙ୍କୁଳ ଗୃହ ଏବେ ସରକାରୀ ଘୋଷଣା ହୋଇଥିବା ବାତ୍ୟା ସମୟରେ ଟାଟା ଷ୍ଟିଲ ପକ୍ଷରୁ ନିର୍ମିତ ଦୁଇମହଲା ଘର ଯେଉଁ କୋଠାର ଛାତରୁ ସିମେଣ୍ଟ ଖସୁଛି ଏବଂ ସେଠାରେ ଦୀର୍ଘ ବର୍ଷରୁ ଉର୍ଦ୍ଧ୍ୱ ହେବ ଅର୍ଦ୍ଧନିର୍ମିତ ଗୃହ ଯେଉଁଠି ଗଛଲତା ଉଠି ବଣର ଭ୍ରମ ସୃଷ୍ଟି କରିଛି। ଏବଂ ଯେଉଁଠି ବିଷାକ୍ତ ସାପ, ସରିସୃପ ଜନ୍ତୁମାନେ ଆତାଯାତ ହେଉଛନ୍ତି। ସେହି ପରିସରରେ ପୂର୍ବରୁ ଥିବା ଛକନା ପ୍ରାଥମିକ ବିଦ୍ୟାଳୟର ଏକ କୋଠରୀରେ ଅଙ୍ଗନବାଡ଼ି କେନ୍ଦ୍ର ଚାଲିଅଛି। ରାତିରେ ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀୟ ପାଲଟିଥିବା ଏହି କୋଠରୀରେ ଅଙ୍ଗନବାଡ଼ି କେନ୍ଦ୍ର ଚାଲିଛି।

● ସହରାଞ୍ଚଳ ଶାସନ ଓ ସେବା ପ୍ରଦାନର ସମୀକ୍ଷା

# ଉତ୍ତରଦାୟିତ୍ୱ, ରାଜସ୍ୱ ବୃଦ୍ଧି ଓ ନାଗରିକ-କୈନ୍ଦ୍ରିକ ବିକାଶକୁ ଗୁରୁତ୍ୱ





**ଭୁବନେଶ୍ୱର,୨୯।୫(ସଂଚାର ବ୍ୟୁରୋ):** ସହରାଞ୍ଚଳ ଶାସନ ଏବଂ ପ୍ରଶାସନିକ ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରିବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ସକ୍ରିୟ ପରିଚାଳନା ଉପରେ ଗୁରୁତ୍ୱ ଦେଇ ସେ ବର୍ଷାଦିନେ ଜଳବନ୍ଦୀ ସମସ୍ୟା ସୃଷ୍ଟି ନ ହେବା ପାଇଁ ତୁରନ୍ତ ଡ୍ରେନେଜ୍ ସଫେଇ ଓ ପରିମଳ ବ୍ୟବସ୍ଥାକୁ ଜୋରଦାର କରିବାକୁ ସମସ୍ତ ପୌରାଞ୍ଚଳକୁ ନିର୍ଦ୍ଦେଶ ଦେଇଛନ୍ତି। ଆଜି ଭିଡିଓ କନଫରେନ୍ସିଂରେ ଆୟୋଜିତ ଏକ ସମୀକ୍ଷା ବୈଠକରେ ବିଭାଗୀୟ ମନ୍ତ୍ରୀ ଏହି ନିର୍ଦ୍ଦେଶ ଦେଇଛନ୍ତି।

ନୂତନ ଭାବେ ଘୋଷିତ ବିଜ୍ଞପ୍ତିତ ଅଞ୍ଚଳ ପରିଷଦଗୁଡ଼ିକର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ସ୍ୱାଗତ ଦ୍ୱାରର ଏକପ୍ରକାର ଡିଜାଇନ୍ ପ୍ରସ୍ତୁତ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଆର୍ଥିକ ସ୍ୱାବଲମ୍ବନଶୀଳତା ଉପରେ ଗୁରୁତ୍ୱ ଆରୋପ କରି ବିଭାଗୀୟ ମନ୍ତ୍ରୀ କହିଥିଲେ ଯେ ପୌର ସଂସ୍ଥାଗୁଡ଼ିକ ପାରମ୍ପରିକ ରାଜସ୍ୱ ଉତ୍ସ ଉପରେ ନିର୍ଭରଶୀଳତା ହ୍ରାସ କରି ଅଭିନବ ଉପାୟରେ ଅତି କମ୍‌ରେ ୫୦ ପ୍ରତିଶତ ସ୍ୱାବଲମ୍ବନଶୀଳତା ହାସଲ କରିବା ପାଇଁ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରନ୍ତୁ। ପୌର ସଂସ୍ଥାର ଉତ୍ତରଦାୟିତ୍ୱ ଓ ପ୍ରଶାସନିକ ଦକ୍ଷତା ବୃଦ୍ଧି ପାଇଁ ସମସ୍ତ ପୌରାଞ୍ଚଳ କର୍ମଚାରୀଙ୍କ ପାଇଁ ନିମନ୍ତେ ଏକ ଡିଜିଟାଲ ଡାଟାବେସ୍ ଓ ବାଧ୍ୟତାମୂଳକ ମାସିକ ପ୍ରଗତି ରିପୋର୍ଟ ବ୍ୟବସ୍ଥା ତୁରନ୍ତ କାର୍ଯ୍ୟକାରୀ କରିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି।

ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ରାଜ୍ୟର ଦୀର୍ଘକାଳୀନ ବିକାଶ ଆଭିମୁଖ୍ୟ ସହ ସାମଞ୍ଜସ୍ୟ ରଖି ଏକ ସମନ୍ୱିତ ସହରୀ ବିକାଶ ଢାଞ୍ଚା ଅଧୀନରେ ପରିମଳ, ବର୍ଜ୍ୟବସ୍ତୁ ପରିଚାଳନା, ଗୃହ ନିର୍ମାଣ, ଜଳ ଯୋଗାଣ, ସବୁଜ ଭିତ୍ତିଭୂମି ଓ ସ୍ମାର୍ଟ ସିଟି କାର୍ଯ୍ୟକ୍ରମଗୁଡ଼ିକର ସମନ୍ୱୟ ରକ୍ଷା କରିବା ପାଇଁ ଆହ୍ୱାନ ଦେଇଥିଲେ। କେନ୍ଦ୍ର ସରକାରଙ୍କ ୧ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ ବିଶିଷ୍ଟ 'ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ' ଅଧୀନରେ ଥିବା ନୂତନ ସୁଯୋଗଗୁଡ଼ିକ ସମ୍ପର୍କରେ ସୂଚନା ଦେଇ ସେ କହିଥିଲେ ଯେ ପ୍ରତିଯୋଗିତାମୂଳକ ପାଣ୍ଠି ସହାୟତା ପାଇବା ପାଇଁ ପୌରାଞ୍ଚଳଗୁଡ଼ିକ ପ୍ରକଳ୍ପ ପ୍ରସ୍ତୁତି, ଅଭିନବ ଚିନ୍ତାଧାରା ଓ ପ୍ରାତିଷ୍ଠାନିକ ଦକ୍ଷତା ବୃଦ୍ଧି କରିବା ଉଚିତ।

# ଆଜିଠୁ ଓଡ଼ିଶାରେ ଏସ୍‌ଆଇଆର

■ ୨୮ ତାରିଖ ପର୍ଯ୍ୟନ୍ତ ଘରକୁ ଘର ବୁଲିବେ ବିଏଲଓ

■ ଜୁଲାଇ ୫ରେ ପ୍ରକାଶ ପାଇବ ଚିଠା ଭୋଟର ତାଲିକା

■ ସେପ୍ଟେମ୍ବର ୬ରେ ଚୂଡ଼ାନ୍ତ ଭୋଟର ତାଲିକା



**ଭୁବନେଶ୍ୱର,୨୯।୫(ସଂଚାର ବ୍ୟୁରୋ):** ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁଯାୟୀ ଓଡ଼ିଶାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ପାଇଁ ସମୟସୂଚୀ ଘୋଷଣା କରାଯାଇଛି। କାର୍ଯ୍ୟସୂଚୀ ଅନୁଯାୟୀ, ଆସନ୍ତା ଜୁଲାଇ ୧ରୁ ଏସଆଇଆର ପାଇଁ ଯୋଗ୍ୟତା ତାରିଖ ଧାର୍ଯ୍ୟ କରାଯାଇଛି। ଆସନ୍ତା ୨୯ରୁ ସୁଦ୍ଧା ରାଜ୍ୟରେ ପ୍ରିଣ୍ଟିଂ, ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଥିବାବେଳେ ବିଏଲଓ ମାନଙ୍କ ପ୍ରଶିକ୍ଷଣ ମଧ୍ୟ ଶେଷ ହୋଇଛି। ମେ ୩୦ରୁ ଜୁନ ୨୮ ପର୍ଯ୍ୟନ୍ତ ବିଏଲଓମାନେ ଘରକୁ ଯାଇ ପ୍ରତ୍ୟେକ ଭୋଟରଙ୍କ ପାଇଁ ୨ଟି ପରିଗଣନା ଫର୍ମ ପ୍ରଦାନ କରିବେ। ଏଥିରେ ଭୋଟରଙ୍କ ବ୍ୟକ୍ତିଗତ ବିବରଣୀ, ପରିବାର ସଦସ୍ୟଙ୍କ ସୂଚନା ଏବଂ ୨୦୦୨ର ଭୋଟର ତାଲିକା ସମ୍ବନ୍ଧୀୟ ତଥ୍ୟ ଦେବାକୁ ପଡ଼ିବ। ବିଏଲଓମାନେ ପରିଦର୍ଶନ ସମୟରେ ସେମାନଙ୍କର ତଥ୍ୟ ଯାଞ୍ଚ କରିବେ ଓ ସେମାନଙ୍କ ସାମାନ୍ୟ ତ୍ରୁଟିକୁ ସଂଶୋଧନ କରିବେ ବୋଲି ଆଜି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆରଏସ ଗୋପାଳନ କହିଛନ୍ତି।

ସେହିପରି ଜଣେ ବି ଯୋଗ୍ୟ ଭାରତୀୟ ଭୋଟର ଯେମିତି ବାଦ୍ ନ ପଡନ୍ତି ଓ ଅଯୋଗ୍ୟ ଭୋଟର ଯେପରି ଭୋଟର ତାଲିକାରେ ସାମିଲ୍ ନ ହୁଅନ୍ତି, ସେଥିପ୍ରତି ବିଏଲଓମାନଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୨୮ ସୁଦ୍ଧା ମତଦାନ କେନ୍ଦ୍ରଗୁଡ଼ିକର ପୁନର୍ବିନ୍ୟାସ ପରେ ଜୁଲାଇ ୫ରେ ଚିଠା ଭୋଟର ତାଲିକା ପ୍ରକାଶ କରାଯିବ। ଜୁଲାଇ ୫ରୁ ଅଗଷ୍ଟ ୪ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ ସମୟସୀମା ଧାର୍ଯ୍ୟ ହୋଇଥିବା ବେଳେ ଆପତ୍ତିର ସମାଧାନ ପରେ ସେପ୍ଟେମ୍ବର ୫ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଏସଆଇଆର ପାଇଁ ପ୍ରସ୍ତୁତି ପର୍ଯ୍ୟାୟରେ, ମୋଟ ଭୋଟରଙ୍କ ମଧ୍ୟରୁ ୩ କୋଟି ୧୬ ଲକ୍ଷ ୩ ହଜାର ୩୨୩ ଜଣ ଭୋଟର ଅର୍ଥାତ୍ ୯୪.୬୧ ପ୍ରତିଶତ ଭୋଟରଙ୍କୁ ୨୦୦୨ରେ ପ୍ରକାଶିତ ଶେଷ ଏସଆଇଆର ସମୟର ଭୋଟର ତାଲିକା ସହ ମ୍ୟାପ୍ କରାଯାଇଛି। ପ୍ରାକ୍-ଏସଆଇଆର ପର୍ଯ୍ୟାୟରେ ଯେଉଁ ଭୋଟରଙ୍କୁ ମ୍ୟାପ୍ କରାଯାଇ ପାରି ନ ଥିଲା, ସେମାନେ ମଧ୍ୟ ଏସଆଇଆର ସମୟରେ ଯଥୋଚିତ ସୂଚନା ଦାଖଲ କଲେ ମ୍ୟାପ୍ ହୋଇପାରିବେ। ଏସଆଇଆର ସମୟରେ ୪୫୨୫୫ ଜଣ ବୁଥସ୍ତରୀୟ ଅଧିକାରୀ ଘରକୁ ଘର ଯାଇ ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କରିବେ। ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟରେ ନିଯୁକ୍ତ ବୁଥସ୍ତରୀୟ ଅଧିକାରୀଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି। ପ୍ରାତଃ ୬ରୁ ପୂର୍ବାହ୍ନ ୧୧ଟା, ଅପରାହ୍ନ ୪ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଫିଲ୍ଡ ୱାର୍କ ଓ ମଧ୍ୟାହ୍ନ ୧୨ରୁ ଅପରାହ୍ନ ୩ଟା ଯାଏଁ ଫିଲ୍ଡ ୱାର୍କ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କର୍ତ୍ତବ୍ୟ ସମୟରେ ବିଏଲଓମାନେ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେଲେ ସେମାନଙ୍କୁ ତୁରନ୍ତ ସୁରକ୍ଷା ଯୋଗାଇଦେବା ଉପରେ ମଧ୍ୟ ଆଲୋଚନା ହୋଇଛି।

■ ନାବାଳିକାଙ୍କୁ ଅପହରଣ ପରେ ଦୁଷ୍କର୍ମ

# ଅଭିଯୁକ୍ତକୁ ୧୭ ବର୍ଷ ଜେଲ୍

## ପୀଡ଼ିତାଙ୍କୁ ୧୦.୫ ଲକ୍ଷ ସହାୟତା ନିର୍ଦ୍ଦେଶ



**ନବରଙ୍ଗପୁର,୨୯।୫(ସଂଚାର ବ୍ୟୁରୋ):** ନାବାଳିକାଙ୍କୁ ଅପହରଣ କରି ଦୁଷ୍କର୍ମ କରିଥିବା ଜଣେ ଦୋଷୀଙ୍କୁ ୧୭ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି ନବରଙ୍ଗପୁର ପକ୍ସୋ ଅଦାଲତ। ଏଥିସହ ୧୦ ହଜାର ଟଙ୍କା ଜରିମାନା ବି କରିଛନ୍ତି। ଜରିମାନା ଅନାଦେୟ ପରିପ୍ରେକ୍ଷୀରେ ଅତିରିକ୍ତ ୬ ମାସ ଜେଲ ଦଣ୍ଡାଦେଶ ଦେଇଛନ୍ତି କୋର୍ଟ। ଗତ ୨୦୨୧ ନଭେମ୍ବରରେ ନବରଙ୍ଗପୁର ସଦର ଥାନାଞ୍ଚଳର ଉକ୍ତ ନାବାଳିକାଙ୍କୁ ସନ୍ଧ୍ୟା ସମୟରେ ଅପହରଣ କରିବା ସହ ଦୁଷ୍କର୍ମ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ନବରଙ୍ଗପୁର ସହର ଗଦବାଗୁଡ଼ା ସାହିର ସମିମ ଖାଁ ବିରୋଧରେ ପୀଡ଼ିତାଙ୍କ ଜେଜେବାପା ସଦର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ କରି ତୁରନ୍ତ ସମିମ୍‌କୁ ଗିରଫ କରିଥିଲା। ମାମଲାର ଶୁଣାଣି ସମୟରେ ୧୭ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସମସ୍ତ ପ୍ରମାଣ ଓ ସାକ୍ଷ୍ୟକୁ ବିଚାରକୁ ନେଇ ନବରଙ୍ଗପୁର ପକ୍ସୋ ଅଦାଲତ ସମିମକୁ ଦୋଷୀ ସାବ୍ୟସ୍ତ କରିଥିଲେ। ସମିମକୁ ୧୭ ବର୍ଷ ଜେଲଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା ରାୟ ଶୁଣାଇଛନ୍ତି। କୋର୍ଟ ଏହି ରାୟ ଶୁଣାଇବା ସମୟରେ ଦୋଷୀ ଅଭିଯୁକ୍ତ କୋର୍ଟରେ ଉପସ୍ଥିତ ଥିଲା। ଏଥିସହ ପୀଡ଼ିତା ନାବାଳିକାଙ୍କୁ ସାଢ଼େ ୧୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବା ପାଇଁ ଡିଏଲଏସଏକୁ ନିର୍ଦ୍ଦେଶ ଦିଆଯାଇଛି। ସରକାରୀ ଓକିଲ ମୃତ୍ୟୁଞ୍ଜୟ ମହାରଣା ଏହି ମାମଲାର ପରିଚାଳନା କରୁଥିଲେ।

# ଆପରେଣ୍ଟିସିପ୍ ଏମ୍ବେଡେଡ୍ ପାଠ୍ୟକ୍ରମରେ ନାମଲେଖା ପ୍ରକ୍ରିୟା ଆରମ୍ଭ

**ଭୁବନେଶ୍ୱର,୨୯।୫(ସଂଚାର ବ୍ୟୁରୋ):** ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ସ୍ନାତକ ପାଠ୍ୟକ୍ରମରେ ନାମ ଲେଖାଇବା ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶିତ ହୋଇଛି। ଏହି ପରିପ୍ରେକ୍ଷୀରେ ଆପରେଣ୍ଟିସିପ୍ ଏମ୍ବେଡେଡ୍ ଡିଗ୍ରୀ ପାଠ୍ୟକ୍ରମ (ଏଇଡିପି)ରେ ନାମଲେଖା ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। ଛାତ୍ରଛାତ୍ରୀମାନେ ଆସନ୍ତା ଜୁନ୍ ୧୦ ତାରିଖ ପର୍ଯ୍ୟନ୍ତ ସାମ୍ସ ପୋର୍ଟାଲକୁ ଯାଇ ଆପରେଣ୍ଟିସିପ୍ ଏମ୍ବେଡେଡ୍ ଡିଗ୍ରୀ ପାଠ୍ୟକ୍ରମ ନିମନ୍ତେ ଆବେଦନ କରିପାରିବେ। ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ସହ ସେମାନଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରିବା ନିମନ୍ତେ ଜାତୀୟ ଶିକ୍ଷା ନୀତି-୨୦୨୦ରେ ପ୍ରାଧାନ୍ୟ ଦିଆଯାଇଛି। ଏହି ଦିଗରେ ଆପରେଣ୍ଟିସିପ୍ ଏମ୍ବେଡେଡ୍ ଡିଗ୍ରୀ ପାଠ୍ୟକ୍ରମ ଏକ ପ୍ରମୁଖ ଭୂମିକା ନିର୍ବାହ କରୁଛି। ଶିକ୍ଷାବର୍ଷ ୨୦୨୬-୨୭ରେ ୧୧ଟି ପାଠ୍ୟକ୍ରମ, ବାଣିଜ୍ୟ, ଗୃହ ବିଜ୍ଞାନ, ଅର୍ଥନୀତି, ଇତିହାସ, ଇଂରାଜୀ, ପ୍ରାଣୀ ବିଜ୍ଞାନ, ଗଣିତ, ଗ୍ରନ୍ଥାଗାର ବିଜ୍ଞାନ, ରସାୟନ ବିଜ୍ଞାନ, ଭୂତତ୍ତ୍ୱ ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ ବିଷୟରେ ଆପରେଣ୍ଟିସିପ୍ ଏମ୍ବେଡେଡ୍ ଡିଗ୍ରୀ ପାଠ୍ୟକ୍ରମ ପ୍ରଦାନ କରାଯାଉଛି। ଛାତ୍ରଛାତ୍ରୀମାନେ ଯୁକ୍ତ ଦୁଇ ପରେ ଏହି ପାଠ୍ୟକ୍ରମରେ ନାମ ଲେଖାଇପାରିବେ। ଆପରେଣ୍ଟିସିପ୍ ଏମ୍ବେଡେଡ୍ ଡିଗ୍ରୀ ପାଠ୍ୟକ୍ରମ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସହ ଶିଳ୍ପ ଅଭିଜ୍ଞତା ପ୍ରଦାନ କରିବ। ଏଥିସହ ଛାତ୍ରଛାତ୍ରୀମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ସହାୟକ ହେବ। ଆପରେଣ୍ଟିସିପ୍ ଏମ୍ବେଡେଡ୍ ଡିଗ୍ରୀ ପାଠ୍ୟକ୍ରମର ଛାତ୍ରଛାତ୍ରୀଙ୍କୁ ପାଠ୍ୟକ୍ରମର ତୃତୀୟ ବର୍ଷରେ ଏକ ବର୍ଷ ପାଇଁ ଆପରେଣ୍ଟିସିପ୍ ସୁଯୋଗ ପ୍ରଦାନ କରାଯିବା ସହ ଷ୍ଟାଇପେଣ୍ଡ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

● ତୃତୀୟ ବର୍ଷରେ ଛାତ୍ରଛାତ୍ରୀଙ୍କୁ ମିଳିବ ଆପରେଣ୍ଟିସିପ୍ ଓ ଷ୍ଟାଇପେଣ୍ଡ

● ରାଜ୍ୟରେ ରବି ଧାନ ସଂଗ୍ରହ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ

# ଚାଷୀ ମାରଣ ନୀତି ବିରୋଧରେ ସାରା ରାଜ୍ୟରେ ଆନ୍ଦୋଳନ

**ଭୁବନେଶ୍ୱର,୨୯।୫(ସଂଚାର ବ୍ୟୁରୋ):** ଚାଷୀଙ୍କୁ ଏମଏସପି ସହ ୮୦୦ ଟଙ୍କାର ଇନପୁଟ ସବସିଡି ଦେବାର ଆଶ୍ୱାସନା ଦେଇଥିବା ବିଜେପି ସରକାରର ଚାଷୀ ମାରଣ ନୀତି ଯୋଗୁଁ ନିଜର ହକ ପାଇଁ ଆଜି ଚାଷୀକୁଳ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେଉଥିବା ବେଳେ ଏହାକୁ କଡ଼ା ସମାଲୋଚନା କରିଛି ବିଜେଡି। ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଉପସଭାପତି ସଞ୍ଜୟ କୁମାର ଦାସବର୍ମା ଓ ବିଧାୟକ ତଥା ସାଧାରଣ ସମ୍ପାଦକ ଗୌତମବୁଦ୍ଧ ଦାସ ରାଜ୍ୟରେ ରବିଧାନ ସଂଗ୍ରହ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଥିବା କହି ସରକାରଙ୍କ ଉପରେ ବର୍ଷିଛନ୍ତି। ସରକାର ୨ ଲକ୍ଷରୁ ଅଧିକ ଚାଷୀ ପଞ୍ଜିକରଣରୁ ବଞ୍ଚିତ ହୋଇଥିବା ବେଳେ ନିଜର କଷ୍ଟ ଉପାର୍ଜିତ ଶସ୍ୟକୁ ଚାଷୀ ବିକ୍ରି କରି ନ ପାରି ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଉଛି।

**ସରକାର-ମିଲର୍ ମଧୁଚନ୍ଦ୍ରିକାରେ ବଳିପଡୁଛନ୍ତି ଚାଷୀ**



ସରକାର ଓ ମିଲରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଆଜି ଚାଷୀକୁଳ ଦୁର୍ଦ୍ଦିନରେ ବଞ୍ଚୁଛି।

ଶ୍ରୀ ଦାସବର୍ମା କହିଛନ୍ତି ଯେ ଡବଲ ଇଞ୍ଜିନ ସରକାରଙ୍କ ଚାଷୀମାରଣ ନୀତି ଯୋଗୁଁ ଆଜି ଅର୍ଥନୀତି ଧ୍ୱଂସ ହେବାକୁ ବସିଛି। ରାଜ୍ୟ କୃଷି ବିଭାଗ ରିପୋର୍ଟରେ ପ୍ରକାଶ କରିଛି ଯେ ଓଡ଼ିଶାର ଚାଷୀକୂଳର ଧାନ ଚାଷ ଉତ୍ପାଦନ ହେଉଛି ୧୫୦ ଲକ୍ଷ ମେଟ୍ରିକ ଟନ୍। କିନ୍ତୁ ସରକାର କହୁଛନ୍ତି ୯୩ ଲକ୍ଷ ମେଟ୍ରିକ ଟନ ଧାନ ଚାଷୀଙ୍କଠାରୁ ସଂଗ୍ରହ କରିବେ। ଅର୍ଥାତ ଖରିଫ ଧାନ ପାଇଁ ୭୩ ଲକ୍ଷ ମେଟ୍ରିକ ଟନ୍ ଓ ରବି ଧାନ ପାଇଁ ୨୦ ଲକ୍ଷ ମେଟ୍ରିକ ଟନ ଧାନ ଚାଷୀଙ୍କଠାରୁ ନେବେ। ମଣ୍ଡି ଖୋଲିବାଠୁ ଆରମ୍ଭ କରି ଚାଷୀ ପଞ୍ଜିକରଣ, ଟୋକନ ବଣ୍ଟନ ଓ ଧାନ କ୍ରୟ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ଚାଷୀଙ୍କୁ ଆନ୍ଦୋଳନ କରିବାକୁ ପଡୁଛି। ସରକାର ଗତ ୧୫ ତାରିଖରୁ ରାଜ୍ୟର ୨୦ଟି ଜିଲ୍ଲାରେ ରବି ଧାନ ସଂଗ୍ରହ ପାଇଁ ସମୟ ଧାର୍ଯ୍ୟ କରିଥିବା ବେଳେ ଆଜି ସୁଦ୍ଧା ରବି ଧାନ ସଂଗ୍ରହ ପାଇଁ ୫୦ ଭାଗ ମଣ୍ଡି ଖୋଲାଯାଇନାହିଁ।

ସେହିପରି ଶ୍ରୀ ଦାସ କହିଛନ୍ତି ଯେ ରବି ଧାନ ସଂଗ୍ରହ ବ୍ୟବସ୍ଥା ସାରା ରାଜ୍ୟରେ ଭୁଶୁଡ଼ିଯାଇଛି। ଖୋଦ୍ ଶାସକ ଦଳର ନେତାଏ ଏହାକୁ ସ୍ୱୀକାର କରୁଛନ୍ତି। ବର୍ତ୍ତମାନ ରାଜ୍ୟର ଗାଁମାନଙ୍କରେ ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି। ସରକାରଙ୍କ ୮୦୦ ଟଙ୍କାର ଇନପୁଟ ସବସିଡିକୁ ଦୃଷ୍ଟିରେ ରଖି ଚାଷୀକୁଳ ଅଧିକ ଧାନ ଉତ୍ପାଦନ କରୁଛି। କିନ୍ତୁ ଧାନ ସଂଗ୍ରହରେ ସରକାରଙ୍କ ଅବ୍ୟବସ୍ଥା ଯୋଗୁଁ ଚାଷୀକୁଳ ହତାଶ ହେଉଛି। ଏପରି ସ୍ଥିତି ରହିଲେ ଆଗାମୀ ଦିନରେ ଚାଷୀ ଆତ୍ମହତ୍ୟା ଖବରକାଗଜର ଶିରୋନାମା ପାଲଟିବ। କଳାହାଣ୍ଡି, କୋରାପୁଟଠୁ ଆରମ୍ଭ କରି ବାଲେଶ୍ୱର ପର୍ଯ୍ୟନ୍ତ ଚାଷୀ ରାଜରାସ୍ତାରେ ବସିଛନ୍ତି। ବିଭିନ୍ନ ଆଳ ଦେଖାଇ ଚାଷୀଙ୍କୁ ଶୋଷଣ କରୁଥିବା ଡବଲ ଇଞ୍ଜିନ ସରକାର ବିରୋଧରେ ଆଗକୁ ବିଜେଡି ତା'ର ଲଢ଼େଇକୁ ଜୋରଦାର କରିବ ବୋଲି ଶ୍ରୀ ଦାସ କହିଛନ୍ତି।

# କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ମନ୍ତ୍ରୀଙ୍କୁ ଭେଟିଲେ ସସ୍ମିତ

● କୋରାପୁଟରେ ଫୁଡ ପାର୍କ ଦାବି



**ଭୁବନେଶ୍ୱର,୨୯।୫(ସଂଚାର ବ୍ୟୁରୋ):** ଅବିଭକ୍ତ କୋରାପୁଟ ଜିଲ୍ଲା ପାଇଁ ଏକ ଜାତୀୟ ମିଲେଟ, ଆଦିବାସୀ ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଜିଆଇ ଉତ୍ପାଦଭିତ୍ତିକ ମେଗା ଫୁଡ ପାର୍କ ପ୍ରତିଷ୍ଠା କରିବାକୁ ଦାବି କରିଛନ୍ତି ବିଜେଡି ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର। ଏନେଇ ଆଜି ସେ କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ମନ୍ତ୍ରୀ ଚିରାଗ ପାଶ୍ୱାନଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିବା ସହ ଅବିଭକ୍ତ କୋରାପୁଟ ଜିଲ୍ଲାରେ ମିଲେଟ ଚାଷ, ଆଦିବାସୀଙ୍କ ଜୈବିକ ଖାଦ୍ୟ ଉତ୍ପାଦନ ନେଇ ରହିଥିବା ସୁଯୋଗ ସମ୍ପର୍କରେ ଅବଗତ କରାଇଛନ୍ତି। ସସ୍ମିତ କହିଛନ୍ତି ଯେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ମିଲେଟ ଉତ୍ପାଦନ ପାଇଁ ଦେଶର ସର୍ବବୃହତ ଇକୋ ସିଷ୍ଟମ ରହିଛି। ଏଥିସହ ଆଦିବାସୀ ଚାଷର ସ୍ୱତନ୍ତ୍ରତା ବି ରହିଛି। କୋରାପୁଟ କଫି ସହ ଜିଆଇ ଟ୍ୟାଗ ମାନ୍ୟତା ପାଇଥିବା କଳାଜିରା ଧାନ ଉତ୍ପାଦନ ପାଇଁ ଏହି ଅଞ୍ଚଳ ପ୍ରସିଦ୍ଧ। କିନ୍ତୁ ଚାଷ ଭିତ୍ତିଭୂମି ବୃଦ୍ଧି ସହ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପର ବିକାଶ ହୋଇପାରିନି। ତେଣୁ ପିଏମ କିଷାନ ସମ୍ପଦା ଯୋଜନାରେ ଏକ ମେଗା ଫୁଡ ପାର୍କ ପ୍ରତିଷ୍ଠା କରାଗଲେ ଆଦିବାସୀ ଲୋକଙ୍କ ଜୀବନ ଜୀବିକାରେ ରୂପାନ୍ତର ହୋଇପାରିବ। ଏଥିସହ ମହିଳାଙ୍କ ନେତୃତ୍ୱରେ ଏହି ଅଞ୍ଚଳରୁ ଆଦିବାସୀ ଉଦ୍ୟୋଗୀ ସୃଷ୍ଟି ହେବା ସହ ଗ୍ରାମୀଣ ଶିଳ୍ପର ବିକାଶ ଓ ରପ୍ତାନୀଭିତ୍ତିକ କୃଷି ଶିଳ୍ପର ଅଭିବୃଦ୍ଧି ହୋଇପାରିବ ବୋଲି ସେ କହିଛନ୍ତି। ଦେଶର ଅନେକ ରାଜ୍ୟ ଚାଷଭିତ୍ତିକ ଖାଦ୍ୟ ପ୍ରକ୍ରିୟାକରଣ ଇକୋ ସିଷ୍ଟମ ସୃଷ୍ଟି କରିଛନ୍ତି। କିନ୍ତୁ ଜାତୀୟ ସ୍ତରରେ ପ୍ରସିଦ୍ଧ ମିଲେଟ ପାଇଁ ଏଯାଏଁ କୌଣସି ଭିତ୍ତିଭୂମି ସୃଷ୍ଟି କରାଯାଇନାହିଁ। ସେ ଦେଇଥିବା ପ୍ରସ୍ତାବକୁ କେନ୍ଦ୍ର ମନ୍ତ୍ରୀ ଗୁରୁତର ସହ ବିଚାର କରିବେ ବୋଲି ସସ୍ମିତ ଆଶା ରଖିଛନ୍ତି।

**ଓମ୍‌ଫେଡ୍ ଓ ଦୁଗ୍ଧସଂଘ କାର୍ଯ୍ୟାବଳୀ ସମୀକ୍ଷା**

# ଦୁଗ୍ଧଚାଷୀଙ୍କ ସମୃଦ୍ଧି ପାଇଁ ଓମ୍‌ଫେଡ୍ ପ୍ରତିବଦ୍ଧ



**ଭୁବନେଶ୍ୱର,୨୯।୫(ସଂଚାର ବ୍ୟୁରୋ):** ଉତ୍ତମ ସ୍ୱାଦ, ଉତ୍କୃଷ୍ଟ ଗୁଣବତ୍ତା ଓ ବିଶୁଦ୍ଧତାର ପ୍ରତୀକ ସାଜିଛି ଓମ୍‌ଫେଡ୍। ଓଡ଼ିଶାରେ ଶ୍ୱେତ ବିପ୍ଳବକୁ ଆଗେଇ ନେବା ସହ ଲକ୍ଷ ଲକ୍ଷ ଚାଷୀଙ୍କ ଜୀବନ ଜୀବିକାର ସମୃଦ୍ଧିରେ କ୍ରାନ୍ତିକାରୀ ଭୂମିକା ଗ୍ରହଣ କରିଛି ବୋଲି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି। ଆଜି ଓମ୍‌ଫେଡ୍ ମୁଖ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ବିପଣନ, ନୂତନ ଉତ୍ପାଦ ଓ ପରିଚାଳନାଗତ ସଂସ୍କାର ମାଧ୍ୟମରେ ଚାଷୀଙ୍କ ସମୃଦ୍ଧି ପାଇଁ ନିଷ୍ଠାପର ଉଦ୍ୟମ କରିବାକୁ ମନ୍ତ୍ରୀ ଶ୍ରୀ ମଲ୍ଲିକ ପରାମର୍ଶ ଦେଇଛନ୍ତି। ଦୁଗ୍ଧ ଓ ଦୁଗ୍ଧଜାତ ଉତ୍ପାଦରେ ଓଡ଼ିଶାକୁ ଆତ୍ମନିର୍ଭରଶୀଳ କରିବା ପାଇଁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ ଲିମିଟେଡ୍ (ଓମ୍‌ଫେଡ୍) ଦ୍ୱାରା ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ବିଭାଗୀୟ ମନ୍ତ୍ରୀ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ଦୁଗ୍ଧ ସମବାୟ ସମିତି, ଭିତ୍ତିଭୂମି ଉନ୍ନତିକରଣ, ବିଭିନ୍ନ ପ୍ଲାଣ୍ଟ ଆଦିରେ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ସେଗୁଡ଼ିକର ତ୍ୱରିତ ସମାଧାନ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷରେ ଓମ୍‌ଫେଡ୍ ୧୦୩୬.୮୨ କୋଟିର ବ୍ୟବସାୟ କରିଥିବା ବେଳେ ୧୦.୨୩ କୋଟି ଟଙ୍କା ଲାଭ କରିଛି।

ସମୀକ୍ଷା ବୈଠକରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ କମିଶନର ତଥା ଶାସନ ସଚିବ ପ୍ରେମଚନ୍ଦ୍ର ଚୌଧରୀ ଯୋଗ ଦେଇ କହିଥିଲେ ଯେ ଦୁଗ୍ଧ ଚାଷୀଙ୍କ କଲ୍ୟାଣ ପାଇଁ ବିଭାଗ ପ୍ରତିବଦ୍ଧ। ସୋନପୁରଠାରେ ୫୦ ହଜାର ଲିଟର କ୍ଷମତା ବିଶିଷ୍ଟ ଓ ଟାଙ୍ଗୀଠାରେ ୩୦ ହଜାରେ ଲିଟର କ୍ଷମତା ବିଶିଷ୍ଟ ନୂତନ ଡେରୀ ପ୍ଲାଣ୍ଟ ପ୍ରତିଷ୍ଠା ହୋଇଛି। ଭିତ୍ତିଭୂମି ବିକାଶ ଉପରେ ବିଭାଗ ଗୁରୁତ୍ୱ ଦେଉଥିବା ବେଳେ ବିଗତ ଦୁଇ ବର୍ଷ ମଧ୍ୟରେ ୧୦୬୧ଟି ନୂତନ ଦୁଗ୍ଧ ସମବାୟ ସମିତି ପଞ୍ଜିକରଣ ହୋଇଛି।

● ମଣ୍ଡି ବ୍ୟବସ୍ଥା ନ ଥିବାରୁ ମକା ଚାଷୀ ଶୋଷଣର ଶିକାର

# ଏମ୍‌ଏସ୍‌ପି ଉପରେ ପ୍ରଶ୍ନ ଉଠାଇଲା କଂଗ୍ରେସ

**ଭୁବନେଶ୍ୱର,୨୯।୫(ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲାରେ ସବୁଠାରୁ ଅଧିକ ମକା ଉତ୍ପାଦନ ହେଉଥିବା ବେଳେ ଚାଷୀମାନେ ଧାନ ଅପେକ୍ଷା ମକା ଚାଷ ପ୍ରତି ଅଧିକ ଆଗ୍ରହ ଦେଖାଉଛନ୍ତି। ଜିଲ୍ଲାରେ ଦୁଇଟି ଋତୁରେ ପ୍ରାୟ ୫ ଲକ୍ଷ ମେଟ୍ରିକ୍ ଟନରୁ ଅଧିକ ମକା ଉତ୍ପାଦନ ହୋଇଆସିଛି। ସରକାରୀ ସ୍ତରରେ ମକାର ନିର୍ଦ୍ଧାରିତ ଏମଏସପି କ୍ୱିଣ୍ଟାଲ ପିଛା ୨୬୦୦ ଟଙ୍କା ରହିଛି। ଚାଷୀ ବହୁ ଶ୍ରମ ଓ ଅର୍ଥ ବିନିଯୋଗ କରି ମକା ଅମଳ କରିବା ପରେ ଅଭାବୀ ବିକ୍ରିର ଶିକାର ହୋଇ ଏହି ମକାକୁ କ୍ୱିଣ୍ଟାଲ ପ୍ରତି ମାତ୍ର ୧୭ରୁ ୧୮ ଶହ ଟଙ୍କାରେ ବିକ୍ରି କରୁଛନ୍ତି। ଜିଲ୍ଲାର କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ମକା ମଣ୍ଡିର ବ୍ୟବସ୍ଥା ନାହିଁ କିମ୍ବା ସରକାର ଓ ପ୍ରଶାସନ ପକ୍ଷରୁ ଚାଷୀଙ୍କ ଏପରି ଦୁରାବସ୍ଥାର ସମାଧାନ ପାଇଁ କୌଣସି ଦୀର୍ଘସ୍ଥାୟୀ ପଦକ୍ଷେପ ନିଆଯାଉନାହିଁ। କୋଷାଗୁମୁଡ଼ାଠାରେ ମକା ପ୍ରୋସେସିଂ ପାଇଁ ଏକ ଘରୋଇ ପ୍ରକଳ୍ପ ଥିବା ବେଳେ ବାହାରକୁ ଅନେକ ସମୟରେ ରପ୍ତାନୀର ବ୍ୟବସ୍ଥା କରାଯାଇ ପାରୁନ ଥିବା ହେତୁ ଅନେକ ସମୟରେ ଚାଷୀ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଫଳରେ ଚାଷୀ ଗୁରୁତର ଶୋଷଣର ଶିକାର ହେବା ସହ ବେପାରୀ ଓ ମଧ୍ୟସ୍ଥିମାନେ ଢେର ଲାଭ ଉଠାଉଛନ୍ତି। ଗୋଟିଏ ପଟେ କେନ୍ଦ୍ର ସରକାର ବ୍ୟବସ୍ଥିତ ଢଙ୍ଗରେ ମଣ୍ଡି ବ୍ୟବସ୍ଥା ଥିବା ଓ ନିର୍ଦ୍ଧାରିତ ଏମଏସପିରେ ମକା କ୍ରୟ କରାଯିବା କଥା ଘୋଷଣା କରୁଥିବା ବେଳେ ନବରଙ୍ଗପୁର ଜିଲ୍ଲାର ଚାଷୀଙ୍କ ଅବସ୍ଥା କହିଲେ ନ ସରେ।

ସରକାରଙ୍କ ଘୋଷଣାରେ କୌଣସି ବାସ୍ତବତା ନାହିଁ। ଚାଷୀ ବାରମ୍ବାର ଏହି ସମ୍ପର୍କରେ ସ୍ୱର ଉତ୍ତୋଳନ କରୁଥିବା ବେଳେ ସରକାର ଓ ଜିଲ୍ଲା ପ୍ରଶାସନ ନିରବଦ୍ରଷ୍ଟା। ଚାଷୀଙ୍କ ଏପରି ବାରମ୍ବାର ଅଭିଯୋଗ ଜାଣିବା ପରେ ନିକଟରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସମବାୟ ପ୍ରକୋଷ୍ଠର ଅଧ୍ୟକ୍ଷ ତଥା ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ ଏକ ପ୍ରତିନିଧିମଣ୍ଡଳରେ ନବରଙ୍ଗପୁର ଜିଲ୍ଲା ଗସ୍ତ କରି ବିଭିନ୍ନ ଅଞ୍ଚଳର ମକାଚାଷୀ, ଜିଲ୍ଲାପାଳ ଓ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ ସହ ଆଲୋଚନା କରିବା ପରେ ଏଭଳି ଅଭାବନୀୟ ପରିସ୍ଥିତି ପାଇଁ ଉଭୟ ଡବଲ ଇଞ୍ଜିନ୍ ବିଜେପି ସରକାର ଦାୟୀ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ସରକାରଙ୍କ ପକ୍ଷରୁ ତୁରନ୍ତ ସବୁ ଅଞ୍ଚଳରେ ସଶକ୍ତ ମଣ୍ଡି ନିର୍ମାଣ ଓ ଚାଷୀଙ୍କଠାରୁ ନିର୍ଦ୍ଧାରିତ ଏମଏସପିରେ ମକା କିଣିବାକୁ ଦାବି କରିବା ସହ ନବରଙ୍ଗପୁରଠାରେ ଏକ ବୃହତ୍ ମକା ପ୍ରସ୍ତୁତି ଓ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ, ମକା ରପ୍ତାନୀ କେନ୍ଦ୍ର ସ୍ଥାପନ ଓ ଇଥାନଲ ପ୍ଲାଣ୍ଟ ସ୍ଥାପନ ପାଇଁ



ଦଳ ପକ୍ଷରୁ ଦୃଢ଼ ଦାବି କରିଛନ୍ତି। ଏହି ପ୍ରତିନିଧିମଣ୍ଡଳୀରେ କିଷାନ କଂଗ୍ରେସ ନେତା ତଥା ରାଜ୍ୟ କଂଗ୍ରେସ ସମବାୟ ପ୍ରକୋଷ୍ଠର ସଂଯୋଜକ ଡ. ସନରାଜ ଗଣ୍ଡ, ଜିଲ୍ଲା କଂଗ୍ରେସ ସଭାନେତ୍ରୀ ଲିପିକା ମାଝୀ, ବୃନ୍ଦାବନ ତ୍ରିପାଠୀ ଓ ପିସିସି ସମବାୟ ପ୍ରକୋଷ୍ଠ ଉପାଧ୍ୟକ୍ଷ ବୃନ୍ଦାବନ ଖଟେଇ ପ୍ରମୁଖ ଚାଷୀ ପ୍ରତିନିଧି ଉପସ୍ଥିତ ଥିଲେ।

# ଦୁଇ ବର୍ଷର ସୂଚନା ଦୁଇ ଦିନରେ ଦିଅ

**ଭୁବନେଶ୍ୱର,୨୯।୫:** ରାଜ୍ୟ ସରକାରଙ୍କର ଦୁଇ ବର୍ଷ ପୂର୍ତ୍ତି ପାଳନ ଅବସରରେ ବିଭାଗମାନେ ନିଜ ନିଜର ସଫଳତା ତାଲିକା ପ୍ରସ୍ତୁତି ଚଳାଇଥିବା ବେଳେ ଦୁଇ ବର୍ଷର ସଫଳତା ଦୁଇ ଦିନରେ ଦେବା ପାଇଁ ଅଧିକାରୀମାନଙ୍କୁ କୁହାଯାଇଛି। ଏହି ମର୍ମରେ ପତ୍ର ଲେଖାଯିବା ସହିତ କିଭଳି ଭାବେ ସୂଚନା ପ୍ରଦାନ କରିବେ ସେଥିପାଇଁ ଫର୍ମାଟ ପ୍ରଦାନ କରାଯାଇଛି।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆଜି ଏହି ମର୍ମରେ ପତ୍ର ଜାରି କରାଯାଇଛି। ବିଭାଗୀୟ ମନ୍ତ୍ରୀଙ୍କ ଦପ୍ତର ପକ୍ଷରୁ ଜୁନ୍ ୨ ତାରିଖ ସୁଦ୍ଧା ସଫଳତାର ତାଲିକା ଦେବାପାଇଁ କୁହାଯିବା ପରେ ବିଭାଗୀୟ ଅଧିକାରୀମାନଙ୍କୁ ଦୁଇ ଦିନ ଅର୍ଥାତ୍ ଜୁନ୍ ୧ ତାରିଖ ମଧ୍ୟରେ ସୂଚନା ପ୍ରଦାନ କରିବାକୁ କୁହାଯାଇଛି। ଦୁଇ ଦିନ ମଧ୍ୟରୁ ଗୋଟିଏ ଦିନ ରବିବାର ପଡୁଥିବାରୁ ଫର୍ମାଟ ପୂରଣ କରିବ କିଭଳି ସମସ୍ତ ସୂଚନା ପ୍ରଦାନ କରାଯିବ ସେଥିନେଇ ଅଧିକାରୀମାନେ ଏବେ ଚିନ୍ତାରେ ପଡିଛନ୍ତି।

ତେବେ ଜାରି ହୋଇଥିବା ପତ୍ରରେ ଦର୍ଶାଯାଇଛି ଯେ ବିଭାଗ ଦ୍ୱାରା ଗ୍ରହଣ କରାଯାଇଥିବା ପ୍ରମୁଖ କାର୍ଯ୍ୟକ୍ରମ ଓ ଯୋଜନା, ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଦିଆଯାଇଥିବା ଆର୍ଥିକ ଲକ୍ଷ୍ୟ, ଏହି ଦୁଇଟି ଆର୍ଥିକ ବର୍ଷରେ ନିର୍ଦ୍ଦିଷ୍ଟ ଭାବେ ହୋଇଥିବା



ଆର୍ଥିକ ଅଗ୍ରଗତି ସହ ୨୦୨୪ ଜୁନ୍ ମାସରୁ ୨୦୨୬ ମଇ ୩୧ ତାରିଖ ସୁଦ୍ଧା ଦୁଇ ବର୍ଷରେ ମିଳିଥିବା ପ୍ରମୁଖ ସଫଳତା ଉଲ୍ଲେଖ ପାଇଁ କୁହାଯାଇଛି। ଯୋଜନାୱାରୀ ବିସ୍ତୃତ ସୂଚନା ପ୍ରଦାନ ଲାଗି ପତ୍ରରେ ଉଲ୍ଲେଖ ରହିଛି।

ଏଥିପାଇଁ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଭାବେ ଫର୍ମାଟ ପ୍ରଦାନ କରାଯାଇଛି। ବିଭାଗ ପାଇଁ ବଜେଟ୍‌ରେ କେତେ ଅର୍ଥ ବରାଦ ହୋଇଥିଲା ଓ କେତେ ଅର୍ଥ ବ୍ୟୟ ହୋଇଛି ତାହାର ଯୋଜନାୱାରୀ ସୂଚନା ପ୍ରଦାନ କରିବାକୁ କୁହାଯାଇଛି। ଏପରିକି କେତେକ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଛି ଓ ଏହି ଅର୍ଥରେ କାମ କେତେଦୂର ଆଗେଇଛି ତାହା ପ୍ରଦାନ କରିବାକୁ କୁହାଯାଇଛି।

ସେହିଭଳି ବିଧାନସଭାରେ ବିଭାଗର ପ୍ରଦର୍ଶନ କ'ଣସବୁ ରହିଛି ଓ କି କି ଆଇନ୍ ପ୍ରଣୟନ ଦିଗରେ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି ତାହା ଦର୍ଶାଇବାକୁ କୁହାଯାଇଛି। ଦୁଇଟି ଆର୍ଥିକ ବର୍ଷ ମଧ୍ୟରେ ବିଭାଗୀୟ ମନ୍ତ୍ରୀ କେତେ ଥର ବିଧାନସଭାରେ ଉପସ୍ଥିତ ରହିଛନ୍ତି ତାହାର ଅଧିବେଶନୱାରୀ ତାଲିକା ଦେବାକୁ କୁହାଯାଇଛି। ବିଧାନସଭାରେ କେଉଁ କେଉଁ ନୂଆ ବିଧେୟକ ଆଗତ କରାଯାଇଛି, କେଉଁ ପ୍ରସଙ୍ଗରେ ବିଧାନସଭାରେ କେତେଦିନ ହଟ୍ଟଗୋଳ ହୋଇଛି ତାହା ଦର୍ଶାଇବା ସହିତ ପ୍ରଶ୍ନୋତ୍ତର କାଳ କିମ୍ବା ଶୂନ୍ୟକାଳରେ ଗୃହ ବନ୍ଦ ରହିଛି ତାହା ଉଲ୍ଲେଖ କରିବେ। ବିଭାଗ କିମ୍ବା ମନ୍ତ୍ରୀଙ୍କ ବିରୁଦ୍ଧରେ କୌଣସି ସ୍ୱତନ୍ତ୍ର ମୋସନ ଆଗତ ହୋଇଥିଲେ ତାହା ଉଲ୍ଲେଖ କରିବେ।

ସେହିଭଳି ମନ୍ତ୍ରୀମାନେ ଏହି ସମୟରେ କେତେ ସଂଖ୍ୟକ ଅଭିଯୋଗର ଶୁଣାଣି କରିଛନ୍ତି ଓ କେତେ ସଂଖ୍ୟକ ଅଭିଯୋଗର ସମାଧାନ ହୋଇଛି ତାହା ଦର୍ଶାଇବା ସହିତ ନିଜେ ସିଧାସଳଖ କେତେ ଅଭିଯୋଗ ଶୁଣିଛନ୍ତି ଓ ଜନ ଶୁଣାଣି ପୋର୍ଟାଲ ଓ ସୋସିଆଲ ମିଡିଆରେ ଆସିଥିବା କେତେ ଅଭିଯୋଗର ଶୁଣାଣି କରିଛନ୍ତି ତାହା ଉଲ୍ଲେଖ କରିବେ।

ସେହିଭଳି ବିଭାଗୀୟ ମନ୍ତ୍ରୀ ଓ ଅଧିକାରୀମାନେ ଜିଲ୍ଲାଗସ୍ତରେ ଯାଇ କେଉଁ କେଉଁ ପଦକ୍ଷେପ ଗ୍ରହଣ କରିଛନ୍ତି ଓ କେତେ ବୈଠକ କରିଛନ୍ତି ତାହାର ଗସ୍ତୱାରୀ ସୂଚନା ପ୍ରଦାନ କରିବାକୁ କୁହାଯାଇଛି। ଏଥିସହ ପ୍ରଶାସନିକ ନିଷ୍ପତ୍ତି ନେବାପାଇଁ ବିଭାଗୀୟ ଅଧିକାରୀମାନେ କେତେ ସମୟ ନେଇଛନ୍ତି ଓ ଏହା କିଭଳି କାର୍ଯ୍ୟକାରୀ ହୋଇଛି ତାହା ଜଣାଇବାକୁ କୁହାଯାଇଛି। ଏହିସବୁ ସୂଚନା ମିଳିଲା ପରେ ତାହାକୁ ଏକତ୍ର କରି ବିଭାଗୀୟ ମନ୍ତ୍ରୀଙ୍କୁ ଜୁନ୍ ୨ ତାରିଖ ସୁଦ୍ଧା ପ୍ରଦାନ କରାଯିବ। (ତଥ୍ୟ)

● ଶୌଚାଳୟ ପାଇଁ ନିଆରା ପ୍ରତିବାଦ

# ପ୍ଲାକାର୍ଡ ଧରି ରାଜଧାନୀ ସାରା ବୁଲିଲେ ଯୁବକ




**ଭୁବନେଶ୍ୱର,୨୯।୫(ସଂଚାର ବ୍ୟୁରୋ):** ନିଜ ୱାର୍ଡରେ ଶୌଚାଳୟ ନିର୍ମାଣ ଦାବିରେ ହାତରେ ପ୍ଲା କାର୍ଡ ଧରି ପୂରା ଭୁବନେଶ୍ୱର ସହର ବୁଲୁଛନ୍ତି ଦୁଇ ଯୁବକ। ସହର ସାରା ବୁଲି ବିଏମସି କାର୍ଯ୍ୟାଳୟ ସମେତ ସମସ୍ତ ସରକାରୀ ଅଧିକାରୀ ଏବଂ ବିଭାଗୀୟ ମନ୍ତ୍ରୀମାନଙ୍କ ସରକାରୀ ବାସଭବନ ସମ୍ମୁଖରେ ପ୍ରତିବାଦ କରିଛନ୍ତି ପଳାସପଲ୍ଲୀର ଏହି ଦୁଇ ଯୁବକ।

ଭୁବନେଶ୍ୱର ମହାନଗର ନିଗମର ୧୮ ନମ୍ବର ୱାର୍ଡରେ ଦୀର୍ଘ ଦିନ ଧରି ଜାତୀୟ ରାଜପଥ କଡ଼ରେ ଗୋଟିଏ ଶୌଚାଳୟ ନିର୍ମାଣ କରିବା ପାଇଁ ବାରମ୍ବାର ଦାବି ହୋଇ ଆସୁଥିବା ବେଳେ ସ୍ଥାନୀୟ କର୍ପୋରେଟର କି ମେୟର କିମ୍ବା ବିଏମସିର କୌଣସି ଅଧିକାରୀ ଏ ଦିଗରେ ପଦକ୍ଷେପ ନେଉ ନଥିବାରୁ ଯୁବକ ଦ୍ୱୟ ଆଜି ସହର ସାରା ବୁଲି ପ୍ରତିବାଦ କରିଛନ୍ତି। ପୂର୍ବ ସରକାର ସମୟରେ ଶୌଚାଳୟ ପାଇଁ ଅର୍ଥ ଅନୁମୋଦନ କରାଯାଇଥିବା ବେଳେ ଏହା ଭିତରେ ୬ ବର୍ଷ ବିତି ଯାଇଥିଲେ ସୁଦ୍ଧା ଏ କାର୍ଯ୍ୟ ହୋଇପାରିଲା ନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ପ୍ରସଙ୍ଗକୁ ବିଏମସିର ଅଭିଯୋଗ ଶୁଣାଣିରେ ମଧ୍ୟ ବାରମ୍ବାର ଉଠାଯାଇଥିଲେ ହେଁ କୌଣସି ସୁଫଳ ମିଳିନାହିଁ।

# କେବଳ ସ୍ଲୋଗାନ ନା ବାସ୍ତବ ବିକଳ୍ପ




ଗତ କିଛି ଦିନ ହେଲା ଭାରତୀୟ ରାଜନୀତିରେ ଏକ ଅଦ୍ଭୁତ ଏବଂ ହାସ୍ୟାସ୍ପଦ ଘଟଣା ଘଟିଛି। ସୁପ୍ରିମ୍ କୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟ କାନ୍ତଙ୍କ ମନ୍ତବ୍ୟ ଯେ କିଛି ବେକାର ଯୁବକଙ୍କୁ କକ୍ରୋଚ ସହିତ ତୁଳନା କରାଯାଇଥିଲା, ତାହା ଏକ ବିରାଟ ସୋସିଆଲ୍ ମିଡିଆ ଝଡ଼ ସୃଷ୍ଟି କରିଛି। ଏହି ପୃଷ୍ଠଭୂମିରେ ଅଭିଜିତ ଦିପ୍କେ ନାମକ ଜଣେ ଯୁବକ ଦ୍ୱାରା ପ୍ରତିଷ୍ଠିତ' କକ୍ରୋଚ ଜନତା ପାର୍ଟି' (ସିଜେପି) ଏକ ସ୍ୱପ୍ନରୁ ଆରମ୍ଭ ହୋଇ କେବଳ କିଛି ଦିନ ଭିତରେ ଇନଷ୍ଟାଗ୍ରାମରେ ଦୁଇ କୋଟିରୁ ଅଧିକ ଫଲୋଅର ହାସଲ କରିଛି। ଏହା ବିଜେପି ଏବଂ କଂଗ୍ରେସ ଭଳି ପ୍ରତିଷ୍ଠିତ ଦଳଗୁଡ଼ିକୁ ମଧ ପଛରେ ପକାଇଛି। କିନ୍ତୁ ପ୍ରଶ୍ନ ହେଉଛି ଏହି କକ୍ରୋଚ ଜନତା ପାର୍ଟି ସତରେ ଏକ ରାଜନୈତିକ ଶକ୍ତି ଭାବରେ ଆତ୍ମପ୍ରକାଶ କରିବ, ନା କେବଳ ସୋସିଆଲ୍ ମିଡିଆର ସ୍ଲୋଗାନ ଏବଂ ମିମ୍ ମଧରେ ସୀମିତ ରହିବ?

ଏହି ଆନ୍ଦୋଳନର ଆରମ୍ଭ ହାସ୍ୟରସ ଏବଂ ବିରୋଧରୁ ହୋଇଥିଲା। କକ୍ରୋଚ ନାମଟି ନିଜେ ଏକ ପ୍ରତିକ୍ରିୟା। ଭାରତର ଯୁବକମାନେ ବେକାରୀ, ନିଟ ପରୀକ୍ଷା କେଳେଙ୍କାରୀ, ମୂଲ୍ୟବୃଦ୍ଧି ଏବଂ ରାଜନୈତିକ ବ୍ୟବସ୍ଥାର ପ୍ରତି ହତାଶାର ପ୍ରତୀକ ଭାବରେ ଏହାକୁ ଗ୍ରହଣ କରିଛନ୍ତି। '୬ଗବସଭଈଷସଉକ୍ଟମଳକ୍ସକ୍ଟବମଷ' ହ୍ୟାସଟ୍ୟାଗ୍ ଭାଇରାଲ ହୋଇଛି। ଏହାର ମ୍ୟାନିଫେଷ୍ଟୋରେ ଦୁର୍ନୀତି ବିରୋଧ, ଦଳ ବଦଳକାରୀଙ୍କୁ ନିଷିଦ୍ଧ କରିବା, ମହିଳା ପ୍ରତିନିଧିତ୍ୱ ବଢ଼ାଇବା ଆଦି ଦାବି ରହିଛି। କିନ୍ତୁ ଏହି ଦାବି ପଛରେ ଗଭୀର କ୍ରୋଧ ଏବଂ ଅସନ୍ତୋଷ ଲୁକ୍କାୟିତ ଅଛି। ଭାରତର ଯୁବ ବେକାରୀ ହାର ୪୦% ପାଖାପାଖି ଥିବାରୁ ଏହି ଆନ୍ଦୋଳନ ଏକ ଭେଣ୍ଟିଲେଟର ଭାବରେ କାମ କରୁଛି।

ତଥାପି, ସଫଳତାର ପ୍ରଶ୍ନ ହେଉଛି ଏହାର ସ୍ଥାୟୀତ୍ୱ। ଇତିହାସ ସାକ୍ଷୀ ଯେ ସୋସିଆଲ୍ ମିଡିଆ ଆନ୍ଦୋଳନଗୁଡ଼ିକ ଅନେକ ସମୟରେ ଭାଇରାଲ୍ ହୋଇ ଶେଷରେ ମ୍ୟୁଟ୍ ହୋଇଯାଏ। ଆରବ୍ ସ୍ପ୍ରିଙ୍ଗ୍ ଠାରୁ ଆରମ୍ଭ କରି ଚାଷୀ ଆନ୍ଦୋଳନ ପର୍ଯ୍ୟନ୍ତ ଅନଲାଇନ୍ ରାଗ ଅଫଲାଇନ୍ ସଂଗଠନ ଏବଂ ନେତୃତ୍ୱ ବିନା ଦୀର୍ଘସ୍ଥାୟୀ ହୋଇପାରେ ନାହିଁ। ସିଜେପି ଏ ପର୍ଯ୍ୟନ୍ତ ଏକ ସ୍ୱତଃସ୍ଫୂର୍ତ୍ତ ମୁଭମେଣ୍ଟ ଅଟେ, କୌଣସି ସଂଗଠିତ ଦଳ ନୁହେଁ। ଏହାର ଫାଉଣ୍ଡର ଅଭିଜିତ୍ ଦିପ୍କେ ଆମ୍ ଆଦମୀ ପାର୍ଟିର ପୂର୍ବ ସମ୍ପର୍କ ଥିବା ସ୍ୱତ୍ତ୍ୱେ ଏହାକୁ ନିରପେକ୍ଷ କହୁଛନ୍ତି। କିନ୍ତୁ ସରକାରୀ ସ୍ତରରେ ୱେବସାଇଟ ବ୍ଲକ୍ ହେବା, ଆକାଉଣ୍ଟ ହ୍ୟାକ ହେବା ଏବଂ 'ଜାତୀୟ ସୁରକ୍ଷା' ଆଖ୍ୟା ଦେଇ ଆକ୍ରମଣ ହେବା ଦେଖାଯାଉଛି। ଏହା ଦର୍ଶାଉଛି ଯେ ପ୍ରତିଷ୍ଠିତ ଶକ୍ତିଗୁଡ଼ିକ ଏହାକୁ ଗମ୍ଭୀର ଭାବରେ ନେଉଛନ୍ତି।

ଓଡ଼ିଶାର ପ୍ରସଙ୍ଗରେ ମଧ ଏହାର ପ୍ରଭାବ ଦେଖାଯାଉଛି। ଯୁବକମାନେ ଏଠାରେ ମଧ ବେକାରୀ ଏବଂ ଶିକ୍ଷା ବ୍ୟବସ୍ଥାର ଅଭାବରେ ହତାଶ। ଯଦି ସିଜେପି ଏକ ପ୍ରକୃତ ରାଜନୈତିକ ଦଳ ଭାବରେ ପଞ୍ଜିକୃତ ହୁଏ (ଯେପରି ହରିୟାଣାର ଜଣେ ଆଇନଜୀବୀ ଆବେଦନ କରିଛନ୍ତି), ତେବେ ଏହା ସ୍ଥାନୀୟ ସ୍ତରରେ ଯୁବ ଭୋଟ କ୍ୟାପଚର କରିପାରେ। କିନ୍ତୁ ଚ୍ୟାଲେଞ୍ଜ ଅନେକ। ପ୍ରଥମତଃ, ଆର୍ଥିକ ସମର୍ଥନ। ସୋସିଆଲ୍ ମିଡିଆ ଫଲୋଅର୍ ଟଙ୍କା ନୁହେଁ। ଦ୍ୱିତୀୟତଃ, ନେତୃତ୍ୱ ଏବଂ ସଂଗଠନ। ତୃତୀୟତଃ, ଭାରତର ନିର୍ବାଚନ ଆୟୋଗର କଠୋର ନିୟମ। ଅନେକ ସମୟରେ ଏପରି ମୁଭମେଣ୍ଟ ବିରୋଧୀ ଦଳଗୁଡ଼ିକ ଦ୍ୱାରା ହାଇଜ୍ୟାକ ହୋଇଯାଏ କିମ୍ବା ସରକାରୀ ଦମନର ଶିକାର ହୁଏ।

ତଥାପି, ଏହାର ସଫଳତାର ସମ୍ଭାବନା ମଧ ଅଛି। ଯଦି ଏହା ଯୁବକଙ୍କ ପ୍ରକୃତ ସମସ୍ୟା – ଚାକିରି, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶ – ଉପରେ ଧ୍ୟାନ ଦେଇ ଗ୍ରାଉଣ୍ଡ ଲେଭେଲ କାର୍ଯ୍ୟ କରେ, ତେବେ ଏହା ଏକ ନୂତନ ବିକଳ୍ପ ହୋଇପାରେ। ବର୍ତ୍ତମାନର ରାଜନୀତିରେ ଯୁବକମାନେ ଅନୁଭବ କରୁଛନ୍ତି ଯେ ପୁରୁଣା ଦଳଗୁଡ଼ିକ ସେମାନଙ୍କ ସ୍ୱର ଶୁଣୁନାହାନ୍ତି। ସିଜେପି ସେହି ଖାଲି ଜାଗା ପୂରଣ କରିପାରେ। କକ୍ରୋଚ ପରି ଏହା ଦମ୍ପିତ ହେଲେ ମଧ ବଞ୍ଚି ରହିବାର ପ୍ରତୀକ। ଶେଷରେ, କକ୍ରୋଚ ଜନତା ପାର୍ଟି ଏକ ସତର୍କ ବାର୍ତ୍ତା। ଯଦି ପ୍ରତିଷ୍ଠିତ ଦଳଗୁଡ଼ିକ ଯୁବକଙ୍କ ଆଶା ପୂରଣ ନ କରନ୍ତି, ତେବେ ଏପରି ଅପ୍ରତ୍ୟାଶିତ ଶକ୍ତି ଉଠିବ। ଏହା କେବଳ ସ୍ଲୋଗାନ୍ ରହିବ କି ନା ଏକ ବାସ୍ତବ ବିକଳ୍ପ ହେବ, ତାହା ନିର୍ଭର କରିବ ଏହାର ନେତୃତ୍ୱଙ୍କ ଦୂରଦର୍ଶୀତା ଏବଂ ଯୁବକଙ୍କ ସଂକଳ୍ପ ଉପରେ। ଭାରତର ରାଜନୀତି ଏବେ ଏକ ନୂତନ ଅଧ୍ୟାୟର ଅପେକ୍ଷାରେ ଅଛି – କକ୍ରୋଚ ଯୁଗର। ଯୁବକମାନେ ଏହାକୁ କେବଳ ମିମ୍ ନୁହେଁ, ଏକ ଆନ୍ଦୋଳନ କରିବାକୁ ପ୍ରସ୍ତୁତ ଅଛନ୍ତି କି ତାର ଉତ୍ତର ସମୟ ଦେବ।

# ସୁଲଭ ବାସଗୃହ ସଂକଟ


ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)




ବିଶ୍ୱରେ ବାସଗୃହ ବା ଆବାସ ନେଇ ଜାତିସଂଘ ପ୍ରାକୃତିକ ଆଶ୍ରୟସ୍ଥଳ (ହାବିଟାଟ୍)ର ୱାଲର୍ଡ ସିଟିଜ୍ ରିପୋର୍ଟ ୨୦୨୬ରେ ଯେଉଁ ଚିତ୍ର ପ୍ରଦାନ କରିଛି, ତାହା ଅତ୍ୟନ୍ତ ଚିନ୍ତାଜନକ ବୋଲି କୁହାଯାଇପାରିବ। ରିପୋର୍ଟରେ କୁହାଯାଇଛି ଯେ, ବିଶ୍ୱରେ ପ୍ରାୟ ୪୦ ପ୍ରତିଶତ ଅର୍ଥାତ ୩.୪ ବିଲିଅନ ଜନସାଧାରଣ ଏବେ 'ଘର' ସଂକଟର ସମ୍ମୁଖୀନ। ସେମାନଙ୍କ ପାଇଁ ରହିବା ପାଇଁ ଉପଯୁକ୍ତ ଘର ବା ବାସଗୃହଟିଏ ନାହିଁ। ନିଜର ବାସଗୃହ ଏବଂ ଏପରିକି ଭଡାଘର ଏବେ ସେମାନଙ୍କ ପାଇଁ ଅତ୍ୟନ୍ତ ବ୍ୟୟ ବହୁଳ ହୋଇପଡ଼ିଛି। ଘରଟିଏ କିଣିବା ସେମାନଙ୍କ ସାମର୍ଥ୍ୟ ବାହାରେ ଥିବାବେଳେ ସ୍ୱଳ୍ପ ଓ ଖରାପ ମାନର ଘର, ଯେଉଁଥିରେ ବିଶୁଦ୍ଧ ପାନୀୟ ଜଳ ଏବଂ ପରିମଳ ବ୍ୟବସ୍ଥାର ଅଭାବ ସ୍ପଷ୍ଟ ବାରି ହୋଇପଡେ। ଅଧିକନ୍ତୁ, ୪୪ ପ୍ରତିଶତରୁ ଅଧିକ ବ୍ୟୟ କରିଥାନ୍ତି। ଏହା ନିସନ୍ଦେହ ଯେ, ଏବେ ଆୟ ତୁଳନାରେ ଘରଟିର ମୂଲ୍ୟ ଦ୍ରୁତବେଗରେ ବୃଦ୍ଧି ପାଇବାରେ ଲାଗିଛି। ଘରଟିଏ କିଣିବା କ୍ଷମତା ଏବେ ଦ୍ରୁତଗତିରେ ବିରଳ ହୋବରେ ଲାଗିଛି। ଅର୍ଥାତ ଘରଟିଏ କିଣିବା ଏବେ ଭାଗ୍ୟରେ ଥିଲେ ମିଳେ ବୋଲି କୁହାଯାଏ। କହିବା ବାହୁଲ୍ୟ ଯେ, ୨୦୧୦ରେ ହାରାହାରି ଘରର ମୂଲ୍ୟ-ଆୟ ଅନୁପାତ ୯.୩ ଥିବା। ବେଳେ ୨୦୨୩ରେ ବିଶ୍ୱରେ ଏହି ଅନୁପାତ ୧୧.୨କୁ ବୃଦ୍ଧି ପାଇଥିଲା। ସେହିପରି କେନ୍ଦ୍ରୀୟ ଓ ଦକ୍ଷିଣ ଏସୀଆ ମହାଦେଶରେ ଏହି ଅନୁପାତ ୧୬.୮କୁ ବୃଦ୍ଧି ପାଇଛି। ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଘରଟିରେ ଆଲୋକ, ପାନୀୟଜଳ, ପରିମଳ ବ୍ୟବସ୍ଥା ଅଭାବରେ ବିଶ୍ୱରେ ୩.୪ ବିଲିଅନ ଲୋକ ଅତି ଦୟନୀୟ ଅବସ୍ଥାରେ ବସବାସ କରୁଛନ୍ତି। ଆଗକୁ ଏହି ପରିସ୍ଥିତି ଆହୁରି ଖରାପ ହୋଇପଡ଼ିବା ଆଶଙ୍କା କରାଯାଉଛି। କାରଣ ୨୦୫୦ ମସିହା ବେଳକୁ ବିଶ୍ୱବ୍ୟାପୀ ସହରଗୁଡିକ ପାଇଁ ଅତିରିକ୍ତ ୨ ବିଲିଅନ ଲୋକଙ୍କ ପାଇଁ ବାସଗୃହର ଆବଶ୍ୟକତା ହେବ। ଭାରତର ଅବସ୍ଥା ମଧ ଅନୁରୂପ ଚିନ୍ତାଜନକ। ଆସନ୍ତା ୨୦୫୦ ମସିହା ବେଳକୁ ଦେଶର ଜନସଂଖ୍ୟାର ଅର୍ଦ୍ଧେକ ସହରାଚଂଳରେ ବସବାସ କରିବା ଅନୁମାନ କରାଯାଏ। ଦେଶରେ ଆଠଟି ବୃହତ ମେଟ୍ରୋପଲିଟାନ ସହରରେ ୨୦୧୮ରେ ନୂତନ କୋଠା କିଣିବା କ୍ଷମତା ୫୨ ପ୍ରତିଶତ ଥିବାବେଳେ ୨୦୨୫ରେ ଏହା ୧୭ ପ୍ରତିଶତକୁ ହ୍ରାସ ପାଇଛି। ଆୟ ତୁଳନାରେ ଘରର ମୂଲ୍ୟ ହୁ ହୁ ହୋଇ ବଢ଼ିଚାଲିଛି। ଦିଲ୍ଲୀ ମୁମ୍ବାଇରେ ମଧମ ଆୟ ବର୍ଗର ପରିବାର ପାଇଁ ସ୍ୱପ୍ନ ହୋଇପଡ଼ିଛି ବୋଲି କହିଲେ ଭୁଲ ହୋଇନପାରେ। ସଞ୍ଚୟ ଓ ଋଣ ଉପରେ ନିର୍ଭରଶୀଳ ପରିବାରଗୁଡିକ ଘରଟିଏ ପାଇଁ ସମ୍ପତି ବନ୍ଧକ ରଖିବାକୁ ବାଧ ହେଉଛନ୍ତି। ୨୦୨୫-୨୬ ଅର୍ଥନୈତିକ ସର୍ଭେ ରିପୋର୍ଟରେ ଦର୍ଶାଯାଇଛି ଯେ, ୨୦୩୦ ମସିହା ସୁଦ୍ଧା ଦେଶର ସହରାଚଂଳରେ ଲୋକଙ୍କୁ ସୁଲଭ ଦରରେ ୩୦ ମିଲିଅନ ବାସଗୃହ ଯୋଗାଇଦେବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ବର୍ତମାନ ପ୍ରାୟ ୯.୪ ମିଲିଅନ ବାସଘର ନିଅଣ୍ଟ ରହିଛି। ଅନ୍ୟପକ୍ଷରେ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦେଶର ଗରିବ, ଅସହାୟ, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କୁ ଛାତ ଘର ଯୋଗାଣ ଯୋଜନା କାର୍ଯ୍ୟକାରୀ କରିଥିଲେ, ତାହା ଏବେ ବି ସଫଳ ହୋଇପାରିନାହିଁ। ସ୍ୱଳ୍ପ ଅନୁଦାନ, ଭୂମି ଅଭାବ, ଗୃହ ତିଆରି ଉପକରଣ ତଥା ସିମେଣ୍ଟ, ଇଟା, ବାଲି, ଛଡ ଓ ମଜୁରୀ ବୃଦ୍ଧି ଏହି ଯୋଜନାକୁ ଅଧପନ୍ତାରିଆ କରିଦେଇଛି। ଯାହାର ପରିଣତି ସ୍ୱରୁପ ଘର ସମ୍ପୂର୍ଣ୍ଣ ନହୋଇ ଅଧାରେ ଅଟକି ରହିଛି। ଜାତିସଂଘ ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଦେଶରେ ପ୍ରତି ୧୦, ୦୦୦ ଲୋକରେ ୧୩ଜଣଙ୍କର ମୁଣ୍ଡରେ ଛାତଟିଏ ନାହିଁ ଅର୍ଥାତ ସେମାନେ ବାସହରା। ବାସହରା ଲୋକ ବିଭିନ୍ନ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହୋଇଥିବାବେଳେ ସେମାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ବିଗୁଡିଥିବାବେଳେ ସେମାନଙ୍କ ମଧରେ ଅପରାଧ ପ୍ରବଣତା ବୃଦ୍ଧି ପାଉଥିବା ରିପୋର୍ଟରେ କୁହାଯାଇଛି। ଭାଗ୍ୟରେ ଥିଲେ, ଭୂମି, କନ୍ୟା ଓ ଗୋମାତା ମିଳନ୍ତି ବୋଲି ଆମ ଶାସ୍ତ୍ରରେ ଯାହା କୁହାଯାଇଛି, ତାହା ଅସତ୍ୟ ନୁହେଁ ବୋଲି କୁହାଯାଇପାରେ। ଏବେ ଦେଶର ସହରାଚଂଳଗୁଡିକରେ ଜମିର ମୂଲ୍ୟ ଦିନକୁ ଦିନ ଆକାଶଛୁଆଁ ହେବାରେ ଲାଗିଛି। ବିଲଡରମାନଙ୍କ ଲାଭଖୋର ମନୋଭାବ ଯୋଗୁଁ ଘର ଦାମ ମଧ ବଢ଼ିଚାଲିଛି। ବ୍ୟାଙ୍କ ଋଣ ଯୋଗାଉଥିଲେ ମଧ ତାହା ସୁଲଭ ନୁହେଁ। ତେଣୁ ଭାଗ୍ୟରେ ଥିଲେ ମଧବିତ ଓ ମଧମ ଆୟବର୍ଗଙ୍କ ପାଇଁ ଘରର ସ୍ୱପ୍ନ ପୁରଣ ହେବ ବୋଲି କହିଲେ ଅତିରଞ୍ଜିତ ହୋଇନପାରେ।


ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯




# ଜଣାପଡ଼େ ନାହିଁ ଟାଣେ ପଇସା




ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର




ନିଶା ସେବନ ଯେ ଶରୀର ପାଇଁ ଅତ୍ୟନ୍ତ ଭୟଙ୍କର ଓ କ୍ଷତିକାରକ ଏହା ସମସ୍ତେ ଜାଣନ୍ତି। ତଥାପି ଏହି ଦିଗଟିକୁ ନିଶାଗ୍ରସ୍ତମାନେ ସାମାନ୍ୟତମ ଭାବେ ଖାତିର କରିନଥାନ୍ତି। ତମାଖୁ ରାକ୍ଷାସ ନିଶାଖୋରଟିକୁ ପଙ୍ଗୁ କରି ବିକଳାଙ୍ଗ କରିଦେବା ସହ ସବୁକିଛି ଜାଳି ପୋଡ଼ି ଭିତରେ ଛାରଖାର କରିଦେଇଥାଏ। ବିଶ୍ୱ ତମାଖୁ ନିରୋଧ ଦିବସରେ ସମଗ୍ର ବିଶ୍ୱରେ ତମାଖୁ ସେବନର ଅପକାରିତା ସ୍ୱାସ୍ଥ୍ୟଗତ ଭୟାବହତା ଉପରେ ଅଙ୍କୁଶ ଲଗାଇବା ସହ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସଚେତନ କରାଇବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରଥମେ ପ୍ରୟାସ ଆରମ୍ଭ ହୋଇଥିଲା। ୧୯୮୭ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଧିବଦ୍ଧ ଭାବରେ ପ୍ରସ୍ତାବ ଆଗତ କରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଚାଳିଶତମ ପ୍ରତିଷ୍ଠା ଦିବସ ଅପ୍ରେଲ ୭, ୧୯୯୮ ମସିହା ବିଶ୍ୱ ତମାଖୁ ନିରୋଧ ଦିବସ ଭାବରେ ପାଳନ କରିବାକୁ ସର୍ବସମ୍ମତି ପ୍ରସ୍ତାବ ମଧ ଗୃହୀତ ହୋଇଥିଲା। ସେ ସମୟରେ ତମାଖୁ ସେବନ କରୁଥିବା ବ୍ୟକ୍ତିମାନଙ୍କୁ ଅତିକମ୍‌ରେ ଗୋଟିଏ ଦିନ ଏଥିରୁ ବିରତ ରହିବାକୁ ସଚେତନ ମାଧମରେ ସେମାନଙ୍କୁ ଅନୁରୋଧ କରାଯାଉଥିଲା। ୧୯୮୮ରେ ଏହି ସଂଗଠନ ପକ୍ଷରୁ ଆଉ ଏକ ପ୍ରସ୍ତାବ ୱାଲର୍ଡ଼ ହେଲଥ୍ ଆସେମ୍ବ୍ଲି ଅଧିବେଶନରେ ଉପସ୍ଥାପନ କରାଯାଇଥିଲା ଯାହାପାଇଁ ମେ ୩୧ ତାରିଖକୁ ବିଶ୍ୱ ତମାଖୁ ନିରୋଧ ଦିବସ ଭାବରେ ପାଳନ କରାଯାଇ ଆସୁଅଛି। ଏହି ନିଶାସେବନର ଅନ୍ୟତମ ବାହାକ ସାଜିଥିବା ତମାଖୁ ବିରୋଧରେ ପ୍ରତିବର୍ଷ ମେ ୩୧ ତାରିଖ ଦିନ ବିଶ୍ୱ ତମାଖୁ ନିରୋଧ ଦିବସ ପାଳନ ହୋଇଥାଏ। ପ୍ରତିବର୍ଷ ପରି ଚଳିତ ବର୍ଷର ବାର୍ତ୍ତା ରହିଛି - ('ଙ୍କଭଙ୍କବସ୍ଳସଭଶ ଗ୍ଧଷର ବକ୍ଟକ୍ଟରବକ୍ଷ - ମକ୍ଟଙ୍କଭଗ୍ୱରକ୍ସସଭଶ ଭସମକ୍ଟଗ୍ୱସଭର ବଭଯ଼ ଗ୍ଧବଭବମମକ୍ଟ ବୟୟସରମଗ୍ୱସକ୍ଟଭ')।

ସମଗ୍ର ବିଶ୍ୱରେ ଚିନ୍ତାର କାରଣ ସାଜିଥିବା ପ୍ରମୁଖ ସମସ୍ୟା ଭିତରେ ତମାଖୁ ସେବନ ଅନ୍ୟତମ। ପ୍ରତିବର୍ଷ ପୃଥିବୀର ଜନସଂଖ୍ୟାର ହାରାହାରି ୬ ପ୍ରତିଶତ ଲୋକ ତମାଖୁ ସେବନ ଯୋଗୁଁ ଅକାଳ ମୃତ୍ୟୁବରଣ କରିଥାନ୍ତି। ଶରୀରରେ ଏଭଳି କେତେକ ନିର୍ଦ୍ଦିଷ୍ଟ ଜିନ୍ ରହିଥାଏ ଯାହା ତମାଖୁ ସେବନ ପ୍ରତି ଜଣକୁ ପ୍ରୋତ୍ସାହିତ କରିଥାଏ। ସମ୍ପ୍ରତି ଯୁବପିଢ଼ୀମାନେ ତମାଖୁ ସେବନ ପ୍ରତି ଆକର୍ଷିତ ହୋଇ ନିଜ ଜୀବନକୁ ବିପନ୍ନ କରୁଛନ୍ତି। ତମାଖୁରେ ଥିବା ନିକୋଟିନ୍ ନାମକ ବିଷାକ୍ତ ତତ୍ତ୍ୱ ରକ୍ତରେ ପ୍ରବାହିତ ହୋଇ ସାମୂହିକ କ୍ଷଣିକ ପ୍ରଫୁଲ୍ଲତା ଓ ପରବର୍ତ୍ତୀ ସମୟରେ ସୁସ୍ଥସବଳ ଦେହଟିକୁ ନଷ୍ଟ ବିନଷ୍ଟ କରିଥାଏ। ତମାଖୁ ସେବନ ଏକ ଭୟଙ୍କର ମାଦକ ଦ୍ରବ୍ୟ। ଯେଉଁଥିରେ ଏକରୁ ଆଠ ପ୍ରତିଶତ ନିକୋଟିନ୍ ନାମକ କ୍ଷାରୀୟ ପଦାର୍ଥ ରହିଥାଏ। ଏହାକୁ ନିୟମିତ ସେବନ କଲେ ମାନସିକ ଅବସାଦ, ଶ୍ୱାସ, ଶାରୀରିକ ଦୁର୍ବଳତା, ରକ୍ତହୀନତା, ଯକୃତ ବିକାର, ଦୃଷ୍ଟିଶକ୍ତି ନାଶ, ମାନସିକ ଅବସାଦ ତଥା ମୁଖର ବିଭିନ୍ନ ରୋଗ ଉତ୍ପନ୍ନ ହୋଇଥାଏ। ଧୂମପାନ କରୁଥିବା ବ୍ୟକ୍ତିଙ୍କର ନିୟମିତ ବ୍ୟବଧାନରେ ପେଟ ଯନ୍ତ୍ରଣା ହୁଏ ଓ ଏହା ବିଶେଷକରି ଲିଭର ଓ ବୃକକ୍ ଉପରେ ଗୁରୁତର ପ୍ରଭାବ ପକାଇଥାଏ ଯାହାକି ପରବର୍ତ୍ତୀ ସମୟରେ ପେଟ ସମ୍ବନ୍ଧୀୟ ବିଭିନ୍ନ ଭୟାନକ ରୋଗର କାରଣ ପାଲଟିଥାଏ। କେତେକ କ୍ଷେତ୍ରରେ ଉଭୟ ଲିଭର ଓ କିଡ଼ନୀ ନଷ୍ଟ ହୋଇଯାଇଥାଏ। ଆଉ କେତେକ ରୋଗୀ ଯୁବାବସ୍ଥାରୁ ଏହାର ଶିକାର ହୋଇ ମୃତ୍ୟୁ ପର୍ଯ୍ୟନ୍ତ ଏକ ପ୍ରକାରର ବିକଳାଙ୍ଗ ଜୀବନ ନିର୍ବାହ କରିଥାନ୍ତି। ପ୍ରତିବର୍ଷ ଏହି ତମାଖୁ ରାକ୍ଷାସର କବଳରେ ଛଅ ମିଲିଅନ୍‌ର ଲୋକ ଶିକାର ହୋଇଥାନ୍ତି। ଆମ ରାଜ୍ୟରେ ବର୍ଷକୁ କର୍କଟ ଆକ୍ରାନ୍ତ ହେଉଥିବା ପ୍ରାୟ ୫୦, ୦୦୦ ଲୋକଙ୍କୁ ମଧରୁ ଅର୍ଦ୍ଧେକ ଗୁଟ୍‌ଖା, ତମାଖୁ, ଧୂମପାନଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି ଏବଂ ମୃତ୍ୟୁବରଣ କରୁଥିବା ପ୍ରାୟ ୩୦୦୦ ରୋଗୀଙ୍କ ମଧରୁ ୧୨୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଏହି କାରଣରୁ ଘଟୁଥିବା ସୂଚନା ମିଳିଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ରିପୋର୍ଟ ଅନୁସାରେ ସାରା ବିଶ୍ୱରେ ଯେତେ ଲୋକ କର୍କଟରେ ଆକ୍ରାନ୍ତ ହେଉଛନ୍ତି ସେମାନଙ୍କ ମଧରୁ ଅର୍ଦ୍ଧାଧିକ ହେଉଛନ୍ତି ଦକ୍ଷିଣ ଏସୀୟ ଦେଶ ସମୂହ ଅଞ୍ଚଳର।

ସିଗାରେଟ କିମ୍ବା ବିଡ଼ି ଧୂଆଁରେ ଚାରି ହଜାରରୁ ଅଧିକ କ୍ଷତିକାରକ ରାସାୟନିକ ପଦାର୍ଥ ରହୁଥିବାରୁ ଏହା ଶରୀର ଭିତରେ ଫୁସ୍‌ଫୁସ୍ କ୍ୟାନସର, ବ୍ରୋଙ୍କାଇଟିସ୍, ହୃଦ୍‌ଘାତ ଏବଂ ମସ୍ତିଷ୍କରେ ଷ୍ଟ୍ରୋକ ଭଳି ମାରାତ୍ମକ ରୋଗ ସୃଷ୍ଟି କରିଥାଏ। ଏହା ମୂତ୍ରାଶୟ, ଖାଦ୍ୟନଳୀ, ବୃକକ୍, ପାକସ୍ଥଳୀ ଓ ଜରାୟୁ କର୍କଟରୋଗର କାରଣ ସାଜିଥାଏ। ସ୍ତ୍ରୀଲୋକମାନେ ଧୂମପାନ କରୁଥିଲେ ଜନ୍ମିତ ଶିଶୁଟି କମ୍ ଓଜନର ହେବା ସହିତ ଶିଶୁଟି ଫୁସ୍‌ଫୁସ୍ ଜନିତ ରୋଗରେ ପୀଡ଼ିତ ହେବାର ଯଥେଷ୍ଟ ଆଂଶକା ରହିଥାଏ। ବର୍ତ୍ତମାନର ଯୁବପିଢ଼ୀ ଧୂମପାନ ବ୍ୟତୀତ ତମାଖୁ ଓ ଗୁଟକାକୁ ବହୁଳ ବ୍ୟବହାର କରୁଥିବାରୁ ମୁଖ୍ୟ ଗହ୍ୱର ଓ ଦାନ୍ତ ମାଢ଼ିରେ ବହୁଳ ଭାବରେ କ୍ଷତ ଦେଖାଯାଇଥାଏ। ସବୁଠାରୁ ଉଦ୍‌ବେଗଜନକ ପ୍ରସଙ୍ଗ ହେଉଛି ସେମାନଙ୍କ ଭିତରୁ ୬୦୦୦୦୦ ଲୋକ ଧୂମପାନ ବା ନିଶା ସେବନ କରିନଥାନ୍ତି କିନ୍ତୁ ତାଙ୍କ ପାଖରେ ଏହି ନିଶାଖୋରଙ୍କ ସଂସ୍ପର୍ଶ ରହୁଥିବାରୁ ପାରିପାର୍ଶ୍ୱିକ ପ୍ରଭାବ ସେମାନଙ୍କୁ ମୃତ୍ୟୁମୁଖକୁ ଟାଣି ନେଇଥାଏ (ସେକେଣ୍ଡହ୍ୟାଣ୍ଡ ଧୂମପାନ)। ତମାଖୁ ରାକ୍ଷାସ କବଳରୁ ଜଣେ ଯେ ମୁକ୍ତି ପାଇ ପାରିବ ନାହିଁ ତାହାନୁହେଁ।

ଧୂମପାନରେ ୫୦ ପ୍ରକାରର ଉପାଦାନ ଅଛି ଯାହା କ୍ୟାନସର ସୃଷ୍ଟିର କାରଣ। ଏହାଭିତରୁ ନାଇଟ୍ରୋସାମିନ୍ ଓ ପଲିସାଇକ୍ଲିକ୍ ଏରୋମାଟିକ୍ ହାଇଡ୍ରୋକାର୍ବନ ମୁଖ୍ୟ। କଳକାରଖାନା ମାନଙ୍କରେ କାମ କରୁଥିବା ସହସ୍ରାଧିକ ବ୍ୟକ୍ତି କ୍ୟାନସର ରୋଗରେ ଆକ୍ରାନ୍ତ ହୁଅନ୍ତି(୨-୨୦%)। ପ୍ରତିବର୍ଷ ଦୁଇଲକ୍ଷ ବ୍ୟକ୍ତି କଳାକାରଖାନା ପ୍ରଦୂଷଣ ଯୋଗୁଁ କର୍ମସ୍ଥଳୀରେ କ୍ୟାନସର ରୋଗରେ ଆକ୍ରାନ୍ତ ହୁଅନ୍ତି। ଏଜ୍‌ବେଷ୍ଟସ୍ ତନ୍ତୁ ବା ଧୂମ ସେବନ ଦ୍ୱାରା ଫୁସ୍‌ଫୁସ୍ କ୍ୟାନସର ହୁଏ। ତେବେ ଶରୀରରୁ ନିକୋଟିନ୍ ଏବଂ ଅନ୍ୟାନ୍ୟ କାର୍ସିନୋଜେନ୍ କାଢ଼ିବା ପାଇଁ ପ୍ରତିଦିନ ତାଜା ଫଳ ସହ ସବୁଜ ପନିପରିବାକୁ ଗୁରୁତ୍ୱ ଦିଅନ୍ତୁ। ପ୍ରଚୁର ପରିମାଣରେ ସବୁଜ ପନିପରିବା ଖାଆନ୍ତୁ ଏବଂ ଆଣ୍ଟିଅକ୍ସିଡେଣ୍ଟ ଏବଂ ଅଧିକ ପୃଷ୍ଟିସାର ଥିବା ଖାଦ୍ୟ ଖାଆନ୍ତୁ। ଶରୀରରୁ ବିଷାକ୍ତ ଅଂଶ କାଢ଼ିଦେବା ପାଇଁ ପ୍ରଚୁର ପରିମାଣରେ ପାଣି ପିଅନ୍ତୁ। ତମାଖୁ ସେବନର ଭୟାବହତା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଗୁରୁତ୍ୱର ସହ ବିଚାର କରି ବ୍ୟାପକ ସଚେତନତା ସୃଷ୍ଟି କରିଛନ୍ତି। ସେହିପରି ତମାଖୁକୁ ଆକର୍ଷିତ କରିବା ପାଇଁ ବିଜ୍ଞାପନ, ସାମାଜିକ ଓ ଆଇନଗତ କଟକଣା ନଥିବା ଯୋଗୁଁ ଏହାର ବ୍ୟବହାର ବଢ଼ି ବଢ଼ି ଚାଲିଛି।

ରାଜ୍ୟରେ ଅସହାୟ, ଗରିବ, ଅପରିଚିତ ଓ ଦାରିଦ୍ର୍ୟ ସୀମାରେଖାତଳେ ଥିବା ରୋଗୀମାନଙ୍କର ସର୍ବବିଧ କଲ୍ୟାଣ ପାଇଁ ଓଡ଼ିଶା ସରକାର ସ୍ୱତନ୍ତ୍ର ଭାବରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ସଚେତନଧର୍ମୀ କାର୍ଯ୍ୟକ୍ରମ ସହ ପଥପ୍ରାନ୍ତ ସଭା, ଆଲୋଚନାଚକ୍ର ଓ ନିର୍ଦ୍ଦିଷ୍ଟ ଭାବରେ କିଛି ବ୍ୟକ୍ତିତ୍ୱଙ୍କର ମାନସିକତା ଓ ଆଧାତ୍ମିକ କ୍ଷେତ୍ରକୁ ପରିବର୍ତ୍ତନ କରିବା ପାଇଁ କାର୍ଯ୍ୟକ୍ରମ ମାଧମରେ ବିଭିନ୍ନ ସେବାଭିମୁଖୀ ଯୋଜନା ହାତକୁ ନିଆଯାଇଛି। ଦିବ୍ୟମୟ ସ୍ୱାସ୍ଥ୍ୟପାଇଁ ନିଶା ଦ୍ରବ୍ୟ ସେବନ ଓ ତମାଖୁ ଠାରୁ ଦୂରେଇ ରହିବା ପାଇଁ ସମ୍ପ୍ରତି ବିଭିନ୍ନ କ୍ଷେତ୍ରରେ ବ୍ୟାପକ ଜନସଚେତନତା ସୃଷ୍ଟି ହେଉଛି। ତମାଖୁକୁ ପରିତ୍ୟାଗ କରି ମାନସିକସ୍ତରରେ ପ୍ରସ୍ତୁତ ହେଲେ ଜଣେ ଦିବ୍ୟ ଶରୀର ଓ ଦିବ୍ୟ ଚିନ୍ତନର ବ୍ୟକ୍ତିତ୍ୱର ଅଧିକାରୀ ହୋଇପାରିବ। ତେଣୁ ତମାଖୁ ଓ ତମାଖୁ ସେବନ କରୁଥିବା ଲୋକମାନଙ୍କ ପ୍ରତି ଘୃଣା ଭାବ ସୃଷ୍ଟି ନକରି ସେମାନଙ୍କୁ ସଚେତନ କରି ସ୍ନେହ ଓ ଭଲପାଇବା ଦ୍ୱାରା ସେମାନଙ୍କ ଜୀବନର ଭୟଙ୍କର କୁ-ଅଭ୍ୟାସକୁ ଦୂରେଇ ପାରିଲେ ଆପଣ ଜଣେ ଯଥାର୍ଥ ସେବକ ଭାବରେ ନିଜ ଦାୟିତ୍ୱ ତୁଲାଇ ପାରିବେ। ଏ କ୍ଷେତ୍ରରେ ସରକାରଙ୍କ ଠାରୁ ବେସରକାରୀ ସ୍ୱେଚ୍ଛାସେବୀ ସଂଗଠନ ଓ ସର୍ବୋପରି ଗଣମାଧମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆସନ୍ତୁ ଆଜିର ଦିନରେ ସମାଜରୁ ତମାଖୁ ମୁକ୍ତ ପରିବେଶକୁ ଦୂରେଇ ଏକ ଦିବ୍ୟମୟ ପରିବେଶ ଓ ଲୋକମାନଙ୍କ ଭିତରେ ସଚେତନତାର ବାର୍ତ୍ତା ଯେପରି ଘରେ ଘରେ ପହଞ୍ଚାଇ ପାରିବା।


ଅବସରପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭


# ସରକାରଙ୍କ ଆଲୋଚନା କରିବା ଦେଶଦ୍ରୋହ ନୁହେଁ


ଗୋପାଳ ମହାପାତ୍ର




ଗଣତାନ୍ତ୍ରିକ ବ୍ୟବସ୍ଥାର ବାସ୍ତବିକ ଶକ୍ତି କେବଳ ନିର୍ବାଚନ, ସାଂସଦ/ ବିଧାୟକ ଏବଂ ସାମ୍ବିଧାନିକ ସଂସ୍ଥାରେ ନିର୍ଦ୍ଧାରିତ ହୋଇନଥାଏ ବରଂ ଶାସନ/ ବା ସରକାରଙ୍କୁ ପ୍ରଶ୍ନ କରିବାର ସ୍ୱାଧିନତା କେତେ ମିଳୁଛି ସେଥିରୁ ନିର୍ଦ୍ଧାରିତ ହୋଇଥାଏ। ଯଦି ସାମ୍ବାଦିକ, ଲେଖକ, ବୁଦ୍ଧିଜୀବି ଏବଂ ନାଗରିକଙ୍କୁ ସରକାରଙ୍କ ନୀତିର ଆଲୋଚନା କଲେ ସେମାନଙ୍କୁ ରାଷ୍ଟ୍ରବିରୋଧି, ଦେଶଦ୍ରୋହୀ ବା ବ୍ୟବସ୍ଥାର ବିରୋଧି ବୋଲି କୁହାଯାଏ ତେବେ ଗଣତନ୍ତ୍ରର ମୂଳ ସ୍ୱରୂପ ଧିରେ ଧିରେ ଦୁର୍ବଳ ହୋଇଯାଏ। ଗଣତନ୍ତ୍ରରେ ସରକାର ରାଷ୍ଟ୍ର ବା ଦେଶ ନୁହଁନ୍ତି, ସରକାର କେବଳ ଏକ ଅସ୍ଥାୟୀ ରାଜନୈତିକ ବ୍ୟବସ୍ଥା ଅଟନ୍ତି ଯାହାକୁ ଜନତା ସିମୀତ ସମୟ ପାଇଁ ନିର୍ବାଚିତ କରିଥାନ୍ତି। ରାଷ୍ଟ୍ର ଜନତା, ସମ୍ବିଧାନ, ଗଣତାନ୍ତ୍ରିକ ସଂସ୍ଥା ଏବଂ ନାଗରିକ ଅଧିକାରରେ ନିର୍ମିତ ହୋଇଥାଏ। ଏଣୁ ସରକାରଙ୍କ ଆଲୋଚନାକୁ ରାଷ୍ଟ୍ରର ଆଲୋଚନା ବୋଲି ଗ୍ରହଣ କରାଯାଇ ପାରିବ ନାହିଁ। ସରକାରଙ୍କ ନୀତିର ଆଲୋଚନା କେବଳ ଗଣତାନ୍ତ୍ରିକ ଅଧିକାର ନୁହେଁ ବରଂ ସୁସ୍ଥ ଗଣତନ୍ତ୍ର ପାଇଁ ନିହାତି ଆବଶ୍ୟକ। ଇତିହାସ ସାକ୍ଷୀ ରହିଛି ଯେଉଁଠି ଶାସନ/ସରକାରର ଆଲୋଚନାକୁ ଚପାଇ ଦେବାର ପ୍ରୟାସ କରାଯାଇଛି ସେଠି ଗଣତାନ୍ତ୍ରିକ ସଂସ୍ଥା ସବୁ ଦୁର୍ବଳ ହୋଇ ପଡ଼ିଛନ୍ତି ଏବଂ ନାଗରିକ ସ୍ୱାଧିନତା ସଙ୍କଟରେ ପଡ଼ିଯାଇଛନ୍ତି।

ଭାରତର ସମ୍ବିଧାନର ଅନୁଛେଦ ୧୯(୧) (କ)ରେ ଅଭିବ୍ୟକ୍ତିର ସ୍ୱତନ୍ତ୍ରତାକୁ ଅଧିକାର ଭାବେ ଗ୍ରହଣ କରାଯାଇଛି। ଦେଶର ସୁପ୍ରିମକୋର୍ଟ ମଧ ଅନେକ ବାର ଐତିହାସିକ ନିର୍ଣ୍ଣୟ ନେଇ ସ୍ପଷ୍ଟ କରିଦେଇଛନ୍ତି ଯେ ପ୍ରେସ (ଗଣମାଧମ)ର ସ୍ୱତନ୍ତ୍ରତା ଏହି ସାମ୍ବିଧାନିକ ଅଧିକାରର ଅଭିନ୍ନ ଅଂଶ ଅଟେ। ଗଣତନ୍ତ୍ରରେ ଗଣମାଧମର କାର୍ଯ୍ୟ ସରକାରଙ୍କ ମୁଖପତ୍ର ହେବା ନୁହେଁ ବରଂ ଜନହିତରେ ସେମାନଙ୍କ ଉତ୍ତରଦାୟୀତ୍ୱ ସୁନିଶ୍ଚିତ କରିବା, ଯଦି ଗଣମାଧମ ପ୍ରତିନିଧି କେବଳ ସରକାରଙ୍କ ପ୍ରଶଂସା କରେ ଓ ପ୍ରଶ୍ନ ପଚାରିବା ପାଇଁ ପଛେଇଯାଏ ତେବେ ସାମ୍ବାଦିକତାର ଅସ୍ତିତ୍ୱ ସମାପ୍ତ ହୋଇଯାଏ। ସାମ୍ବାଦିକତା ର ଅର୍ଥ ହେଉଛି ସରକାରଙ୍କ କଥାକୁ ଯାଞ୍ଚ କରିବା, ସରକାରୀ ନୀତିର ବିଶ୍ଳେଷଣ କରିବା ଏବଂ ଜନତାଙ୍କ ପ୍ରକୃତ ସମସ୍ୟା ସରକାରଙ୍କ ସାମନାକୁ ଆଣିବା ଯାହାକୁ ସରକାର ଅଣଦେଖା କରିଥାନ୍ତି। ଏହି କାରଣରୁ ବିଶ୍ୱର ସବୁ ପରିପକ୍ୱ ଗଣତନ୍ତ୍ରରେ ଆଲୋଚନାତ୍ମକ ସାମ୍ବାଦିକତାକୁ ଗଣତନ୍ତ୍ରର ସୁରକ୍ଷା କବଚ ଭାବେ ଦେଖା ଯାଇଥାଏ। ଭାରତରେ ବିଗତ କିଛି ବର୍ଷ ମଧରେ ସାମ୍ବାଦିକତା ଏବଂ ଅଭିବ୍ୟକ୍ତର ସ୍ୱତନ୍ତ୍ରତାକୁ ନେଇ ଅନେକ ବିମର୍ଷ ହୋଇଛି ଓ ଏବେ ବି ଏ ପ୍ରସଙ୍ଗ ଚର୍ଚ୍ଚାର ମୁଖ୍ୟ ପ୍ରସଙ୍ଗ ହୋଇ ରହିଛି।

ଆନ୍ତର୍ଯ୍ୟାତୀୟ ସଂସ୍ଥା ରିପୋର୍ଟର୍ସ ୱିଦାଉଟ ବଡରସ ପକ୍ଷରୁ ନିକଟରେ ଓ୍ୟାଲଡ଼ ପ୍ରେସ ଫ୍ରିଡ଼ମ ଇଣ୍ଡେକ୍ସ ୨୦୨୫ ଜାରି କରାଯାଇଥିଲା। ସେଥିରେ ୧୮୦ ଟି ଦେଶର ପ୍ରେସ ଫ୍ରିଡ଼ମ ବା ସାମ୍ବାଦିକ ସ୍ୱତନ୍ତ୍ରତା ବାବଦରେ ଅନେକ ତଥ୍ୟ ପ୍ରଦାନ କରାଯାଇଥିଲା। ରିପୋର୍ଟରେ ଯେଉଁ ୧୮୦ ଦେଶର ସୂଚୀ ରହିଛି ସେଥିରେ ଭାରତର ସ୍ଥାନ ୧୫୧ରେ ରହିଛି। ୨୦୨୪ରେ ପ୍ରେସ ଫ୍ରିଡ଼ମ ଇଣ୍ଡେକ୍ସରେ ଭାରତର ସ୍ଥାନ ୧୫୯ ଥିଲା। ୨୦୨୬ରେ ଭାରତର ସ୍ଥାନ ୧୫୭ରେ ସ୍ଥାନୀତ କରିଛି ସମ୍ପୃକ୍ତ ସଂସ୍ଥା। ଏହି ତଥ୍ୟ କେବଳ ର୍‌ୟାକିଙ୍ଗ୍‌କୁ ନେଇ ନୁହେଁ ବରଂ ବିଶ୍ୱ ସମୁଦାୟ ଭାରତରେ ପ୍ରେସ ସ୍ୱତନ୍ତ୍ରତାର ସ୍ଥିତିକୁ ନେଇ ଚିନ୍ତିତ ଥିବା କଥା ଏଥିରୁ ସ୍ପଷ୍ଟ। ଏହି ସୂଚକାଙ୍କରେ ସାମ୍ବାଦିକଙ୍କ ସୁରକ୍ଷା, ଗଣମାଧର ସ୍ୱତନ୍ତ୍ରତା, ରାଜନୈତିକ ହସ୍ତକ୍ଷେପ, ଆଇନଗତ ଚାପ ଏବଂ ଆର୍ଥୀକ ନିୟନ୍ତ୍ରଣ ଭଳି ଅନେକ ମାନକକୁ ସାମିଲ କରାଯାଇଥାଏ। ରିପୋର୍ଟର୍ସ ଓ୍ୱିଦାଉଟ ବର୍ଡରସ ଭାରତ ସନ୍ଦର୍ଭରେ ଗଣମାଧମ ମାଲିକାନାର କେନ୍ଦ୍ରୀକରଣ, ସାମ୍ବାଦିକ (ଗଣମାଧମ ପ୍ରତିନିଧି)ଙ୍କ ଉପରେ ଚାପ ଏବଂ ଆଲୋଚନାତ୍ମକ ସମ୍ବାଦ ପରିବେଷଣ ବିରୁଦ୍ଧରେ ବଢ଼ୁଥିବା ଶତୃତାକୁ ପ୍ରମୁଖ ଚାଲେଞ୍ଜ ଭାବରେ ରେଖାଙ୍କିତ କରିଛି।



ଏକଥା ବୁଝିବା ଆବଶ୍ୟକ ଯେ ଗଣତନ୍ତ୍ରରେ ଆଲୋଚନା ଏବଂ ଅସହମତି ଶତୃତା ନୁହେଁ। ଗଣତନ୍ତ୍ରର ମୂଳ ଆଧାର ହେଉଛି ବିବିଧ ବିଚାର ଏବଂ ବିମର୍ଷ। ଯଦି କେହି ଗଣମାଧମ ପ୍ରତିନିଧି ସରକାରଙ୍କ ଆର୍ଥୀକ ନୀତି, ପ୍ରଶାସନିକ ନିର୍ଣ୍ଣୟ, ଆଇନ୍ ବ୍ୟବସ୍ଥା, ବେରୋଜଗାରୀ, ଦରଦାମବୃଦ୍ଧି, ଭ୍ରଷ୍ଟାଚାର ବା ମାନବାଧିକାର ସମ୍ପର୍କୀତ ପ୍ରସଙ୍ଗକୁ ନେଇ ପ୍ରଶ୍ନ ଉଠାଏ ତେବେ ସେ ଗଣତାନ୍ତ୍ରିକ ଦାୟୀତ୍ୱ ନିର୍ବାହ କରୁଛନ୍ତି ବୋଲି ବୁଝିବା ଉଚିତ। ଏଭଳି ପ୍ରସଙ୍ଗକୁ ନେଇ ପ୍ରଶ୍ନ ଉଠାଉଥିବା ଗଣମାଧମ ପ୍ରତିନିଧି, ଲେଖକ, ବୁଦ୍ଧିଜୀବିଙ୍କୁ ରାଷ୍ଟ୍ରବିରୋଧି କହିବାର ଅର୍ଥ ହେଉଛି ଗଣତାନ୍ତ୍ରିକ ମୂଲ୍ୟକୁ ଆହତ କରିବା। ସରକାର ବଦଳିଥାଏ କିନ୍ତୁ ଗଣତନ୍ତ୍ର ସ୍ଥାୟୀ ବ୍ୟବସ୍ଥା ଅଟେ। ଯଦି ସରକାରଙ୍କୁ ରାଷ୍ଟ୍ର ବୋଲି ମାନି ନିଆଯାଏ ତେବେ ଗଣତନ୍ତ୍ରର ସ୍ଥାନ ବ୍ୟକ୍ତିପୂଜା ଏବଂ ରାଜନୈତିକ କେନ୍ଦ୍ରୀକରଣ ହୋଇଯାଇଥାଏ। ଏହି କାରଣରୁ ବିକଶିତ ଗଣତନ୍ତ୍ରରେ ସରକାରଙ୍କର ଆଲୋଚନାକୁ ମଧ ଗଣତାନ୍ତ୍ରିକ ସ୍ୱାସ୍ଥ୍ୟର ସଙ୍କେତ ବୋଲି ଗ୍ରହଣ କରାଯାଇଥାଏ। ଭାରତର ସ୍ୱାଧିନତା ଆନ୍ଦୋଳନର ଇତିହାସ ମଧ ଏହି ସତ୍ୟର ପ୍ରତୀକ ଅଟେ। ଔପନିବେଶିକ ଶାସନ ସମୟରେ ଭାରତୀୟ ଗଣମାଧମ ପ୍ରତିନିଧି ଏବଂ ଗଣମାଧମ (ସମ୍ବାଦପତ୍ର)ମାନେ ବ୍ରିଟିଶ ସରକାରର କଠୋର ସମାଲୋଚନା କରୁଥିଲେ। ବାଳ ଗଙ୍ଗାଧର ତିଳକଙ୍କ "କେଶରୀ" ମହାତ୍ମା ଗାନ୍ଧୀଙ୍କ "ୟଙ୍ଗ ଇଣ୍ଡିଆ" ଏବଂ "ହରିଜନ" ପତ୍ରିକା ତଥା ଅନେକ ସ୍ୱାଧିନଚେତା ସାମ୍ବାଦିକ ବ୍ରିଟିଶ ଶାସନର ନୀତିକୁ ଖୋଲାଖୋଲି ଭାବେ ବିରୋଧ କରୁଥିଲେ। ଯଦି ସେ ସମୟରେ ବ୍ରିଟିଶ ସରକାର ଆଲୋଚନାକୁ ଦେଶଦ୍ରୋହ ବୋଲି କହିଥାନ୍ତେ ତେବେ ଭାରତର ସ୍ୱାଧିନତା ଆନ୍ଦୋଳନ ମଧ ଅସମ୍ଭବ ହୋଇଥାନ୍ତା। ବିଡମ୍ବନା ଯେ ଏବେ ସ୍ୱାଧିନ ଭାରତରେ ସରକାରଙ୍କ ନୀତି ବାବଦରେ ପ୍ରଶ୍ନ କରୁଥିବା ଏବଂ ସରକାରଙ୍କ ଆଲୋଚନା କରୁଥିବା ସାମ୍ବାଦିକଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖାଯାଉଛି। ଗଣତନ୍ତ୍ରରେ ଗଣମାଧମର ଦାୟୀତ୍ୱ କେବଳ ସରକାରଙ୍କ ଉପଲବ୍ଧିକୁ ପ୍ରସାର କରିବା ନୁହେଁ। ଯଦି ଗଣମାଧମ ଶାସନର ସମର୍ଥନ କରେ ଏବଂ ଜନସ୍ୱାର୍ଥ ସହ ଜଡିତ ସମସ୍ୟା ବାବଦରେ ସରକାର/ଶାସନକୁ ପ୍ରଶ୍ନ ନକରେ ତେବେ ତାହା ସାମ୍ବାଦିକତା ନୁହେଁ ପ୍ରସାରତନ୍ତ୍ର ହୋଇଥାଏ।


ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪

# ସହମତ ହୋଇନୁ, ରାଜିନାମା ପାଖାପାଖି ଅଛୁ



● ଶାନ୍ତି ଏମ୍ଓୟୁ ନେଇ ଭାନ୍ସଙ୍କ ସ୍ପଷ୍ଟୀକରଣ
● ସହମତ ହେବାକୁ ଟ୍ରମ୍ପଙ୍କୁ ଦିନେ ଦୁଇଦିନ ଲାଗିବ: ଆକ୍ସିଓସ୍

**ୱାଶିଂଟନ୍,୨୯।୫:** ବିଶ୍ୱର ପ୍ରମୁଖ ବାଣିଜ୍ୟିକ ଜଳପଥ ଷ୍ଟ୍ରେଟ୍ ଅଫ୍ ହର୍ମୁଜରେ ଜାହାଜ ଚଳାଚଳ ଉପରେ କଟକଣା ଉଠାଇବା ସହିତ ଶୁଳ୍କମୁକ୍ତ ପରିବହନ ଲାଗି ଉଭୟ ଆମେରିକା ଓ ଇରାନ ସହମତ ହୋଇଛନ୍ତି ବୋଲି ଗୁରୁବାର ଆକ୍ସିଓସ୍ ଖବର ପ୍ରସାର କରିଥିବା ବେଳେ ତାହାକୁ ନେଇ ଆମେରିକା ଉପରାଷ୍ଟ୍ରପତି ଜେ.ଡି.ଭାନ୍ସ ଶୁକ୍ରବାର ସ୍ପଷ୍ଟୀକରଣ ଦେଇଛନ୍ତି। ବିବିସିର ଏ ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତରରେ ଜେଡି କହିଛନ୍ତି ଯେ, ମଧ୍ୟପ୍ରାଚ୍ୟ ଯୁଦ୍ଧ ଶେଷ କରିବାକୁ ନେଇ ଇରାନ ଓ ଆମେରିକା ଉଭୟଙ୍କୁ ଆହୁରି କେତେକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ବିଷୟ ଉପରେ କାମ କରିବାକୁ ପଡ଼ିବ। ବିଶେଷକରି ଯୁଦ୍ଧଶେଷ ଚୁକ୍ତିନାମାରେ ସହମତ ହେବା ଆଗରୁ ଉଭୟ ଦେଶକୁ ଏଥିନେଇ ସତର୍କ ରହିବାକୁ ପଡ଼ିବ ବୋଲି ଆମେରିକାର ଉପ-ରାଷ୍ଟ୍ରପତି ଜେ.ଡି. କହିଛନ୍ତି।

ରାଷ୍ଟ୍ରପତି ଟ୍ରମ୍ପ ଚୁକ୍ତିନାମା ସ୍ୱାକ୍ଷରର ନିକଟବର୍ତ୍ତୀ ହେଲେଣି କି ବୋଲି ବିବିସି ପକ୍ଷରୁ ପଚରାଯାଇଥିବା ପ୍ରଶ୍ନର ଉତ୍ତରରେ ଭାନ୍ସ କହିଛନ୍ତି ଯେ, ଏବେଠୁ ଏ ବିଷୟରେ କିଛି କହିବା ବହୁତ ଆଗୁଆ ହେଇଯିବ। ଏବେଠାରୁ ଯୁଦ୍ଧ ଚୁକ୍ତିନାମା ନେଇ ' ଏହା କେତେବେଳେ ହେବ' କିମ୍ବା 'ହେବ କି ନାହିଁ' ଏଭଳି କୌଣସି ସମ୍ଭାବ୍ୟ ମତ ଦେବା ଠିକ୍ ହେବନାହିଁ।

ଗୁରୁବାର ଆମେରିକାର ଜଣେ ଅଧିକାରୀ ବିବିସିକୁ କହିଥିଲେ ଯେ, ଚୁକ୍ତିର ଗୋଟିଏ ଡ୍ରାଫ୍ଟକୁ ନେଇ ଉଭୟ ଦେଶ ସହମତ ହୋଇଛନ୍ତି। କେବଳ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଇରାନର ଶୀର୍ଷନେତାଙ୍କ ମଞ୍ଜୁରୀର ଅପେକ୍ଷା କରାଯାଇଛି। ହର୍ମୁଜକୁ ଅବରୋଧମୁକ୍ତ କରିବା ଓ ଷ୍ଟ୍ରେଟ୍ ଅଫ୍ ହର୍ମୁଜ ଦେଇ ବାଣିଜ୍ୟିକ ଜାହାଜଗୁଡ଼ିକର ନିଶୁଳ୍କ ଚଳାଚଳକୁ ସ୍ୱାଭାବିକ କରିବାକୁ ନେଇ ଉଭୟ ଦେଶର ପ୍ରତିନିଧିବର୍ଗ ସହମତ ହୋଇଛନ୍ତି। ଉଭୟ ଦେଶ ମଧ୍ୟରେ ଯୁଦ୍ଧବିରତିକୁ ୬୦ ଦିନ ଯାଏ ବୃଦ୍ଧି କରିବା ତଥା ଇରାନର ଭବିଷ୍ୟତ ପରମାଣୁ କାର୍ଯ୍ୟକ୍ରମ ଉପରେ ବିଚାରବିମର୍ଶ କରିବାକୁ ଏହି ଚୁକ୍ତିରେ ଏକ ଡ୍ରାଫ୍ଟ ପ୍ରସ୍ତୁତ କରାଯାଇଥିଲା। ତେବେ ଇରାନର ଅର୍ଦ୍ଧ-ସରକାରୀ ଖବର ଏଜେନ୍ସି ତସନିମ୍ ଶୁକ୍ରବାର କହିଛି ଯେ, ଏହି ଚୁକ୍ତି ଏଯାଏ ଚୂଡ଼ାନ୍ତ କିମ୍ବା ନିଶ୍ଚିତ ହୋଇନାହିଁ। ରିପୋର୍ଟ ଅନୁସାରେ, ଷ୍ଟ୍ରେଟ୍ ଅଫ୍ ହର୍ମୁଜ ଜଳପଥରେ ପ୍ରତିବନ୍ଧକବିହୀନ ବାଣିଜ୍ୟିକ ନୌ-ପରିବହନ ଓ ଜାହାଜ ଚଳାଚଳ ରାସ୍ତାରୁ ମାଇନ୍ସ ହଟାଇବା ପାଇଁ ଇରାନକୁ ୩୦ ଦିନ ସମୟ ଦେବା ଲାଗି ଚୁକ୍ତିର ଡ୍ରାଫ୍ଟକୁ ପ୍ରସ୍ତୁତ କରାଯାଇଥିଲା। ସେହିଭଳି କୁହାଯାଇଥିଲା ଯେ, ଆମେରିକା ଓମାନ ସାଗରରେ ଇରାନର ବନ୍ଦରଗୁଡ଼ିକ ଉପରୁ ତା'ର ଅବରୋଧକୁ ପ୍ରତ୍ୟାହାର କରିନେବ ଓ ଏଥିସହିତ ଇରାନକୁ ପୁଣିଥରେ ତୈଳ ବିକ୍ରି ଆରମ୍ଭ କରିବା ଲାଗି ଇରାନ ଉପରେ ଜାରି କରିଥିବା କଟକଣାକୁ ଉଠାଇନେବ।

ଦୁଇଦେଶ ଯୁଦ୍ଧଶେଷ ରାଜିନାମାକୁ ନେଇ ଆପାତତଃ ସହମତ ବୋଲି ଗୁରୁବାର ସର୍ବପ୍ରଥମେ ଏଭଳି ଏକ ଆଶ୍ୱସ୍ତିକର ଖବର ପ୍ରକାଶ କରିଥିବା ଆକ୍ସିଓସ୍ କହିଛି ଯେ, ରାଷ୍ଟ୍ରପତି ଟ୍ରମ୍ପ ଗୁରୁବାର ପ୍ରସ୍ତୁତ କରାଯାଇଥିବା ଚୁକ୍ତିନାମାର ଡ୍ରାଫ୍ଟ ଓ ପ୍ରସ୍ତାବଗୁଡ଼ିକୁ ଭଲଭାବରେ ଅନୁଧ୍ୟାନ କରିଛନ୍ତି। ମାତ୍ର ତୁରନ୍ତ ଚୁକ୍ତିନାମାରେ ଦସ୍ତଖତ କରିନାହାନ୍ତି। ଚୁକ୍ତିନାମାର ଡ୍ରାଫ୍ଟ ଉପରେ ସହମତ ହେବାକୁ ଟ୍ରମ୍ପଙ୍କୁ ଦିନେ ଦୁଇଦିନ ଲାଗିବ ବୋଲି ଆକ୍ସିଓସ୍ ଆକଳନ କରିଛି।

ବିଶ୍ୱର ଏକ ପଞ୍ଚମାଂଶ, ପ୍ରାୟ ୨୦ ପ୍ରତିଶତରୁ ୨୫ ପ୍ରତିଶତ ତରଳୀକୃତ ପ୍ରାକୃତିକ ଗ୍ୟାସ (ଏଲ୍ଏନ୍ଜି) ଓ ତୈଳ (ଏଲପିଜି) ତଥା ବ୍ରେଣ୍ଟ କ୍ରୁଡ୍ ଅଏଲ୍ ପ୍ରତିଦିନ ହର୍ମୁଜ ଦେଇ ସ୍ୱାଭାବିକ ଭାବରେ ପରିବହନ କରାଯାଇଥାଏ। ଫେବୃଆରି ୨୮ ତାରିଖରେ ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଇରାନ ଉପରେ ଆକ୍ରମଣ କରିବା ପରେ ତାହା ବନ୍ଦ ହୋଇଯାଇଛି। ଫଳରେ ସମଗ୍ର ବିଶ୍ୱର ତୈଳ ବ୍ୟବସାୟ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଏହାକୁ ପୁନଃସ୍ୱାଭାବିକ କରିବା ପାଇଁ ଇରାନ୍ ଓ ଆମେରିକା ମଧ୍ୟରେ ପ୍ରସ୍ତୁତ କରାଯାଇଥିବା ଯୁଦ୍ଧଶେଷ ଚୁକ୍ତିନାମାକୁ ସମଗ୍ର ବିଶ୍ୱ ଅନେଇ ବସିଛି। ଏସବୁ ଉପରେ ଆଲୋକପାତ କରି ଉପ-ରାଷ୍ଟ୍ରପତି ଭାନ୍ସ ଶୁକ୍ରବାର କହିଛନ୍ତି ଯେ, ଯୁଦ୍ଧଶେଷ ନେଇ ମଧ୍ୟସ୍ଥତା କରୁଥିବା ଅଧିକାରୀମାନେ ଚୁକ୍ତିନାମାର କେତେଗୋଟି ବିନ୍ଦୁ ବା ପଏଣ୍ଟକୁ ନେଇ ସହମତ ହୋଇପାରୁନାହାନ୍ତି। ବିଶେଷକରି ଇରାନ୍ର ପରମାଣୁ ସମୃଦ୍ଧିକରଣ କାର୍ଯ୍ୟକ୍ରମ ଏ କ୍ଷେତ୍ରରେ ଏକ ପ୍ରଶ୍ନବାଚୀ ସାଜି ଠିଆ ହୋଇଛି। ଭାନ୍ସ କହିଛନ୍ତି ଯେ, ଆମେ ଏଯାଏ ସହମତ ହୋଇନାହୁଁ। ତେବେ ଆମେମାନେ ରାଜିନାମାର ଖୁବ୍ ନିକଟରେ ଅଛୁ। ଆମେ ଏହା ଉପରେ କାମ କରିବା ଜାରିରଖିଛୁ।

# ଖୁବ୍‌ଶୀଘ୍ର ଦେଶରେ ପ୍ଲାଷ୍ଟିକ୍ ଟଙ୍କା




**ନୂଆଦିଲ୍ଲୀ,୨୯।୫:** ଭାରତରେ ପ୍ଲାଷ୍ଟିକ୍ ନୋଟ୍ ଜାରି କରିବା ସମ୍ପର୍କରେ ଆଲୋଚନା ତୀବ୍ର ହେଉଛି। ଅନେକ ରିପୋର୍ଟରେ ଦାବି କରାଯାଇଛି ଯେ ଭାରତରେ ପ୍ଲାଷ୍ଟିକ୍ ନୋଟ୍ ଖୁବ୍ ଶୀଘ୍ର ଆସିବ। ଦେଶରେ ପଲିମର ନୋଟ୍ ପାଇଁ ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି, ଭାରତୀୟ ରିଜର୍ଭ ବ୍ୟାଙ୍କ ଏହି ପଦକ୍ଷେପ ଉପରେ କାମ ଆରମ୍ଭ କରିସାରିଛି। କୁହାଯାଉଛି ପାଟନା ଏବଂ ମୁମ୍ବାଇରେ ଅନୁଷ୍ଠିତ ଆରବିଆଇର ଶେଷ ଦୁଇଟି ବୋର୍ଡ ବୈଠକରେ ପଲିମର କିମ୍ବା ପ୍ଲାଷ୍ଟିକ୍ ନୋଟ୍ ପ୍ରଚଳନ କରିବା ପାଇଁ ଏକ ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା। ଏହା ପରାମର୍ଶ ଦିଆଯାଇଛି ଯେ ଏହି ନୋଟ୍‌ଗୁଡ଼ିକ କାଗଜ ନୋଟ ତୁଳନାରେ କମ୍ ମୂଲ୍ୟରେ ତିଆରି ହୋଇପାରିବ ଏବଂ ଦୀର୍ଘ ସମୟ ସହିତ ସୁରକ୍ଷା ହୋଇପାରିବ। ଏହି କାରଣଗୁଡ଼ିକ ପାଇଁ ନୋଟ୍‌ଗୁଡ଼ିକୁ ପ୍ରଚଳନ କରିବା ବିଷୟରେ ବର୍ତ୍ତମାନ ବିଚାର କରାଯାଉଛି। କମ୍ ଉତ୍ପାଦନ ଖର୍ଚ୍ଚ ସହିତ, ଏହି ନୋଟଗୁଡ଼ିକ ଏଟିଏମ ମେସିନ୍ ସହିତ ମଧ୍ୟ ସୁସଙ୍ଗତ ହେବ। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଆରବିଆଇ ପାଖରେ ଆବଶ୍ୟକୀୟ ସମ୍ବଳ ଅଛି। କେନ୍ଦ୍ରୀୟ ବ୍ୟାଙ୍କ ପଲିମର ନୋଟ୍ ପାଇଁ ଏକ ପାଇଲଟ୍ ପ୍ରୋଜେକ୍ଟ ଯୋଜନା କରୁଛି। ଯାହାର ବିବରଣୀ ନିକଟ ଭବିଷ୍ୟତରେ ଘୋଷଣା କରାଯିବ ବୋଲି ଆଶା କରାଯାଉଛି।

## ଭାରତକୁ ପ୍ରଂଶସାକଲେ ନେତାନ୍ୟାହୁ



**ନୂଆଦିଲ୍ଲୀ,୨୯।୫:** ଭାରତକୁ ଏକ 'ବୃହତ୍ ଶକ୍ତି' ଭାବରେ ବର୍ଣ୍ଣନା କରି ନେତାନ୍ୟାହୁ ଇସ୍ରାଏଲ ସହିତ ଏହାର ଅନନ୍ୟ ସମ୍ପର୍କ ବିଷୟରେ ବର୍ଣ୍ଣନା କରିଛନ୍ତି। ସେ ଭାରତୀୟ ଜନସାଧାରଣଙ୍କ ଦ୍ୱାରା ଇସ୍ରାଏଲ ପ୍ରତି ଦେଖାଯାଇଥିବା ସ୍ନେହକୁ ଅଟଳ ବୋଲି ବର୍ଣ୍ଣନା କରିଥିଲେ।

ସାମ୍ବାଦିକ ସମ୍ମିଳନୀରେ ନେତାନ୍ୟାହୁ କହିଥିଲେ ଯେ, ବିଶ୍ୱର ଅନେକ ସ୍ଥାନରେ ଆମର ବୈଧତା ସମ୍ପର୍କରେ ଆମେ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛୁ, କିନ୍ତୁ ଭାରତରେ ଏହା ନୁହେଁ। ଭାରତରେ ଇସ୍ରାଏଲ ପାଇଁ ପ୍ରଚୁର ସମର୍ଥନ ଅଛି। ମୁଁ ବିଶ୍ୱାସ କରେ ଯେ ଭାରତରେ ଆମର ଫଲୋର୍ସ (ସମର୍ଥକ) ଅନ୍ୟ ଯେକୌଣସି ସ୍ଥାନର ଫ୍ୟାନ୍ସ ଫଲୋଇଂ ଅପେକ୍ଷା ଅଧିକ।

ଏହା ପ୍ରଥମ ଥର ନୁହେଁ ଯେତେବେଳେ ନେତାନ୍ୟାହୁ ଭାରତରେ ତାଙ୍କର ଲୋକପ୍ରିୟତା ବିଷୟରେ ପ୍ରଭାବଶାଳୀ ଭାବରେ କହିଛନ୍ତି। ୨୦୧୮ ରେ ତାଙ୍କ ପତ୍ନୀ ସାରାଙ୍କ ସହିତ ନୂଆଦିଲ୍ଲୀ ଗସ୍ତ ସମୟରେ ସେ ଏହି ଯାତ୍ରାକୁ ପ୍ରେମ ଉତ୍ସବ ଭାବରେ ବର୍ଣ୍ଣନା କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ ଭାରତୀୟମାନେ ଇସ୍ରାଏଲ ପ୍ରତି ଗଭୀର ସମ୍ମାନ ରଖନ୍ତି।

ଏକ କାର୍ଯ୍ୟକ୍ରମରେ ଭାଷଣ ଦେଇ ସେ କହିଥିଲେ ଯେ ଏପରି କିଛି ସ୍ଥାନ ଅଛି ଯେଉଁଠାରେ ଇସ୍ରାଏଲକୁ ଉଚ୍ଚ ସମ୍ମାନ ଦିଆଯାଇଥାଏ। ଭାରତର ଜନସଂଖ୍ୟା ୧.୪ ବିଲିୟନ ଏବଂ ଇସ୍ରାଏଲ ସେଠାରେ ଅତ୍ୟନ୍ତ ଲୋକପ୍ରିୟ। ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଏଠାରେ ବହୁତ ସ୍ନେହ ସହିତ ସ୍ୱାଗତ କରାଯାଇଥିଲା। ଯେତେବେଳେ ମୁଁ ମୋ ପତ୍ନୀଙ୍କ ସହିତ ଭାରତ ଗସ୍ତ କରିଥିଲି, ଏହା ପ୍ରକୃତରେ ଏକ ପ୍ରେମ ଉତ୍ସବ ପରି ଅନୁଭବ ହୋଇଥିଲା।

## ବିଳମ୍ବିତ ରାୟକୁ ନେଇ ସୁପ୍ରିମକୋର୍ଟ ଖପ୍ପା



**ନୂଆଦିଲ୍ଲୀ,୨୯।୫:** ବିଳମ୍ବିତ ରାୟକୁ ନେଇ ସୁପ୍ରିମକୋର୍ଟ କଡ଼ା ଆଭିମୁଖ୍ୟ ପୋଷଣ କରିଛନ୍ତି। ବିଭିନ୍ନ ହାଇକୋର୍ଟରେ ବିଳମ୍ବିତ ରାୟକୁ ନେଇ ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଦେଶର ସବୁ ହାଇକୋର୍ଟମାନଙ୍କୁ ତୁରନ୍ତ ମାମଲା ସବୁର ଫଇସଲା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାୟ ସଂରକ୍ଷିତ ରଖିବାର ସର୍ବାଧିକ ୩ ମାସ ମଧ୍ୟରେ ଫୈସଲା କରାଯିବା ଦରକାର ବୋଲି ସର୍ବୋଚ୍ଚ ଅଦାଲତ ପରାମର୍ଶ ଦେଇଛନ୍ତି। ଧାରା ୧୪୨ ଅନୁଯାୟୀ ନିଜ କ୍ଷମତା ବ୍ୟବହାର କରି ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ଜାମିନ ଶୁଣାଣି ଉପରେ ବି ଟାଇମ୍ ଲାଇନ୍ ଜାରି କରିଛନ୍ତି। ଜାମିନ ଆବେଦନ ଶୁଣାଣି ସେହିଦିନ କିମ୍ବା ପରଦିନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜାମିନ ଶୁଣାଣିର ଆଦେଶ ତୁରନ୍ତ ଜେଲ୍ ପ୍ରଶାସନକୁ ଜଣାଇବାକୁ କହିଛନ୍ତି। ସେହିପରି ଜାମିନ ପାଇଥିବା ବିଚାରାଧୀନ କଏଦୀଙ୍କୁ ସେହିଦିନ ମୁକ୍ତ କରିବାକୁ ଉଚ୍ଚନ୍ୟାୟାଳୟ କହିଛନ୍ତି। ଏଥିସହିତ ୨୪ ଘଣ୍ଟା ମଧ୍ୟରେ ସମସ୍ତ ରାୟ ହାଇକୋର୍ଟ ୱେବସାଇଟ୍‌ରେ ଅପଲୋଡ୍ କରିବାକୁ କୁହାଯାଇଛି।

## ଛାତ୍ରୀବାସ ଅଗ୍ନିକାଣ୍ଡରେ ୧୬ ମୃତ



**ନାଇରୋବୀ,୨୯।୫:** କେନିଆର ନକୁରୁ କାଉଣ୍ଟି ସ୍ଥିତ ଗିଲଗିଟ୍‌ର ଉଟୁମିଶି ଗାର୍ଲ୍ସ ଏକାଡେମୀର ହଷ୍ଟେଲରେ ଲାଗିଥିବା ଭୀଷଣ ଅଗ୍ନିକାଣ୍ଡରେ ୧୬ ଜଣ ଛାତ୍ରୀଙ୍କର ମୃତ୍ୟୁ ଘଟିଛି। ଏହି ଘଟଣାରେ ୭୪ ଜଣ ଆହତ ହୋଇଛନ୍ତି। କେନିଆ ରେଡକ୍ରସ୍ ଅନୁସାରେ, ନିଆଁ ଲାଗିବାର ସୂଚନା ମିଳିବା ମାତ୍ରେ ତୁରନ୍ତ ଜରୁରୀକାଳୀନ ସେବା, ଆମ୍ବୁଲାନ୍ସ ଟିମ୍‌ର ସହାୟତା ଦିଆଯାଇଥିଲା। ଉଦ୍ଧାର ଅଭିଯାନ ସଙ୍ଗେସଙ୍ଗେ ଆରମ୍ଭ କରାଯାଇଥିଲା ଅଧିକାରୀଙ୍କ ସୂଚନା ଅନୁସାରେ, ବହୁ ଛାତ୍ରୀଙ୍କ ସ୍ଥିତି ଏବେ ବି ଗମ୍ଭୀର ରହିଛି। ଆହତଙ୍କ ଚିକିତ୍ସା ସେଣ୍ଟ ଜୋସେଫ୍ ହସ୍ପିଟାଲ ସହିତ ଅନ୍ୟ ଚିକିତ୍ସା କେନ୍ଦ୍ରରେ ଚାଲିଛି। କେନିଆର ଶିଶୁ ସେବା ବିଭାଗ ବଞ୍ଚିଥିବା ଛାତ୍ର, ମୃତକଙ୍କ ପରିବାର, ଶିକ୍ଷକ ଏବଂ ରିଲିଫ୍ କର୍ମୀଙ୍କୁ ସହାୟତା କରିବା ପାଇଁ କାଉନସେଲିଂ ବିଶେଷଜ୍ଞଙ୍କୁ ନିୟୋଜିତ କରିବାର ଘୋଷଣା କରିଛି। ଅଗ୍ନିକାଣ୍ଡର କାରଣ ସମ୍ପର୍କରେ ତଦନ୍ତ ଜାରି ରହିଛି।

## ନେପାଳ ସାଧାରଣତନ୍ତ୍ର ଦିବସ
## ଭାଷଣ ଦେଲେନି କି ଶୁଭେଚ୍ଛା ଜଣାଇଲେନି ପ୍ରଧାନମନ୍ତ୍ରୀ



**କାଠମାଣ୍ଡୁ, ୨୯।୫:** ନେପାଳର ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହ (ବାଲେନ ଶାହ) ପୁଣି ଥରେ ନିଜ ଦେଶର ଏକ ବଡ଼ ପରମ୍ପରାକୁ ଭାଙ୍ଗି ଚର୍ଚ୍ଚାକୁ ଆସିଛନ୍ତି। ନେପାଳ ଇତିହାସରେ ସେ ପ୍ରଥମ ଏଭଳି ପ୍ରଧାନମନ୍ତ୍ରୀ, ଯିଏ ସାଧାରଣତନ୍ତ୍ର ଦିବସରେ ଅଭିଭାଷଣ ଦେଇନାହାନ୍ତି। ପ୍ରତିବର୍ଷ ମେ ୨୮ ତାରିଖରେ ନେପାଳରେ ସାଧାରଣତନ୍ତ୍ର ଦିବସ ପାଳନ କରାଯାଏ। ୨୦୦୮ ମସିହା ମେ ୨୮ ସେହି ଐତିହାସିକ ଦିନ ଯେଉଁଦିନ ନେପାଳକୁ ଏକ ସଂଘୀୟ ଗଣତାନ୍ତ୍ରିକ ପ୍ରଜାତନ୍ତ୍ର ଭାବେ ଘୋଷଣା କରାଯାଇଥିଲା ଏବଂ ଦେଶରେ ଚାଲିଆସୁଥିବା ୨୪୦ ବର୍ଷର ପୁରୁଣା ରାଜତନ୍ତ୍ରର ଅନ୍ତ ଘଟିଥିଲା।

ଚଳିତ ବର୍ଷ ଏହି ଅବସରରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ସମ୍ବୋଧିତ କରିବାର ଦୀର୍ଘ ଦିନର ପରମ୍ପରା। ପ୍ରଧାନମନ୍ତ୍ରୀ ଦେଶର ଲୋକମାନଙ୍କୁ ସମ୍ବୋଧିତ କରିବା ସହିତ ସମସ୍ତଙ୍କୁ ଶୁଭେଚ୍ଛା ଜ୍ଞାପନ କରିବା କଥା। ମାତ୍ର ପ୍ରଥମ ଥର ପାଇଁ ତାହା ଭଙ୍ଗ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ବଦଳରେ ରାଷ୍ଟ୍ରପତି ରାମଚନ୍ଦ୍ର ପୌଡେଲ ଟୁଣ୍ଡିଖେଲ ସେନା ମୈଦାନରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଅଭିଭାଷଣ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ବାଲେନ ଶାହ ଏହି ସରକାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ସତ, କିନ୍ତୁ ନିଜେ କୌଣସି ଭାଷଣ ଦେଇନଥିଲେ। ବାସ୍ତବରେ, ବାଲେନ ଶାହ ନିଜେ ରାଷ୍ଟ୍ରପତି ପୌଡେଲଙ୍କୁ ଏକ ପତ୍ର ଲେଖି ଏହି ବିଶେଷ ସମାରୋହକୁ ସମ୍ବୋଧିତ କରିବା ପାଇଁ ଅନୁରୋଧ କରିଥିଲେ।

## ହର୍ମୁଜ୍ ପ୍ରଣାଳୀ ପାର୍‌କଲା ନିସୋସ୍ କେରୋସ୍



### ୩ରେ ପହଞ୍ଚିବ ବିଶାଖାପାଟଣା

**ନୂଆଦିଲ୍ଲୀ,୨୯।୫:** ଭାରତ ଅଭିମୁଖେ ଯାଉଥିବା ତୈଳ ଟ୍ୟାଙ୍କର୍ 'ନିସୋସ୍ କେରୋସ୍' ସଫଳତାର ସହ ହର୍ମୁଜ୍ ପ୍ରଣାଳୀ ପାର କରିଛି। ଏବେ ଏହା ବିଶାଖାପାଟଣା ଅଭିମୁଖେ ଯାତ୍ରା କରୁଥିବା ବେଳେ ଜୁନ୍ ୩ ତାରିଖରେ ଏହା ବିଶାଖାପାଟଣା ବନ୍ଦରରେ ପହଞ୍ଚିବା ଆଶା କରାଯାଉଛି।

ମେ ୨୧ତାରିଖରେ ସାରଜାହାରୁ ବାହାରିଥିବା ଏହି ଜାହାଜଟି ଭାରତର ପଶ୍ଚିମ ତଟରୁ ଉତ୍ତର ଆରବ ସାଗର ଦେଇ ଗତି କରୁଥିବା ସମୟରେ ଟ୍ରାକ୍ କରାଯାଇଥିଲା। ଇରାନର ସରକାରୀ ଗଣମାଧ୍ୟମ ରିପୋର୍ଟ କରିଛି ଯେ, ପ୍ରସ୍ତାବିତ ପରିବହନ ନିୟମ ଏବଂ ଫି ଉପରେ ଆଲୋଚନା ଚାଲିଥିବା ପରିପ୍ରେକ୍ଷୀରେ ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ନୌସେନା ୨୪ ଘଣ୍ଟା ମଧ୍ୟରେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ ଦେଇ ୨୩ଟି ବାଣିଜ୍ୟିକ ଜାହାଜକୁ ପାର କରାଇଛି।

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱରେ ଯୁକ୍ତରାଷ୍ଟ୍ର ହର୍ମୁଜ୍ ପ୍ରଣାଳୀ ଦେଇ ମୁକ୍ତ ନୌଚାଳନା ପାଇଁ ଆହ୍ୱାନକୁ ପୁନର୍ବାର ଦୋହରାଇଛି। ଏହି ଅଞ୍ଚଳରେ ବୃଦ୍ଧି ପାଉଥିବା ଉତ୍ତେଜନା ବିଶ୍ୱ ଶକ୍ତି ଯୋଗାଣ ଶୃଙ୍ଖଳରେ ସମ୍ଭାବ୍ୟ ବାଧା ସୃଷ୍ଟି କରିବା ନେଇ ଚିନ୍ତା ସୃଷ୍ଟି କରିଛି, ଯଦିଓ ବାଣିଜ୍ୟିକ ଜାହାଜଗୁଡ଼ିକ କଡ଼ା ନଜରରେ ଜଳପଥରେ ନୌଚାଳନା ଜାରି ରଖିଛନ୍ତି।

## ଦ୍ୱିଶା ଶର୍ମା ମୃତ୍ୟୁ ମାମଲା ଗିରିବାଳା ସିଂଙ୍କ ହାଜତ ମିଆଦ ବୃଦ୍ଧି ଆବେଦନ



**ନୂଆଦିଲ୍ଲୀ, ୨୯।୫:** ବହୁଚର୍ଚ୍ଚିତ ଦ୍ୱିଶା ଶର୍ମା ମୃତ୍ୟୁ ମାମଲାରେ ଅବସରପ୍ରାପ୍ତ ବିଚାରପତି ଗିରିବାଳା ସିଂହ ଏବଂ ତାଙ୍କ ପୁଅ ସମର୍ଥ ସିଂହଙ୍କ ହାଜତ ମିଆଦକୁ ପାଞ୍ଚ ଦିନ ବୃଦ୍ଧି କରିବାକୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଅନୁରୋଧ କରିଛି। ତଦନ୍ତ ସଂସ୍ଥା ପକ୍ଷରୁ କୁହାଯାଇଛି ଯେ, ଅଭିଯୁକ୍ତଙ୍କୁ ପ୍ରମାଣ ସହିତ ସାମ୍ନା କରିବା ଏବଂ ଯୌତୁକ ନିର୍ଯାତନା, ଷଡ଼ଯନ୍ତ୍ର ଏବଂ ଦ୍ୱିଶା ଶର୍ମାଙ୍କ ମୃତ୍ୟୁ ସମ୍ପର୍କିତ ସନ୍ଦେହଜନକ ପରିସ୍ଥିତି ସହିତ ଜଡ଼ିତ ଅସଙ୍ଗତି ସ୍ପଷ୍ଟ କରିବା ପାଇଁ ଆହୁରି ହେପାଜତ ଜେରା ଆବଶ୍ୟକ। ଏହି ମାମଲାରେ ପୂର୍ବରୁ ଗିରଫ ଏବଂ ଜାମିନ ବାତିଲ ସମେତ ଅନେକ ଆଇନଗତ ମୋଡ଼ ଦେଖାଯାଇଛି। ମଧ୍ୟପ୍ରଦେଶ ହାଇକୋର୍ଟ ଗିରିବାଳା ସିଂହଙ୍କ ଆଗୁଆ ଜାମିନକୁ ରଦ୍ଦ କରିବା ପରେ ସିବିଆଇ ସମ୍ପ୍ରତି ଏହାର ତଦନ୍ତକୁ ତୀବ୍ର କରିଛି, ଯାହା ଦ୍ୱାରା ଏଜେନ୍ସି ତାଙ୍କୁ ହେପାଜତକୁ ନେଇପାରିବ। ଦ୍ୱିଶା ଶର୍ମାଙ୍କ ସ୍ୱାମୀ ସମର୍ଥ ସିଂହ ମଧ୍ୟ ତଦନ୍ତାଧୀନ ଅଛନ୍ତି ଏବଂ ତଦନ୍ତର ଏକ ଅଂଶ ଭାବରେ ତାଙ୍କୁ ହେପାଜତରେ ରଖାଯାଇଛି।

ଯୌତୁକ ସମ୍ବନ୍ଧୀୟ ନିର୍ଯାତନାର ଅଭିଯୋଗ ଏବଂ ଦ୍ୱିଶା ଶର୍ମାଙ୍କ ମୃତ୍ୟୁ ପରିସ୍ଥିତି ଉପରେ ବିବାଦୀୟ ଦାବି ଯୋଗୁଁ ଏହି ମାମଲା ଦେଶବ୍ୟାପୀ ଦୃଷ୍ଟି ଆକର୍ଷଣ କରିଛି, ଯାହାକୁ ପ୍ରଥମେ ଆତ୍ମହତ୍ୟା ବୋଲି ରିପୋର୍ଟ କରାଯାଇଥିଲା କିନ୍ତୁ ଏବେ ଏହାକୁ ଏକ ସନ୍ଦେହଜନକ ଦୁଷ୍କର୍ମ ମାମଲା ଭାବରେ ତଦନ୍ତ କରାଯାଉଛି।

ତଦନ୍ତ ଜାରି ରହିଥିବାରୁ କୋର୍ଟ ପରବର୍ତ୍ତୀ ଶୁଣାଣିରେ ସିବିଆଇର ହେପାଜତ ବୃଦ୍ଧି ଆବେଦନର ଶୁଣାଣି କରିବେ ବୋଲି ଆଶା କରାଯାଉଛି।

## ସିଦ୍ଧରମୈୟାଙ୍କ ଇସ୍ତଫା ଗ୍ରହଣ କଲେ ରାଜ୍ୟପାଳ



**ନୂଆଦିଲ୍ଲୀ,୨୯।୫:** କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ଇସ୍ତଫାକୁ ରାଜ୍ୟପାଳ ଥାୱରଚାନ୍ଦ ଗେହଲଟ ଗ୍ରହଣ କରିଛନ୍ତି। ସିଦ୍ଧରମୈୟା ଇସ୍ତଫା ଦେବା ସମୟରେ ରାଜ୍ୟପାଳ ଅନୁପସ୍ଥିତ ଥିବାରୁ ସେ ତାଙ୍କ ବ୍ୟକ୍ତିଗତ ସଚିବଙ୍କୁ ଇସ୍ତଫାପତ୍ର ପ୍ରଦାନ କରିଥିଲେ। ବେଙ୍ଗାଲୁରୁରେ ପହଞ୍ଚିବା ପରେ ରାଜ୍ୟପାଳ ସିଦ୍ଧରମୈୟାଙ୍କ ଇସ୍ତଫା ଗ୍ରହଣ କରିଛନ୍ତି। ଏହାସହିତ ଡିକେ ଶିବକୁମାରଙ୍କ ମୁଖ୍ୟମନ୍ତ୍ରୀ ହେବା ସ୍ପଷ୍ଟ ହୋଇଛି। ସୂତ୍ର ଅନୁସାରେ, ଶିବକୁମାର ଜୁନ୍ ୧ କିମ୍ବା ଜୁନ୍ ୩ ତାରିଖରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇପାରନ୍ତି।

କର୍ଣ୍ଣାଟକରେ ୪ ଜଣ ଉପମୁଖ୍ୟମନ୍ତ୍ରୀ ରହିବା ସମ୍ଭାବନା ରହିଛି। କଂଗ୍ରେସ ସୂତ୍ର ଅନୁସାରେ, ସିଦ୍ଧରମୈୟା, ଡିକେ ଶିବକୁମାର ଏବଂ ରଣଦୀପ ସୁରଜେୱାଲାଙ୍କ ସହିତ ଦଳର ଶୀର୍ଷ ନେତୃତ୍ୱ ଏ ବାବଦରେ ଆଲୋଚନା କରିପାରନ୍ତି। ସେତିକିନୁହେଁ, ରାଜ୍ୟସଭା ପ୍ରାର୍ଥୀ, ଏମ୍ଏଲ୍‌ସି ପ୍ରାର୍ଥୀ ଏବଂ କ୍ୟାବିନେଟ୍ ପୁନର୍ଗଠନ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ସିଦ୍ଧରମୈୟାଙ୍କ କ୍ୟାବିନେଟ୍‌ରେ ଥିବା ମନ୍ତ୍ରୀମାନଙ୍କ ମଧ୍ୟରୁ ଅନେକ ଡିକେ ଶିବକୁମାରଙ୍କ କ୍ୟାବିନେଟରେ ସ୍ଥାନ ପାଇବାର ସମ୍ଭାବନା କମ୍ ରହିଛି।

## ନିୟନ୍ତ୍ରଣ ବାହାରେ ଇବୋଲା, ଟିକା ପାଇଁ ଚାଲିଛି ସଂଘର୍ଷ



**ନୂଆଦିଲ୍ଲୀ,୨୯।୫:** ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି ଇବୋଲା ମହାମାରୀ। ମାରାତ୍ମକ ଭୂତାଣୁ ଜନିତ ରୋଗ ଦ୍ରୁତ ଗତିରେ ବ୍ୟାପୁଥିବାରୁ ଏବଂ ଏହାର କୌଣସି ଚିକିତ୍ସା ନଥିବାରୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ ଏହି ସଂକ୍ରମଣ ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ବର୍ତ୍ତମାନ ଏହି ରୋଗର ମୃତ୍ୟୁ ହାର ପ୍ରାୟ ୫୦ ପ୍ରତିଶତ ରହିଛି। ପୂର୍ବ ସଂକ୍ରମଣ ସମୟରେ ଏହା ୯୦ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚିଥିଲା। ଏହି ସ୍ଥିତିକୁ ଦେଖି ବୈଜ୍ଞାନିକମାନେ ଏକ ପ୍ରତିଷେଧକ ଟିକା ପ୍ରସ୍ତୁତ କରିବା ପାଇଁ ଦିନରାତି ଏକ୍ କରିଦେଇଛନ୍ତି। ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋରେ ଏହି ରୋଗର ବିରଳ ବୁଣ୍ଡିବୁଗୟୋ ଷ୍ଟ୍ରେନ୍ ଯୋଗୁଁ ୨୨୦ ଜଣଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସ୍ୱୀକାର କରିଛି ଯେ ସଂକ୍ରମଣର ହାର ବର୍ତ୍ତମାନ ମୁକାବିଲା କରିବା ସ୍ତରଠାରୁ ଅଧିକ ହୋଇଛି। 'ହୁ' ମହାନିର୍ଦ୍ଦେଶକ ଡକ୍ଟର ଟେଡ୍ରୋସ୍ ଆଧାନମ ଘେବ୍ରେୟସସ୍ କହିଛନ୍ତି, ଆମେ ମୁକାବିଲା କ୍ଷମତାକୁ ବୃଦ୍ଧି କରୁଛୁ, କିନ୍ତୁ ବର୍ତ୍ତମାନ ମହାମାରୀ ଆମକୁ ପଛରେ ପକାଇ ଦେଇଛି।

## ଏଣିକି ଜରୁକାଳୀନ ସେବା ଲାଗି ଗୋଟିଏ ନମ୍ବର

**ନୂଆଦିଲ୍ଲୀ,୨୯।୫:** ଜରୁରୀକାଳୀନ ହେଲ୍ପଲାଇନ୍ ନମ୍ବରକୁ ନେଇ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି, ଯାହା ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ପ୍ରଯୁଜ୍ୟ ଏବଂ ତିନି ମାସ ମଧ୍ୟରେ ପାଳନ କରିବାକୁ ବାଧ୍ୟ। ଏହି ସମସ୍ୟାଟି ଜରୁରୀକାଳୀନ କଲ୍ ନମ୍ବର ୧୦୦, ୧୦୧ ଏବଂ୧୦୮ ସହିତ ଜଡ଼ିତ, ଯାହାକୁ ପୁଲିସ, ଆମ୍ବୁଲାନ୍ସ କିମ୍ବା ଅଗ୍ନିଶମ ବାହିନୀକୁ ଡାକିବା ପାଇଁ ଡାଏଲ୍ କରାଯାଏ। ଏହି ନମ୍ବରଗୁଡ଼ିକୁ ବନ୍ଦ କରି ଗୋଟିଏ ହେଲ୍ପଲାଇନ୍ ନମ୍ବର ୧୧୨ ରେ ସଂଯୁକ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜଷ୍ଟିସ ଜେକେ ମାହେଶ୍ୱରୀ ଏବଂ ଏଏସ ଚାନ୍ଦୁରକରଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ, ଟ୍ରମା କେୟାର ସିଷ୍ଟମକୁ ଏକୀକୃତ କରିବା, ହେଲ୍ପଲାଇନ୍ ବିଷୟରେ ଜନସଚେତନତା ବୃଦ୍ଧି କରିବା ଏବଂ ପ୍ରାଥମିକ ଚିକିତ୍ସା ଦକ୍ଷତାକୁ ମାନକୀକରଣ କରିବାର ଏକ ଜରୁରୀକାଳୀନ ଆବଶ୍ୟକତା ରହିଛି। ତେଣୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ତିନି ମାସ ମଧ୍ୟରେ ସମସ୍ତ ଜରୁରୀକାଳୀନ ନମ୍ବରକୁ ୧୧୨ ସହିତ ସଂଯୋଗ କରିବାକୁ ବାଧ୍ୟତାମୂଳକ କରାଯାଇଛି। ଏହି ନମ୍ବର ଜରୁରୀକାଳୀନ ନମ୍ବର ୧୦୦, ୧୦୧, ୧୦୮, ୧୦୨, ୧୦୩୩ ଏବଂ ୧୦୯୧କୁ ଏକୀକୃତ କରିବ, ଯାହା ଗୋଟିଏ ହେଲ୍ପଲାଇନ୍ ମାଧ୍ୟମରେ ସମସ୍ତ ସେବା ପ୍ରଦାନ କରିବ।

# ୨୦୨୬ରୁ ୨୦୩୦ ହେବ ସବୁଠାରୁ ତତଲା ବର୍ଷ



● ୧.୯ ଡିଗ୍ରୀରୁ ଅଧିକ ରହିବ ବିଶ୍ୱ ତାପମାତ୍ରା
● ଅର୍ଥନୀତି ଉପରେ ପଡ଼ିବ ସାଂଘାତିକ ପ୍ରଭାବ: ଜାତିସଂଘ

**ନୂଆଦିଲ୍ଲୀ,୨୯।୫:** ଆସନ୍ତା ୫ ବର୍ଷ ମଧ୍ୟରେ ସାରା ବିଶ୍ୱରେ ପ୍ରବଳ ଗରମ ଅନୁଭୂତ ହେବ। ଗ୍ରୀନହାଉସ୍ ଗ୍ୟାସ ନିର୍ଗମନ ଓ ଏଲ୍-ନିନୋ ପ୍ରଭାବ ଯୋଗୁଁ ପ୍ରବଳ ଗ୍ରୀଷ୍ମ ପ୍ରବାହ ବଢ଼ିବାର ଆଶଙ୍କା ରହିଛି। ଆଗକୁ ଆହୁରି ଭୟଙ୍କର ପ୍ରଚଣ୍ଡ ଜ୍ୱାଳା ଦେଖାଦେବ। ଆଉ ଏହା ସବୁ ବର୍ଷର ରେକର୍ଡକୁ ଅତିକ୍ରମ କରିବ। ୨୦୩୦ ମସିହା ସୁଦ୍ଧା ବିଶ୍ୱରେ ପ୍ରଳୟଙ୍କାରୀ ଗ୍ରୀଷ୍ମ ପ୍ରବାହ ନେଇ ଚେତାବନୀ ଜାରି କରିଛି ବିଶ୍ୱ ପାଣିପାଗ ସଂଗଠନ। ଜାତିସଂଘର ଏହି ସଂଗଠନର ରିପୋର୍ଟ ଅନୁସାରେ ୨୦୨୬ରୁ ୨୦୩୦ ମସିହା ମଧ୍ୟରେ ବିଶ୍ୱ ତାପମାତ୍ରା ୧.୩ ଡିଗ୍ରୀରୁ ୧.୯ ଡିଗ୍ରୀରୁ ଅଧିକ ରହିବବୋଲି ୭୫ ପ୍ରତିଶତ ସମ୍ଭାବନା ରହିଛି।

ଏପରିକି ବିଶ୍ୱବାସୀଙ୍କୁ ସର୍ବକାଳୀନ ରେକର୍ଡ ଭାଙ୍ଗିବା ଭଳି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହର ସାମ୍ନା କରିବାକୁ ପଡ଼ିପାରେ। ୨୦୨୪ ମସିହା ସବୁଠାରୁ ଗରମର ବର୍ଷ ଥିଲା। କିନ୍ତୁ ଆସନ୍ତା ୫ ବର୍ଷରେ ଏହି ରେକର୍ଡ ଭାଙ୍ଗିବାର ୮୬ ପ୍ରତିଶତ ସମ୍ଭାବନା ରହିଛି ବୋଲି ବିଶ୍ୱ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଜାତିସଂଘର ପରିବେଶ ବିଶେଷଜ୍ଞଙ୍କ ମତରେ ପୃଥିବୀରେ ଅତ୍ୟଧିକ ମାତ୍ରାରେ ଗରମ ହେବାର ମୁଖ୍ୟତଃ ଦୁଇଟି କାରଣ ରହିଛି।

ଏହି ରିପୋର୍ଟରେ ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି ଯେ ଆର୍କଟିକ ଅଞ୍ଚଳ ବିଶ୍ୱର ଅନ୍ୟାନ୍ୟ ଅଞ୍ଚଳ ତୁଳନାରେ ପ୍ରାୟ ୩.୫ ଗୁଣ ଦ୍ରୁତ ଗତିରେ ଉଷ୍ମ ହେଉଛି। ୨୦୨୬ ରୁ ୨୦୩୦ ପର୍ଯ୍ୟନ୍ତ ଆର୍କଟିକ୍‌ର ତାପମାତ୍ରା ହାରାହାରି ୧.୬୬ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇପାରେ। ବରଫ ସଙ୍କୁଚିତ ହେବା ସହିତ ସମୁଦ୍ର ଅଧିକ ସୂର୍ଯ୍ୟକିରଣ ଶୋଷଣ କରିବ। ଫଳରେ ଉଷ୍ମତା ବୃଦ୍ଧି ପାଇବ। ଏହି ଚକ୍ର ବିକଶିତ ହେଉଛି। ଶୀତଦିନେ ଆର୍କଟିକ ଆହୁରି ଉଷ୍ମ ହେବ, ଯାହା ବିଶ୍ୱ ଜଳବାୟୁକୁ ପ୍ରଭାବିତ କରିବ।

ଏହାର କାରଣ ହେଲା ଗ୍ରୀନହାଉସ୍ ଗ୍ୟାସର ଅନିୟନ୍ତ୍ରିତ ନିର୍ଗମନ, ଶିଳ୍ପାୟନ, ଜଙ୍ଗଲ କ୍ଷୟ, ଜୀବାଶ୍ମ ଇନ୍ଧନର ବହୁଳ ବ୍ୟବହାର ଯୋଗୁ ବାୟୁମଣ୍ଡଳରେ କାର୍ବନ ଡାଇଅକ୍ସାଇଡ।

# ମହାପ୍ରସାଦ ଜବତ କଲା ଶ୍ରୀମନ୍ଦିର ପ୍ରଶାସନ

**ପୁରୀ, ୨୯।୫ (ସଂଚାର ବ୍ୟୁରୋ) :** ଶ୍ରୀମନ୍ଦିରରୁ ମହାପ୍ରସାଦ ଜବତ। ଶ୍ରୀମନ୍ଦିର ପ୍ରଶାସନ ଜବତ କରିଛି ମହାପ୍ରସାଦ। ସକାଳ ଧୂପ ସମୟରେ ନିୟମ ଠାରୁ ଅଧିକ ମହାପ୍ରସାଦ ପ୍ରସ୍ତୁତ କରିଥିବା ଯୋଗୁଁ ଶ୍ରୀମନ୍ଦିର ପ୍ରଶାସନ ଏଭଳି ପଦକ୍ଷେପ ନେଇଛି। ତେବେ ଜବତ ହୋଇଥିବା ମହାପ୍ରସାଦକୁ ସମ୍ପୃକ୍ତ ପ୍ରସ୍ତୁତକାରୀ ତଥା ମହାସୁଆର ସେବକଙ୍କୁ ଦିଆଯାଇ ନାହିଁ। ଜବତ ହୋଇଥିବା ମହାପ୍ରସାଦକୁ ଶ୍ରୀମନ୍ଦିର ପ୍ରଶାସନ ବାଳାଶ୍ରମକୁ ପଠାଇ ଦେଇଛି। ଅନ୍ନ, ଖେଚେଡ଼ି, କାନିକା ଓ ଡାଲେମାକୁ ଜବତ କରାଯାଇ ବାଳାଶ୍ରମକୁ ପଠାଯାଇଛି।



ସେପଟେ ଏନେଇ ସୁଆର ମହାସୁଆର ନିଯୋଗ ଏବଂ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀଙ୍କ ସହିତ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ତେବେ ସକାଳ ଧୂପ ସମୟରେ କେତେ ଅଭଡା ଲାଗିବ ସେ ସମ୍ପର୍କରେ ସ୍ୱତଲିପିରେ ଉଲ୍ଲେଖ ରହିଛି। ସ୍ୱତଲିପିର ନିୟମକୁ ଉଲ୍ଲଂଘନ କରାଯାଇ ଅଧିକ ମାତ୍ରାରେ ଅଭଡା ଭୋଗ ଲାଗି କରାଯାଇଥିବା ଅଭିଯୋଗ ହୋଇଥିଲା। ଶ୍ରୀମନ୍ଦିର କମାଣ୍ଡର ଏହାକୁ ଜବତ କରି ବାଳାଶ୍ରମକୁ ପଠାଇ ଦେଇଛନ୍ତି। ପୂର୍ବରୁ ମଧ୍ୟ ଏଭଳି ଘଟଣା ଶ୍ରୀମନ୍ଦିରରେ ଘଟିଥିବା ନଜରକୁ ଆସିଛି।

# ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧିତ କଲେ ରାଜ୍ୟପାଳ




**ଭୁବନେଶ୍ୱର,୨୯।୫(ସଂଚାର ବ୍ୟୁରୋ):** ଜୀବନରେ ସଫଳତା ହାସଲ କରିବା ପାଇଁ ମୂଲ୍ୟବୋଧ, କରୁଣା ଓ ସାଧୁତା ବଜାୟ ରଖିବାକୁ ମାଟ୍ରିକ ଟପ୍ପରମାନଙ୍କୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି। ପ୍ରକୃତ ସଫଳତା କେବଳ ଶିକ୍ଷାଗତ ଉତ୍କର୍ଷତାରେ ନୁହେଁ, ବରଂ ସମାଜ ଏବଂ ମାନବ ସେବାରେ ରହିଛି ବୋଲି ମଧ୍ୟ କହିଛନ୍ତି। ଶୁକ୍ରବାର ଲୋକଭବନରେ ମାଧ୍ୟମିକ ଶିକ୍ଷା ବୋର୍ଡ, ସିବିଏସଇ ଓ ଆଇସିଏସଇ ଦ୍ୱାରା ପରିଚାଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା-୨୦୨୬ରେ ରାଜ୍ୟରେ ଟପ୍ପର ହୋଇଥିବା ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକମାନଙ୍କ ନିମନ୍ତେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ରାଜ୍ୟପାଳ ଏହା କହିଛନ୍ତି।

ଏହି ଅବସରରେ କୃତୀ ପ୍ରତିଭାବାନ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ଶ୍ରେଣୀଗୃହ ବାହାରେ ଥିବା ଦୁନିଆ ସୁଯୋଗ, ଦାୟିତ୍ୱ ଏବଂ ଆହ୍ୱାନରେ ପରିପୂର୍ଣ୍ଣ, ଯାହା ଜଣେ ବ୍ୟକ୍ତିର ଚରିତ୍ରକୁ ପରୀକ୍ଷା କରିଥାଏ। ଜୀବନ ଆପଣଙ୍କୁ କେବଳ ଆପଣ ରଖିଥିବା ମାର୍କ ଦ୍ୱାରା ମାପିବ ନାହିଁ, ବରଂ ଆପଣ ରଖିଥିବା ମୂଲ୍ୟବୋଧ, ଆପଣ ଦେଖାଉଥିବା କରୁଣା ଏବଂ ଅନ୍ୟର ଜୀବନରେ ରଖିଥିବା ସକାରାତ୍ମକ ପାର୍ଥକ୍ୟ ଦ୍ୱାରା ମାପିବ ବୋଲି ରାଜ୍ୟପାଳ କହିଥିଲେ।

କୃତିତ୍ୱ ହାସଲକାରୀମାନଙ୍କୁ ଅଭିନନ୍ଦନ ଜଣାଇ ରାଜ୍ୟପାଳ କହିଥିଲେ ଯେ ସେମାନଙ୍କ ସଫଳତା ସମର୍ପଣ, ଶୃଙ୍ଖଳା, ଦୃଢ଼ତା ଏବଂ ସାହସକୁ ପ୍ରତିଫଳିତ କରେ। ସେମାନଙ୍କର ସଫଳତା ରାଜ୍ୟକୁ ଗର୍ବିତ କରିଛି ଏବଂ ଅଗଣିତ ଅନ୍ୟ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଯୋଗାଇ ଦେଇଛି। ଶିକ୍ଷାଗତ ସଫଳତା ଏକ ବୃହତ ଯାତ୍ରାର ଆରମ୍ଭ ମାତ୍ର ବୋଲି କହିବା ସହ ଛାତ୍ରଛାତ୍ରୀମାନଙ୍କୁ ସମାଜ ଏବଂ ଦେଶର କଲ୍ୟାଣ ପାଇଁ ଦୃଢ଼ ଏବଂ ପ୍ରତିବଦ୍ଧ ରହିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶା ହେବ...

ଓଡ଼ିଶାକୁ କେବଳ ଏକ ସେମିକଣ୍ଡକ୍ଟର ହବ୍D ଭାବେ ପ୍ରତିଷ୍ଠିତ କରିବ ନାହିଁ, ବରଂ ଅତ୍ୟାଧୁନିକ ଟେକ୍ନୋଲୋଜି, ଏଆଇ ଭିତ୍ତିଭୂମି, ଡିଜିଟାଲ ରୂପାନ୍ତରଣ ଏବଂ ଡାଟା ସେଣ୍ଟର ପାଇଁ ରାଜ୍ୟ ବିଶ୍ୱସ୍ତରରେ ଏକ ପ୍ରତିଯୋଗୀ ଭାବେ ଉଭା ହେବ। ରାଜ୍ୟର ଯୁବକଯୁବତୀଙ୍କ ପାଇଁ ବିଶ୍ୱସ୍ତରୀୟ ସୁଯୋଗ ସୃଷ୍ଟି କରିବା ସହ ଭବିଷ୍ୟତକୁ ଦୃଷ୍ଟିରେ ରଖି ବହୁରାଷ୍ଟ୍ରୀୟ ପ୍ରଯୁକ୍ତି ବିଦ୍ୟାଭିତ୍ତିକ କମ୍ପାନୀଙ୍କୁ ଆମନ୍ତ୍ରଣ କରିବାକୁ ଏକ ପ୍ରଭାବଶାଳୀ ଭିତ୍ତିଭୂମି ସୃଷ୍ଟି କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ପ୍ରଯୁକ୍ତି ବିଦ୍ୟାର ଏହି ରୂପାନ୍ତରଣ କେବଳ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବନି। ଏହାଦ୍ୱାରା ଦେଶର ବୈଷୟିକ ଆତ୍ମନିର୍ଭରଶୀଳତା ବୃଦ୍ଧି କରିବ ଏବଂ ଓଡ଼ିଶା ବିଶ୍ୱର ଡଜିଟାଲ ଅର୍ଥନୀତିର ଅଭିବୃଦ୍ଧିରେ ଅଗ୍ରଣୀ ଭୂମିକା ଗ୍ରହଣ କରିବ। ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଏବଂ ଆତ୍ମନିର୍ଭର ଭାରତ ଗଠନ ସହ ତାଳ ଦେଇ ରାଜ୍ୟ ସରକାର ସେମିକଣ୍ଡକ୍ଟର, ଇଲୋକ୍ଟ୍ରୋନିକ୍ସ, ଏଆଇ ଓ ଡିଜିଟାଲ ଭିତ୍ତିଭୂମୀ ସୃଷ୍ଟି କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଐତିହାସିକ ବୁଝାମଣାପତ୍ର ସ୍ୱାକ୍ଷର ଭାରତରେ ସେମିକଣ୍ଡକ୍ଟର ଉତ୍ପାଦନର ସମ୍ପୂର୍ଣ୍ଣ ଇକୋସିଷ୍ଟମ ବିକାଶ କରିବା ପାଇଁ ସରକାରଙ୍କ ଦୃଷ୍ଟିକୋଣ ସହ ସମନ୍ୱିତ ବୋଲି କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଆପ୍ଲାଏଡ୍ ମ୍ୟାଟେରିଆଲ୍ସ ଇନକର୍ପୋରେଟେଡ୍, ଲାମ୍ ରିସର୍ଚ୍ଚ, ଟୋକିଓ ଇଲେକ୍ଟ୍ରନ୍ ଲିମିଟେଡ୍, ମର୍କ ଇଲେକ୍ଟ୍ରୋନିକ୍ସ ଭଳି ଫାର୍ମଗୁଡ଼ିକର ପ୍ରବେଶ ଦେଶରେ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରକୁ ସୁଦୃଢ଼ କରୁଛି। ଟାଟା ଇଲେକ୍ଟ୍ରୋନିକ୍ସ ଏବଂ ଡଚ୍ ବହୁରାଷ୍ଟ୍ରୀୟ ଏଏସଏମଏଲ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ସେମିକଣ୍ଡକ୍ଟର କ୍ଷେତ୍ରରେ ସରକାରଙ୍କ ପ୍ରୟାସ ଏବଂ ଭାରତରେ ଉଦ୍ୟୋଗ ପ୍ରତି ଯେଉଁ ବିଶ୍ୱାସ ରହିଛି, ତା'ର ସ୍ୱୀକୃତିକୁ ପ୍ରତିଫଳିତ କରୁଛି ବୋଲି ସେ କହିଛନ୍ତି।
ପ୍ରସ୍ତାବିତ ପ୍ରକଳ୍ପଟି ପାଞ୍ଚରୁ ୬ ବର୍ଷ ମଧ୍ୟରେ ପର୍ଯ୍ୟାୟ କ୍ରମେ କାର୍ଯ୍ୟକାରୀ କରାଯିବ। ଏହା ବ୍ୟାପକ ଉତ୍ପାଦନ ଓ ପ୍ରଯୁକ୍ତିବିଦ୍ୟା ଇକୋସିଷ୍ଟମରେ ଗୁରୁତ୍ୱପୂର୍ଣ୍ଣ ପରୋକ୍ଷ ନିଯୁକ୍ତି ସୃଷ୍ଟି କରିବା ସହ ପ୍ରତ୍ୟକ୍ଷ ଉଚ୍ଚ-କୁଶଳୀ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ଏହି ୟୁନିଟ୍ ଉନ୍ନତ ପ୍ୟାକେଜିଂ ଗ୍ଲାସ୍ କୋର୍ ସବଷ୍ଟ୍ରେଟ୍, ଉଚ୍ଚ-ଘନତାସମ୍ପନ୍ନ ଇଣ୍ଟରକନେକ୍ଟ ସବଷ୍ଟ୍ରେଟ୍ ଓ ସମ୍ବନ୍ଧିତ ସେମିକଣ୍ଡକ୍ଟର ପ୍ରଯୁକ୍ତିବିଦ୍ୟା ଉପରେ ଧ୍ୟାନ ଦେବ, ଯେଉଁଥିରେ ଇଣ୍ଟେଲ ପ୍ରଯୁକ୍ତିବିଦ୍ୟା ଜ୍ଞାନକୌଶଳ ଓ ପ୍ରକ୍ରିୟା ବିଶେଷଜ୍ଞତାକୁ ଉପଯୋଗ କରାଯିବ। ଏହା ଭାରତର ଦକ୍ଷତା ବିକାଶ, ଇକୋସିଷ୍ଟମ ଅଭିବୃଦ୍ଧି ଓ ରପ୍ତାନି-ମୁଖୀ ଉତ୍ପାଦନ କ୍ଷେତ୍ରରେ ଯୋଗଦାନ ଦେବ ବୋଲି ଆଶା କରାଯାଉଛି। ଏହି ପଦକ୍ଷେପ ଘରୋଇ ଉତ୍ପାଦନ, ଡିଜାଇନ୍ ଇକୋସିଷ୍ଟମ ଓ ଯୋଗାଣ ଶୃଙ୍ଖଳା କ୍ଷମତାକୁ ସୁଦୃଢ଼ କରିବା ପାଇଁ ଭାରତ ସେମିକଣ୍ଡକ୍ଟର ମିଶନ ଅଧୀନରେ ଚାଲିଥିବା ପ୍ରୟାସ ଉପରେ ଆଧାରିତ। ଏହା ଓଡ଼ିଶାକୁ ସେମିକଣ୍ଡକ୍ଟର ଉତ୍ପାଦନ ଓ ଡିଜିଟାଲ୍ ଭିତ୍ତିଭୂମି କ୍ଷେତ୍ରରେ ଉଦୀୟମାନ କେନ୍ଦ୍ର ମଧ୍ୟରେ ସ୍ଥାନିତ କରିବ।

### ଚଳିତ ବର୍ଷ...

ସେ ଆହୁରି କହିଛନ୍ତି ଯେ ଜୁଲାଇ ମାସଠାରୁ ମୁଖ୍ୟତଃ ମୌସୁମୀ ଉପରେ ଏଲ୍-ନିନୋ ତା'ର ପ୍ରଭାବ ବିସ୍ତାର କରିବ। ତେଣୁ ଓଡ଼ିଶା ସମେତ ସାରା ଭାରତରେ ଜୁଲାଇ ମାସରେ ଜୁନ୍‌ଠାରୁ ମଧ୍ୟ ବର୍ଷାର ପରିମାଣ ଆହୁରି କମିଯାଇପାରେ ବୋଲି ଆଶଙ୍କା କରାଯାଉଛି। ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ପାଇଁ ଆଇଏମ୍‌ଡି ଗ୍ରୀଷ୍ମପ୍ରବାହ (ହିଟ୍‌ୱେଭ୍) ସତର୍କତା ଜାରି କରିଛି। ଏଲ-ନିନୋ ପ୍ରଭାବରେ ଜୁନ ଓ ଜୁଲାଇରେ ପାରଦ ଉପରମୁହାଁ ହେବ ବୋଲି କହିବା ସହ ଲୋକମାନଙ୍କୁ ସତର୍କ ରହିବା ଓ ହାଇଡ୍ରେଟ୍ ରହିବା ପାଇଁ ପରାମର୍ଶ ଦିଆଯାଇଛି।

### ବିଷାକ୍ତ ମଦ...

ଏହି ମଦମୃତ୍ୟୁ ଘଟିଛି। ମଦରେ ବିଷାକ୍ତ ମିଥାନଲ ମିଶିଥିବା ଅନୁମାନ କରାଯାଉଛି। ମଦମୃତ୍ୟୁ ଘଟଣାର ମୂଳରେ ପହଞ୍ଚିବା ଲାଗି ପୁଲିସ ତଥା ଅବକାରୀ ବିଭାଗର ଅଧିକାରୀଙ୍କ ପକ୍ଷରୁ ବ୍ୟାପକ ତଦନ୍ତ ଆରମ୍ଭ କରାଯାଇଛି। ପୀଡ଼ିତମାନେ ସ୍ପିରିଟ୍‌ଯୁକ୍ତ ନକଲି ମଦ କିମ୍ବା ବିଷାକ୍ତ ହୋଇଯାଇଥିବା ମଦ୍ୟପାନ କରିଥାଇପାରନ୍ତି ବୋଲି ପୁଲିସ୍ ଅନୁମାନ କରୁଛି। ମଦରେ କୌଣସି ବିଷାକ୍ତ ପଦାର୍ଥ ମିଶିଥାଇପାରେ ବୋଲି କର୍ତ୍ତୃପକ୍ଷ ଆଶଙ୍କା କରୁଥିବା ବେଳେ ଫୋରେନ୍‌ସିକ୍ ତଥା ଟକ୍ସିକୋଲୋଜି ରିପୋର୍ଟ ମିଳିବା ପରେ ହିଁ ମୃତ୍ୟୁର ସଠିକ୍ କାରଣ ଜଣାପଡ଼ିବ ବୋଲି କୁହାଯାଉଛି। କେବଳ ପିମ୍ପ୍ରି-ଚିଞ୍ଚୱାଡ ଅନ୍ତର୍ଗତ ଫୁଗେୱାଡି ଅଞ୍ଚଳରେ ୧୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ହଡ଼ପସରରେ ୫ ଜଣଙ୍କର ମୃତ୍ୟୁ ଘଟିଛି, ଯେଉଁମାନଙ୍କ ମଧ୍ୟରେ ସାସାନେନଗର ଓ କାଲେପଦଲର ଦୁଇ ଜଣ ଥିବା ଜଣାପଡ଼ିଛି। ଏହି ମଦମୃତ୍ୟୁ ଘଟଣାରେ ଫୁଗେୱାଡ଼ିର ଗୋଟିଏ ପରିବାରର ଦୁଇ ଭାଇ ବିଷାକ୍ତ ମଦପିଇ ମୃତ୍ୟୁବରଣ କରିଛନ୍ତି। ହଡ଼ପସରରେ ରାହୁଲ ଶରଦ କ୍ଷୀରସାଗର (୪୫), ବିଜୟ ଶର୍ମା (୪୫), ଅରୁଣ ଦାଦର, ଅଶୋକ ରମେଶ ଚଭନ ଏବଂ ଫୁଗେୱାଡ଼ିର ରାଜେଶ ରାଜପୁତ, ପାଣ୍ଡୁରଙ୍ଗ ଫୁଗେ, ଆନନ୍ଦ ଦେଶାଇ, ଆକବର ପଠାନ ଓ ଆନନ୍ଦ ନିକାଲ୍ୟେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି।

### ପୋଷ୍ଟମାଷ୍ଟର...

ବିଧାୟକ ତଥା ବରିଷ୍ଠ ନେତା ରବିନାରାୟଣ ନନ୍ଦ ଜୟପୁରରେ ଏକ ସାମ୍ବାଦିକ ସମ୍ମିଳନୀ କରି ଏହି ଅଭିଯୋଗ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ମହାତ୍ମା ଗାନ୍ଧି ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ସହ ଅନ୍ୟ ସରକାରୀ ଯୋଜନାରେ ହିତାଧିକାରୀଙ୍କୁ ମିଳୁଥିବା ଟଙ୍କାକୁ କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାର ଅନେକ ଡାକଘର ହଡ଼ପ କରିଛନ୍ତି। ତଞ୍ଚକତା କରି ଲକ୍ଷାଧିକ ଜମା ଖାତାରୁ ଖୋଦ ଡାକଘର ପୋଷ୍ଟ ମାଷ୍ଟରମାନେ ଟଙ୍କା ଆତ୍ମସାତ କରିଛନ୍ତି। ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସହ ପୋଷ୍ଟ ଅଫିସରେ ଆକାଉଣ୍ଟ ଖୋଲି ଲୋକଙ୍କୁ ସେମାନଙ୍କ ମଜୁରୀ ଟଙ୍କା ଦିଆଯାଉଥିବା ବେଳେ ଡାକଘର କର୍ମଚାରୀମାନେ ସେହି ଟଙ୍କାକୁ ଚଲୁ କରିଛନ୍ତି। ତା' ସହିତ ଅନ୍ୟାନ୍ୟ ସରକାରୀ ଯୋଜନାର ଡିବିଟି ପାଣ୍ଠିକୁ ବି ହଡ଼ପ କରାଯାଇଛି। ଏହି ଠକେଇ ପାଇଁ ହିତାଧିକାରୀଙ୍କ ପରିଚୟପତ୍ରରେ ହେରଫେର କରାଯାଇଛି। ନବରଙ୍ଗପୁର ଜିଲ୍ଲାର ଡାବୁଗା, ଝରିଗାଁ ଓ କୋଡ଼ିଙ୍ଗା ଡାକଘରର ଅଧିକାଂଶ ଆକାଉଣ୍ଟଧାରୀଙ୍କ ଏପରି ଠକେଇର ଶିକାର ହୋଇଥିବା ଏହି ଦୁଇ ନେତା ଅଭିଯୋଗ କରିଥିଲେ। ଏଭଳି ଅଭିଯୋଗ ପାଇବା ପରେ ତଦନ୍ତ ଆରମ୍ଭ କରିଥିଲା ଡାକ ବିଭାଗ। ଏହାପରେ ବୈପାରୀଗୁଡ଼ା ପୋଷ୍ଟ ଅଫିସର ପୋଷ୍ଟ ମାଷ୍ଟର ଗୌରାଙ୍ଗ ସରକାରଙ୍କୁ ନିଲମ୍ବନ କରାଯାଇଥିବା ବେଳେ ଆଉ ଦୁଇ ପୋଷ୍ଟ ମାଷ୍ଟରଙ୍କ ବିରୋଧରେ ତଦନ୍ତ ଜାରି ରହିଛି।

### ଉଦ୍ଦେଶ୍ୟମୂଳକ ଭାବେ...

ଏସବୁ ଥିଲା ନବୀନଙ୍କ ଚାଲ୍ ବୋଲି ସିକ୍ତା ଅଭିଯୋଗ କରିଛନ୍ତି। ଦଳର ବହୁ ନେତା ଓ ତାଙ୍କ ବାପାଙ୍କ ପ୍ରତି ଯେଉଁ ଅନ୍ୟାୟ ହୋଇଛି, ତାର ଫଳ ଭୋଗୁଛନ୍ତି ନବୀନ। ବିଲେଇ ଯେପରି ଏକାଥରେ ମୂଷା ମାରେନି, ଠିକ ସେହିଭଳି ଶାସକ ଦଳ ବିଜେଡିକୁ ଦୁର୍ବଳ କରି ରଖିବ ବୋଲି ସିକ୍ତା କହିଛନ୍ତି।

## ରକ୍ତବିକ୍ରି ର୍‍ୟାକେଟର ୩ ଗିରଫ

**କୋଲକାତା,୨୯।୫(ସଂଚାର ବ୍ୟୁରୋ):** ରାଜ୍ୟରେ ସକ୍ରିୟ ଥିବା ବେଆଇନ୍ ରକ୍ତବିକ୍ରି ର୍‍ୟାକେଟ୍‌ର ୩ ଜଣଙ୍କୁ ପୁଲିସ୍ ଗିରଫ କରିଛି। ପ୍ରବଳ ଗରମରେ ରକ୍ତଦାନ ଶିବିରର ଅଭାବ ଯୋଗୁଁ ରକ୍ତର ଅଭାବ ପଡ଼ିଥାଏ। ଏହାର ଫାଇଦା ଉଠାଇ ବାଙ୍କୁଡ଼ା ସମ୍ମିଳନୀ ମେଡିକାଲ କଲେଜରେ ଏକ ରକ୍ତବିକ୍ରି ମୋଟା ଅଙ୍କର ଅର୍ଥ ବିନିମୟରେ ରୋଗୀଙ୍କୁ ରକ୍ତ ଯୋଗାଇଥାନ୍ତି। ଏହା ଜଣାପଡ଼ିବା ପରେ ପୁଲିସ ପକ୍ଷରୁ ଚଢ଼ାଉ କରାଯାଇ ବାଙ୍କୁଡ଼ା ସମ୍ମିଳନୀ ମେଡିକାଲ କଲେଜରେ ସକ୍ରିୟ ଥିବା ରକ୍ତବିକ୍ରି ରାକେଟର ତିନି ଜଣଙ୍କୁ ଗିରଫ କରାଯାଇଛି।

## ପୌରସଭାରେ ଅଧ୍ୟକ୍ଷଙ୍କ ବିରୋଧରେ ବିକ୍ଷୋଭ

**କୋଲକାତା,୨୯।୫(ସଂଚାର ବ୍ୟୁରୋ):** ହଳଦିଆ ପୌରସଭାରେ ଅଧ୍ୟକ୍ଷ ଶ୍ୟାମଲ ଆଦକଙ୍କ ବିରୋଧରେ କର୍ମୀମାନେ ବିକ୍ଷୋଭ କରିଛନ୍ତି। ହଳଦିଆର ବିଜେପି ନେତା ଏବଂ କର୍ମୀମାନେ ଘୋଷଣା କରିଛନ୍ତି ଯେ ସେମାନେ ଶ୍ୟାମଲଙ୍କ କର୍ତ୍ତୃତ୍ୱକୁ ଗ୍ରହଣ କରିବେ ନାହିଁ। ସେମାନେ ଶୁକ୍ରବାର ସକାଳଠାରୁ ପୌରସଭା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ପୂର୍ବତନ ହଳଦିଆ ପୌରସଭା ଅଧ୍ୟକ୍ଷ ଶ୍ୟାମଲ ଆଦକଙ୍କ ଆଗମନ ଖବର ପାଇବା ପରେ, ବିଜେପି ନେତା ଏବଂ କର୍ମୀମାନେ 'ଗୋ ବ୍ୟାକ୍' ପୋଷ୍ଟର ଧରି ପ୍ରତିବାଦ କରିବା ପାଇଁ ଭବନ ସମ୍ମୁଖରେ ଏକାଠି ହୋଇଥିଲେ।

## ତୃଣମୂଳ ବିଧାୟକଙ୍କ ଘରେ ସିଆଇଡି ଚଢ଼ାଉ

**କୋଲକାତା,୨୯।୫ (ସଂଚାର ବ୍ୟୁରୋ):** ସଂସଦୀୟ ଦଳ ପକ୍ଷରୁ ବିଧାନସଭାରେ ଦାଖଲ କରାଯାଇଥିବା ଏକ ଚିଠିର ଦସ୍ତଖତରେ ଅସଙ୍ଗତି ଥିବା ଅଭିଯୋଗରେ ଶୁକ୍ରବାର ସକାଳେ ସିଆଇଡି ତୃଣମୂଳ ବିଧାୟକ ଚନ୍ଦ୍ରନାଥ ସିହ୍ନାଙ୍କ ବୋଲପୁର ବାସଭବନ ଉପରେ ଚଢ଼ାଉ କରିଛି। ସିଆଇଡି ଇନ୍ସପେକ୍ଟର ମାନସ କୁମାର ରାୟ ଚୌଧୁରୀଙ୍କ ନେତୃତ୍ୱରେ ଏକ ସାତଜଣିଆ ଦଳ ବିଧାୟକଙ୍କ ବାସଭବନରେ ପହଞ୍ଚିଥିଲେ। ଏହି ଦଳରେ ଜଣେ ମହିଳା ଅଧିକାରୀ ମଧ୍ୟ ସାମିଲ ଥିଲେ। ତଦନ୍ତକାରୀମାନେ ବିଧାୟକଙ୍କ ସହିତ ଦୀର୍ଘ ସମୟ କଥାବାର୍ତ୍ତା କରିଥିବା ବେଳେ କ୍ୟାମେରାରେ ତାଙ୍କ ବୟାନ ରେକର୍ଡ କରାଯାଇଥିବା ଜଣାପଡିଛି। ତଦନ୍ତକାରୀ ସୂତ୍ର ଅନୁଯାୟୀ, ବିଧାନସଭାର ବିଧାୟକ ଦଳ ପକ୍ଷରୁ ଦାଖଲ ହୋଇଥିବା ଏକ ଚିଠିରେ ଥିବା ଦସ୍ତଖତ ସମ୍ପର୍କରେ ସନ୍ଦେହ ସୃଷ୍ଟି ହୋଇଛି। ବୋଲପୁର ତୃଣମୂଳ ବିଧାୟକ ଚନ୍ଦ୍ରନାଥ ସିହ୍ନା କହିଛନ୍ତି ଯେ, ଆମେ ମେ' ୬ ତାରିଖରେ ଏକ ବୈଠକ କରିଥିଲୁ, ଯେଉଁ ସମୟରେ ଶୋଭନ ଚାଟାର୍ଜୀଙ୍କୁ ବିରୋଧୀ ଦଳ ନେତା ଭାବରେ ନିର୍ବାଚିତ କରାଯାଇଥିଲା। ମୁଁ ସେହି ବୈଠକ ସମୟରେ ଏକ ଦସ୍ତାବିଜରେ ମୋର ଦସ୍ତଖତ କରିଥିଲି। ସେହି ଦସ୍ତଖତଟି ମେଳ ନ ଖାଇବାରୁ ସିଆଇଡି ପକ୍ଷରୁ ତାହାର ତଦନ୍ତ କରାଯାଇଛି।

## ତଦନ୍ତ ଲାଗି ୪ ଘର ସିଲ

**କୋଲକାତା,୨୯।୫ (ସଂଚାର ବ୍ୟୁରୋ):** ତଦନ୍ତ ନିମନ୍ତେ ତିଲଜଲାର ୪ଟି କ୍ଷତିଗ୍ରସ୍ତ ଘରକୁ ସିଲ୍ କରାଯାଇଛି। ଏହାର ପ୍ରତିବାଦରେ ସେହି ୪ଟି ଘରର ସଦସ୍ୟମାନେ କୋଲକାତା ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଜଣାଇଛନ୍ତି ଯେ, ସେମାନଙ୍କର ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ବ୍ୟକ୍ତିଗତ ଜିନିଷପତ୍ର ସିଲ୍ ହୋଇ ରହିଛି। ସେମାନେ ସେହି ଅତ୍ୟାବଶ୍ୟକୀୟ ଜିନିଷଗୁଡ଼ିକୁ ପୁନରୁଦ୍ଧାର କରିବାକୁ ଚାହାନ୍ତି।

## ପଦ୍ମଶ୍ରୀ ମଙ୍ଗଳାକାନ୍ତ ରାୟଙ୍କ ପରଲୋକ

**କୋଲକାତା,୨୯।୫(ସଂଚାର ବ୍ୟୁରୋ):** ପ୍ରସିଦ୍ଧ ସାରିନ୍ଦା ବାଦକ ତଥା ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ମଙ୍ଗଳାକାନ୍ତ ରାୟଙ୍କ ଦେହାନ୍ତ ହୋଇଛି। ତାଙ୍କୁ ୧୦୪ ବର୍ଷ ହୋଇଥିଲା। ଗୁରୁବାର ବିଳମ୍ବିତ ରାତିରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। କିଛି ମାସ ଧରି ମଙ୍ଗଳାକାନ୍ତ କର୍କଟରେ ପୀଡିତ ଥିଲେ। ଚିକିତ୍ସା ଲାଗି ତାଙ୍କୁ ଜଲପାଇଗୁଡ଼ି ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

# ମାଟିଆପଡ଼ା ଆର୍‌ଓବି କାର୍ଯ୍ୟର ସମୀକ୍ଷା କଲେ ପୂର୍ତ୍ତ ସଚିବ



**ଭୁବନେଶ୍ୱର,୨୯।୫(ସଂଚାର ବ୍ୟୁରୋ):** ଆଗକୁ ରଥଯାତ୍ରା ଥିବାରୁ ପୁରୀ ସହରର ଗମନାଗମନ ଏବଂ ଟ୍ରାଫିକ ନିୟନ୍ତ୍ରଣ ସରକାରଙ୍କ ପ୍ରାଥମିକତା ରହିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିଭାଗୀୟ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପୁରୀ ସହର ସମସ୍ତ ରାସ୍ତାଘାଟ ଓ ସେତୁ ନିର୍ମାଣ ନେଇ ସବୁବେଳେ ଗୁରୁତ୍ୱ ଦେଇଆସୁଛନ୍ତି। ରାଜ୍ୟ ସରକାରଙ୍କ ଯୋଜନାକୁ ସଫଳ କାର୍ଯ୍ୟକାରୀ କରିବା ଦିଗରେ ଆଜି ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ପୁରୀ ମାଟିଆପଡ଼ା ରୋଡ୍ ଓଭରବ୍ରିଜ୍ (ଆର୍‌ଓବି) ନିର୍ମାଣ କାର୍ଯ୍ୟସ୍ଥଳ ପରିଦର୍ଶନ କରି ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିଥିଲେ।

ପରିଦର୍ଶନ ଅବସରରେ ପ୍ରମୁଖ ଶାସନ ସଚିବ ପ୍ରକଳ୍ପର ସମସ୍ତ ବଳକା କାର୍ଯ୍ୟର ବିସ୍ତୃତ ସମୀକ୍ଷା କରିବା ସହ ଗୁରୁତ୍ୱପୂର୍ଣ୍ଣ ନିର୍ମାଣ କାର୍ଯ୍ୟଗୁଡ଼ିକର ଅଗ୍ରଗତି ଅନୁଧ୍ୟାନ କରିଥିଲେ। ବିଶେଷକରି ବୋ-ଷ୍ଟ୍ରିଙ୍ଗ ଗାର୍ଡର ଲଞ୍ଚିଂ ଏବଂ ବ୍ରିଜ ଡେକ ସ୍ଲାବ କାଷ୍ଟିଂ କାର୍ଯ୍ୟକୁ ଶୀଘ୍ର ସମ୍ପନ୍ନ କରିବା ପାଇଁ ସେ କାର୍ଯ୍ୟନିର୍ବାହୀ ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ନିର୍ମାଣ କାର୍ଯ୍ୟରେ ସମସ୍ତ ସୁରକ୍ଷା ବିଧି ଓ ନିର୍ଦ୍ଧାରିତ ଗୁଣାତ୍ମକ ମାନଦଣ୍ଡର କଡ଼ାକଡ଼ି ପାଳନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପ୍ରକଳ୍ପର ସମୟୋପଯୋଗୀ ସମାପ୍ତିର ଗୁରୁତ୍ୱ ଉଲ୍ଲେଖ କରି ଶ୍ରୀ ସିଂହ ପର୍ଯ୍ୟାପ୍ତ ମାନବ ସମ୍ବଳ ନିଯୁକ୍ତି, ଯନ୍ତ୍ରପାତି ଓ ଅନ୍ୟାନ୍ୟ ଆବଶ୍ୟକ ଯନ୍ତ୍ରପାତି ନିୟୋଜିତ କରିବା ସହ ବିଭାଗ ସହ ସମନ୍ୱୟ ରକ୍ଷା କରି ଧାର୍ଯ୍ୟ ସମୟସୀମା ମଧ୍ୟରେ କାର୍ଯ୍ୟ ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## କୁକୁର ଟିକାକରଣ ପାଇଁ ବିଏମ୍‌ସି ସମ୍ମାନିତ




**ଭୁବନେଶ୍ୱର,୨୯।୫(ସଂଚାର ବ୍ୟୁରୋ):** ଭୁବନେଶ୍ୱର ମହାନଗର ନିଗମକୁ ଜାତୀୟ ସ୍ତରରେ ମିଳିଲା ଆଉ ଏକ ସଫଳତା। ରାବିଜ୍‌ମୁକ୍ତ ସହର ଗଠନ ନିମନ୍ତେ ବିଏମସି ନେଇଥିବା ପଦକ୍ଷେପ ଓ ସାମୂହିକ ଟିକାଦାନ ପଦ୍ଧତି ପାଇଁ ଜାତୀୟ ସ୍ତରରେ ସମ୍ମାନିତ ହୋଇଛି ଏହି ନିଗମ।

ଦିଲ୍ଲୀଠାରେ ଅନୁଷ୍ଠିତ ଜଳାତଙ୍କ ମୁକ୍ତ ରାଜ୍ୟ ଗଠନ ସମ୍ପର୍କିତ ଦୁଇଦିନିଆ କର୍ମଶାଳାରେ ବିଏମସିକୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ଆଗାମୀ ଦିନରେ ରାଜ୍ୟକୁ ଜଳାତଙ୍କ ମୁକ୍ତ କରିବା ଦିଗରେ ଭାରତ ସରକାରଙ୍କ ପକ୍ଷରୁ ଏକ ଡ୍ରାଫ୍ଟ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଇଛି। ସ୍ୱାସ୍ଥ୍ୟ, ପଶୁପାଳନ, ସିଡିସି (ଆଟଲାଣ୍ଟା) ଓ ମେଡିକାଲ, ପଶୁ ଚିକିତ୍ସା, ଜନସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସହ ବିଭିନ୍ନ ରାଜ୍ୟର ସହରାଞ୍ଚଳ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା ଓ ମହାନଗର ନିଗମର ସଦସ୍ୟସଦସ୍ୟାମାନେ ଏହି କର୍ମଶାଳାରେ ଯୋଗଦେଇଥିଲେ। ଏହି କର୍ମଶାଳାର ଉଦ୍ଦେଶ୍ୟ ହେଉଛି, ଆସନ୍ତା ୨୦୩୦ ସୁଦ୍ଧା ଭାରତକୁ ଜଳାତଙ୍କ ରୋଗମୁକ୍ତ କରିବା ଏବଂ ତଦନୁଯାୟୀ ରାଜ୍ୟ ସ୍ତରରୁ କାର୍ଯ୍ୟ ଯୋଜନାକୁ ସୁଦୃଢ଼ କରିବା। କାରଣ ରାବିଜ୍ ହେଉଛି ଏକ ମାରାତ୍ମକ ରୋଗ, ଯେଉଁଥିରେ ଶତପ୍ରତିଶତ ମୃତ୍ୟୁ ହୁଏ। ଏହି ଅବସରରେ ଭୁବନେଶ୍ୱରକୁ ରାବିଜ୍‌ମୁକ୍ତ କରିବା ପାଇଁ ମହାନଗର ନିଗମ ଦ୍ୱାରା କରାଯାଇଥିବା ସାମୂହିକ ଟିକାକରଣ ପଦ୍ଧତି ଉପସ୍ଥିତ ସଦସ୍ୟ ସଦସ୍ୟାଙ୍କ ଦ୍ୱାରା ପ୍ରଶଂସିତ ହେବା ସହ ବିଏମସିକୁ ସମ୍ବର୍ଦ୍ଧିତ କରାଯାଇଛି।

## ପାହାଡ଼କୁ ବୁଲିବାକୁ ଯାଇ ଯୁବକ ନିଖୋଜ

**କୋଲକାତା,୨୯।୫(ସଂଚାର ବ୍ୟୁରୋ):** ସଲ୍ଟଲେକର ସୁପ୍ରତିଭ ମଣ୍ଡଳ (୩୧) ପାହାଡ଼କୁ ବୁଲିବାକୁ ଯାଇ ନିଖୋଜ ହୋଇଯାଇଛନ୍ତି। ଜୁନିଅର ଟେଲିକମ୍ ଅଧିକାରୀ ଭାବରେ କାର୍ଯ୍ୟ କରୁଥିବା ସୁପ୍ରତିଭ ଏକାକୀ ପାହାଡ଼କୁ ଯାତ୍ରା କରିଥିଲେ। ସେବେଠାରୁ ତାଙ୍କ ମୋବାଇଲ ବନ୍ଦ ରହିଛି। ଗ୍ୟାଙ୍ଗଟକ୍ ସଦର ଥାନାରେ ଏକ ନିଖୋଜ ମାମଲା ରୁଜୁ କରାଯାଇଛି। ନିଖୋଜ ଯୁବକଙ୍କ ପିତା ସମୀର ମଣ୍ଡଳ ଦାବି କରିଛନ୍ତି ଯେ ତାଙ୍କ ପୁଅର ମୋବାଇଲ ଟାୱାର ଲୋକେସନ୍ ଡାଟା ଯାଞ୍ଚ କରିବାରୁ ସୁପ୍ରତିଭ ମେ ୨୨ ତାରିଖରେ ଦାର୍ଜିଲିଂରେ ଥିଲେ। ପରଦିନ ତାଙ୍କ ମୋବାଇଲ ଟାୱାର ଲୋକେସନ୍ ଗ୍ୟାଙ୍ଗଟକରେ ଚିହ୍ନଟ କରାଯାଇଥିଲା। କିନ୍ତୁ ସେ ଗ୍ୟାଙ୍ଗଟକ୍‌ରୁ ଉତ୍ତର ସିକିମକୁ ଯିବା ପରେ ତାଙ୍କ ମୋବାଇଲ ଟାୱାର ଲୋକେସନ୍ ଆଉ ଚିହ୍ନଟ ହୋଇପାରିନାହିଁ। ଗ୍ୟାଙ୍ଗଟକ୍ ପୁଲିସ ଅଧିକାରୀ ଉମେଶ ତମାଙ୍ଗ କହିଛନ୍ତି ଯେ ପରିବାର ପକ୍ଷରୁ ନିଖୋଜ ବ୍ୟକ୍ତିଙ୍କ ଏକ ରିପୋର୍ଟ ଦାଖଲ କରାଯାଇଛି। ଆମେ ପର୍ଯ୍ୟଟକଙ୍କୁ ଖୋଜୁଛୁ। କିନ୍ତୁ ଗୁରୁବାର ରାତି ପର୍ଯ୍ୟନ୍ତ ତାଙ୍କର କୌଣସି ସନ୍ଧାନ ମିଳିନାହିଁ।

## ଅଗଷ୍ଟରୁ ପଶ୍ଚିମବଙ୍ଗରେ ଜନଗଣନା ଆରମ୍ଭ ହେବ: ଶୁଭେନ୍ଦୁ

**କୋଲକାତା,୨୯।୫ (ସଂଚାର ବ୍ୟୁରୋ):** ଅଗଷ୍ଟ ମାସରୁ ରାଜ୍ୟରେ ଜନଗଣନା ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଶୁକ୍ରବାର ନବାନ୍ନରେ ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି। ଏହି ପ୍ରକ୍ରିୟା ଫେବୃଆରୀ ୨୦୨୭ ମସିହା ପର୍ଯ୍ୟନ୍ତ ଜାରି ରହିବ। ସ୍ୱ-ଗଣନା ପର୍ଯ୍ୟାୟ ଅଗଷ୍ଟ ୧ ରୁ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ନାଗରିକମାନେ ଅନଲାଇନରେ ସେମାନଙ୍କର ସୂଚନା ଦାଖଲ କରିପାରିବେ। ଏହି ଅବସରରେ ସେ ରାଜ୍ୟର ସମସ୍ତ ନାଗରିକଙ୍କୁ ଜନଗଣନା କାର୍ଯ୍ୟରେ ସକ୍ରିୟ ଭାବରେ ସହଯୋଗ କରିବାକୁ ମଧ୍ୟ ନିବେଦନ କରିଛନ୍ତି।

ସେ କହିଛନ୍ତି ଯେ, ଭାରତର ଜନଗଣନା କ୍ଷେତ୍ରରେ ଯଥେଷ୍ଟ ଆଗକୁ ବଢ଼ିଥିଲେ ମଧ୍ୟ ଆମର ପଶ୍ଚିମବଙ୍ଗ ବହୁତ ପଛରେ ଅଛି। ଏହି ଜନଗଣନା ରାଜ୍ୟ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ ଦୃଢ଼ତାର ସହିତ କହିଛନ୍ତି ଯେ, ବାଂଲାଦେଶ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଦୀର୍ଘଦିନ ଧରି ଅନୁପ୍ରବେଶ ଏବଂ ସୀମାନ୍ତରେ ପର୍ଯ୍ୟାପ୍ତ ବାଡ଼ ଅଭାବ ଯୋଗୁଁ ରାଜ୍ୟର ଜନସଂଖ୍ୟାଗତ ଗଠନରେ ପରିବର୍ତ୍ତନ ଆସିଛି। ଫଳସ୍ୱରୂପ ସଠିକ୍ ତଥ୍ୟ ସଂଗ୍ରହ କରିବା ଉଦ୍ଦେଶ୍ୟରେ ଏହି ଜନଗଣନାର ବିଶେଷ ଗୁରୁତ୍ୱ ରହିଛି। ସବୁଠାରୁ ଉଲ୍ଲେଖନୀୟ କଥା ହେଉଛି, ପ୍ରଥମ ଥର ପାଇଁ ଡିଜିଟାଲ ପଦ୍ଧତି ବ୍ୟବହାର କରି ଜନଗଣନା କରାଯିବ। ଦେଶର ଅନେକ ରାଜ୍ୟରେ ଏହି ପ୍ରକ୍ରିୟା ପୂର୍ବରୁ ଆରମ୍ଭ ହୋଇସାରିଛି। ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି ଯେ, ପଶ୍ଚିମବଙ୍ଗରେ କାର୍ଯ୍ୟ ସାମାନ୍ୟ ବିଳମ୍ବରେ ଆରମ୍ଭ ହୋଇଥିଲେ ମଧ୍ୟ ନିର୍ଦ୍ଧାରିତ ସମୟସୀମାରେ ଏହାକୁ ସମାପ୍ତ କରିବା ଲକ୍ଷ୍ୟ ରହିଛି। ସେ ଆହୁରି ଜୋର ଦେଇଛନ୍ତି ଯେ ଜନଗଣନା କରିବା ଏକ ସାମ୍ବିଧାନିକ ଦାୟିତ୍ୱ ଏବଂ ଏଥିରେ କୌଣସି ରାଜନୈତିକ ସଂପୃକ୍ତି ନାହିଁ।

## ଓଡ଼ିଶାର ଗର୍ବ ପାୟଲ ନାଗ

### ବିଶ୍ୱ ମଞ୍ଚରେ ସଫଳତା ପାଇଁ ସରକାରଙ୍କ ଦ୍ୱାରା ସମ୍ବର୍ଦ୍ଧିତ




**ଭୁବନେଶ୍ୱର,୨୯।୫(ସଂଚାର ବ୍ୟୁରୋ):** ବ୍ୟାଙ୍କକ୍‌ଠାରେ ଅନୁଷ୍ଠିତ ବିଶ୍ୱ ପାରା ତୀରନ୍ଦାଜୀ ସିରିଜ୍ ୨୦୨୬ରେ ଓଡ଼ିଶାର ପାରା ତୀରନ୍ଦାଜ ପାୟଲ ନାଗ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିବା ସହ ଆଗାମୀ ଏସୀୟ ପାରା ଗେମ୍ସ ୨୦୨୬ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ଅସାଧାରଣ ସଫଳତା ପାଇଁ ଆଜି ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ବର୍ଦ୍ଧନା ଉତ୍ସବରେ ପାୟଲଙ୍କୁ ପ୍ରୋତ୍ସାହନ ସ୍ୱରୂପ ୫ ଲକ୍ଷ ୪୬ ହଜାର ୬୬୬ ଟଙ୍କା ଏବଂ କ୍ରୀଡ଼ା ସରଞ୍ଜାମ କିଣିବା ପାଇଁ ଅତିରିକ୍ତ ୩ ଲକ୍ଷ ୨୩ ହଜାର ୧୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପାୟଲଙ୍କୁ ପ୍ରଶଂସା କରି କହିଥିଲେ ଯେ, ପାୟଲଙ୍କ ସଫଳତାଠାରୁ ତାଙ୍କର ସଂଘର୍ଷ ଓ ଇଚ୍ଛାଶକ୍ତି ଢେର ଅଧିକ। ସମସ୍ତ ପ୍ରତିକୂଳ ପରିସ୍ଥିତି ଆଗରେ ତାଙ୍କର ଦୃଢ଼ ମନୋବଳ ଆଜିର ଯୁବପିଢ଼ି ପାଇଁ ସବୁଠାରୁ ବଡ଼ ପ୍ରେରଣା। ସମାଜ ବିଶ୍ୱାସ ହରାଇଥିବା ବେଳେ ଜଣେ ମା'ର ଅଖଣ୍ଡ ବିଶ୍ୱାସ ହିଁ ପାୟଲଙ୍କୁ ଏହି ସଫଳତା ଆଣିଦେଇଛି। ପାରା ତୀରନ୍ଦାଜ ପାୟଲ ନାଗ ଖୁସି ହୋଇ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇ କହିଥିଲେ ଯେ ଏକ ଭୟଙ୍କର ଦୁର୍ଘଟଣା ପରେ ସମାଜ ତାଙ୍କୁ ଅଲୋଡ଼ା ଭାବିଥିଲା। କିନ୍ତୁ ସେହି ଅନ୍ଧକାର ସମୟରେ ମା'ଙ୍କ ବିଶ୍ୱାସ ତାଙ୍କର ସବୁଠାରୁ ବଡ଼ ସାହସ ସାଜିଥିଲା। ସରକାରଙ୍କଠାରୁ ମିଳିଥିବା ଏହି ପ୍ରୋତ୍ସାହନ ତାଙ୍କୁ ଦେଶ ପାଇଁ କଠିନ ପରିଶ୍ରମ କରିବାକୁ ପ୍ରେରଣା ଦେଉଛି।

# ଏସ୍‌ଆଇ ନିଯୁକ୍ତି, ମନୋନୟନ ପରୀକ୍ଷା କେବେ ?

**ଭୁବନେଶ୍ୱର,୨୯।୫:** ସର୍ବଭାରତୀୟ ନିଟ୍ ପ୍ରବେଶିକା ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ଘଟଣାର ସିବିଆଇ ତଦନ୍ତ ସହିତ ଆଇନ୍ ଅଦାଲତରେ ମାମଲା ଚାଲିଥିବାବେଳେ ଆଗାମୀ ଜୁନ୍ ମାସରେ ଏହି ପରୀକ୍ଷା ପୁଣିଥରେ ହେବାକୁ ଯାଉଛି। ଅନ୍ୟପକ୍ଷରେ ଓଡ଼ିଶାରେ ପୁଲିସ ସବ୍ ଇନ୍ସପେକ୍ଟର ନିଯୁକ୍ତି ଲାଗି ପ୍ରାର୍ଥୀ ଚୟନ ପାଇଁ ହେଉଥିବା ପ୍ରବେଶିକା ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ପ୍ରସଂଗରେ ସିବିଆଇ ତଦନ୍ତ ସହ ମାମଲା ଚାଲିଥିବାବେଳେ ଏହି ପରୀକ୍ଷା କିନ୍ତୁ ହେଉନାହିଁ। ଫଳରେ ଓଡ଼ିଶା ପୁଲିସରେ ଖାଲି ପଡିଥିବା ଏସ୍‌ଆଇ ପଦଗୁଡ଼ିକ ପୂରଣ କରିବା କ୍ଷେତ୍ରରେ ଗୁରୁତର ସମସ୍ୟା ସୃଷ୍ଟି ହେଉଛି।

ପୁଲିସ ଏସ୍‌ଆଇ ମନୋନୟନ ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ବହୁ ପରୀକ୍ଷାର୍ଥୀଙ୍କ ସମେତ ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା କେତେକ ଘରୋଇ ସଂସ୍ଥା ସହ ସଂପୃକ୍ତ ବ୍ୟକ୍ତି ବିଶେଷଙ୍କୁ ଗିରଫ କରାଯାଇଥିଲା। ଇତିମଧ୍ୟରେ ଗିରଫ ପରୀକ୍ଷାର୍ଥୀମାନେ ଜାମିନରେ ଆସିସାରିଛନ୍ତି। ଏସ୍‌ଆଇ ମନୋନୟନ ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ କିଛି ନୂଆ କଥା ନୁହେଁ। ବାରମ୍ବାର ଏଭଳି ଘଟୁଛି। ଏସ୍‌ଆଇ ଚାକିରି ପାଇଁ ବର୍ଷବର୍ଷ ଧରି ପ୍ରସ୍ତୁତି କରିଥିବା ହଜାର ହଜାର ପ୍ରାର୍ଥୀ ଅନିଶ୍ଚିତତା ଭିତରେ ସମୟ କାଟୁଥିବା ବେଳେ ଏହି ପରୀକ୍ଷା କେବେ ହେବ ତାହା ଜଣାନାହିଁ।



ନିଟ୍ ପରୀକ୍ଷା ବାତିଲ କରାଯିବାର ୧୫ଦିନ ଭିତରେ ପୁନର୍ବାର ପରୀକ୍ଷା ପାଇଁ ସମୟ ନିର୍ଘଣ୍ଟ ସ୍ଥିର ହୋଇ ସାରିଛି। ବାୟୁସେନା ବିମାନରେ ନିଟ୍ ପ୍ରଶ୍ନପତ୍ର ପଠାଯିବ ଏବଂ ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପରୀକ୍ଷା ଜୁନ୍ ମାସରେ ହେବାକୁ ଯାଉଛି। ଅନୁରୂପ ଭାବେ ଓଡ଼ିଶାରେ ଏସ୍‌ଆଇ ମନୋନୟନ ପରୀକ୍ଷା କିନ୍ତୁ କାହିଁକି କରାନଯାଇ ମାସମାସ ଧରି ଗଡ଼ାଯାଉଛି ସେଥିନେଇ ବହୁ ପ୍ରାର୍ଥୀ ପ୍ରଶ୍ନ କରୁଛନ୍ତି।

ଓଡ଼ିଶା ପୁଲିସ ରିକ୍ରୁଟିମେଣ୍ଟ ବୋର୍ଡ ଏସ୍‌ଆଇ ନିଯୁକ୍ତି ପାଇଁ ପ୍ରାର୍ଥୀ ଚୟନ କରିଥାଏ। ତେବେ ଏହି ସରକାରୀ ସଂସ୍ଥା ପରୀକ୍ଷା ପରିଚାଳନା ଦାୟିତ୍ୱ ଘରୋଇ ସଂସ୍ଥାନକୁ ଦେବା ଫଳରେ ବିଭ୍ରାଟ ଉପିଜିଛି। ଘରୋଇ ସଂସ୍ଥାଙ୍କ ଦ୍ୱାରା ଯୋଗ୍ୟ ଏସ୍‌ଆଇ ପ୍ରାର୍ଥୀ ବ । ଛି ବ । ପରିବର୍ତ୍ତେ ହାଇକୋର୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ତୁରନ୍ତ ଏହି ନିଯୁକ୍ତି ପରୀକ୍ଷା କରାଇବା ପାଇଁ ଦାବି ହେଉଛି।

ନିଯୁକ୍ତିଠାରୁ ପାଠପଢ଼ା ପରୀକ୍ଷା ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଘରୋଇ ସଂସ୍ଥାକୁ ନିୟୋଜନ କରାଯିବା ଫଳରେ ବିଭ୍ରାଟ ଦେଖାଦେଉଛି। ନିକଟରେ ପ୍ରକାଶ ପାଇଥିବା ସିବିଏସଇର ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାର ଉତ୍ତର ଖାତା ମୂଲ୍ୟାଙ୍କନ ଦାୟିତ୍ୱ ଘରୋଇ ସଂସ୍ଥାକୁ ଦିଆଯାଇଥିଲା। ଏବେ ସୁଦ୍ଧା ୪ଲକ୍ଷରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ଉତ୍ତରଖାତାର ଫଟୋ କପି ମାଗିବା ସହିତ ପୁନଃ ମୂଲ୍ୟାୟନ ଦାବି କରିଛନ୍ତି। ଛାତ୍ରଛାତ୍ରୀମାନଙ୍କୁ ଉତ୍ତରଖାତାର ଯେଉଁ ପ୍ରତିଲିପି ଦିଆଯାଉଛି ସେଥିରେ ବି ବ୍ୟାପକ ତ୍ରୁଟି ବିଚ୍ୟୁତିର ଅଭିଯୋଗ ଆସୁଛି।

ଛାତ୍ରଛାତ୍ରୀ ଓ ଚାକିରି ପ୍ରତ୍ୟାଶୀମାନଙ୍କ ଭବିଷ୍ୟତ ସହିତ ଘରୋଇ ସଂସ୍ଥାମାନେ ଜୁଆ ଖେଳୁଛନ୍ତି ବୋଲି ଅନେକ ଅଭିଭାବକ ଖୋଲା ଅଭିଯୋଗ ଆଣିବା ସହିତ ଏହି ପରୀକ୍ଷାଗୁଡ଼ିକର ସରକାରୀ ବୋର୍ଡମାନେ ନିରପେକ୍ଷ ଓ ତ୍ରୁଟିଶୂନ୍ୟ ଭାବେ କରିବା ଲାଗି ଦଳମତ ନିର୍ବିଶେଷରେ ମତ ପ୍ରକାଶ ପାଉଛି। ବହୁ କ୍ଷେତ୍ରରେ ନିଯୁକ୍ତି ପରୀକ୍ଷା ଓ ପ୍ରାର୍ଥୀ ଚୟନରେ ତ୍ରୁଟି ବିଚ୍ୟୁତି ହେଉଥିବା ଅଭିଯୋଗ ଆଣି ଆଇନ୍ ଅଦାଲତରେ ମଧ୍ୟ ମାଳମାଳ ମାମଲା ରୁଜୁ ହେଉଛି। ଏମିତିକି ଅଦାଲତଙ୍କ ହସ୍ତକ୍ଷେପ ପରେ ଅନେକ ବଞ୍ଚିତ ପ୍ରାର୍ଥୀ ନିଯୁକ୍ତି ପାଉଥିବା ଓ କେତେକ ସ୍ଥଳରେ ପ୍ରାର୍ଥୀ ଚୟନକାରୀ ସାମ୍ବିଧାନିକ ଓ ସରକାରୀ ସଂସ୍ଥାଙ୍କ ଉପରେ ଅଦାଲତ ମଧ୍ୟ ଆର୍ଥିକ ଦଣ୍ଡ ଲାଗୁ କରୁଛନ୍ତି। (ତଥ୍ୟ)

## ହରିଶ ବିସି ହେଲେ ଗଞ୍ଜାମ ଏସ୍‌ପି



**ଛତ୍ରପୁର,୨୯।୫ (ସଂଚାର ବ୍ୟୁରୋ)ଃ** ଗଞ୍ଜାମ ଜିଲ୍ଲାର ନୂତନ ଆରକ୍ଷୀ ଅଧିକ୍ଷକ ଭାବେ ଯୁବ ଆଇପିଏସ୍ ଅଧିକାରୀ ହରିଶ ବିସି ଆଜି ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ୨୦୨୦ ବ୍ୟାଚର ଏହି ଦକ୍ଷ ଅଧିକାରୀ ପୂର୍ବରୁ ରାୟଗଡା ଓ କନ୍ଧମାଳ ଭଳି ମାଓ ପ୍ରବଣ ଜିଲ୍ଲାରେ ସଫଳତାର ସହିତ କାର୍ଯ୍ୟ କରି ନିଜ ପ୍ରଶାସନିକ କୌଶଳ ଓ କଠୋର କାର୍ଯ୍ୟଶୈଳୀ ପାଇଁ ପରିଚିତ ହୋଇପାରିଛନ୍ତି। ଗଞ୍ଜାମ ଭଳି ସମ୍ବେଦନଶୀଳ ଜିଲ୍ଲାରେ ତାଙ୍କ ନିଯୁକ୍ତିକୁ ନେଇ ପୁଲିସ ମହଲ ସହ ସାଧାରଣ ଲୋକଙ୍କ ମଧ୍ୟରେ ମଧ୍ୟ ନୂଆ ଆଶା ଓ ଉତ୍ସାହ ସୃଷ୍ଟି ହୋଇଛି।

ଦାୟିତ୍ୱ ଗ୍ରହଣ ପରେ ନିଜ ପ୍ରଥମ ପ୍ରତିକ୍ରିୟାରେ ଶ୍ରୀ ବିସି ସ୍ପଷ୍ଟ କରିଛନ୍ତି ଯେ ପୁଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ବିଶ୍ୱାସ, ସହଯୋଗ ଓ ବନ୍ଧୁତାପୂର୍ଣ୍ଣ ସମ୍ପର୍କ ଗଢ଼ି ଉଠିବା ତାଙ୍କର ପ୍ରମୁଖ ଲକ୍ଷ୍ୟ ରହିବ। ଲୋକମାନେ ପୁଲିସ ଷ୍ଟେସନକୁ ଯିବାକୁ ଭୟ କରିବେ ନାହିଁ, ବରଂ ନିଜ ସମସ୍ୟା, ଅଭିଯୋଗ ଓ ଅନ୍ୟାୟ ସମ୍ପର୍କରେ ନିର୍ଭୟରେ ପୁଲିସକୁ ଜଣାଇପାରିବେ ବୋଲି ସେ କହିଛନ୍ତି। ଏହା ସହ ସାଧାରଣ ଲୋକଙ୍କ ସହ ସିଧାସଳଖ ସଂଯୋଗ ରଖିବା ପାଇଁ ସେ ନିଜ ମୋବାଇଲ ନମ୍ବର ମଧ୍ୟ ସାର୍ବଜନୀନ କରିଛନ୍ତି। ଜିଲ୍ଲାରେ କ୍ରାଇମ କଣ୍ଟ୍ରୋଲ ଓ ଶାନ୍ତି ଶୃଙ୍ଖଳା ପରିସ୍ଥିତିକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ ବୋଲି କହିବା ସହିତ ସେ ମାଫିଆ, ବେଆଇନ ବ୍ୟବସାୟ, ଅସାମାଜିକ ତତ୍ତ୍ୱ ଓ ସଂଗଠିତ ଅପରାଧ ବିରୋଧରେ କଡ଼ା ଆଭିମୁଖ୍ୟର ସଙ୍କେତ ଦେଇଛନ୍ତି।

## ଭାଇବୋହୂ ମାଡ଼ରେ ଦେଢଶୁର ଆହତ, ଥାନାରେ ଅଭିଯୋଗ



**ବାଲିଆପାଳ,୨୯।୫ (ସଂଚାର ବ୍ୟୁରୋ)ଃ** ଭାଇବୋହୂ ମାଡରେ ଦେଢଶୁର ଆହତ, ଥାନାରେ ଅଭିଯୋଗ ଘଟଣାଟି ବାଲିଆପାଳ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ସୂଚନାରୁ ପ୍ରକାଶ ଅସ୍ତି ପଞ୍ଚାୟତର ପାରାଦିପା ଗ୍ରାମର ଦୁଇ ଭାଇ ମଧୁସୂଦନ ଜେନା ଏବଂ ପଦ୍ମଲୋଚନ ଜେନାଙ୍କ ଜାଗାର ସୀମା ନିର୍ଦ୍ଧାରଣ ସମୟରେ ଦୁଇ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ପରେ ପଦ୍ମଲୋଚନ ତାଙ୍କ ପୁତୁରା କାଳିଚରଣ ଜେନାଙ୍କ ଘରକୁ କିଛି ସମୟ ବସିବା ପାଇଁ ଆସିଥିଲେ । ପୁତୁରାଙ୍କ ଘରୁ ପଦ୍ମଲୋଚନ ଚାଲିଯିବା ପରେ ପୁଣ୍ଡି ଜେନାଙ୍କ ପୁଅ ମଧୁସୂଦନ ଜେନା, ମଧୁସୂଦନଙ୍କ ପୁଅ ଶୁଭେନ୍ଦୁ ଜେନା ଉତ୍ତ୍ୟକ୍ତ ହୋଇ କାଳିଚରଣ ଜେନାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହିତ ମାରାତ୍ମକ ଆକ୍ରମଣ କରିଥିଲେ। ଏହାବ୍ୟତୀତ ଶୁଭେନ୍ଦୁଙ୍କ ସ୍ତ୍ରୀ ଶିକ୍ଷୟିତ୍ରୀ ବସୁମତୀ ମହାଳିକ ଯିଏ କି କାଳିଚରଣଙ୍କର ସମ୍ପର୍କରେ ଭାଇବୋହୂ ଅଟନ୍ତି ହଠାତ୍ ସେହି ସ୍ଥାନରେ ପହଞ୍ଚି ଦେଢଶୁର କାଳିଚରଣଙ୍କ ମୁହଁକୁ ଶକ୍ତ ମୁଥା ମାରିଥିଲେ। ଏହି ଆକ୍ରମଣରେ କାଳିଚରଣଙ୍କ ସ୍ତ୍ରୀ ଲକ୍ଷ୍ମୀ ପ୍ରିୟା ଏବଂ ପୁଅ ମଧ୍ୟ ଆହତ ହୋଇଥିଲେ।

ଏନେଇ ଲକ୍ଷ୍ମୀ ପ୍ରିୟା ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମାତ୍ର ଏପର୍ଯ୍ୟନ୍ତ ନ୍ୟାୟରୁ ବଞ୍ଚିତ ହୋଇ ଶୁକ୍ରବାର ପୂର୍ତ୍ତବିଭାଗ ଡାକ ବଙ୍ଗଳା ଠାରେ ଏକ ଖବର ଦାତା ସମ୍ମିଳନୀ ଆୟୋଜନ କରି ଅସନ୍ତୋଷ ପ୍ରକାଶ କରିଛନ୍ତି ଦମ୍ପତି। ଶିକ୍ଷୟିତ୍ରୀଙ୍କର ଏଭଳି ଉନ୍ମତ୍ତ କାଣ୍ଡକୁ ସ୍ଥାନୀୟ ବୁଦ୍ଧିଜୀବୀ ଏବଂ ଗ୍ରାମବାସୀ ମାନେ ନିନ୍ଦା କରିବା ସହିତ ଦୋଷୀଙ୍କ ବିରୋଧରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ କାର୍ତ୍ତିକ ଚନ୍ଦ୍ର ଜେନା, ଉମାକାନ୍ତ ଜେନା,ପଞ୍ଚାନନ ଜେନା, ତପନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ବାଲିଆପାଳ ଥାନା ଅଧିକାରୀ ସାଲଖାନ ମୁର୍ମୁଙ୍କୁ ପଚାରିବାରୁ କହିଛନ୍ତି ଦୁଇ ପକ୍ଷଙ୍କ ପକ୍ଷରୁ ପୃଥକ ପୃଥକ ଭାବେ ଅଭିଯୋଗକୁ ଆଧାର କରି ତଦନ୍ତ ଜାରି ରହିଛି।

### ସ୍ୱତନ୍ତ୍ର କୋଡ୍ ୱାର୍ଡରେ ଚାଲିଛି ନିଶା କାରବାର

# ବଢୁଛି ଅପରାଧ ସହ ଚୋରି, ଭୟରେ ଅଞ୍ଚଳବାସୀ

**କାକଟପୁର/ଅସ୍ତରଙ୍ଗ,୨୯।୫ (ସଂଚାର ବ୍ୟୁରୋ)ଃ** ଦିନକୁ ଦିନ ନିଶା କାରବାର ଢାଞ୍ଚା ବଦଳି ଚାଲିଛି। ଏବେ କିଛି ମାସ ହେବ ନିଶା କାରବାର ଅବାଧ ପେଣ୍ଠ ପାଲଟିଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳ। ଚା' ପାନ ଦୋକାନରେ ମିଳୁଛି ଭଳିକି ଭଳି ଦେଶୀ, ବିଦେଶୀ ମଦ ସାଙ୍ଗକୁ ଗଂଜେଇ ଓ ଧଳା ଜହର ପୁଡିଆ। ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତରେ ପାନ ଦୋକାନ ଠାରୁ ଆରମ୍ଭ କରି ଗ୍ରୋସରୀ ଦୋକାନୀ ପର୍ଯ୍ୟନ୍ତ ସବୁଠି ସହଜରେ ମିଳୁଛି ଗଂଜେଇ ଭର୍ତ୍ତି ସିଗାରେଟ ଓ ବ୍ରାଉନ ସୁଗାର। ନିଶାଡୀ ଆଉ ବ୍ୟବସାୟୀ ଜାଣିବା ପାଇଁ ସ୍ୱତନ୍ତ୍ର କୋଡ଼ ବ୍ୟବହାର କରାଯାଇ ବ୍ୟବସାୟୀ ହେଉଛି। ଯାହାକି ସମସ୍ତ ଲୋକ ଜାଣିପାରୁନାହାନ୍ତି। କେଉଁଠି ସ୍ପେସାଲ, ବାବା, ରିଜିଲା, ଭୋଗ, ଚକ ନାମରେ ଏହି ସିଗାରେଟ କାରବାର ଚାଲିଥିବା ବେଳେ ଧଳା ଜହର କୋଡ଼ରେ କହିଲେ ଦୋକାନୀ ବୁଝି ନିଶାଡୀଙ୍କୁ ବଢ଼ାଇ ଦେଉଛନ୍ତି। ବିଶେଷ କରି ଯୁବ ପିଢ଼ି ଏହି ସିଗାରେଟ ନିଶା କବଳରେ ପଡିଛନ୍ତି।



ଅନ୍ୟ ପଟେ ବ୍ରାଉନ ସୁଗାର ବେପାରୀମାନେ ବାଇକରେ ଆସି ବିଭିନ୍ନ ଅନ୍ଧାରୁଆ ସ୍ଥାନରେ ଛିଡା ହେଉଛନ୍ତି। ପୂର୍ବରୁ ସୂଚନା ଦେଇ କୋଡ଼ ୱାର୍ଡରେ ଅଦଳବଦଳରେ ଗ୍ରାହକଙ୍କ ସହ କାରବାର କରୁଛନ୍ତି। ବ୍ରାଉନ ସୁଗାର ଖାଉଥିବା ଅଧିକାଂଶ ଲୋକଙ୍କ ଭିତରେ ସ୍ଥାନୀୟ ଅଂଚଳର କଲେଜ ପଢୁଆ ଯୁବପିଢ଼ି ଥିବା ଜଣା ପଡିଛି। ବ୍ରାଉନ ସୁଗାର ବେପାରୀଙ୍କୁ ପୂର୍ବରୁ ଥିବା ଥାନା ଅଧିକାରୀମାନେ ବାରମ୍ବାର ଧରୁଥିବା ବେଳେ କିନ୍ତୁ କିଛି ମାସ ହେବ ଅସ୍ତରଙ୍ଗ ଥାନା ଅଂଚଳରୁ ଧଳା ଜହର ବ୍ୟବସାୟୀଙ୍କ ପ୍ରାର୍ଦୁଭାବ ବୃଦ୍ଧି ପାଉଥିଲେ ମଧ୍ୟ ଧରିବାରେ ସକ୍ଷମ ହୋଇ ପାରୁନାହିଁ ପୁଲିସ। କିନ୍ତୁ ଅବକାରୀ ବିଭାଗ କିମ୍ବା ପୁଲିସ ଏ ସମ୍ପର୍କରେ କିଛି ଜାଣି ନ ପାରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

**ବାବା, ସ୍ପେସାଲ, ଚକ, ରିଜିଲା ନାମରେ ନିଶା କାରବାର**

**ଚା, ପାନ ଦୋକାନରେ ମିଳୁଛି ଗଞ୍ଜେଇ ସହ ବ୍ରାଉନ ସୁଗାର**

ବ୍ୟବସାୟୀ ଶସ୍ତା ସିଗାରେଟରୁ ପତି ବାହାର କରି ସେଥିରେ ଗଂଜେଇ ଭର୍ତ୍ତି କରି ବିକ୍ରି କରୁଛନ୍ତି। ଏହା ବଜାରରେ "ସ୍ପେସାଲ "ସିଗାରେଟ ନାମରେ ସମସ୍ତେ ଜାଣୁଛନ୍ତି। ତାହା ସହ ଆଉ ଏକ ପ୍ୟାକେଟରେ ମାଟିଆ ରଙ୍ଗ ମିଳୁଛି "ରିଜିଲା" ନାମରେ ବିକ୍ରି ହେଉଛି। ବ୍ୟବସାୟୀ ଏହାକୁ ପ୍ରସ୍ତୁତ କରି ଗୋଟାକୁ ୧୦ଟଙ୍କାରେ ବିକ୍ରି କରୁଛନ୍ତି। ତାହା ସହ ଅଞ୍ଚଳ କିଛି ବଡ଼ ବ୍ୟବସାୟୀ ଗଂଜେଇ ସହ କିଛି ରାସାୟନିକ ମିଶାଇ କଞ୍ଚାମାଲ ପ୍ରସ୍ତୁତ କରିବା ପରେ ଏହାକୁ ଛୋଟ ବେପାରୀଙ୍କୁ ଯୋଗାଇ ଦିଆଯାଉଛି। ଏହା ଉପରେ ରୋକ ଲଗାଇବାକୁ ସାଧାରଣରେ ଦାବି ହେଉଛି।

### ପାନୀୟ ଜଳ ଯୋଗାଣରେ ଅବ୍ୟବସ୍ଥା

## ୮ ଦିନ ହେଲା ଆସୁନି ପାଣି, ବ୍ଲକ୍ କାର୍ଯ୍ୟାଳୟ ଘେରିଲେ ମହିଳା



**ବୋରିଗୁମ୍ମା,୨୯।୫ (ସଂଚାର ବ୍ୟୁରୋ)ଃ** ପାଣି ଟୋପେ ପାଇଁ ତହଳ ବିକଳ ହେଉଛନ୍ତି ଲୋକେ, ପ୍ରଶାସନ କିନ୍ତୁ ନିଦାବିଷ୍ଟ । ଅସନ୍ତୋଷ ପ୍ରକାଶ କରି ପୁରୁଣା ବୋରିଗୁମ୍ମା ସାହି ବାସିନ୍ଦା ବୋରିଗୁମ୍ମା ବ୍ଲକ କାର୍ଯ୍ୟାଳୟ ଘେରାଉ କରିଥିଲେ। ବୋରିଗୁମ୍ମା ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବୋରିଗୁମ୍ମା ସହରରେରେ ମେଗା ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି। ମହିଳା ମାନଙ୍କ କହିବାକଥା ସାହିକୁ ୮ ଦିନ ହେଲା ପାଣି ଆସୁନାହିଁ ଫଳରେ ପାଣିଟୋପେ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସହରବାସୀ | ଶେଷରେ ମହିଳା ମାନେ ବାଧ୍ୟ ହୋଇ ବ୍ଲକ କାର୍ଯ୍ୟାଳୟ ଆସି ବିଭାଗୀୟ ଅଧିକାରୀଙ୍କ ବିରୋଧରେ ତୀବ୍ର ନାରାବାଜି କରିବା ସହ ଅଫିସର ମୁଖ୍ୟ ଫାଟକ ସମ୍ମୁଖରେ ହୋହାଲ୍ଲା କରିଥିଲେ।

ଖବର ପାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ ପଟନାୟକ ପହଞ୍ଚି ମହିଳା ମାନଙ୍କୁ ବୁଝାଇବା ସହ ୨ ଦିନ ମଧ୍ୟରେ ପାଣି ମିଳିବ ବୋଲି ପ୍ରତିଶୃତି ମିଳିବାପରେ ଆନ୍ଦଳନରୁ ଓହରି ଥିଲେ। ତେବେ ପ୍ରତିଶୃତି ରକ୍ଷା ନହେଲେ ଆନ୍ଦୋଳନ ଆହୁରି ଭୟାବହ ହେବ ବୋଲି ସାହି ବାସିନ୍ଦା ଚେତାବନୀ ଦେଇଛନ୍ତି |

## ହୋମଗାର୍ଡ ସଂଘ ପକ୍ଷରୁ ନବନିଯୁକ୍ତ ଏସ୍‌ପିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**କନ୍ଧମାଳ,୨୯।୫ (ସଂଚାର ବ୍ୟୁରୋ)ଃ** ଜିଲ୍ଲା ଗୃହରକ୍ଷୀ ସଂଘ କର୍ମକର୍ତ୍ତାଙ୍କ ଆଲୋଚନା ପ୍ରକାରେ କାର୍ଯ୍ୟକାରୀ ସଭାପତି ତଥା ପ୍ଲାଟୁନ କମାଣ୍ଡର ଅକ୍ଷୟ କୁମାର ରାୟଙ୍କ ତତ୍ୱାବଧାନରେ ଆଜି ନିବ ନିଯୁକ୍ତି ଏସ୍ପି ତଥା ଗୃହରକ୍ଷୀ କମାଣ୍ଡେଣ୍ଟ ଶ୍ରୀ ଯୁକ୍ତ ରାମେନ୍ଦ୍ର ପ୍ରସାଦଙ୍କୁ ଉପଢୌକିଣି ଓ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ହୋମଗାର୍ଡ ସଂଘ କର୍ମକର୍ତ୍ତାଙ୍କ ସହିତ ଆଗାମୀ ଦିନରେ ଗୃହରକ୍ଷୀ ବିଭାଗର ବିଭିନ୍ନ ସମସ୍ୟା ଉପରେ ଉପଯୁକ୍ତ ପଦକ୍ଷେପ ନେଇ ସମାଧାନ କରିବା ପାଇଁ ନୂତନ ଏସ୍ପି ଆଲୋଚନା କରିଥିବା ସଂଘ ପକ୍ଷରୁ ସୂଚନା ମିଳିଛି। ଉକ୍ତ କାର୍ଯ୍ୟକ୍ରମରେ କନ୍ଧମାଳ ଜିଲ୍ଲା ଶୃଙ୍ଖଳିତ ପଞ୍ଜୀକୃତ ହୋମଗାର୍ଡ ସଂଘ କର୍ମକର୍ତ୍ତା ସଭାପତି ପ୍ରଭାତ କୁମାର ସାହାଣୀ,ଉପ ସଭାପତି ବିରାଜ କୁମାର ପ୍ରଧାନ ସମ୍ପାଦକ,ସପନ କୁମାର ମିଶ୍ର, ଜୟନ୍ତୀ ଚୈଧୁର,ସାଫରିନ ଖାନ୍,ଭରତ ବିଷୋୟୀ ଉପସ୍ଥିତ ରହି ଶୃଙ୍ଖଳାଗତ ସହଯୋଗ କରିଥିଲେ।

## ଟୋପାଏ ବର୍ଷାରେ ବୁଡ଼ି ଯାଉଛି ମା' ମଙ୍ଗଳା ନଗର ରାସ୍ତା




**ଯାଜପୁର ରୋଡ଼,୨୯।୫ (ସଂଚାର ବ୍ୟୁରୋ)ଃ** ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ୱାର୍ଡ ନଂ-୪ ସ୍ଥିତ ଭିଆଇପି ରୋଡ଼ର ରୋମାନ ଡୋଲିପୁର ଛକ ଠାରୁ ମା' ମଙ୍ଗଳା ନଗର କଲୋନୀ ଭିତରକୁ ପଡ଼ିଥିବା ମାଟି ମୋରମ ରାସ୍ତାଟି ସାମାନ୍ୟ ଟିକିଏ ବର୍ଷା ହେଲେ ବିଭିନ୍ନ ସ୍ଥାନରେ ପାଣି ଜମି ଯାଇ ରାସ୍ତାଟି ବୁଡ଼ି ଯାଉଛି। ଯାହାଦ୍ୱାରା ଏଠାରେ ବସବାସ କରୁଥିବା ପାଖାପାଖି ୧୦୦ରୁ ଊର୍ଦ୍ଧ୍ୱ ପରିବାର ଯାତାୟାତ ସମୟରେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାର ଉନ୍ନତିକରଣ ପାଇଁ ବ୍ୟାସନଗର ପୌର କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ସୁଫଳ ମିଳିପାରୁନି। ତେବେ ଏହି ରାସ୍ତାରେ ଡ୍ରେନ୍ ଓ ରାସ୍ତା ଉନ୍ନତିକରଣ ପାଇଁ ବ୍ୟାସନଗର ପୌର ପରିଷଦର କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ଶୁଣିଲା ନାହିଁ ପ୍ରଶାସନ

## ରାସ୍ତା ମରାମତି କଲେ ଯୁବଗୋଷ୍ଠୀ

**ଆନନ୍ଦପୁର,୨୯।୫ (ସଂଚାର ବ୍ୟୁରୋ)ଃ** କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ୍ ସାଇଁକୁଳ ଗ୍ରାମରେ ଦେଖିବାକୁ ମିଳିଛି ଯୁବଶକ୍ତିର ଏକ ନୂଆ ଉଦାହରଣ। ଗ୍ରାମର ମୁଖ୍ୟ ରାସ୍ତା ଦୀର୍ଘଦିନ ଧରି ନଷ୍ଟ ଅବସ୍ଥାରେ ପଡ଼ି ରହିଥିବା ବେଳେ ପ୍ରଶାସନର ଅବହେଳା ଯୋଗୁ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଥିଲେ। ବିଦ୍ୟାଳୟ, କଲେଜ, ମେଡିକାଲ ଓ ବଜାରକୁ ଯିବା ପାଇଁ ଏହି ରାସ୍ତା ହିଁ ମୁଖ୍ୟ ଭରସା ହୋଇଥିବା ବେଳେ ଖାଲଖମା ଯୋଗୁ ଅନେକ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଥିଲା। ଛାତ୍ରଛାତ୍ରୀମାନେ ମଧ୍ୟ ଏହି ରାସ୍ତାରେ ପଡ଼ି ଆହତ ହେଉଥିବା ଅଭିଯୋଗ ହୋଇଆସୁଥିଲା। ବହୁବାର ପ୍ରଶାସନକୁ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନ ନିଆଯାଇଥିବାରୁ ଗ୍ରାମର ଯୁବଗୋଷ୍ଠୀ ନିଜେ ରାସ୍ତା ମରାମତି କାମ ହାତକୁ ନେଇଛନ୍ତି। ଆନନ୍ଦ ସେଠୀ, ଅଭିମନ୍ୟୁ ବିଶ୍ୱାଳ, ଭାନୁ ପ୍ରତାପ ପଟ୍ଟନାୟକ, କ୍ରୀଷ୍ଣା ପଣ୍ଡା ଓ ଜ୍ୟୋତି ପ୍ରକାଶ ଚକ୍ରଙ୍କ ସମେତ ଅନେକ ଯୁବକ ନିଜସ୍ୱ ପାଣ୍ଠିରୁ ସିମେଣ୍ଟ, ବାଲି ଓ ଚିପ୍ସ ଆଣି ରାସ୍ତାର ଖାଲଖମା ପୂରଣ କରିଛନ୍ତି। ଯୁବମାନଙ୍କ ଏହି ପଦକ୍ଷେପକୁ ଗ୍ରାମବାସୀ ପ୍ରଶଂସା କରିଥିବା ବେଳେ ଆଗାମୀ ଦିନରେ ମଧ୍ୟ ଏଭଳି ସେବାମୂଳକ କାର୍ଯ୍ୟ ଜାରି ରଖିବେ ବୋଲି ଯୁବଗୋଷ୍ଠୀ ପ୍ରକାଶ କରିଛନ୍ତି।



## ମେ ୩୦ରୁ କୋରାପୁଟରେ ଏସଆଇଆର-୨୦୨୬ ଆରମ୍ଭ

**କୋରାପୁଟ,୨୯।୫ (ସଂଚାର ବ୍ୟୁରୋ)ଃ** କୋରାପୁଟ ଜିଲ୍ଲାରେ ଆସନ୍ତା ମେ ୩୦ ତାରିଖରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହା ଅନୁସାରେ ଜିଲ୍ଲାର ୧୧୬୫ ଜଣ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ) ଜୁନ ୨୮ ତାରିଖ ପର୍ଯ୍ୟନ୍ତ ଘରେ ଘରେ ଯାଇ ଭୋଟରଙ୍କୁ ଗଣନା ପତ୍ର ବଣ୍ଟନ କରିବେ ଏବଂ ପୂରଣ ହୋଇଥିବା ଫର୍ମ ସଂଗ୍ରହ କରିବେ। କୋରାପୁଟ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ମନୋଜ ସତ୍ୟବାନ ମହାଜନ ଗୁରୁବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇ କହିଥିଲେ ଯେ, ଭୋଟର ଘରେ ଉପସ୍ଥିତ ନଥିଲେ ବିଏଲଓମାନେ ସର୍ବାଧିକ ତିନିଥର ପର୍ଯ୍ୟନ୍ତ ସେହି ଘରକୁ ଯିବେ। ସେ କହିଥିଲେ ଯେ, ୦୧ ଜୁଲାଇ ୨୦୨୬ ସୁଦ୍ଧା ୧୮ ବର୍ଷ ପୂରଣ କରୁଥିବା ସମସ୍ତ ଯୋଗ୍ୟ ନାଗରିକଙ୍କ ନାମ ଭୋଟର ତାଲିକାରେ ସମ୍ମିଳିତ କରାଯିବ। ସେହିପରି ମୃତ କିମ୍ବା ସ୍ଥାନାନ୍ତରିତ ଭୋଟରଙ୍କ ନାମ ତାଲିକାରୁ ବାଦ ଦିଆଯିବ। ଚିଠା ଭୋଟର ତାଲିକା ଜୁଲାଇ ୫ ତାରିଖରେ ପ୍ରକାଶ ପାଇବ। ଜୁଲାଇ ୫ରୁ ଅଗଷ୍ଟ ୪ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କରାଯାଇପାରିବ। ସେପ୍ଟେମ୍ବର ୬ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ।

## ରାଜ୍ୟସଭା ସାଂସଦ ଦିଲୀପ ରାୟଙ୍କ ଏମ୍‌ସିଏଲ ପ୍ରତିନିଧି ସମ୍ବର୍ଦ୍ଧିତ




**ସୁନ୍ଦରଗଡ଼,୨୯।୫ (ସଂଚାର ବ୍ୟୁରୋ)ଃ** ଆଜି ସୁନ୍ଦରଗଡ଼ ସ୍ଥିତ ଏମସିଏଲ ବସୁନ୍ଧରା ଖଣି ଅଞ୍ଚଳରେ ନବୀନ କିଶୋର ବାଗ, ଶ୍ରୀକାନ୍ତ, ଲିନୁ, ଲବ, କୁଶ,ସୁଶାନ୍ତ ଓ ଈଶ୍ୱରଙ୍କ ଅଧ୍ୟକ୍ଷତାରେ ମାନ୍ୟବର ରାଜ୍ୟସଭା ସାଂସଦ ଦିଲୀପ ରାୟଙ୍କର ଏମସିଏଲ ପ୍ରତିନିଧି ରାଜେଶ ରାୟଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।

ଏହି ଅବସରରେ ଶ୍ରୀ ରାଜେଶ ରାୟ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ମାନ୍ୟବର ରାଜ୍ୟସଭା ସାଂସଦ ଶ୍ରୀ ଦିଲୀପ ରାୟ ତାଙ୍କୁ ଏମସିଏଲ ପ୍ରତିନିଧି ଭାବେ ଏହି ଗୁରୁଦାୟିତ୍ୱ ଦେଇଥିବାରୁ ସେ ତାଙ୍କ ପ୍ରତି ହୃଦୟରୁ କୃତଜ୍ଞତା ଓ ଧନ୍ୟବାଦ ଜଣାଇଥିଲେ । ସେ ଏହା ସହିତ ସମସ୍ତ ଏମସିଏଲ କର୍ମଚାରୀ, ଅଧିକାରୀ ଓ ସ୍ଥାନୀୟ ଜନସାଧାରଣଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଥିଲେ ।

ଏହି ଅବସରରେ ରାଜେଶ ରାୟ କହିଥିଲେ ଯେ, ଆଗାମୀ ଦିନରେ ଏମସିଏଲ କର୍ମଚାରୀ ଓ ଅଧିକାରୀମାନଙ୍କ ସହ ସଦା ସର୍ବଦା ଯୋଗାଯୋଗ ରଖାଯିବ ଏବଂ ଯେକୌଣସି ସମସ୍ୟା, ଅସୁବିଧା କିମ୍ବା ଜନସାଧାରଣଙ୍କ ଇସ୍ୟୁକୁ ସମ୍ପୂର୍ଣ୍ଣ ଗୁରୁତ୍ୱ ସହ ଉଠାଯିବ । ରାଜ୍ୟ ସରକାର କିମ୍ବା କେନ୍ଦ୍ର ସରକାର ସମ୍ବନ୍ଧୀୟ ଯେକୌଣସି ବିଷୟରେ ସମସ୍ତଙ୍କ ସହଯୋଗରେ ସମାଧାନର ପଥ ଖୋଜାଯିବ ବୋଲି ସେ କହିଥିଲେ ।

### ରାସ୍ତା ଓ ଡ୍ରେନ ନିର୍ମାଣରେ ମହାଦୁର୍ନୀତି

## ନିର୍ମାଣର ଦିନକ ପରେ ଡ୍ରେନ୍ ଦୁଇଫାଳ

**ବିନା ସୂଚନା ଫଳକରେ ଚାଲିଛି କୋଟି କୋଟି ଟଙ୍କାର କାମ**



**ଆନନ୍ଦପୁର,୨୯।୫ (ସଂଚାର ବ୍ୟୁରୋ)ଃ** ଘଷିପୁରା ବ୍ଲକ ଖଲଣା ଗ୍ରାମରେ କୋଟି କୋଟି ଟଙ୍କାର ରାସ୍ତା ଓ ଡ୍ରେନ ନିର୍ମାଣ କାର୍ଯ୍ୟକୁ ନେଇ ଉଠିଛି ଗୁରୁତର ଅଭିଯୋଗ। ନିର୍ମାଣର ଗୋଟିଏ ଦିନ ପରେ ଡ୍ରେନ୍ ଫାଟି ଦୁଇ ଫାଳ ହୋଇଯାଇଥିବା ବେଳେ, ବିନା ସୂଚନା ଫଳକରେ କାମ ଚାଲିଥିବା ନେଇ ଗ୍ରାମବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।

ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରାୟ ୪ କୋଟି ୨୭ ଲକ୍ଷ ଟଙ୍କା ବ୍ୟୟରେ ଜାତୀୟ ରାଜପଥ ଠାରୁ ଖଲଣା ପର୍ଯ୍ୟନ୍ତ ରାସ୍ତା ଓ ଡ୍ରେନ ନିର୍ମାଣ କାର୍ଯ୍ୟ ଚାଲିଛି। କିନ୍ତୁ ଆରମ୍ଭରୁ ଏହି କାମକୁ ନେଇ ବିବାଦ ଦେଖାଦେଇଛି। ନିୟମ ଅନୁଯାୟୀ କାମ ଆରମ୍ଭ ପୂର୍ବରୁ ସୂଚନା ଫଳକ ଲାଗିବା କଥା ଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସୂଚନା ଫଳକ ଲାଗିନଥିବା ଅଭିଯୋଗ ହୋଇଛି। ସବୁଠାରୁ ବଡ଼ କଥା ହେଉଛି, ନିର୍ମାଣ ହୋଇଥିବା ଡ୍ରେନ୍ ଗୋଟିଏ ଦିନ ମଧ୍ୟ ତିଷ୍ଠି ପାରିନାହିଁ। ଡ୍ରେନ୍ ଫାଟି ଦୁଇ ଫାଳ ହୋଇଯାଇଥିବାରୁ କାମର ଗୁଣବତ୍ତା ଉପରେ ପ୍ରଶ୍ନ ଉଠିଛି। ବାଲି ବଦଳରେ ମାଟି ଫିଲିଂ କରାଯାଉଥିବା ସହ କଂକ୍ରିଟ କାମରେ ପଥର ଗୁଣ୍ଡ ବ୍ୟବହାର ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କୌଣସି ବିଭାଗୀୟ ଯନ୍ତ୍ରୀ କିମ୍ବା ଅଧିକାରୀଙ୍କ ଉପସ୍ଥିତି ବିନା କାମ ଚାଲୁଥିବାରୁ ଦୁର୍ନୀତିର ଗନ୍ଧ ବାହାରୁଥିବା କହିଛନ୍ତି ସ୍ଥାନୀୟ ଲୋକେ।

କିଛି ଦିନ ତଳେ ସ୍ଥାନୀୟ ବିଧାୟକ ବଦ୍ରି ନାରାୟଣ ପାତ୍ରଙ୍କ ଉପସ୍ଥିତିରେ ଏହି କାମର ଶୁଭପଡ଼ିଥିଲା। ତେବେ ଶୁଭପଡ଼ିବା ଦିନ ଫଳକରେ ସ୍ଥାନୀୟ ସରପଞ୍ଚଙ୍କ ନାମ ନଥିବାରୁ ମଧ୍ୟ ଉତ୍ତେଜନା ଦେଖାଦେଇଥିଲା। ଏବେ ନିମ୍ନମାନର କାମକୁ ନେଇ ଗ୍ରାମର ମହିଳାମାନେ ଘଟଣାସ୍ଥଳରେ ପହଞ୍ଚି ତୀବ୍ର ବିରୋଧ ପ୍ରଦର୍ଶନ କରିଛନ୍ତି। ନିମ୍ନମାନର ଡ୍ରେନ୍ ଭାଙ୍ଗି ସଠିକ୍ ଭାବେ ପୁନଃନିର୍ମାଣ କରିବା ସହ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି ଗ୍ରାମବାସୀ।

ତେବେ ପ୍ରଶ୍ନ ଉଠୁଛି, କୋଟି କୋଟି ଟଙ୍କାର କାମରେ କାହିଁକି ରହୁନାହିଁ ସ୍ୱଚ୍ଛତା? କାହା ଛତ୍ରଛାୟା ତଳେ ଚାଲିଛି ଏହି ନିମ୍ନମାନର କାମ ?

## ହୃଦଘାତରେ ଆଇନଜୀବୀଙ୍କ ପରଲୋକ



**ସତ୍ୟବାଦୀ,୨୯।୫ (ସଂଚାର ବ୍ୟୁରୋ)ଃ** ପୁରୀ ଜିଲ୍ଲା ଓକିଲ ସଂଘର ସକ୍ରିୟ ସଭ୍ୟ ତଥା ଜଣାଶୁଣା ଆଇନଜୀବୀ ଭାସ୍କର ଚନ୍ଦ୍ର ନାୟକଙ୍କର ଅକାଳ ବିୟୋଗ ଘଟିଛି। ତାଙ୍କ ଘର ସତ୍ୟବାଦୀ ବ୍ଲକ ଦାଶବିଦ୍ୟାଧରପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ତେରବାଟୀ ଗ୍ରାମରେ। ମୃତ୍ୟୁ ବେଳକୁ ତାଙ୍କୁ ୫୯ ବର୍ଷ ହୋଇଥିଲା। ପ୍ରାପ୍ତ ସୂଚନା ଅନୁଯାୟୀ, ଶ୍ରୀ ନାୟକ ହଠାତ୍ ଛାତିରେ ପ୍ରବଳ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ତୁରନ୍ତ ଚିକିତ୍ସା ନିମନ୍ତେ ସାକ୍ଷୀଗୋପାଳ ଡାକ୍ତରଖାନାକୁ ଅଣାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହୃଦଘାତ କାରଣରୁ ତାଙ୍କର ଦେହାନ୍ତ ହୋଇଥିବା ନେଇ ଡାକ୍ତର ସ୍ପଷ୍ଟ କରିଥିଲେ। ତାଙ୍କର ଏହି ବିୟୋଗ ଖବର ପାଇବା ପରେ ସ୍ଥାନୀୟ ଆଇନଜୀବୀ ମହଲ ତଥା ସାଧାରଣରେ ଶୋକର ଛାୟା ଖେଳିଯାଇଛି। ସତ୍ୟବାଦୀର ଓକିଲ ସଂଘ ଆଜି ଦିନିକିଆ କାର୍ଯ୍ୟାବନ୍ଦ ମଧ୍ୟ କରିଥିଲେ। ସତ୍ୟବାଦୀ ଓ ପୁରୀ ବାର୍ ଆସୋସିଏସନର ସମସ୍ତ ସଭ୍ୟ ଏବଂ ସ୍ଥାନୀୟ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ଓମ ପ୍ରକାଶ ପରିଡା ଏବଂ ତହସିଲ ର ସମସ୍ତ କର୍ମଚାରୀମାନେ ଉପସ୍ଥିତ ରହି ସ୍ୱର୍ଗତ ନାୟକଙ୍କ ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରେ ଶୋକାକୁଳ ପରିବେଶ ମଧ୍ୟରେ ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କର ଅନ୍ତିମ ସଂସ୍କାର ସମ୍ପନ୍ନ କରାଯାଇଛି।

### ନୀଳଗିରି ବିଜ୍ଞାପିତ ଅଞ୍ଚଳରେ ପାନୀୟ ଜଳ ସଙ୍କଟ

## ପାଣି ପାଇଁ ଗରା, ବାଲଟି ରଖି ମହିଳାଙ୍କ ରାସ୍ତା ଅବରୋଧ

**ନୀଳଗିରି,୨୯।୫ (ସଂଚାର ବ୍ୟୁରୋ)ଃ** ନୀଳଗିରି ଏନଏସି ଅଧିନସ୍ଥ ୫ନଂ ୱାର୍ଡ ବରିସାହି ଗ୍ରାମରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ଗ୍ରାମରେ ଜଳସ୍ତର କମି ଯାଉଥିବାରୁ ନଳକୂଅ ଗୁଡିକରୁ ପାଣି ବାହାରୁନାହିଁ। ନିୟମିତ ପାଇପି ପାଣି ଆସୁ ନଥିବାରୁ ଗ୍ରାମରେ ନାହିଁ ନଥିବା ପରିସ୍ଥିତି ସୃଷ୍ଟି ହୋଇଛି। ଏନେଇ ଗ୍ରାମବାସୀମାନେ ବାରମ୍ବାର ଅଧିକାରୀଙ୍କୁ ଜଣାଇଲା ପରେ ବି ସମସ୍ୟାର ସମାଧାନ ହେଉନାହିଁ।

ଏପଟେ ଅସହ୍ୟ ଗ୍ରୀଷ୍ମ ପବାହ ଯୋଗୁ ପାନୀୟ ଜଳ ପାଇଁ ଗ୍ରାମବାସୀମାନେ ତହଳ ବିକଳ ହେଉଛନ୍ତି। ଏସବୁକୁ ଦୃଷ୍ଟିରେ ରଖି ଆଜି ବାରିସାହି ଗ୍ରାମର ରଂଜିତା ଦାସ, ଶାନ୍ତି ଲତା ଦାସ, ସୁରତି ଦାସ,କୃଷ୍ଣା ସ୍ୱାଇଁ, ମାଳତୀ ସ୍ୱାଇଁ, ସସ୍ମିତା ସ୍ୱାଇଁ, ଜୟନ୍ତୀ ଦାସ, ଜମା ସ୍ୱାଇଁ ସମେତ ଶତାଧିକ ମହିଳା ପୂର୍ବାହ୍ନ ୧୨ଘଟିକା ସମୟରେ ନୀଳଗିରି-ଶେରଗଡ଼ ୧୯ନଂ ରାଜ୍ୟ ରାଜପଥ ବରିସାହି ମନୀଷା ମନ୍ଦିର ଛକରେ ଗରା, ବାଲଟି ରଖି ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ପହଁଚି ବରିସାହି ଗ୍ରାମର ପାନୀୟ ଜଳର ସମାସ୍ୟା ନେଇ ବିଭାଗୀୟ ଅଧିକାରୀଙ୍କ ସହ ଫୋନ ଯୋଗେ ଆଲୋଚନା କରିବା ସହିତ ଅଂଚଳବାସୀଙ୍କ ପାଇଁ ପାନୀୟ ଜଳର ସ୍ଥାୟୀ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ପ୍ରତ୍ୟାହାର ହୋଇଥିଲା।



## ରାମଚରିତ ମାନସ ପ୍ରବଚନ ଉଦ୍‌ଯାପିତ

**ହିଞ୍ଜିଳିକାଟୁ,୨୯।୫ (ସଂଚାର ବ୍ୟୁରୋ)ଃ** ହିଞ୍ଜିଳିକାଟୁ ପୌରାଞ୍ଚଳ ଭାଗବତ କଥା ବିତରଣ ପରିଷଦ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ପୌରାଞ୍ଚଳ ବୃନ୍ଦାବନ ବିଦ୍ୟାପୀଠ ମିନିଷ୍ଟାଡିୟମ ପରିସରରେ ରାମଚରିତ ମାନସ ପ୍ରବଚନ କାର୍ଯ୍ୟକ୍ରମ ଗୁରୁବାର ଉଦଯାପିତ ହୋଇଛି। ଟ୍ରଷ୍ଟ ସଭାପତି ଦେବାନନ୍ଦ ମହାପାତ୍ରଙ୍କ ପୌରୋହିତରେ ଆୟୋଜିତ କାର୍ଯ୍ୟକ୍ରମ ୯ ଦିନ ବ୍ୟାପି ଅନୁଷ୍ଠିତ ହୋଇଥିବା ବେଳେ ବିଶିଷ୍ଟ ପ୍ରବକ୍ତା କଟକ ଜିଲ୍ଲା ଆଠଗଡ ଅଞ୍ଚଳର ପ୍ରବଚକ ମାନସରାଜ ପଣ୍ଡିତ ମାନସ ରଞ୍ଜନ ପଣ୍ଡାଙ୍କ ଦ୍ୱାରା ସୁନ୍ଦର ପ୍ରବଚନ ଶୁଣିବାକୁ ପ୍ରତିଦିନ ସନ୍ଧ୍ୟାରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିଲା। ଶେଷ ଦିବସରେ ଅତିଥି ରୂପେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ,ବିଡିଓ ସାଗରୀକା ଷଡ଼ଙ୍ଗୀ, ଇଓ ସୁକାନ୍ତ ଚନ୍ଦ୍ର ବେଉରା, ଅଧିକ୍ଷକ ଡା. ଶ୍ରୀକାନ୍ତ ସାହୁ,ପୌର ଅଧ୍ୟକ୍ଷ ଓ ଉପାଧ୍ୟାକ୍ଷା ଯୋଗ ଦେଇଥିଲେ।

### ସତ୍ୟପାଠ

ମୁଁ, ପ୍ରତୀକ୍ଷା ସଡ଼ଙ୍ଗୀ, ଡାକ୍ତର ପ୍ରିୟଦର୍ଶୀ ତ୍ରିପାଠୀଙ୍କ ପତ୍ନୀ, ପ୍ଲଟ୍ ନମ୍ବର ୩୦୨, ମେଟ୍ରୋ ମନୋରମା କମ୍ପ୍ଲେକ୍ସ, ପି.ଓ.- ବକ୍ସିବଜାର, ଜିଲ୍ଲା- କଟକ-୭୫୩୦୦୧, ଓଡ଼ିଶା, ସ୍ଥାୟୀ ବାସିନ୍ଦା, ଏହି ସତ୍ୟପାଠ ନମ୍ବର ୪୪୮୯, ତାରିଖ- ୨୮.୦୫.୨୦୨୬, ଦ୍ୱାରା ଘୋଷଣା କରୁଛି ଯେ, ବର୍ତ୍ତମାନଠାରୁ ମୁଁ ଭବିଷ୍ୟତର ସମସ୍ତ ଉଦ୍ଦେଶ୍ୟ ପାଇଁ ପ୍ରତୀକ୍ଷା ସଡ଼ଙ୍ଗୀ ଭାବରେ ପରିଚିତ ହେବି।

### ଜାତୀୟ ଖରିଫ ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ

# ରାଜ୍ୟର ଡିଜିଟାଲ୍ ଓ ସ୍ଥାୟୀ ସଂସ୍କାର ନେଇ ଆଲୋଚନା



**ଭୁବନେଶ୍ୱର,୨୯।୫(ସଂଚାର ବ୍ୟୁରୋ):** ଜାତୀୟ ସ୍ତରରେ ଓଡ଼ିଶା ଏକ ଅଗ୍ରଣୀ କୃଷି ପ୍ରଧାନ ରାଜ୍ୟ ଭାବେ ଉଭା ହୋଇଛି। ନୂଆଦିଲ୍ଲୀରେ ଆୟୋଜିତ ଜାତୀୟ ଖରିଫ ସମ୍ମିଳନୀରେ ଅଂଶଗ୍ରହଣ କରି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଓଡ଼ିଶାର କୃଷି କ୍ଷେତ୍ର ଆନୁମାନିକ ୫.୩ ପ୍ରତିଶତ ହାରରେ ଅଭିବୃଦ୍ଧି ହାସଲ କରୁଛି, ଯାହା ଜାତୀୟ ହାର ୩.୧ ପ୍ରତିଶତ ତୁଳନାରେ ଯଥେଷ୍ଟ ଅଧିକ। ଏହି ଅର୍ଥନୈତିକ ସଫଳତା ଗତ ୨୦୨୪-୨୫ ବର୍ଷ ମଧ୍ୟରେ ରାଜ୍ୟରେ ୧୫୦ ଲକ୍ଷ ମେଟ୍ରିକ ଟନ୍‌ରୁ ଅଧିକ ଖାଦ୍ୟଶସ୍ୟ ଓ ୧୫୬ ଲକ୍ଷ ମେଟ୍ରିକ ଟନ୍ ଉଦ୍ୟାନ କୃଷି ଉତ୍ପାଦ ଅମଳ କରାଯାଇଥିଲା। କେନ୍ଦ୍ର ସରକାରଙ୍କ 'ପୂର୍ବୋଦୟ' ଦୂରଦୃଷ୍ଟି ଓ ରାଜ୍ୟର ନିଜସ୍ୱ 'ବିକଶିତ ଓଡ଼ିଶା ୨୦୩୬' ଆଭିମୁଖ୍ୟ ଦ୍ୱାରା ପରିଚାଳିତ ହୋଇ ରାଜ୍ୟ ସରକାର ଗ୍ରାମୀଣ ଭିତ୍ତିଭୂମିର ଉନ୍ନତି, ଚାଷୀଙ୍କ ଆୟ ବୃଦ୍ଧି ଓ ଏକ ଜଳବାୟୁ-ସହନଶୀଳ କୃଷି ବ୍ୟବସ୍ଥା ଗଠନ ପାଇଁ ଚାଷୀ-କୈନ୍ଦ୍ରିକ ନୀତିଗୁଡ଼ିକୁ ଦ୍ରୁତ ଗତିରେ କାର୍ଯ୍ୟକାରୀ କରୁଛନ୍ତି।

ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ରାଜ୍ୟରେ ଆସନ୍ତା ୨୦୨୬ ଖରିଫ ସିଜନ୍ ପାଇଁ ଗୁରୁତ୍ୱପୂର୍ଣ୍ଣ ରଣନୀତି ଉପରେ କେନ୍ଦ୍ରୀୟ ନେତାଙ୍କ ସହ ଆଲୋଚନା କରିଛନ୍ତି। ଚଳିତ ବର୍ଷ ୫୭.୪୦ ଲକ୍ଷ ହେକ୍ଟର ଜମିରେ ଚାଷ କରିବାର ବୃହତ ଲକ୍ଷ୍ୟ ରଖାଯାଇଛି। ଏହି ମହତ୍ତ୍ୱାକାଂକ୍ଷୀ ଚାଷ ଅଭିଯାନକୁ ସହାୟତା କରିବା ପାଇଁ ଓଡ଼ିଶା ପକ୍ଷରୁ ୪ ଲକ୍ଷ କ୍ୱିଣ୍ଟାଲ ପ୍ରାମାଣିକ ବିହନ ଯୋଗାଇବା ପାଇଁ ୧୦୦ କୋଟି ଟଙ୍କାର ଏକ କର୍ପସ ପାଣ୍ଠି ଓ ସଠିକ୍ ସମୟରେ ୧୧.୪୩ ଲକ୍ଷ ମେଟ୍ରିକ ଟନ୍ ସାର ମହଜୁଦ ରଖିବା ପାଇଁ ୨୪୦ କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ କରାଯାଇଛି। ରାଜ୍ୟ ସ୍ତରରେ ପ୍ରମୁଖ ଯୋଜନା 'ସମୃଦ୍ଧ କୃଷକ ଯୋଜନା' ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) ଉପରେ ଅତିରିକ୍ତ ଇନପୁଟ୍ ସହାୟତା ମାଧ୍ୟମରେ କ୍ୱିଣ୍ଟାଲ ପିଛା ୩,୧୦୦ ଟଙ୍କାରେ ଧାନ ସଂଗ୍ରହ ସୁନିଶ୍ଚିତ କରି ଚାଷୀଙ୍କ ଆର୍ଥିକ ସଶକ୍ତିକରଣ କରାଯାଉଛି। ଏଥିସହ ସେବା ପ୍ରଦାନ ବ୍ୟବସ୍ଥାକୁ ଆଧୁନିକୀକରଣ କରିବା ପାଇଁ ରାଜ୍ୟ ସରକାର ଚାଷୀ ପଞ୍ଜିକରଣ, ଡିଜିଟାଲ୍ ଫସଲ ସର୍ବେକ୍ଷଣ ଓ ଆଗ୍ରିଷ୍ଟାକ୍ ସମନ୍ୱୟକୁ ଅନ୍ତର୍ଭୁକ୍ତ କରି ଏକ 'ଡିଜିଟାଲ୍ କୃଷି ମିଶନ' ଆରମ୍ଭ କରୁଛନ୍ତି। ଏହି ଅବସରରେ ଶ୍ରୀ ସିଂହଦେଓ ଅଭିବୃଦ୍ଧିକୁ ବଜାୟ ରଖିବା ଓ କାର୍ଯ୍ୟକ୍ଷେତ୍ରରେ ଥିବା ବାଧାବିଘ୍ନଗୁଡ଼ିକୁ ଦୂର କରିବା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଏକ ବିସ୍ତୃତ ସ୍ମାରକପତ୍ର ଉପସ୍ଥାପନ କରିଛନ୍ତି।

ଏଥିରେ ରାଜ୍ୟ ପକ୍ଷରୁ ଡାଲି ଫସଲ ପ୍ରଦର୍ଶନ କାର୍ଯ୍ୟକ୍ରମର ଆବଣ୍ଟନକୁ ୨୪.୭୪ କୋଟି ଟଙ୍କା (୨୪,୭୪୦ ହେକ୍ଟର ପାଇଁ)ରୁ ୨୦୦ କୋଟି ଟଙ୍କାକୁ (୨,୦୦,୦୦୦ ହେକ୍ଟର ପାଇଁ) ବୃଦ୍ଧି କରିବାକୁ ଦାବି କରାଯାଇଛି। ରାଜ୍ୟ ପକ୍ଷରୁ ମୂଲ୍ୟ ସହାୟତା ଯୋଜନା (ପିଏସ୍ଏସ୍) ପେମେଣ୍ଟ ପ୍ରକ୍ରିୟାକୁ ସରଳ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। ଗୁଣବତ୍ତା ଯାଞ୍ଚ କେବଳ ମଣ୍ଡି ବା ସଂଗ୍ରହ କେନ୍ଦ୍ରଗୁଡ଼ିକରେ ଥରେ ମାତ୍ର କରାଯିବା ସକାଶେ ନିବେଦନ କରାଯାଇଛି। ଏହାଦ୍ୱାରା ରାଜ୍ୟସ୍ତରୀୟ ସହାୟକ ସଂସ୍ଥା (ମାର୍କଫେଡ୍) ଗୋଦାମଗୁଡ଼ିକରେ ଦ୍ୱିତୀୟ ବାର ଯାଞ୍ଚ ପାଇଁ ଅପେକ୍ଷା ନ କରି ଚାଷୀଙ୍କୁ ତୁରନ୍ତ ଅର୍ଥ ପ୍ରଦାନ କରିପାରିବ। ଏହି ଉଚ୍ଚସ୍ତରୀୟ ସମ୍ମିଳନୀରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ରାଜପଥକୁ ଅଡୁଆ ବସ୍ ହୋଟେଲ

### ରଥଯାତ୍ରା ସମୟରେ ଉପୁଜିପାରେ ଟ୍ରାଫିକ ସମସ୍ୟା

**ଭୁବନେଶ୍ୱର,୨୯।୫(ସଂଚାର ବ୍ୟୁରୋ):** ଭୁବନେଶ୍ୱରରୁ ପୁରୀକୁ ଲମ୍ବିଥିବା ରାଜପଥ ପାର୍ଶ୍ୱରେ ଏବେ ମନଇଚ୍ଛା ହୋଟେଲ ବ୍ୟବସାୟ କର୍ତ୍ତୃପକ୍ଷଙ୍କ ପାଇଁ ଅଡୁଆ ସୃଷ୍ଟି କରିଛି। ବିଶେଷକରି ଶିଉଳା ନିକଟରେ ରାସ୍ତାକଡ଼ରେ ଛିଡ଼ା ହୋଇଥିବା କିମ୍ବା ରାସ୍ତାଠାରୁ ଦୂରକୁ ନେଉନାହାନ୍ତି, ତାହା ଆଲୋଚନାର ବିଷୟ ପାଲଟିଛି। ରାସ୍ତାକଡ଼ରେ ରଙ୍ଗବେରଙ୍ଗର ବସ୍‌ରେ ହୋଟେଲ ହୋଇଥିବାରୁ ଲୋକେ ଏହାକୁ ଦେଖିବା ପାଇଁ ରାସ୍ତା ଉପରେ ଅଟକୁଥିବା ବେଳେ ଅନେକ ଏଠାରେ ଖାଇବା ପାଇଁ



ବସ୍ ହୋଟେଲ ଏବେ ରାସ୍ତାରେ ଭିଡ଼ ଜମାଉଛି।

ଚଳିତ ବର୍ଷର ରଥଯାତ୍ରା ସମୟରେ ଯେଭଳି ପରିବହନରେ କୌଣସି ବ୍ୟାଘାତ ନ ଉପୁଜେ, ସେଥିପାଇଁ ଭୁବନେଶ୍ୱରଠାରୁ ପୁରୀ ପର୍ଯ୍ୟନ୍ତ ରାସ୍ତାକଡ଼ରୁ ଜବରଦଖଲ ହଟାଯାଉଥିବା ବେଳେ ରାସ୍ତାକଡ଼ରେ ଭିଡ ସୃଷ୍ଟି କରୁଥିବା ଏଭଳି ହୋଟଲକୁ କର୍ତ୍ତୃପକ୍ଷ କାହିଁକି ଉଚ୍ଛେଦ କରୁନାହାନ୍ତି ରାସ୍ତାକଡ଼ରେ ଗାଡ଼ି ରଖିଦେଇ ଯାଉଛନ୍ତି। ତେଣୁ ଧିରେ ଧିରେ ଏହି ଅଞ୍ଚଳରେ ଭିଡ଼ ଜମିବାରେ ଲାଗିଛି। ତେଣୁ ରଥଯାତ୍ରା ପୂର୍ବରୁ ତୁରନ୍ତ ଟ୍ରାଫିକ ପରିଚାଳନକୁ ସୁବ୍ୟବସ୍ଥିତ କରିବା ଲାଗି ଚା' ଓ ପାନ ଦୋକାନଠାରୁ ଆରମ୍ଭ କରି ଏଭଳି ଯେତେ ହୋଟେଲ ରାସ୍ତାକଡ଼ରେ ଭିଡ଼ କରୁଛନ୍ତି, ତାହାକୁ ହଟାଇଦେବା ପାଇଁ ମତ ପ୍ରକାଶ ପାଉଛି।

## ଆମ୍ବୁଲାନ୍ସକୁ ପଛରୁ ପିଟିଲା ମାଟି ବୋଝେଇ ଡମ୍ଫର, ରୋଗୀ ଗୁରୁତର

**ଜଳେଶ୍ୱର,୨୯।୫(ସଂଚାର ବ୍ୟୁରୋ):** ରୋଗୀ ନେଇ ଫେରୁଥିବା ସମୟରେ ଏକ ଆମ୍ବୁଲାନ୍ସ ସହ ପଟପଟରୁ ଧକ୍କା ହୋଇଛି ମାଟି ବୋଝେଇ ଡମ୍ଫର। ଏହି ଦୁର୍ଘଟଣାରେ ଆମ୍ବୁଲାନ୍ସରେ ଯାଉଥିବା ରୋଗୀ ଗୁରୁତର ଭାବେ ଆହତ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁଯାୟୀ, ପଶ୍ଚିମବଙ୍ଗ ଦାନ୍ତୋନ ଥାନା ଅନ୍ତର୍ଗତ ଏଗ୍ରା ଅଞ୍ଚଳର ଜନୈକା




ମହିଳା କଟକ ଏସସିବି ମେଡିକାଲ୍‌ରେ ଭର୍ତ୍ତି ହୋଇଥିଲେ। ତେବେ ରୋଗୀ ଚିକିତ୍ସା ପରେ ସାମାନ୍ୟ ସୁସ୍ଥ ହେବାରୁ ଆମ୍ବୁଲାନ୍ସ ଯୋଗେ ଦାନ୍ତୋନ ଫେରୁଥିଲେ। କିନ୍ତୁ ୧୬ ନମ୍ବର ଜାତୀୟ ରାଜପଥର ବାଲେଶ୍ୱର ସନ୍ତୋଷପୁର ନିକଟରେ ଏକ ମାଟି ବୋଝେଇ ଡମ୍ଫର ଆମ୍ବୁଲାନ୍ସକୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଆମ୍ବୁଲାନ୍ସରେ ଥିବା ଉକ୍ତ ମହିଳା ରୋଗୀ ଜଣଙ୍କ ଗୁରୁତର ଭାବେ ଆହତ ହୋଇଥିଲେ। ଖବର ପାଇ ଘଟଣାସ୍ଥଳରେ ରାଜପଥ ପୁଲିସ ପହଞ୍ଚି ଅନ୍ୟ ଏକ ଆମ୍ବୁଲାନ୍ସ ଯୋଗେ ଗୁରୁତର ରୋଗୀଙ୍କୁ ଦାନ୍ତୋନ ଅଞ୍ଚଳକୁ ପଠାଇଛି।

## ବଜ୍ରପାତରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

**ମାଲକାନଗିରି,୨୯।୫(ସଂଚାର ବ୍ୟୁରୋ):** ଗୁରୁବାର କାଲିମେଳା ବ୍ଲକ୍‌ରେ କାଳବୈଶାଖୀଜନିତ ବର୍ଷା ସହ ଘଡ଼ଘଡ଼ି ହୋଇଥିବା ବେଳେ ବଜ୍ରପାତଜନିତ ଦୁର୍ଘଟଣା ଘଟିଛି। ବଜ୍ରପାତର ଶିକାର ହୋଇ ଜଣେ ମହିଳାଙ୍କର ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ୱାମୀ ଆହତ ହୋଇଛନ୍ତି। ଏଭଳି ଏକ ଘଟଣା ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ୍ ମହାରାଜପଲ୍ଲୀ ଅଞ୍ଚଳରେ ଦେଖିବାକୁ ମିଳିଛି। ମିଳିଥିବା ସୂଚନା ମୁତାବକ, ମହାରାଜପଲ୍ଲୀ ଗ୍ରାମର ଭୀମା ମାଡ଼କାମୀ (୪୦) ଓ ତାଙ୍କ ପତ୍ନୀ ଏଙ୍ଗୀ ମାଡ଼କାମୀ (୩୫) ଗତକାଲି ଅପରାହ୍ନରେ ବର୍ଷା ସହ ଘଡ଼ଘଡ଼ି ହେଉଥିବାରୁ ଗାଁ ନିକଟରେ ବାଦାମ କ୍ଷେତରେ ଥିବା ଏକ କୁଡ଼ିଆରେ ରହିଥିଲେ। ହଠାତ୍ କାଳବୈଶାଖୀଜନିତ ଝଡ଼ବର୍ଷା ସହ ପ୍ରବଳ ବଜ୍ରପାତ ହୋଇଥିଲା। ଏହି ସମୟରେ ବଜ୍ରପାତର ସିଧାସଳଖ ପ୍ରଭାବ ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ଉପରେ ପଡ଼ିଥିଲା। ବଜ୍ରପାତ ଫଳରେ ଘଟଣାସ୍ଥଳରେ ହିଁ ସ୍ତ୍ରୀ ଏଙ୍ଗୀଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଅପରପକ୍ଷରେ ସ୍ୱାମୀ ଭୀମା ମାଡକାମୀ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ତୁରନ୍ତ ଉଦ୍ଧାର କରି ନିକଟସ୍ଥ ଏମ୍‌ଭି-୭୯ ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ତାଙ୍କ ଅବସ୍ଥା ଏବେ ସ୍ଥିର ଥିବା ଜଣାପଡ଼ିଛି। ଏହି ସୂଚନା ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସରକାରୀ ନିୟମ ଅନୁଯାୟୀ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ୪ ଗୋ-ଚାଲାଣକାରୀ ଗିରଫ



**ବଞ୍ଜୋ,୨୯।୫(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଘଷିପୁରା ଥାନାଞ୍ଚଳରେ ଗତକାଲି ରାତିରେ ଏକ ପିକ୍-ଅପ୍ ଭ୍ୟାନରେ ଗୋରୁ ଚାଲାଣ କରାଯାଉଥିବା ସମୟରେ ପୁଲିସ୍ ଏହାକୁ ରୋକିବା ସହ ସେଥିରୁ ୬ଟି ବଳଦକୁ ଉଦ୍ଧାର କରିଛି। ଉକ୍ତ ବଳଦଗୁଡ଼ିକୁ ଅତି ଅମାନବୀୟ ଭାବେ ଚାଲାଣ କରାଯାଉଥିବା ବେଳେ ଏହା ସହ ଜଡ଼ିତ ୪ ଜଣ ଯୁବକଙ୍କୁ ମଧ୍ୟ ଗିରଫ କରାଯାଇଛି। ଏ ସମ୍ପର୍କରେ ଘଷିପୁରା ଥାନାରେ କେସ୍ ନମ୍ବର ୨୪୭/୨୬ରେ ଭାରତୀୟ ନ୍ୟାୟ ସଂହିତାର ଧାରା ୩୦୩(୨)/୩(୫), ପ୍ରିଭେନସନ ଅଫ୍ କ୍ରୁଏଲ୍ଟି ଟୁ ଆନିମଲ୍ସ ଆକ୍ଟର ଧାରା ୧୧(୧)(ଡି) ଏବଂ କାଓ ସ୍ଲଟର ଆକ୍ଟର ଧାରା ୭ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ପୁଲିସ୍ ହାତରେ ଗିରଫ ହୋଇଥିବା ୪ ଅଭିଯୁକ୍ତ ହେଲେ ମୟୂରଭଞ୍ଜ ଜିଲ୍ଲା ହାତିଗଡ଼ା ଅଞ୍ଚଳର ନାରାୟଣ ଲାମାଲ, କୁମୁଡ଼ିଆର ବଳରାମ ନାୟକ, ପୁରୁଣାପାଣିର ଭୀମସେନ ମୁଣ୍ଡାରୀ ଓ ଆନନ୍ଦପୁର ଅଞ୍ଚଳର ବୃନ୍ଦା ହୋ। ଗିରଫ ଅଭିଯୁକ୍ତମାନେ ଗୋ-ଚାଲାଣ ସମ୍ପର୍କିତ କୌଣସି ବୈଧ କାଗଜପତ୍ର ଦେଖାଇ ନ ପାରିବାରୁ ସେମାନଙ୍କୁ ଗିରଫ କରାଯାଇଛି ବୋଲି ଆନନ୍ଦପୁର ଏସ୍‌ଡିପିଓ କମଳ ଲୋଚନ ପଣ୍ଡା କହିଛନ୍ତି। ଏହି ଘଟଣାରେ ପୁଲିସ୍ ଅଧିକ ତଦନ୍ତ ଚଳାଇଥିବା ଜଣାପଡ଼ିଛି।

### ସୁଧୀର ପାତ୍ର ହତ୍ୟା ମାମଲା

## ଡେମୋ ଦେଖାଇଲେ ଦୁଇ ଅଭିଯୁକ୍ତ



**ଗୋପାଳପୁର,୨୯।୫(ସଂଚାର ବ୍ୟୁରୋ):** ଗୋପାଳପୁର ପ୍ଲଟ୍ ବ୍ୟବସାୟୀ ସୁଧୀର ପାତ୍ର ହତ୍ୟା ମାମଲାରେ ଦୁଇଦିନିଆ ରିମାଣ୍ଡରେ ଦୁଇ ଅଭିଯୁକ୍ତ ମୁକେଶ ସାହୁ ଓ ସୁମିତ ସିଂ ସୁନୀଲ ରାଜପୁତ ଆସିଥିବା ବେଳେ ଆଜି ଉଭୟ ଡେମୋ ଦେଖାଇଛନ୍ତି। ସେମାନଙ୍କ ରିମାଣ୍ଡର ପ୍ରଥମ ଦିନରେ ଏଏସ୍‌ପି ଆଲୋକ ଜେନା, ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ପରିଡ଼ା ଉଭୟ ଅଭିଯୁକ୍ତଙ୍କୁ ପଚରାଉଚରା କରିଛନ୍ତି। ଏଥିସହ ଆଜି ଉଭୟ ଅଭିଯୁକ୍ତଙ୍କୁ ନେଇ ପୁଲିସ୍ କ୍ରାଇମ୍ ସିନ୍ ରିକ୍ରିଏସନ୍ କରିଛି। ଭାବିନାରାୟଣପୁର ବଣଗାଁ - ମଣ୍ଡିଆପଲ୍ଲୀ ରାସ୍ତାରେ ଏହି ସିନ୍ ରିକ୍ରିଏସନ୍ କରାଯାଇଛି। ଅପହରଣ ସ୍ଥାନରେ ପହଞ୍ଚି ଅଭିଯୁକ୍ତ ସୁମିତ ସିଂହ ସୁନୀଲ ରାଜପୁତ କିପରି ଭାବେ ସୁଧୀରଙ୍କୁ ଅପହରଣ କରିଥିଲା, ତା'ର ଡେମୋ ଦେଖାଇଥିଲା। ଅନ୍ୟତମ ଅଭିଯୁକ୍ତ ମୁକେଶ ପୁଲିସ ଗାଡ଼ିରେ ବସିଥିଲା। ଅପହରଣ ଓ ହତ୍ୟାକାଣ୍ଡର ଟିକିନିଖି ତଥ୍ୟ ସଂଗ୍ରହ କରିଛି ପୁଲିସ। ସଦର ଏସଡିପିଓ ଶ୍ରୀ ପରିଡ଼ା ଗୋପାଳପୁର ଥାନାଧିକାରୀ ସତ୍ୟ ରଞ୍ଜନ ଲେଙ୍କାଙ୍କ ସହ ଅନ୍ୟ ପୁଲିସ କର୍ମଚାରୀ ମଧ୍ୟ ସେଠାରେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଯେ, ସୁଧୀର ପାତ୍ର ହତ୍ୟା ଘଟଣାରେ ୯ ଜଣ ଅଭିଯୁକ୍ତ ସୁଧୀରଙ୍କ ଝିଆରି ନିବେଦିତା ପାତ୍ର, ତାଙ୍କ ପୁତୁରା ତୁଷାର କୁମାର ପାତ୍ର, ନିବେଦିତାଙ୍କ ପୁରୁଷ ବନ୍ଧୁ ଗାଙ୍ଗପୁର ଥାନା ଅଞ୍ଚଳର କଳିଆ ଓରଫ କାଲୁ ଚରଣ ପ୍ରଧାନ, ବୁଗୁଡ଼ା ଥାନା ବି.ବ୍ରହ୍ମପୁରର ଟିଲୁ ଓରଫ ଆଶିଷ ମହାପାତ୍ର, ବୁଗୁଡ଼ାର ନାରାୟଣ ପ୍ରଧାନ, ହିଞ୍ଜିଳି ଥାନା ଅନ୍ତର୍ଗତ ସାମଲାଇ ନଗର ଶୁଭମ ନାୟକ, ଶୁଭମ ଗୌଡ଼, ଉତ୍ତରପ୍ରାଦର ବାରଣାସୀର ସୂର୍ଯ୍ୟ ପ୍ରତାପ ସିଂ ଓ ହିଞ୍ଜିଳିକାଟୁ ଥାନା ଆଲିପୁର ଜିତୁନ୍ ପଲେଇକୁ ପୁଲିସ କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ ଫେରାର ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କ ସହ ରଞ୍ଜନ ମଲ୍ଲିକ ଓ ସରୋଜ ପଣ୍ଡା ମୋଟ ୪ ଜଣଙ୍କୁ ରାଜସ୍ଥାନରୁ ଗିରଫ କରିବା ପରେ ଟ୍ରାନ୍‌ଜିଟ୍ ରିମାଣ୍ଡରେ ବ୍ରହ୍ମପୁର ନେଇ ଆସୁଥିଲା। ଗତ ୨୪ ତାରିଖ ସନ୍ଧ୍ୟାରେ ରତନପୁରରେ ରଞ୍ଜନ ଓ ସରୋଜ ପରିସ୍ରା କରିବାକୁ ଯିବା ବାହାନାରେ ପୁଲିସଠାରୁ ବନ୍ଧୁକ ଛଡ଼ାଇ ଫେରାର ହେବାକୁ ଉଦ୍ୟମ କରିଥିଲେ। ପୁଲିସ ଏନ୍‌କାଉଣ୍ଟରରେ ରଞ୍ଜନ ଓ ସରୋଜ ଆହତ ହୋଇ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

## ବାଇକ୍ ସହ ଜିଅନ୍ତା ଜଳିଗଲେ ଯୁବକ

**ପାଲଲହଡ଼ା,୨୯।୫ (ସଂଚାର ବ୍ୟୁରୋ) :** ଆଜି ସକାଳୁ ସକାଳୁ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ବାଇକ ଦୁର୍ଘଟଣାରେ ଚାଳକ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ସେହିପରି ଅନ୍ୟ ଜଣଙ୍କୁ ଗୁରୁତର ଅବସ୍ଥାରେ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଅନୁଗୋଳ ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅଜଣା ଗାଡ଼ି ଧକ୍କା ଦେବା ପରେ ବାଇକ୍‌ଟି ଜଳିଯାଇଥିଲା। ସୂଚନାନୁସାରେ, କଣିହାଁ ବ୍ଲକ୍ ସମଲ ଥାନା ଜାତୀୟ ରାଜପଥ ୧୪୯ ବୁରୁକୁନା ଛକ ସମକୋଇ ବ୍ରିଜ୍‌ରେ ଘଟିଛି ଏହି ସଡ଼କ ଦୁର୍ଘଟଣା। ବିଳମ୍ବିତ ରାତ୍ରିରେ ଏହା ଘଟିଥିବା ନେଇ ଅନୁମାନ କରାଯାଉଥିବା ବେଳେ ଦୁର୍ଘଟଣାରେ ବାଇକ୍ ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସମଲ ପୁଲିସ ପହଞ୍ଚି ତଦନ୍ତ କରୁଛି। ତେବେ ଖବର ଲେଖାଯିବା ସୁଦ୍ଧା ମୃତକଙ୍କ ପରିଚୟ ମିଳିପାରିନାହିଁ ।



### ବନ କର୍ମଚାରୀଙ୍କୁ ଦୁର୍ବ୍ୟବହାର

## ସ୍କୁଟି ଛାଡ଼ି ଦୌଡ଼ିଲେ ଫରେଷ୍ଟ ଗାର୍ଡ

**ନୀଳଗିରି,୨୯।୫(ସଂଚାର ବ୍ୟୁରୋ):** ଘେରିଗଲେ ଲୋକେ, ଆକ୍ରୋଶରୁ ବଞ୍ଚିବାକୁ ସ୍କୁଟି ଛାଡ଼ି ଦୌଡ଼ିଲେ ମହିଳା ଫରେଷ୍ଟ ଗାର୍ଡ। ମହିଳା ଫରେଷ୍ଟ ଗାର୍ଡଙ୍କୁ ଘେରିଗଲେ ଲୋକେ। ବେଆଇନ ମାଟି ଉତ୍ତୋଳନ ନେଇ ଚଢ଼ାଉ ସମୟରେ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିଛନ୍ତି। ନୀଳଗିରି ବନ ବିଭାଗର ମହିଳା ଫରେଷ୍ଟ ଗାର୍ଡ ବବିସ୍ମିତା ସାହୁଙ୍କ ସମେତ କେତେକ ବନ କର୍ମଚାରୀଙ୍କୁ ଘେରିଗଲେ ଲୋକେ। ଏଭଳି ଘଟଣା ଦେଖିବାକୁ ମିଳିଛି ନୀଳଗିରି ରେଞ୍ଜ ଧୋବଶିଳା ବିଟ୍ ଅଧୀନ ରାବିଡ଼ିସାହି ଓ ଡାହିସାହି ଅଞ୍ଚଳରେ। ମିଳିଥିବା ସୂଚନାନୁସାରେ, ଧୋବଶିଳା ଜଙ୍ଗଲ ନିକଟ ପାହାଡ଼ରୁ ବେଆଇନ ଭାବେ ପଥର ଉତ୍ତୋଳନ କରାଯାଇ ନିକଟରେ ଚାଲିଥିବା ଏକ ମନରେଗା ଯୋଜନାରେ ନିର୍ମାଣ ହେଉଥିବା ଏକ ସରକାରୀ ରାସ୍ତା କାମରେ ଲଗାଯାଉଥିଲା। ଏ ସମ୍ପର୍କରେ ନୀଳଗିରି ବନ ବିଭାଗକୁ ଅବଗତ କରାଯିବା ପରେ ମହିଳା ଫରେଷ୍ଟ ଗାର୍ଡ ବବିସ୍ମିତା ସାହୁ ସଦଳବଳ ଘଟଣାରେ ସ୍ଥଳରେ ପହଞ୍ଚିଥିଲେ। ଘଟଣାସ୍ଥଳରେ ମାଫିଆଙ୍କ ସହ ଗ୍ରାମବାସୀ ମିଳିତ ଭାବେ ମହିଳା ଗାର୍ଡଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ଦୁର୍ବ୍ୟବହାର କରିଥିଲେ। ଫଳରେ ମହିଳା ଗାର୍ଡ ଜଣଙ୍କ ଘଟଣାସ୍ଥଳରେ ସ୍କୁଟି ଛାଡ଼ି ପଳାଇଯାଇଥିଲେ। ବନ ବିଭାଗ ପହଞ୍ଚିବା ପୂର୍ବରୁ ମାଫିଆଙ୍କୁ କେତେକ ଅସାଧୁ ବନ କର୍ମଚାରୀ ସୂଚନା ଦେଇଥିବା ସନ୍ଦେହ କରାଯାଉଥିବା ବେଳେ ଜଣେ ବନ କର୍ମଚାରୀଙ୍କ ମୋବାଇଲକୁ ବନ ବିଭାଗ ଜବତ କରିଥିବା ଜଣାପଡ଼ିଛି।

### ଅପରାଧ ଓ ଅପରାଧୀଙ୍କ ବିରୋଧରେ ସ୍ପେଶାଲ ଡ୍ରାଇଭ୍

# ଆଇନ ଭାଙ୍ଗିଲେ ଅନ୍ ଦି ସ୍ପଟ୍ ଆକ୍ସନ: ଡିଜିପି

- ୫୭୦୩ ଜଣଙ୍କ ବିରୋଧରେ ଏନବିଡବ୍ଲ୍ୟୁ କାର୍ଯ୍ୟକାରୀ
- ୫୨୦ ଗିରଫ, ବ୍ୟାପକ ଗଞ୍ଜେଇ ଓ ଅସ୍ତ୍ରଶସ୍ତ୍ର ଜବତ



**ଭୁବନେଶ୍ୱର,୨୯।୫(ସଂଚାର ବ୍ୟୁରୋ):** ଓଡ଼ିଶାରେ ନାହିଁ ଅପରାଧୀଙ୍କ ସ୍ଥାନ। ଚାଲିଛି ଅପରାଧୀଙ୍କ ତାଲିକା ପ୍ରସ୍ତୁତି। ଅପରାଧୀଙ୍କ ବିରୋଧରେ ନିଆଯିବ କଡ଼ା କାର୍ଯ୍ୟାନୁଷ୍ଠାନ। ଆଇନ ଉଲ୍ଲଙ୍ଘନ ହେଲେ, ଅନ୍ ଦ ସ୍ପଟ୍ ଆକ୍ସନ ହେବ ବୋଲି ଚେତାବନୀ ଦେଇଛନ୍ତି ପୁଲିସ ଡିଜି ୱାଇବି ଖୁରାନିଆ। ୫ ହଜାର ୭ ଶହରୁ ଅଧିକ ଅପରାଧୀଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରାଯାଇଛି। ମାଳ ମାଳ ଅପରାଧରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ତଡିପାର୍ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ସାଇବର ଅପରାଧୀଙ୍କ ଉପରେ ମଧ୍ୟ ନଜର ରହିଛି। ସରେଣ୍ଡର ନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଜିପି ଶ୍ରୀ ଖୁରାନିଆ ଚେତାବନୀ ଦେଇଛନ୍ତି।

ଡିଜିପିଙ୍କ ନିର୍ଦ୍ଦେଶରେ କ୍ରମେ ଗତ ମେ' ୧୨ ତାରିଖରୁ ରାଜ୍ୟରେ ଅପରାଧୀଙ୍କ ବିରୋଧରେ 'ସ୍ପେଶାଲ ଡ୍ରାଇଭ୍' ଜାରି ରହିଛି। ଏହି ଅଭିଯାନରେ ମୁଖ୍ୟତଃ ଏନ୍‌ବିଡବ୍ଲ୍ୟୁକୁ କାର୍ଯ୍ୟକାରୀ କରିବା, ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବା, ନିଶାଦ୍ରବ୍ୟ (ଗଞ୍ଜେଇ ଓ ବ୍ରାଉନସୁଗର)ର ଚୋରା ଚାଲାଣକୁ ରୋକିବା, ବେଆଇନ ଅସ୍ତ୍ରଶସ୍ତ୍ର ଓ ବେଆଇନ ଖଣିଜ ଚୋରା ଚାଲାଣରେ ସମ୍ପୃକ୍ତ ଯାନବାହନ ଜବତ କରିବା ସହ ମଦ୍ୟପାନ କରି ଗାଡ଼ି ଚାଳନା ଉପରେ କଠୋର ଚଢ଼ାଉ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

ଏହି ୧୮ ଦିନ ମଧ୍ୟରେ ସାରା ରାଜ୍ୟରେ ୫୭୦୩ ଜଣ ବ୍ୟକ୍ତିଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ କାର୍ଯ୍ୟକାରୀ କରାଯାଇଛି। ଫେରାର ଥିବା ୫୨୦ ଜଣ ଅଭିଯୁକ୍ତଙ୍କୁ ଧରି କୋର୍ଟ ଚାଲାଣ କରାଯାଇଥିବା ବେଳେ ୯୫୭ ଜଣ ଅଭ୍ୟାସଗତ ଅପରାଧୀଙ୍କ ବିରୋଧରେ ୧୨୯ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନଏସଏସ୍) ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏଥିସହ ୧୨୬ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଅନୁଯାୟୀ ୨୬୨୦ ଜଣଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ କରାଯାଇଛି। ବେଆଇନ ନିଶା କାରବାର ରୋକିବା ପାଇଁ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ୯୭ଟି ଏନଡିପିଏସ୍ ମାମଲା ରୁଜୁ ହୋଇଥିବା ବେଳେ ୧୩୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୭୩୧୮ କେଜି ଗଞ୍ଜେଇ, ୫୮୬ ଗ୍ରାମ ବ୍ରାଉନ୍‌ସୁଗର, ୨୨୦ ଗ୍ରାମ ହେରୋଇନ ଏବଂ କଫ୍ ସିରଫ ୨୧୯ ଲିଟର ସହ ୧୦୫୦ ବୋତଲ କଫ ସିରଫ ଜବତ କରାଯାଇଛି।

ଏଥିସହ ସଡ଼କ ସୁରକ୍ଷା ଓ ମୋଟର ଯାନ ଏନଫୋର୍ସମେଣ୍ଟକୁ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଛି। ନିଶାସକ୍ତ ଅବସ୍ଥାରେ ଗାଡ଼ି ଚାଳନା କରୁଥିବା ୩୨୯୩ ଜଣ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ଗାଡ଼ିଗୁଡ଼ିକୁ ଜବତ କରାଯାଇଛି। ଅନ୍ୟାନ୍ୟ ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନ ମାମଲାରେ ମୋଟ ୬ କୋଟି ୪୬ ଲକ୍ଷ ୭ ହଜାର ୫୬୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଗୋ-ଚାଲାଣ ରୋକିବାକୁ ପୁଲିସ ୨୯ଟି ମାମଲା ରୁଜୁ କରିଥିବା ବେଳେ ୧୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ପୁଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଫଳରେ ୧୭ଟି ଗାଡ଼ିରୁ ୨୮୪ଟି ଗାଈଙ୍କୁ ଉଦ୍ଧାର କରାଯାଇଛି। ଚୋରା ଖଣି କାରବାର ବିରୋଧରେ ମଧ୍ୟ ପୁଲିସ କଡ଼ା ପଦକ୍ଷେପ ନେଇ ୬୫୪ଟି ମାମଲାରେ ୧୬୨ ଜଣଙ୍କୁ ଗିରଫ କରିଛି। ୮୭୮ଟି ହାଇୱା, ଟ୍ରକ୍, ଟ୍ରାକ୍ଟର, ଟିପ୍ପର, ପାୱାର ଟିଲର ଓ ଜେସିବି ଜବତ କରାଯାଇଛି। ବେଆଇନ ଅସ୍ତ୍ର କାରବାର ରୋକିବାକୁ ୩୧ଟି ମାମଲା ରୁଜୁ କରାଯାଇଥିବା ବେଳେ ୩୫ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୩୯ଟି ବନ୍ଧୁକ ଓ ୨୯ଟି ଜୀବନ୍ତ ଗୁଳି ଜବତ କରାଯାଇଛି।

## ଯୁବକଙ୍କୁ ଥାର୍ଡ ଡିଗ୍ରୀ ପ୍ରତିବାଦରେ ରାସ୍ତାରୋକ

### ପୁଲିସ୍ ସୂଚନା ଦେଉନଥିବାରୁ ବଢୁଛି ଉତ୍ତେଜନା



**ବାରଙ୍ଗ,୨୯।୫(ସଂଚାର ବ୍ୟୁରୋ):** ବାରଙ୍ଗ ଥାନାରେ ଥାର୍ଡ ଡିଗ୍ରୀ ଘଟଣାରେ ଗୁରୁତର ଆହତ ହୋଇଥିବା ରାକେଶ ବେହେରା ଓରଫ ମୁନା କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଏହାକୁ ନେଇ ଉତ୍ତେଜନା ଥମି ନ ଥିବା ବେଳେ ଆଜି ତାଙ୍କୁ ଡାକ୍ତରଖାନାରୁ ଅନ୍ୟ କୁଆଡ଼େ ପୁଲିସ୍ ନେଇଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଯାଇଥିଲା। ଚଣ୍ଡୀପ୍ରସାଦ ଗ୍ରାମବାସୀ ପୁଲିସ୍‌ର କାର୍ଯ୍ୟକଳାପରେ ଉତ୍ତେଜିତ ହୋଇ ଥାନା ଭିତରେ ପ୍ରବେଶ କରିବା ସକାଶେ ଉଦ୍ୟମ କରିଥିଲେ। ହେଲେ ପୁଲିସ ବିରୋଧ କରିବାରୁ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିଥିଲେ। ଆନ୍ଦୋଳନ ଯୋଗୁଁ କଟକ-ଭୁବନେଶ୍ୱର ରାସ୍ତାରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଛି।

ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଥିବା ବେଳେ ଉତ୍ତେଜନାମୂଳକ ପରିସ୍ଥିତି ଜାରି ରହିଛି। ଥାର୍ଡ ଡିଗ୍ରୀର ଶିକାର ହୋଇଥିବା ଯୁବକଙ୍କ ସମ୍ପର୍କରେ ପୁଲିସ୍ କୌଣସି ତଥ୍ୟ ଦେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରିକି ଯୁବକ ଜଣଙ୍କ ଏବେ କେଉଁଠି ଓ କିଭଳି ସ୍ଥିତିରେ ଅଛନ୍ତି, ପୁଲିସ୍ ତା' ମଧ୍ୟ ଜଣାଉ ନ ଥିବା ଗ୍ରାମବାସୀ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ଏନେଇ ଘଟଣାସ୍ଥଳରେ ଏକ ଅଶାନ୍ତ ପରିବେଶ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ଗତ ୧୬ ତାରିଖରେ ରାକେଶ ସ୍ତ୍ରୀ ନିଖୋଜ ନେଇ ବାରଙ୍ଗ ଥାନାରେ ଅଭିଯୋଗ କରିବା ସକାଶେ ପହଞ୍ଚିଥିଲେ। ଗତ ୨୨ ତାରିଖରେ କାଠଯୋଡ଼ି ନଦୀପଠାରୁ ଜଣେ ମହିଳାଙ୍କ ମୃତଦେହ ମିଳିଥିଲା। ମୃତଦେହ ଚିହ୍ନଟ ପାଇଁ ପୁଲିସ ରାକେଶଙ୍କୁ ଥାନାକୁ ଡାକିଥିଲା। ହେଲେ ମୃତଦେହ ତାଙ୍କ ସ୍ତ୍ରୀଙ୍କର ନୁହେଁ ବୋଲି କହିବା ପରେ ଥାନାରେ ରାକେଶଙ୍କୁ ଥାର୍ଡ ଡିଗ୍ରୀ ଦିଆଯାଇଥିବା ଅଭିଯୋଗ ହୋଇଛି।

### ● ନାବାଳିକାଙ୍କୁ ଦୁଷ୍କର୍ମ ମାମଲା

## ଦୋଷୀକୁ ୨୦ ବର୍ଷ ଜେଲ୍‌ଦଣ୍ଡାଦେଶ




**କେନ୍ଦୁଝର,୨୯।୫(ସଂଚାର ବ୍ୟୁରୋ):** ଶୁକ୍ରବାର ସ୍ଥାନୀୟ ସ୍ୱତନ୍ତ୍ର ପକ୍ସୋ ଜଜ୍ ମୋନାଲିସା ମହାନ୍ତି ଜନୈକା ନାବାଳିକାଙ୍କୁ ବଳାତ୍କାର ମାମଲାର ଶୁଣାଣି କରି ଦୋଷୀ ସାବ୍ୟସ୍ତ ଅଜୟ କୁମାର ନାଏକକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ତାକୁ ଦୁଇ ହଜାର ଟଙ୍କା ଜରିମାନା ଆକାରରେ ପଇଠ କରିବାକୁ ମଧ୍ୟ ଆଦେଶ ଦିଆଯାଇଛି। ଏହି ଜରିମାନା ଟଙ୍କା ଅନାଦେୟ ପରିପ୍ରେକ୍ଷୀରେ ଦୋଷୀକୁ ଅଧିକ ଦୁଇ ବର୍ଷ ସଶ୍ରମ ଜେଲ୍‌ଦଣ୍ଡାଦେଶ ହୋଇଛି। ଏଥିସହ ଏହି ମାମଲାରେ ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବା ସକାଶେ ମଧ୍ୟ ସ୍ୱତନ୍ତ୍ର ପକ୍ସୋ ଜଜ୍ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କୁ ସୁପାରିସ କରିଛନ୍ତି। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ୬ ପକ୍ସୋ ଆକ୍ଟରେ ଏହି ଦଣ୍ଡବିଧାନ କରାଯାଇଛି। ସରକାରୀ ଓକିଲଙ୍କ ସୂଚନାନୁଯାୟୀ, ଗତ ୨୦୨୨ ଜୁଲାଇ ୮ ତାରିଖରେ ଘଟଗାଁ ଥାନାଞ୍ଚଳର ଉକ୍ତ ନାବାଳିକା ଜଣଙ୍କ ତାଙ୍କ ପରିବାର ଲୋକଙ୍କ ସହ ବାହାଘର ଭୋଜି ଖାଇ ଫେରୁଥିବା ସମୟରେ ଅଜୟ ତାଙ୍କୁ ଟେକି ନେଇ ନିକଟସ୍ଥ ପୋଖରୀ ନିକଟରେ ଦୁଷ୍କର୍ମ କରି ଫେରାର ହୋଇଯାଇଥିଲା। ପରେ ପୀଡ଼ିତାଙ୍କୁ ପରିବାର ଲୋକେ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରିଥିଲେ। ଏହାକୁ ନେଇ ପରିବାର ଲୋକେ ଘଟଗାଁ ଥାନାରେ ଅଭିଯୋଗ କରିବା ପରେ ବିଭିନ୍ନ ଧାରାରେ ପୁଲିସ୍ ମାମଲା ରୁଜୁ କରିବା ସହ ଅଜୟକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଆଜି ଏହି ମାମଲାର ଶୁଣାଣି କରି ସ୍ୱତନ୍ତ୍ର କୋର୍ଟ ଉପରୋକ୍ତ ଆଦେଶ ଦେଇଛନ୍ତି।

### ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ସହମତିରେ ଶାରୀରିକ ସମ୍ପର୍କ ଦୁଷ୍କର୍ମ ନୁହେଁ



**କଟକ,୨୯।୫(ସଂଚାର ବ୍ୟୁରୋ):** ଦୁଇ ପ୍ରାପ୍ତବୟସ୍କଙ୍କ ମଧ୍ୟରେ ସହମତି ଭିତିରେ ହୋଇଥିବା ଶାରୀରିକ ସମ୍ପର୍କ କଦାପି ଦୁଷ୍କର୍ମ ପଦବାଚ୍ୟ ନୁହେଁ। ସହମତିରେ ଶାରୀରିକ ସମ୍ପର୍କ ରଖାଯିବା ପରେ ଯଦି ଉଭୟଙ୍କ ମଧ୍ୟରେ ବୁଝାମଣାରେ ଅଭାବ ହୁଏ କିମ୍ବା ସେମାନଙ୍କ ମଧ୍ୟରେ ତିକ୍ତତା ପ୍ରକାଶ ପାଏ ତା'ହେଲେ ପରବର୍ତ୍ତୀ ସମୟରେ ଏପରି ସମ୍ପର୍କକୁ ଦୁଷ୍କର୍ମ ଆଖ୍ୟା ଦିଆଯାଇପାରିବ ନାହିଁ। ଏକ ମାମଲାର ଶୁଣାଣି କରି ଓଡ଼ିଶା ହାଇକୋର୍ଟ ଉପରୋକ୍ତ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ଏହି ଅବସରରେ ହାଇକୋର୍ଟ ନିମ୍ନ ଅଦାଲତଙ୍କ ଦଣ୍ଡାଦେଶକୁ ରଦ୍ଦ କରିବା ସହ ଅଭିଯୁକ୍ତକୁ ଦୁଷ୍କର୍ମ ଅଭିଯୋଗରୁ ନିର୍ଦ୍ଦୋଷରେ ଖଲାସ କରିବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି। ଅଦାଲତ ଉଭୟ ପକ୍ଷଙ୍କ ତର୍କ ଶୁଣିବା ପରେ ପରିସ୍ଥିତିରୁ ଏହା ପରସ୍ପର ସହମତିଭିତ୍ତିକ ସମ୍ପର୍କ ପରି ଜଣାପଡୁଥିବା କୋର୍ଟ ସ୍ପଷ୍ଟ କରିଛନ୍ତି। ମାମଲାରେ ପୀଡ଼ିତାଙ୍କ ଶରୀରରେ କୌଣସି ଚିହ୍ନ କିମ୍ବା ଆଘାତ ମିଳିନଥିଲା ବୋଲି ମେଡିକାଲ ଅଫିସର ତାଙ୍କ ସାକ୍ଷ୍ୟରେ ପ୍ରକାଶ ପରିଥିଲେ। ଘଟଣା ଘଟିବା ପରେ ବିଳମ୍ବରେ ଏଫଆଇଆର୍ ଦାୟର କରିବା ନେଇ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ଦିଆଯାଇପାରିନାହିଁ। ଅନ୍ୟ ପକ୍ଷରେ ଅଭିଯୁକ୍ତ ଜଣଙ୍କ ପରିଚିତ ଥିଲେ ଓ ପୀଡ଼ିତାଙ୍କ ଘରକୁ ପ୍ରାୟତଃ ଯାତାୟାତ କରୁଥିଲେ ବୋଲି ଶୁଣାଣି ବେଳେ ସ୍ପଷ୍ଟ ହୋଇଛି।

ମାମଲାର ବିବରଣୀ ଅନୁସାରେ, ପୀଡ଼ିତାଙ୍କ ସ୍ୱାମୀ ୨୦୨୨ ମେ' ୨୧ ତାରିଖ ବାଲିଯାତ୍ରା ଦେଖିବାକୁ ଯାଇଥିବା ସମୟରେ ଅଭିଯୁକ୍ତ ଘରେ ପଶି ତାଙ୍କ ସ୍ତ୍ରୀଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ପୀଡ଼ିତାଙ୍କ ସ୍ୱାମୀ ଥାନାରେ ଏତଲା ଦେଇଥିଲେ। ଏହି ଏତଲା ଆଧାରରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ବିରୋଧରେ ଦୁଷ୍କର୍ମ ମାମଲା ମଧ୍ୟ ରୁଜୁ ହୋଇଥିଲା। ଏହି ମାମଲାରେ ଜୟପୁରର ଅତିରିକ୍ତ ସେସନ୍ସ ଜଜ(ଫାଷ୍ଟ ଟ୍ରାକ) ସ୍ପେସାଲ କୋର୍ଟ ଗତ ବର୍ଷ ଜୁଲାଇରେ ଅଭିଯୁକ୍ତ ପଙ୍କଜଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷର କାରାଦଣ୍ଡାଦେଶ ଶୁଣାଇଥିଲେ। ଏହି ଦଣ୍ଡାଦେଶ ବିରୋଧରେ ଅଭିଯୁକ୍ତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏବେ ହାଇକୋର୍ଟ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରିବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଭାରତରେ ତିଆରି ହେବ ମୋବାଇଲ ଫୋନ୍ ପାର୍ଟ୍ସ




**ନୂଆଦିଲ୍ଲୀ,୨୯।୫ଃ** ଭାରତରେ ଯେଉଁ ମୋବାଇଲ ଫୋନ ତିଆରି କରାଯାଉଛି ବୋଲି କୁହାଯାଉଛି ପ୍ରକୃତରେ ତାହା ତିଆରି କରାଯାଉ ନାହିଁ, ବରଂ ଆସେମ୍ବଲ(ପାର୍ଟ-ପାର୍ଟ ଯୋଡ଼ି ତିଆରି କରିବ) କରାଯାଉଛି। ହେଲେ ଏଭଳି ଅଭିଯୋଗ ଆଣୁ ଶୁଣିବାକୁ ମିଳିବନି। ଏବେ ଭାରତରେ ହିଁ ତିଆରି ହେବ ସ୍ମାର୍ଟଫୋନ। କେନ୍ଦ୍ର ସରକାର ଏନେଇ ଯୋଜନା ଆରମ୍ଭ କରିଛନ୍ତି। ପ୍ରକୃତରେ ସ୍ମାର୍ଟଫୋନ ତିଆରି କରିବା ପାଇଁ ଏହାର ପାର୍ଟ ସବୁ ବିଦେଶରୁ ଆସୁଥିଲା। ଭାରତରେ ଏହାକୁ ଯୋଡ଼ାଯାଇ ତିଆରି କରାଯାଉଥିଲା। ହେଲେ ଏବେ ମୋବାଇଲଫୋନ ପାର୍ଟ ଭାରତରେ ତିଆରି କରାଯିବ। ମେଡ୍ ଇନ ଇଣ୍ଡିଆ ଫୋନ୍ ଆଉ ଆସେମ୍ବଲ ଇନ ଇଣ୍ଡିଆ ନ ହୋଇ ପ୍ରକୃତ ପରିଚୟ ପାଇବ। ଏଥିପାଇଁ କେନ୍ଦ୍ର ସରକାର ପିଏଲ୍ଆଇ ଯୋଜନାର ଏକ ନୂଆ ଭର୍ଜନ, ଅର୍ଥାତ୍ ପିଏଲ୍ଆଇ ୨.୦ ଆଣିବାକୁ ପ୍ରସ୍ତୁତି ଚଳାଇଛନ୍ତି। ଏହି ଯୋଜନାର ଲକ୍ଷ୍ୟ ହେଉଛି ଭାରତରେ ଯଥାସମ୍ଭବ ଅଧିକରୁ ଅଧିକ ମୋବାଇଲ ଫୋନ୍ ପାର୍ଟସ୍ ତିଆରି କରିବା, ଯାହା ଦ୍ୱାରା ବିଦେଶୀ ଦେଶ ଉପରେ ନିର୍ଭରଶୀଳତା ହ୍ରାସ ପାଇବ। ଇକୋନୋମିକ୍ସ ଟାଇମ୍ସର ରିପୋର୍ଟ ଅନୁଯାୟୀ ନୂଆ ଯୋଜନାରେ ଅତି କମରେ ୫୫% ମୋବାଇଲ ଫୋନ୍ ପାର୍ଟସ୍ ଯେମିତି -ଡିସପ୍ଲେ ଆସେମ୍ବଲି, କ୍ୟାମେରା ମଡ୍ୟୁଲ୍ ଏବଂ ଚିପସେଟ୍ ଆଦି ଭାରତରେ ତିଆରି ହେବ ସେ ନେଇ ସରକାର ଜୋର ଦେଇଛନ୍ତି। ବର୍ତ୍ତମାନ କେବଳ ୧୮-୨୦% ମୋବାଇଲଫୋନ୍ ପାର୍ଟ ଭାରତରେ ତିଆରି କରାଯାଉଛି। ସରକାରଙ୍କ ନୂଆ ଯୋଜନାଃ ଇକୋନୋମିକ୍ସ ଟାଇମ୍ସ ରିପୋର୍ଟ ଅନୁସାରେ, ସରକାର ଏହି ଯୋଜନାକୁ ୪୦ ହଜାର କୋଟି ଟଙ୍କାର ପୁରୁଣା ଇଲେକ୍ଟ୍ରୋନିକ୍ସ କମ୍ପୋନେଣ୍ଟ ମ୍ୟାନୁଫ୍ୟାକଚରିଂ ସ୍କିମ୍ ସହିତ କାର୍ଯ୍ୟକାରୀ କରିବାକୁ ଚାହୁଁଛନ୍ତି।ଏଥିରେ ଡିସପ୍ଲେ, କ୍ୟାମେରା ମଡ୍ୟୁଲ୍, ଚିପସେଟ୍ ଏବଂ ଲି-ଆୟନ ବ୍ୟାଟେରୀ ଭଳି ଅତ୍ୟାବଶ୍ୟକ ଅଂଶଗୁଡ଼ିକର ସ୍ଥାନୀୟ ଉତ୍ପାଦନକୁ ପ୍ରୋତ୍ସାହିତ କରିବ। ଏଭଳି ମହତ୍ୱାକାଂକ୍ଷା ନେଇ ପ୍ରଥମେ ୨୦୨୦ ଏପ୍ରିଲରେ ୪୦,୯୯୫ କୋଟି ଟଙ୍କା ବ୍ୟୟବରାଦ ସହିତ ପିଏଲ୍ଆଇ ଯୋଜନା ଆରମ୍ଭ ହୋଇଥିଲା। ଯାହାର ଲକ୍ଷ୍ୟ ଥିଲା ମୋବାଇଲ୍ ଫୋନରେ ଘରୋଇ ମୂଲ୍ୟ ବୃଦ୍ଧିକୁ(ଘରୋଇ ଉତ୍ପାଦିତ ସାମଗ୍ରୀ ବ୍ୟବହାର କରି ମୋବାଇଲ ପ୍ରଡକ୍ସନ କରିବା) ୩୫-୪୦% ପର୍ଯ୍ୟନ୍ତ ବୃଦ୍ଧି କରିବା। ହେଲେ ଏହା ସେହି ଲକ୍ଷ୍ୟ ପର୍ଯ୍ୟନ୍ତ ପହଞ୍ଚି ପାରିଲା ନାହିଁ। ସରକାରୀ ଆକଳନ ଅନୁଯାୟୀ ଚଳିତ ବର୍ଷ ଏପ୍ରିଲ ସୁଦ୍ଧା ବଡ଼ ଇଲେକ୍ଟ୍ରୋନିକ୍ସରେ ସ୍ଥାନୀୟ ମୂଲ୍ୟ ବୃଦ୍ଧି କେବଳ ମାତ୍ର ୧୮-୨୦% ହିଁ ହୋଇପାରିଲା। ଏବେ ସରକାର ଏହାକୁ ଆଗୁକୁ ବଢ଼ାଇବାକୁ ଚାହୁଁଛନ୍ତି।

## ବାଇଜୁସର ପତନଃ ଅତ୍ୟଧିକ ଲୋଭ ଓ ଋଣ ୨୨ ବିଲିୟନ ଡଲାରର ସାମ୍ରାଜ୍ୟକୁ ମାଟିରେ ମିଶାଇଦେଲା ?




**ନୂଆଦିଲ୍ଲୀ,୨୮।୫ଃ** ଗୋଟିଏ ସମୟରେ ଭାରତୀୟ ଷ୍ଟାର୍ଟଅପ୍ ଦୁନିଆର ସବୁଠାରୁ ଉଜ୍ଜ୍ୱଳ ତାରକା ତଥା ଶିକ୍ଷା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବିଶ୍ୱର ଅଗ୍ରଣୀ କମ୍ପାନୀ ଭାବରେ ପରିଚିତ ଥିବା ବାଇଜୁସ ଆଜି ନିଜର ଅସ୍ତିତ୍ୱ ରକ୍ଷା ପାଇଁ ସଂଘର୍ଷ କରୁଛି। ୨୨ ବିଲିୟନ ଡଲାର (ପ୍ରାୟ ୧.୮ ଲକ୍ଷ କୋଟି ଟଙ୍କା) ମୂଲ୍ୟର ସାମ୍ରାଜ୍ୟ ଛିଡ଼ା କରିଥିବା ଏହି କମ୍ପାନୀର ମୂଲ୍ୟ ଆଜି ପ୍ରାୟ ଶୂନ୍ୟରେ ପହଞ୍ଚିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ବର୍ତ୍ତମାନ ଏହି ବିବାଦୀୟ କମ୍ପାନୀର ପ୍ରତିଷ୍ଠାତା ବାଇଜୁ ରବୀନ୍ଦ୍ରନଙ୍କ ଅଡୁଆ ଆହୁରି ବଢ଼ିଯାଇଛି। ସିଙ୍ଗାପୁରର ଏକ ଅଦାଲତ ବାଇଜୁ ରବୀନ୍ଦ୍ରନଙ୍କୁ ଅଦାଲତ ଅବମାନନା ମାମଲାରେ ୬ ମାସର ଜେଲ୍ ଦଣ୍ଡ ଶୁଣାଇଛନ୍ତି। ଇଣ୍ଡିଆ ଟୁଡେର ଏକ ବିସ୍ତୃତ ରିପୋର୍ଟ ଅନୁଯାୟୀ, ଅତ୍ୟଧିକ ଲୋଭ, ଖରାପ ପରିଚାଳନା ଏବଂ ଋଣର ପାହାଡ଼ ହିଁ ଏହି ବିଶାଳ ସାମ୍ରାଜ୍ୟର ପତନର ମୁଖ୍ୟ କାରଣ ସାଜିଛି। ସିଙ୍ଗାପୁର କୋର୍ଟଙ୍କ ରାୟ ଏବଂ ଜେଲ୍ ଦଣ୍ଡର କାରଣ ବୁଧବାର(୨୭ ମେ ୨୦୨୬) ସିଙ୍ଗାପୁର କୋର୍ଟ ବାଇଜୁ ରବୀନ୍ଦ୍ରନଙ୍କୁ ତାଙ୍କ ସମ୍ପତ୍ତି ସମ୍ବନ୍ଧୀୟ ତଥ୍ୟ ପ୍ରଦାନ ନକରିବା ଏବଂ କୋର୍ଟଙ୍କ ଆଦେଶକୁ ବାରମ୍ବାର ଖିଲାପ କରିଥିବା କାରଣରୁ ୬ ମାସର ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ଏହି ମାମଲାଟି 'କତାର ଇନଭେଷ୍ଟମେଣ୍ଟ ଅଥରିଟି'ର ଏକ ସହଯୋଗୀ କମ୍ପାନୀ ଦ୍ୱାରା ରୁଜୁ କରାଯାଇଥିଲା। ରିପୋର୍ଟ ଅନୁଯାୟୀ, ଏହି ବିଚାର ସମୟରେ ବାଇଜୁ ରବୀନ୍ଦ୍ରନ କୋର୍ଟରେ ଉପସ୍ଥିତ ନଥିଲେ ଏବଂ ସେ ବର୍ତ୍ତମାନ ଦୁବାଇରେ ରହୁଥିବା ଜଣାପଡିଛି। ତେବେ ଏହି ରାୟ ପରେ ରବୀନ୍ଦ୍ରନ ନିଜର ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ ଏହା କେବଳ ଏକ "ପ୍ରକ୍ରିୟାଗତ ଅବମାନନା" ଏବଂ ଏଥିରେ କୌଣସି ଆର୍ଥିକ ଠକେଇ ବା ଅସାଧୁତାର ପ୍ରମାଣ ନାହିଁ। ନିବେଶକମାନଙ୍କ ସହ ଏକ ଆପୋଷ ବୁଝାମଣା ଚୂଡ଼ାନ୍ତ ପର୍ଯ୍ୟାୟରେ ଥିବା ବେଳେ ଏପରି ଏକ ଆଦେଶ ତାଙ୍କୁ ନିରାଶ କରିଛି। ଗୋଟିଏ ସାମାନ୍ୟ ଶିକ୍ଷକରୁ ବିଲିୟନେୟାର ହେବାର ଯାତ୍ରା ବାଇଜୁସର ଉତ୍ଥାନ କାହାଣୀ ବେଶ୍ ଚିତ୍ତାକର୍ଷକ ଥିଲା। କେରଳର ଜଣେ ସାଧାରଣ ଗଣିତ ଶିକ୍ଷକ ବାଇଜୁ ରବୀନ୍ଦ୍ରନ ନିଜର ପଢ଼ାଇବା ଶୈଳୀ ପାଇଁ ଖୁବ୍ ଲୋକପ୍ରିୟ ଥିଲେ। ପିଲାମାନଙ୍କୁ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ କରୁ କରୁ ସେ ଏକ ସ୍ମାର୍ଟଫୋନ୍ ଆପ୍ଲିକେସନ୍ ମାଧ୍ୟମରେ ଘରେ ଘରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଲେ। ୨୦୨୦ ମସିହାରେ ଆସିଥିବା କୋଭିଡ୍-୧୯ ମହାମାରୀ ବାଇଜୁସ୍ ପାଇଁ ଏକ ବରଦାନ ସାବ୍ୟସ୍ତ ହେଲା। ସ୍କୁଲ୍ ଏବଂ କଲେଜ ଗୁଡ଼ିକ ବନ୍ଦ ଥିବା ବେଳେ ଅନଲାଇନ୍ ଶିକ୍ଷା ଏକମାତ୍ର ବିକଳ୍ପ ପାଲଟିଲା।

## ଏଣିକି ୟୁଟ୍ୟୁବ୍‌ରେ ଏଆଇ କଣ୍ଟେଣ୍ଟ ଚିହ୍ନିବା ହେବ ସହଜ

**ନୂଆଦିଲ୍ଲୀ,୨୯।୫ଃ** ୟୁଟ୍ୟୁବ୍ ଏଆଇ-ଜେନେରେଟେଡ୍ କଣ୍ଟେଣ୍ଟ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆରମ୍ଭ କରିଛି । ବର୍ତ୍ତମାନ ସମୟରେ ପ୍ଲାଟଫର୍ମରେ ଏଆଇ ଭିଡିଓ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇଛି । ଏହାକୁ ଦୃଷ୍ଟିରେ ରଖି, ୟୁଟ୍ୟୁବ୍‌ରେ ଘୋଷଣା କରିଛି ଯେ ଯଦି କୌଣସି ଭିଡିଓରେ ଏଆଇର ବ୍ୟବହାର ଚିହ୍ନଟ ହୁଏ, ତେବେ ଏହାର ଇଣ୍ଟରନାଲ ସିଷ୍ଟମ ସ୍ୱୟଂଚାଳିତ ଭାବରେ ଏହାକୁ ଲେବଲ୍ କରିବ। ଏହି ଏଆଇ ଲେବଲ୍ ପ୍ରମୁଖ ଭାବରେ ପ୍ରଦର୍ଶିତ ହେବ ଯାହା ଦ୍ୱାରା ୟୁଜରଙ୍କୁ ବିଷୟବସ୍ତୁ ଚିହ୍ନଟ କରିବାରେ କୌଣସି ଅସୁବିଧା ହେବ ନାହିଁ। ୟୁଟ୍ୟୁବ୍‌ରେରେ ଏହି ଲେବଲ୍ ଲମ୍ବା-ଫର୍ମ ଭିଡିଓ ଏବଂ ସର୍ଟ ଉଭୟରେ ଦେଖାଯିବ। କହିରଖୁଛୁ କି, ୟୁଟ୍ୟୁବ୍‌ରେରେ ଏଆଇ ଲେବଲ୍ ପୂର୍ବରୁ ବ୍ୟବହାର ହେଉଛି । ୟୁଟ୍ୟୁବ୍‌ରେ ଏହାର ପଲିସିକୁ ଅପଡେଟ୍ କରିଛି ଏବଂ ଏହାକୁ **Creator Studio** ରେ ଏକ ଉପକରଣ ଭାବରେ ରୋଲ୍ ଆଉଟ୍ କରିଛି, ଯାହା କ୍ରିଏଟରମାନଙ୍କୁ ପ୍ରକାଶ କରିବାକୁ ଅନୁମତି ଦେଇଛି ଯେ ସେମାନେ ସେମାନଙ୍କର ଭିଡିଓରେ ଏଆଇ ବିଷୟବସ୍ତୁ ବ୍ୟବହାର କରିଛନ୍ତି କି ନାହିଁ। ଏହାର ଅର୍ଥ ହେଉଛି ଯେ ଏପର୍ଯ୍ୟନ୍ତ, ଏଆଇ ବିଷୟବସ୍ତୁ ପ୍ରକାଶ କରିବା କ୍ରିଏଟରଙ୍କ ଉପରେ ନିର୍ଭର କରୁଥିଲା ଏବଂ ୟୁଟ୍ୟୁବ୍‌ରେ ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିନଥିଲା। ଏବେ କେଉଁ ପରିବର୍ତ୍ତନ ଘଟୁଛି ? ୟୁଟ୍ୟୁବ୍‌ରେ ସ୍ପଷ୍ଟ କରିଛି ଯେ ଏଆଇ ଲେବଲିଂ ସମ୍ପର୍କରେ ଏହାର ପଲିସି ପରିବର୍ତ୍ତନ ହୋଇନାହିଁ, କିନ୍ତୁ ଏହା ଏବେ ଏହାର ପ୍ଲାଟଫର୍ମରେ ଥିବା ବିଷୟବସ୍ତୁ ଉପରେ ନଜର ରଖିବ। ଚଳିତ ମାସଠାରୁ, ୟୁଟ୍ୟୁବ୍‌ରେ ଏଆଇ ବିଷୟବସ୍ତୁ ଚିହ୍ନଟ କରିବାର ପ୍ରକ୍ରିୟା ଆରମ୍ଭ କରିବ। ଯଦି କୌଣସି ଭିଡିଓରେ ଏଆଇ ବିଷୟବସ୍ତୁ ବ୍ୟବହାର କରାଯାଇଛି, ତେବେ କମ୍ପାନୀ ଏହାକୁ ଏଆଇ-ଜେନେରେଟେଡ୍ ଭାବରେ ଲେବଲ୍ କରିବ। ଏହି ପରିବର୍ତ୍ତନକୁ ସରଳ ଭାଷାରେ ବୁଝିବା ପାଇଁ, କ୍ରିଏଟରମାନଙ୍କୁ ଏବେ ବି ପ୍ରକାଶ କରିବାକୁ ପଡିବ ଯେ ସେମାନେ ସେମାନଙ୍କ ଭିଡିଓରେ ଏଆଇ ବିଷୟବସ୍ତୁ ବ୍ୟବହାର କରିଛନ୍ତି। ଯଦି ଜଣେ କ୍ରିଏଟର ଏହି ସୂଚନା ପ୍ରଦାନ କରନ୍ତି ନାହିଁ, ତେବେ ୟୁଟ୍ୟୁବ୍‌ରେ ସ୍ୱୟଂଚାଳିତ ଭାବରେ ଭିଡିଓକୁ ଏଆଇ ଭାବରେ ଲେବଲ୍ କରିବ।




## ବର୍ଷକରେ ୪୮ ହଜାର କୋଟି ଟଙ୍କା ଠକେଇ

**ନୂଆଦିଲ୍ଲୀ,୨୯।୫ଃ** ଦେଶର ବ୍ୟାଙ୍କିଂ ସେକ୍ଟରରେ ଠକେଇ ପରିମାଣରେ ବଡ଼ ବୃଦ୍ଧି ଦେଖିବାକୁ ମିଳିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ବାର୍ଷିକ ରିପୋର୍ଟ ଅନୁଯାୟୀ, ୨୦୨୫-୨୬ ଆର୍ଥିକ ବର୍ଷରେ ବ୍ୟାଙ୍କ ଠକେଇରେ ଜଡିତ ପରିମାଣ ୪୬% ବୃଦ୍ଧି ପାଇ ୪୮,୦୨୧ କୋଟି ଟଙ୍କା ହୋଇଛି। ଯାହା ଗତ ବର୍ଷ ୩୨,୮୦୩ ହଜାର କୋଟି ଟଙ୍କା ଥିଲା। ଅବଶ୍ୟ ଠକେଇ ମାମଲାର ସଂଖ୍ୟା ହ୍ରାସ ପାଇଛି। ଠକେଇ ମାମଲା କମିଲେ ବି ପରିମାଣ ବଢ଼ିଛି ଆରବିଆଇ ରିପୋର୍ଟ ଅନୁଯାୟୀ, ୨୦୨୫-୨୬ରେ ମୋଟ ୧୦,୧୧୪ଟି ଠକେଇ ମାମଲା ରିପୋର୍ଟ ହୋଇଥିଲା। ଯାହା ପୂର୍ବ ବର୍ଷ ୨୩,୭୨୨ ଥିଲା। ଏହାର ଅର୍ଥ ମାମଲା ସଂଖ୍ୟା ହ୍ରାସ ପାଇଛି। କିନ୍ତୁ ଯେତିକି ଠକେଇ ହୋଇଛି ସେଥିରେ ଅଧିକ ଟଙ୍କା ଯାଇଛି। ରିପୋର୍ଟରେ କୁହାଯାଇଛି ଯେ, ସାର୍ବଜନୀନ କ୍ଷେତ୍ରର ବ୍ୟାଙ୍କଗୁଡ଼ିକରେ ଠକେଇ ପରିମାଣ ୩୫,୭୦୯ କୋଟି ଟଙ୍କାରେ ପହଞ୍ଚିଛି। ଯାହା ଗତ ବର୍ଷ ୨୩, ୬୧୭ କୋଟି ଟଙ୍କା ଥିଲା। ସେହିଭଳି ଘରୋଇ କ୍ଷେତ୍ରର ବ୍ୟାଙ୍କଗୁଡ଼ିକରେ ଏହି ପରିମାଣ ୮,୯୨୭ କୋଟି ଟଙ୍କାରୁ ବଢ଼ି ୧୧, ୩୯୯ କୋଟି ଟଙ୍କାରେ ପହଞ୍ଚିଛି। ପୁରୁଣା ମାମଲାର ମଧ ଖୁଲାସା ଆରବିଆଇ କହିଛି, ଏବର୍ଷର ତଥ୍ୟରେ ଏପରି ୩୧୪ଟି ମାମଲା ରହିଛି, ଯାହାର ମୋଟ ମୂଲ୍ୟ ୩୦, ୧୯୯




କୋଟି ଟଙ୍କା ରହିଛି। ଏହି ମାମଲାଗୁଡ଼ିକ ପୂର୍ବ ଆର୍ଥିକ ବର୍ଷର। କିନ୍ତୁ ସୁପ୍ରିମକୋର୍ଟଙ୍କ ୨୦୨୩ ମାର୍ଚ୍ଚ ୨୭ ନିଷ୍ପତ୍ତି ପରେ ଏହାକୁ ପୁନଃ ଯାଞ୍ଚ ପରେ ରିପୋର୍ଟ କରାଯାଇଛି। କେନ୍ଦ୍ରୀୟ ବ୍ୟାଙ୍କ ଅନୁସାରେ, ଅନେକ ଥର ଠକେଇ ହୋଇଥିବା ନେଇ ପରେ ଜଣାପଡ଼େ।ତେଣୁ ଯେଉଁ ବର୍ଷରେ ଗୋଟିଏ ଠକେଇ ମାମଲା ରିପୋର୍ଟ ହୋଇଥାଏ, ଜରୁରୀ ନୁହେଁ ଯେ ତାହା ସେହି ବର୍ଷ ହୋଇଥିବ । ଲୋନ ଠକେଇ ସବୁଠୁ ଅଧିକ ରିପୋର୍ଟ ଅନୁଯାୟୀ, ବ୍ୟାଙ୍କ ଋଣ କିମ୍ବା ଅଗ୍ରିମ ବର୍ଗ (ଆଡଭାନ୍ସ)ରେ ସର୍ବାଧିକ ଠକେଇ ଘଟିଛି। କାରଣ ଆର୍ଥିକ ବର୍ଷ ୨୦୨୫- ୨୬ରେ ୮,୬୪୦ ମାମଲାରେ ୪୦, ୭୭୪ କୋଟି ଟଙ୍କାର ଠକେଇ ହୋଇଛି। ଯାହା ୨୦୨୪-୨୫ ଆର୍ଥିକ ବର୍ଷରେ ୩୦, ୩୬୭ କୋଟି ଟଙ୍କା ଥିଲା। ବିଶେଷଜ୍ଞଙ୍କ ମତରେ ବଡ଼ କର୍ପୋରେଟ୍ ଋଣ ଏବଂ ଜାଲ୍ ଡକ୍ୟୁମେଣ୍ଟ ମାଧ୍ୟମରେ ଠକେଇ ବ୍ୟାଙ୍କିଂ ବ୍ୟବସ୍ଥା ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ । ଡିଜିଟାଲ୍ ପେମେଣ୍ଟ ଠକେଇ ହ୍ରାସ ବଡ଼ ବ୍ୟାଙ୍କ ଠକେଇ ବୃଦ୍ଧି ପାଇଥିଲେ ମଧ, କାର୍ଡ ଏବଂ ଡିଜିଟାଲ ପେମେଣ୍ଟ ଠକେଇରେ ଯଥେଷ୍ଟ ହ୍ରାସ ଘଟିଛି। ୨୦୨୫-୨୬ରେ ଏପରି ମାମଲା ମାତ୍ର ୨୯ କୋଟି ଟଙ୍କା ଥିଲା । ଯାହା ପୂର୍ବ ବର୍ଷ ୫୧୭ କୋଟି ଟଙ୍କା ଥିଲା। ମାମଲା ସଂଖ୍ୟା ମଧ ୧୩, ୩୩୨ରୁ ହ୍ରାସ ପାଇ ମାତ୍ର ୨୯୩ ହୋଇଛି।

## ଗ୍ରୀସ, ସାଇପ୍ରସ ଓ ଆର୍ମେନିଆକୁ ବ୍ରହ୍ମୋସ ଓ ମିସାଇଲ ଦେଉଛି ଭାରତ! ଚିନ୍ତାରେ ତୁର୍କୀ

**ନୂଆଦିଲ୍ଲୀଃ** ଭାରତର ସୁପରସୋନିକ କ୍ରୁଜ୍ ମିସାଇଲ 'ବ୍ରହ୍ମୋସ' ଏବଂ ଅତ୍ୟାଧୁନିକ ମିସାଇଲ ସିଷ୍ଟମକୁ ନେଇ ଏବେ ତୁର୍କୀଏର ପ୍ରତିରକ୍ଷା ବିଶେଷଜ୍ଞ ଓ ସାମରିକ ମହଲରେ ପ୍ରବଳ ଚିନ୍ତା ଏବଂ ଭୟ ଦେଖାଦେଇଛି। ବିଶେଷ କରି ଭାରତ ପକ୍ଷରୁ ଗ୍ରୀସ, ସାଇପ୍ରସ ଏବଂ ଆର୍ମେନିଆକୁ ଅତ୍ୟାଧୁନିକ ମିସାଇଲ ଓ ରାଡାର ଯୋଗାଇ ଦିଆଯାଉଥିବା ରିପୋର୍ଟ ସାମ୍ନାକୁ ଆସିବା ପରେ ତୁର୍କୀଏ ଶିବିରରେ ହଲଚଲ ସୃଷ୍ଟି ହୋଇଛି। ଭୂମଧ୍ୟସାଗରୀୟ ଅଞ୍ଚଳରେ ଏହି ଶକ୍ତିଶାଳୀ ଭାରତୀୟ ମିସାଇଲ ମୁତୟନ ହେବା ଆଶଙ୍କା ତୁର୍କୀଏ ପାଇଁ ବଡ଼ ମୁଣ୍ଡବିନ୍ଧାର କାରଣ ସାଜିଛି। ପାକିସ୍ତାନର ବନ୍ଧୁ ତୁର୍କୀକୁ ଏବେ ଘାରିଛି 'ବ୍ରହ୍ମୋସ' ଭୟ ୨୦୨୫ ମସିହାରେ ହୋଇଥିବା 'ଅପରେସନ ସିନ୍ଦୁର' ସମୟରେ ପାକିସ୍ତାନ ଭାରତୀୟ ବ୍ରହ୍ମୋସ ମିସାଇଲର ଭୟାବହତା ଓ ସାମର୍ଥ୍ୟକୁ ଅତି ନିକଟରୁ ଦେଖିଥିଲା। ଏବେ ପାକିସ୍ତାନର ପରମ ମିତ୍ର କୁହାଯାଉଥିବା ତୁର୍କୀଏ ମଧ୍ୟ ସମାନ ଭୟର ସାମ୍ନା କରୁଛି। ତୁର୍କୀଏ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ, ଅଙ୍କାରା (ତୁର୍କୀଏର ରାଜଧାନୀ) ପକ୍ଷରୁ ସଦାସର୍ବଦା ପାକିସ୍ତାନକୁ ସମର୍ଥନ କରିବା ଏବଂ କାଶ୍ମୀର ପ୍ରସଙ୍ଗରେ ଭାରତ ବିରୋଧୀ ଆଭିମୁଖ୍ୟ ଗ୍ରହଣ କରିବାର ଜବାବ ଭାରତ ଏହିଭଳି ଭାବେ ଦେଉଛି। ତୁର୍କୀଏକୁ କାଉଣ୍ଟର କରିବା ପାଇଁ ଭାରତ ଗ୍ରୀସ ଓ ସାଇପ୍ରସକୁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ କରୁଛି। ଏହା ସହିତ ଆର୍ମେନିଆ ଦେଇ ଭାରତୀୟ ନିର୍ମିତ ଆର୍ଟିଲାରୀ (ତୋପ), ରାଡାର, ମିସାଇଲ ଏବଂ ରକେଟ ସିଷ୍ଟମ ଯାଉଥିବା ଦେଖାଯାଇଛି, ଯାହା ତୁର୍କୀଏ ପାଇଁ ବିପଦର ଘଣ୍ଟି ବଜାଇ ଦେଇଛି। ନୂଆଦିଲ୍ଲୀ, ଏଥେନ୍ସ (ଗ୍ରୀସ) ଏବଂ ନିକୋସିଆ (ସାଇପ୍ରସ) ମଧ୍ୟରେ ବଢ଼ୁଥିବା ସାମରିକ ସମ୍ପର୍କ ତୁର୍କୀର ସୁରକ୍ଷା ବ୍ୟବସ୍ଥାକୁ ଦୋହଲାଇ ଦେଇଛି। ବ୍ରହ୍ମୋସ ମିସାଇଲ କାହିଁକି ତୁର୍କୀଏ ପାଇଁ ସବୁଠୁ ବଡ଼ ବିପଦ? ଭାରତ ଏବଂ ଋଷର ମିଳିତ ସହଯୋଗରେ ନିର୍ମିତ ବ୍ରହ୍ମୋସ ହେଉଛି ବିଶ୍ୱର ସବୁଠାରୁ ଦ୍ରୁତତମ ଅପରେସନାଲ କ୍ରୁଜ୍ ମିସାଇଲ। ଏହା ତୁର୍କୀ ପାଇଁ ନିମ୍ନଲିଖିତ କାରଣ ଯୋଗୁ ବଡ଼ ସମସ୍ୟା ସୃଷ୍ଟି କରୁଛି।






## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୭,୬୪୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୪, ୫୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୭,୬୪୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୪୪, ୫୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୭,୬୪୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୪, ୫୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୭, ୭୯୦ ଟଙ୍କା ଓ ୨୨ କ୍ୟାରଟେ ୧,୪୪,୬୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୯,୨୮୦ ଟଙ୍କା ଥିବାବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୬,୦୦୦ ଟଙ୍କା ରହିଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୯.୦୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୭୪ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୧୮ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩.୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୫୫ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

## ‘ଆମ ଭାଗିଦାରୀ, ବିକାଶ ଗିରି’ ଅଭିନବ ପ୍ରୟାସ ଆରମ୍ଭ କରି ପୁଣି ଚର୍ଚ୍ଚାରେ ବିଡିଓ



**ବୋରିଗୁମ୍ମା,୨୯।୫ (ସଂଚାର ବ୍ୟୁରୋ):** ଓଡ଼ିଶା ରାଜ୍ୟ ସରକାରଙ୍କ ଜଣେ କର୍ତ୍ତବ୍ୟନିଷ୍ଠ ମନଭାବ ନେଇ ନିରନ୍ତର ନିଜର କାର୍ଯ୍ୟ ଦକ୍ଷତା ଜାରି ରଖିଥିବା ବୋରିଗୁମ୍ମା ବିଡ଼ିଓ ସୁକାନ୍ତ କୁମାର ପଟ୍ଟନାୟକ କେତେବେଳେ "ଆସ ଖୋଜିବା", "ଆଗ ପଢ଼ିବା ପରେ ଗଢ଼ିବା", "ପଢ଼ିଲେ ପାଠ ରୋଜଗାର ବାଟ" ଭଳି ନିଜସ୍ୱ ଉଦ୍ୟମ ରେ ଅଭିନବ ପ୍ରୟାସ ଆରମ୍ଭ କରି ଚର୍ଚ୍ଚା ରେ ରହି ଆସିଥିଲେ। ଶୁକ୍ରବାର ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ବିଜାପୁର ପଞ୍ଚାୟତ ଆମଡା ଗୁଡା ଗ୍ରାମରେ ପହଞ୍ଚି "ଭାଗିଦାରି,ବିକାଶ ଶିରୀ" କାର୍ଯ୍ୟକ୍ରମ ଆରମ୍ଭ କରି ପୁଣି ଚର୍ଚ୍ଚାରେ ରହିଛନ୍ତି ବୋରିଗୁମ୍ମା ବିଡ଼ିଓ ସୁକାନ୍ତ କୁମାର ପଟ୍ଟନାୟକ। "ଆମ ଭାଗିଦାରି ବିକାଶ ଶିରୀ" କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜନ ଭାଗିଦାରିତା ଏବଂ ସହଭାଗିତା ସୂତ୍ରରେ ଆଞ୍ଚଳିକ ବିକାଶକୁ ଦୃଷ୍ଟିରେରଖି ଗ୍ରାମ ୱ୍ୱାରୀ ଭିତ୍ତିଭୂମିର ବିକାଶ ଓ ଜୀବନ ଜୀବିକାକୁ କ୍ରିୟାଶୀଳ କରିବା ଏହାର ମୂଳ ଉଦେଶ୍ୟ। ବୋରିଗୁମ୍ମା ବ୍ଲକର ୩୦ ଗୋଟି ପଞ୍ଚାୟତର ୧୪୪ ଗୋଟି ଗାଁକୁ ଏକ ଟିମ ଗଠନ କରିଛନ୍ତି | ସେହି ଟିମରେ ବିଡ଼ିଓ ସୁକାନ୍ତ କୁମାର ପଟ୍ଟନାୟକଙ୍କ ଉପସ୍ଥିତିରେ ସମସ୍ତ କର୍ମକର୍ତ୍ତାଙ୍କୁ ଗାଡିର ଦୈନିକ ଯାତ୍ରା, ସରକାରଙ୍କ ବିଭିନ୍ନ ବିଭାଗୀୟ ସୁବିଧା ସୁଯୋଗ ବଣ୍ଟନ, ଗାଁର ମୌଳିକ ସମସ୍ୟା ଚିହ୍ନଟ ଓ ଅଭିଯୋଗ ଗ୍ରହଣ ଆଦି ବିଷୟରେ ଆଲୋଚନା କରିଥିଲେ। ଏବଂ ସ୍ଥାନୀୟ ଲୋକମାନଙ୍କ ସହ ଆଲୋଚନା କରି ସେମାନଙ୍କ ଦୈନନ୍ଦିନ ସମସ୍ୟା ଓ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ | ଆଗାମୀ ଦିନରେ ଏହି ସମସ୍ୟା ଗୁଡିକ ସମାଧାନ ପାଇଁ ପ୍ରଶାସନ ସ୍ତରରେ ଆବଶ୍ୟକ ପଦେକ୍ଷେପ ନେବାପାଇଁ ପ୍ରତିଶୃତି ଦେଇଥିଲେ ।

## ଦୁଇ ବର୍ଷ ନପୂରୁଣୁ ଭାଙ୍ଗିଲାପୋଲ, ଭିଜିଲାନ୍ସ ତଦନ୍ତ ଦାବି କଲେ ଗ୍ରାମବାସୀ



**ନୀଳଗିରି,୨୯।୫ (ସଂଚାର ବ୍ୟୁରୋ):** ନୀଳଗିରି ଉପଖଣ୍ଡ ଅଧୀନସ୍ଥ ଔପଦା ବ୍ଲକ କାଣ୍ଡଗରଡିରୁ ଈଶ୍ୱରପୁର ପଞ୍ଚାୟତକୁ ସଂଯୋଗକରୁଥିବା ରାସ୍ତା ସନ୍ତରାଗଡିଆ ଠାରୁ ପିଞ୍ଛାବଣିଆ ପ୍ରଧାନମନ୍ତ୍ରୀ ରାସ୍ତାକୁ ଗ୍ରାମ୍ୟଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ କରାଯାଇଥିବା ବେଳେ ଏଥିରେ ଏକ ପୋଲ ନିର୍ମାଣ ହୋଇଥିଲା। କାମଟି ନିମ୍ନମାନର ହୋଇଥିବାରୁ ଦୁଇବର୍ଷ ନ ପୂରୁଣୁ ପୋଲର ଉପରଭାଗ ଭାଙ୍ଗି ରାସ୍ତାଟି ବିଚ୍ଛିନ୍ନ ହୋଇଯାଇଛି ଓ ରାସ୍ତା ମଧ୍ୟ ସ୍ଥାନେସ୍ଥାନେ ଉଠିଯାଇଛି । ଫଳରେ ସାତଦିନ ହେବ ସନ୍ତରାଗଡିଆ ବାହାନଗା ରାସ୍ତା ବନ୍ଦହୋଇ ଜରୁରୀ କାଳୀନ ସେବା ଠପ୍ ହେବସହ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଶହଶହ ଯାତ୍ରୀ ।ଅଭିଯୋଗ ପରେ ମଧ୍ୟ ନିଦାବିଷ୍ଟୁ ସାଜିଛି ପ୍ରଶାସନ।ପ୍ରଧାନମନ୍ତ୍ରୀ ଗ୍ରାମ୍ୟସଡକ ଯୋଜନା ଅଧୀନରେ ସନ୍ତରାଗଡିଆ ଠାରୁ ପିଞ୍ଛାବଣିଆ ପର୍ଯ୍ୟନ୍ତ ଏହି ରାସ୍ତାଟି ୫ କୋଟି ୧୩ ଲକ୍ଷ ୨୭ ହଜାର ୪୯୦ ଟଙ୍କା ବ୍ୟୟ ଅଟକଳରେ ରାସ୍ତାନିର୍ମାଣ କରାଯାଇଥିଲା।କିନ୍ତୁ ରାସ୍ତାକୁ ଦୁଇବର୍ଷ ନପୁରୁଣୁ ମଧୁକରଖୁଣ୍ଟା ଗ୍ରାମର ରାମେଶ୍ୱର ମନ୍ଦିର ନିକଟରେ ନିର୍ମାଣ କରାଯାଇଥିବା ପୋଲର ସପ୍ତାହେ ହବ ଉପରିଭାଗ ଭାଙ୍ଗିଯାଇଥିବା ବେଳେ ସନ୍ତରାଗଡିଆ ବାହାନଗାକୁ ଯାତାୟତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ମଧୁକରଖୁଣ୍ଟା, ଅଙ୍କୁରଖୁଣ୍ଟା, ମର୍ଦ୍ଦରାଜପୁର ଗ୍ରାମର ଶତାଧିକଲୋକ ଜରୁରୀକାଳୀନ ସେବାରୁ ମଧ୍ୟ ବଞ୍ଚିତ ହୋଇଛନ୍ତି।ଏନେଇ ଗ୍ରାମବାସୀ ବାରମ୍ବାର ପ୍ରଶାସନକୁ ଅବଗତ କରିଥିଲେ ମଧ୍ୟ କୌଣସି ସ୍ଥାୟୀ ସମାଧାନ ହୋଇନଥିବା ବେଳେ ଲୋକଙ୍କ ଭିତରେ ଅସନ୍ତୋଷ ଦେଖା ଦେଇଛି। ଉକ୍ତ ରାସ୍ତାନିର୍ମାଣ ପାଇଁ ଏଗ୍ରିମେଣ୍ଟରେ ମେଣ୍ଟେନାନ୍ସ ବ୍ୟବସ୍ଥା ଅଛିକି ନାହିଁ ତାହା ଗ୍ରାମବାସୀ ସହକାରୀ ଯନ୍ତ୍ରୀ ଓ ନିର୍ବାହୀଯନ୍ତ୍ରୀଙ୍କୁ ପଚାରିଲେ ଯନ୍ତ୍ରୀମହାଶୟ ଠିକାଦାର ଅତିଶୀଘ୍ର ମରାମତି କରିଦେବ କହୁଥିବା ବେଳେ ଆଜିପର୍ଯ୍ୟନ୍ତ କୌଣସି କାମ କରାଯାଇନାହିଁ। ଫଳରେ ବର୍ଷା ଦିନ ଆସୁଥିବାରୁ ଶୀଘ୍ର କାମନସରିଲେ ସ୍ଥାନୀୟ ଲୋକ ଓ ଶହଶହ ଯାତ୍ରୀ ହନ୍ତସନ୍ତ ହେବେବୋଲି ସ୍ଥାନୀୟ ଗ୍ରାମବାସୀ କହିଥିବା ବେଳେ ଏହାର ଭିଜିଲାନ୍ସ ତଦନ୍ତ ଦାବୀକରିଛନ୍ତି ।

## ବରିଷ୍ଠ କଳାକାର ଅଶ୍ରୁମୋଚନ ମହାନ୍ତିଙ୍କୁ ପଦ୍ମଶ୍ରୀ ଦାବି



**ଢେଙ୍କାନାଳ,୨୯।୫ (ସଂଚାର ବ୍ୟୁରୋ):** ଛୋଟ ମୋର ଗାଁ ଟି’ ଓ ‘ଗାଁ ଅଭିଯାନ ଅଶ୍ରୁମୋଚନ’ ମାଧ୍ୟମରେ ୨ ଲକ୍ଷରୁ ଅଧିକ ଗାଁ ବୁଲିଛନ୍ତି` ଲୋକସଂସ୍କୃତି ପାଇଁ ଜୀବନବ୍ୟାପୀ ସଂଘର୍ଷ ଓଡ଼ିଶାର ଗାଁ ରୁ ସହର ସବୁଠାରେ ଲୋକପ୍ରିୟତା ହାସଲ କରିଥିବା ବରିଷ୍ଠ ଲୋକକଳାକାର ଅଶ୍ରୁମୋଚନ ମହାନ୍ତିଙ୍କୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ ପାଇଁ ଦାବୀ ସମଗ୍ର ଓଡ଼ିଶାରେ ଜୋର ଧରିଛି। ସେହି କ୍ରମରେ ଆଜି ଢେଙ୍କାନାଳ ଗଡଜାତ ଲୋକକଳା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ମହାମହିମ ରାଷ୍ଟ୍ରପତିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ‘ଛୋଟ ମୋର ଗାଁ ଟି’ ଏବଂ ‘ଗାଁ ଅଭିଯାନ ଅଶ୍ରୁମୋଚନ’ କାର୍ଯ୍ୟକ୍ରମ ମାଧ୍ୟମରେ ଶ୍ରୀ ମହାନ୍ତି ରାଜ୍ୟର ୩୦ ଜିଲ୍ଲା, ୩୧୪ ବ୍ଲକ ଏବଂ ୨ ଲକ୍ଷରୁ ଅଧିକ ଗାଁ ଗାଁ ବୁଲି ଗ୍ରାମାଞ୍ଚଳର ସଂସ୍କୃତି, ସାହିତ୍ୟ, ପରମ୍ପରା, ଅସ୍ମିତା ଓ ଲୋକକଳାକୁ ବିଶ୍ୱ ଦରବାରରେ ପହଞ୍ଚାଇଛନ୍ତି। ଲୋକଗୀତ, ପାଲା, ଦାସକାଠିଆ, ପ୍ରବଚନ ମାଧ୍ୟମରେ ସେ ଓଡ଼ିଆ ଲୋକ ସଂସ୍କୃତିକୁ ଜୀବନ୍ତ ରଖିଛନ୍ତି। ତାଙ୍କର ଏହି ଜୀବନବ୍ୟାପୀ ସଂଘର୍ଷ ଓ ଅବଦାନ ପାଇଁ ତାଙ୍କୁ ଦେଶର ଶ୍ରେଷ୍ଠ ସମ୍ମାନ ପଦ୍ମଶ୍ରୀ ପ୍ରଦାନ କରିବାକୁ ଦାବୀ କରାଯାଇଛି।

# ଖାଉଟିଙ୍କ ଅଣ୍ଟା ଭାଙ୍ଗିଦେଲାଣି ଦରବୃଦ୍ଧି

### ତେଲ ସହ ବଢୁଛି ପରିବା, ରାସନ ଦର

### ମଧ୍ୟବିତ୍ତ ପରିବାର ଚିନ୍ତାରେ

### ଦରବୃଦ୍ଧି ପାଇଁ ଖାଉଟି ଶୋଷଣ ଶିକାର



**କାକଟପୁର/ଅସ୍ତରଙ୍ଗ,୨୯।୫ (ସଂଚାର ବ୍ୟୁରୋ):** ଥମୁନି ଯୁଦ୍ଧ, ବଦଳୁନି ସ୍ଥିତି। ଏହାର ପ୍ରଭାବରେ ପେଟ୍ରୋଲ ଠାରୁ ଆରମ୍ଭ କରି ଡିଜେଲ, ଖାଇବା ତେଲ ଓ ଜାଳେଣି ସିଲିଣ୍ଡର ଦର ବୃଦ୍ଧି ହୋଇ ଖାଉଟିଙ୍କ ଅଣ୍ଟା ଭାଙ୍ଗି ଦେଲାଣି। କିନ୍ତୁ ଦରବୃଦ୍ଧି ସମସ୍ତ ବ୍ୟକ୍ତି ବିଶେଷଙ୍କୁ ମୁଣ୍ଡରେ ଚଡକ ପକାଇଛି।

ପେଟ୍ରୋଲଜାତ ସାମଗ୍ରୀ ଦରବୃଦ୍ଧିର ପ୍ରଭାବ ଅନ୍ୟାନ୍ୟ ସାମଗ୍ରୀ ଉପରେ ପଡ଼ିଥିବା ବେଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାର ସାପ୍ତାହିକ ହାଟ ଦିନ ମଧ୍ୟ ପନିପରିବା ଦର ଏଥିରୁ ବାଦ ପଡ଼ିନାହିଁ। ସଜନା ଛୁଇଁ କିଲୋ ୧୨୦ଟଙ୍କା, ପୋଟଳ ୭୦ଟଙ୍କା, ବାଇଗଣ ୭୦ରୁ ୮୦ଟଙ୍କା, କଲରା ୬୦ଟଙ୍କା, ଟମାଟୋ ୪୦ରୁ ୫୦ଟଙ୍କା, ଟଙ୍କାରେ ବିକ୍ରି ହେଉଥିଲା।

ପରିବା ଦର ବୃଦ୍ଧି କୁ ନେଇ ଅସ୍ତରଙ୍ଗ ସାପ୍ତାହିକ ହାଟରେ ଥିବା ବ୍ୟବସାୟୀ ପର୍ଶୁ ବରାଳ ଓ ବିପିନ ସ୍ୱାଇଁ ପେଟ୍ରୋଲ, ଡିଜେଲ ଦର ବୃଦ୍ଧିକୁ ଦାୟି କରିଛନ୍ତି । ଏବେ ପଶ୍ଚିମବଙ୍ଗ, ତାମିଲନାଡୁରୁ ପୋଟଳ, ଗାଜର ଆଦି ଆସୁଛି। ଗାଡି ଭଡା ମଧ୍ୟ ପୂର୍ବ ଅପେକ୍ଷା ବୃଦ୍ଧି ପାଇଛି। ସେହି ହିସାବ ଦେଖିଲେ ହାଟ ଦରରୁ ୧୦ଟଙ୍କା ଅଧିକ ଦରରେ ପରିବା ବିକିବାକୁ ପଡୁଛି ବୋଲି କହିଛନ୍ତି। ଗୋଟିଏ ମାସ ମଧ୍ୟରେ ଖାଇବା ତେଲର ଦାମ୍ ପ୍ରାୟ ୨୫ଟଙ୍କା ବୃଦ୍ଧି ପାଇଛି। ବର୍ଦ୍ଧିତ ଖାଇବା ତେଲ ଦରକୁ ନେଇ ଏବେ ସମସ୍ୟାରେ ପଡିଛନ୍ତି ଗ୍ରାହକ।

ଏ ନେଇ ଗ୍ରାହକ ସଂଯୁକ୍ତା ଖଣ୍ଡୁଆଳ କହିଛନ୍ତି ଦରବୃଦ୍ଧି ଲୋକଙ୍କ ପକେଟ ଫାଙ୍କା କରିବାରେ ଲାଗିଛି। ଅନ୍ୟ ପଟେ ଅସ୍ତରଙ୍ଗ ମୁଖ୍ୟ ବଜାରରେ ଅଟୋ ଚଳାଇ ପରିବାର ପ୍ରତିପୋଷଣ କରୁଥିବା ଅଜୟ ବେହେରା କହିଛନ୍ତି ଦୁଇ ଦଶନ୍ଧି ଧରି ଅଟୋ ଚଳାଉଛି। ଦରଦାମ୍ ବୃଦ୍ଧି ସହ ବର୍ତ୍ତମାନ ଗ୍ରାହକଙ୍କୁ କମ୍ ଦରରେ ସେବା ଯୋଗାଇବା ଆମ ପରି ଲୋକଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ସାଜିଛି। କିଛି ଦିନ ହେବ ଡିଜେଲ ଦର ଉପରମୁହାଁ ରହିଛି। ଏହି ପରିସ୍ଥିତିରେ ଗାଡି ଚଳାଇ ପରିବାର ଚଳାଇବା କଷ୍ଟକର ହୋଇଗଲାଣି। ଅନ୍ୟ ପଟେ ଗ୍ୟାସ ସଙ୍କଟ ସହ ଖାଇବା ତେଲ ଦର ବୃଦ୍ଧି ନେଇ ଅସ୍ତରଙ୍ଗ ବଜାର ସମେତ ଗ୍ରାମାଞ୍ଚଳରେ ଅନେକ ଜଳଖିଆ ଦୋକାନ ଠାରୁ ଆରମ୍ଭ କରି ସମସ୍ତ ଖାଦ୍ୟର ଦର ବଢ଼ିଯାଇଛି। ଖାଉଟି ବଜାରରେ ତେଜରାତି ସାମଗ୍ରୀର ଦର ମଧ୍ୟ ବୃଦ୍ଧି ପାଇଛି। ସରକାରଙ୍କ ପକ୍ଷରୁ ଦରବୃଦ୍ଧିରେ ରୋକ ଲଗାଇବା ପାଇଁ ସ୍ୱତନ୍ତ୍ର ପ୍ରସ୍ତୁତ କରିବାକୁ ସ୍ଥାନୀୟ ଅଂଚଳବାସୀ ଦାବୀ କରିଛନ୍ତି।

## ଶ୍ରୀ ଅନ୍ନ ଅଭିଯାନ ପ୍ରକଳ୍ପ କାର୍ଯ୍ୟକାରୀ ନିମନ୍ତେ ସ୍ୱେଚ୍ଛାସେବୀଙ୍କ ବୈଠକ



**ଫୁଲବାଣୀ,୨୯।୫ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ରେ ଶ୍ରୀ ଅନ୍ନ ପ୍ରକଳ୍ପ ପରିଚାଳିତ ହେଉଥିବା ବେଳେ ଆଜିର ସମୟରେ ପ୍ରକଳ୍ପ ରେ କିଛି ପରିବର୍ତ୍ତନ କରି କୃଷକ ଉତ୍ପାଦକ ଗୋଷ୍ଠି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କ ର ସହଭାଗିତାକୁ କାଢିନିଆଯାଇଛି । ଏଥିରେ ଅସନ୍ତୋଷ ପ୍ରକାଶ କରି ବିଭିନ୍ନ ଅନୁଷ୍ଠାନର ମୂଖ୍ୟ ମାନେ ସ୍ୱାତୀ ଅନୁଷ୍ଠାନ, ଫୁଲବାଣୀ କାର୍ଯ୍ୟାଳୟ ଠାରେ ଏକ ବୈଠକ କରି ବିଭିନ୍ନ ଦାବି ଯଥା ଟିକାବାଲି, ଚକାପାଦ, ଜି.ଉଦୟଗିରି ଓ ଖଜୁରିପଡା ବ୍ଲକରେ ଶ୍ରୀ ଅନ୍ନ ଅଭିଯାନ ପ୍ରକଳ୍ପ ପୁନଃ କାର୍ଯ୍ୟକାରୀ ନିମନ୍ତେ ମହାମହିମ ରାଜ୍ୟପାଳ, ମାନ୍ୟବର ମଖ୍ୟମନ୍ତ୍ରି ଓ ମାନ୍ୟବର ମୂଖ୍ୟମନ୍ତ୍ରି ଙ୍କ ଅବଗତି ନିମନ୍ତେ ଦାବି ପତ୍ର ଦେବାକୁ ସ୍ଥିର କରିଛନ୍ତି । ମୂଖ୍ୟତଃ ଆଗାମି ଦିନରେ କିପରି ଗୁଣବତା ହିସାବରେ କାର୍ଯ୍ୟକାରି ହେବ ତାହା ଆଲୋଚନାର ମୂଖ୍ୟ ବିଷୟ ରହିଥିଲା । ଆଲୋଚନାରେ ସ୍ୱାତୀର ସମ୍ପାଦକ ହରି ଶଙ୍କର ରାଉତ, ଜନବିକାଶ ର ସମ୍ପାଦକ ମଦନ ସୁଆଲସିଂ, ସେୟାର ର ନିର୍ଦ୍ଦେଶକ କରାମତ ଅଲ୍ଲି ଖାନ୍, ଓରିଶା ର ଯୁଗ୍ମ ସମ୍ପାଦକ ପ୍ରେମାନନ୍ଦ ମହାପାତ୍ର, କନ୍ଧମାଳ ଜିଲ୍ଲା ସବୁଜ ବୈଦ୍ୟ ସଙ୍ଗଠନ ର ସମ୍ପାଦକ ଦିନବନ୍ଧୁ ମହାରଣା ଓ ଶାନ୍ତି ମୈତ୍ରି ର ସମ୍ପାଦକ ଭଗବାନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ନାରୀ ସୁରକ୍ଷା ଓ ୩୩% ମହିଳା ସଂରକ୍ଷଣ ଦାବିରେ କଂଗ୍ରେସର ମଶାଲ ଶୋଭାଯାତ୍ରା



**ବୋରିଗୁମ୍ମା,୨୯।୫ (ସଂଚାର ବ୍ୟୁରୋ):** ରାଜ୍ୟରେ ମହିଳାଙ୍କ ପ୍ରତିବୃଦ୍ଧି ପାଉଥିବା ଅତ୍ୟାଚାର ୩୩ % ମହିଳା ସଂରକ୍ଷଣ ଲାଗୁକରିବା ଦାବିରେ ଗର୍ଜିଛି କୋରାପୁଟ

ଜିଲ୍ଲା କଂଗ୍ରେସ କମିଟି। ପିସିସି ରାଜ୍ୟ ସଭାପତି ଭକ୍ତଚରଣ ଦାସଙ୍କ ଆହ୍ୱାନ କ୍ରମେ ଆଜି କୋରାପୁଟ ଜିଲ୍ଲା ବୋରିଗୁମ୍ମା ସହର ସଦର ମୋହକୁମାଠାରେ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି ଯୋଗଦେଇ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଛନ୍ତି |ସେ କହିଛନ୍ତି ଯେ ସାରା ରାଜ୍ୟରେ ମହିଳାମାନେ ଭୟଭୀତ ଅବସ୍ଥାରେ ଅଛନ୍ତି | ୩୩ %ମହିଳା ସଂରକ୍ଷଣ ଲାଗୁ କରିବା ପାଇଁ ପ୍ରତିଶୃତି ଦେଇଥିବା ବିଜେପି ସରକାର ଏ ଦିଗରେ କୌଣସି ଠୋସ ପଦେକ୍ଷେପ ଗ୍ରହଣ ନକରି ନାରୀ ନିର୍ଯ୍ୟାତନାକୁ ଏକ ପ୍ରକାର ପ୍ରସ୍ତାହନ ଦେଉଛି। ଜିଲ୍ଲା କଂଗ୍ରେସ କମିଟି ସଭାପତି ରୁପୁକ ତୁରୁକ ଙ୍କ ନେତୃତ୍ୱରେ ଏବଂ ଜୟପୁର ନିର୍ବାଚନ ମଣ୍ଡଳୀର ବୋରିଗୁମ୍ମା ବ୍ଲକ କଂଗ୍ରେସ ସଭାପତି ଅଶୋକ ଗନ୍ତାୟତଙ୍କ ତତ୍ୱାବଧାନରେ କଂଗ୍ରେସର ବରିଷ୍ଠ ନେତୃବୃନ୍ଦ, ବିଟୁ ପଣ୍ଡା, ମନୁ ପଟ୍ଟନାୟକ, ତପନ ଦାସ, କେ. ସୁଧାକର, ଅଶୋକ ଭୂୟାଁଙ୍କ ସମେତ ଶତାଧିକ କର୍ମୀ ଓ ଜନ ପ୍ରତିନିଧିମାନେ ସ୍ଥାନୀୟ କଂଗ୍ରେସ ଭବନଠାରୁ ବସଷ୍ଟାଣ୍ଡ ସ୍ଥିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ବିଶାଳ ମଶାଲ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ରାଜ୍ୟରେ ବିଜେପି ସରକାର ଶାସନ କ୍ଷମତାକୁ ଆସି ୨ ବର୍ଷ ବିତିଥିବା ବେଳେ ରାଜ୍ୟରେ ମହିଳା ଅସୁରକ୍ଷିତ ହୋଇ ରହିଛନ୍ତି ।

ସେମାନଙ୍କ ପ୍ରତି ଦିନକୁ ଦିନ ଅନେକ ଅତ୍ୟାଚାର, ନାରୀ ନିର୍ଯ୍ୟାତନା ଭଳି ମାମଲା ରୁଜୁ ହେବାରେ ଲାଗିଛି। ତଥାପି ଏ ଦିଗରେ ବିଜେପି ସରକାର କୌଣସି ଠୋସ୍ ପଦକ୍ଷେପ ଗ୍ରହଣ ନକରି ନାରୀ ନିର୍ଯାତନାକୁ ଏକ ପ୍ରକାର ପ୍ରୋତ୍ସାହନ ଦେଉଛି ବୋଲି କଂଗ୍ରେସ ନେତୃବୃନ୍ଦ ଅଭିଯୋଗ କରିଛନ୍ତି।

### ନବରଙ୍ଗପୁର ଅମୃତ କାଳ ସାଂସ୍କୃତିକ ସମାରୋହ ଉଦ୍‌ଯାପିତ

## ଦର୍ଶକଙ୍କ ମନମୋହିଲେ ପାରମ୍ପରିକ ଲୋକ ନୃତ୍ୟ ଦଳ




**ନବରଙ୍ଗପୁର,୨୯।୫ (ସଂଚାର ବ୍ୟୁରୋ):** ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଆନୁକୂଲ୍ୟରେ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର, କଲିକତା ପକ୍ଷରୁ ଦୁଇଦିନିଆ ଅମ୍ରିତ କାଳ ସାଂସ୍କୃତିକ ସମାରୋହ ଆଜି ଉଦଯାପିତ ହୋଇଛି। ଉଦଯାପିତ ସମାରୋହରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପ୍ରମୋଦ କୁମାର ପୃଷ୍ଟି ଏବଂ ସମ୍ମାନୀତ ଅତିଥି ଭାବରେ ନଗରପାଳ କୁନୁ ନାୟକ,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର,ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାୟ,ଯୋଗ ଦେଇଥିଲେ ।

କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଏବଂ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ଅନୁକୂଲ୍ୟରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଅମ୍ରିତକାଳ ସାଂସ୍କୃତିକ ସମାରୋହ ମାଧ୍ୟମରେ ଏକ ବିକଶିତ ଭାରତର ଯେଉଁ ପରିକଳ୍ପନା କରାଯାଇଛି ତାହା ଭାରତ ତଥା ଓଡ଼ିଶାର ସଂସ୍କୃତି ସମ୍ପନ୍ନ ନୃତ୍ୟ, ସଂଗୀତକୁ ଗରିମାମୟ କରିପାରିଛି ଏବଂ ଏହି ସମାରୋହ ମାଧ୍ୟମରେ ସ୍ଥାନୀୟ କଳାକାରମାନେ ନିଜର ନୃତ୍ୟ କଳା ପ୍ରଦର୍ଶନ କରିପାରିଛନ୍ତି। ଜିଲ୍ଲା ପ୍ରଶାସନଙ୍କ ସହଯୋଗରେ ଦୁଇ ଦିନଧରି ଅନୁଷ୍ଠିତ ହେଉଥିବା ଏହି ସାଂସ୍କୃତିକ ସମାରୋହର ଉଦଘାଟନୀ ସନ୍ଧ୍ୟାରେ ପୁରୁଷୋତ୍ତମ କଳା କେନ୍ଦ୍ର, ନବରଙ୍ଗପୁର ଗୋଣ୍ଡି ନୃତ୍ୟ ଦଳ, ରାଇଘର ଘୁମୁରା ନୃତ୍ୟ ଦଳ, ଚନ୍ଦାହାଣ୍ଡି ଗୋଟି ବାଜା ଦଳ, ଉମରକୋଟ ସାଇରମ କଳା କେନ୍ଦ୍ର, ନବରଙ୍ଗପୁର ଇତ୍ୟାଦି ପାରମ୍ପରିକ ନୃତ୍ୟ ଓ ଲୋକକଳା ମାନ କଳାକାର ମାନେ ନିଜର ନୃତ୍ୟ ପରିବେଷଣ କରିଥିଲେ।

କଳାକାର ଗ୍ରୁପ ମାନଙ୍କୁ ପୂର୍ବାଞ୍ଚଳ କ୍ଷେତ୍ରୀୟ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି । ନବରଙ୍ଗପୁର ଜିଲ୍ଲାର କଳାକାର ମାନଙ୍କୁ ଉତ୍ସାହିତ କରିବାକୁ କଲିକତା ସ୍ଥିତ ପୂର୍ବାଞ୍ଚଳ କ୍ଷେତ୍ରୀୟ ସାଂସ୍କୃତିକ କେନ୍ଦ୍ରଙ୍କ ଉଦ୍ୟମକୁ ସହଯୋଗ ଦେଇଛନ୍ତି ନବରଙ୍ଗପୁର ଜିଲ୍ଲା ପ୍ରଶାସନ। ଏହି ଅବସରରେ ଗୁରୁମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇ ଥିଲା।

### ଦିବ୍ୟାଙ୍ଗ ଭଉଣୀଙ୍କ ଘର ସ୍ୱପ୍ନରେ ଭାଇଙ୍କ ବାଧା

## ଅନ୍ତ୍ୟୋଦୟ ଆବାସ ମିଳିଲେ ବି ଜମି ବିବାଦରେ ଅସହାୟ ଶିଶିର



**ବାଲିକୁଦା,୨୯।୫ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅନ୍ତର୍ଗତ ଅନନ୍ତପୁର ପଞ୍ଚାୟତର ପଦ୍ମନାଭପୁର ଗ୍ରାମରେ ଜଣେ ୪୫ ବର୍ଷୀୟା ଦିବ୍ୟାଙ୍ଗ ମହିଳାଙ୍କ ଘର ସ୍ୱପ୍ନ ଏବେ ପରିବାରିକ ବିବାଦ ମଧ୍ୟରେ ଅଟକି ଯାଇଛି। ଶିଶିର ପରିଡା ନାମକ ଏହି ଦିବ୍ୟାଙ୍ଗ ମହିଳାଙ୍କୁ ସରକାରଙ୍କ ଅନ୍ତୋଦୟ ଗୃହ ଯୋଜନାରେ ଏକ ଆବାସ ଘର ମଞ୍ଜୁର ହୋଇଥିଲେ ମଧ୍ୟ, ଘର ନିର୍ମାଣ ପାଇଁ ଜମିକୁ ନେଇ ତାଙ୍କ ସାନ ଭାଇ ବିରୋଧ କରୁଥିବାରୁ ସେ ମାନସିକ ଭାବେ ଭାଙ୍ଗି ପଡ଼ିଛନ୍ତି। ସୂଚନା ଅନୁଯାୟୀ, ପିତାମାତାଙ୍କ ମୃତ୍ୟୁ ପରେ ଶିଶିର ନିଜ ଭତ୍ତା ଟଙ୍କାରେ କଷ୍ଟେମଷ୍ଟେ ଜୀବନ ଯାପନ କରୁଛନ୍ତି। ପରିବାର ପକ୍ଷରୁ ସହଯୋଗ ନମିଳିବାରୁ ସେ ବାରମ୍ବାର ପ୍ରଶାସନ ନିକଟରେ ଗୁହାରି କରିଥିଲେ। ଏହା ପରେ ସରକାରୀ ଯୋଜନାରେ ତାଙ୍କୁ ଏକ ଆବାସ ଘର ମଞ୍ଜୁର ହୋଇଥିଲା। କିନ୍ତୁ ଘର ନିର୍ମାଣ ପାଇଁ ଜମି ଦେବାକୁ ତାଙ୍କ ଦୁଇ ଭାଇ ପ୍ରଥମରୁ ଅସ୍ୱୀକାର କରିଥିଲେ।

ଏନେଇ ଶିଶିର ଅନନ୍ତପୁର ଫାଣ୍ଡି ଓ ପଞ୍ଚାୟତରେ ଅଭିଯୋଗ କରିବା ପରେ ଗ୍ରାମର ଭଦ୍ରବ୍ୟକ୍ତି ଓ ବୁଦ୍ଧିଜୀବୀଙ୍କ ଉପସ୍ଥିତିରେ ଏକ ରାଜିନାମା ବୈଠକ ହୋଇଥିଲା। ବୈଠକରେ ଶିଶିରଙ୍କୁ ୧୨ ଗୁଣ୍ଠ ଜମି ଦେବାକୁ ନିଷ୍ପତ୍ତି ହୋଇଥିବା ସହ ଭାଇମାନେ ମଧ୍ୟ ସେଥିରେ ସମ୍ମତି ପ୍ରକାଶ କରିଥିଲେ। ହେଲେ ପରେ ସେମାନେ ପଞ୍ଚାୟତର ଫଇସଲାକୁ ବେଖାତିର କରି ଘର କାମ ଆରମ୍ଭ କରାଇ ନଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ ସାନ ଭାଇ ଅଧୀର ପରିଡା ଓ ତାଙ୍କ ପତ୍ନୀଙ୍କ ସହ ଶିଶିରଙ୍କ ବଚସା ହୋଇଥିଲା। ଏହି ସମୟରେ ତାଙ୍କୁ ମାଡ଼ ମାରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ନେଇ ଶିଶିର ଥାନାରେ ଅଭିଯୋଗ କରିଛନ୍ତି। ଏକପଟେ ପ୍ରଶାସନ ପକ୍ଷରୁ ଶୀଘ୍ର ଘର କାମ ଆରମ୍ଭ କରିବାକୁ କୁହାଯାଉଥିବା ବେଳେ, ଅନ୍ୟପଟେ ପରିବାରର ବିରୋଧ ତାଙ୍କୁ ଅସହାୟ କରିଦେଇଛି।

ଏନେଇ ବାଲିକୁଦା ଥାନା ଅଧିକାରୀ କାବୁଲି ବାରିକ କହିଛନ୍ତି ଯେ, ସାନ ଭାଇଙ୍କ ସହ ଆଲୋଚନା କରାଯାଇଛି। ବଡ଼ ଭାଇ ଉପସ୍ଥିତ ନଥିବାରୁ ଆପୋଷ ସମାଧାନ ପାଇଁ ଆଉ ଏକ ତାରିଖ ଧାର୍ଯ୍ୟ କରାଯାଇଛି। ଏହା ପୁଲିସ କେସ ନୁହେଁ, ବରଂ ଜମିଜମା ସମ୍ପର୍କିତ ବିବାଦ ଥିବାରୁ ତହସିଲ ସ୍ତରରେ ସମାଧାନ ପାଇଁ ପରାମର୍ଶ ଦିଆଯାଇଛି। ତେବେ ଜୀବନ ପ୍ରତି ବିପଦ ଥିଲେ ୧୧୨ ନମ୍ବରକୁ ଫୋନ କଲେ ପୁଲିସ ତୁରନ୍ତ ପହଞ୍ଚିବ।

## ଶିବ ବିବାହ ଓ ଶୀତଳ ଷଷ୍ଠୀ ପାଇଁ ‘ଲଗ୍ନ ଧରା’ ନୀତି ସମ୍ପନ୍ନ



**ଢେଙ୍କାନାଳ,୨୯।୫ (ସଂଚାର ବ୍ୟୁରୋ):** ଢେଙ୍କାନାଳ ସହର ଉପକଣ୍ଠ ଖମାର ସାହିସ୍ଥିତ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ଶିବ ମନ୍ଦିରରେ ଆସନ୍ତା ଜୁନ ୧୮ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ମହାପ୍ରଭୁଙ୍କ ଶିବ ବିବାହ ଓ ଶୀତଳ ଷଷ୍ଠୀ ମହୋତ୍ସବ ପାଇଁ ଆଜି ପାରମ୍ପରିକ ‘ଲଗ୍ନ ଧରା’ କାର୍ଯ୍ୟକ୍ରମ ଭକ୍ତିପୂତ ପରିବେଶରେ ସମ୍ପନ୍ନ ହୋଇଯାଇଛି। ଏହି ଅବସରରେ ଶିବଙ୍କ ପିତା ଭାବେ କର୍ମକର୍ତ୍ତା ପ୍ରଭାତ କୁମାର ସାହୁ ଓ ମାତା ପାର୍ବତୀଙ୍କ ପିତା ଭାବେ ହର ପ୍ରସାଦ ଦାସ ଦାୟିତ୍ୱ ଗ୍ରହଣ କରିଛନ୍ତି।

ଆଜି ସକାଳ ୧୦ଟାରୁ ମନ୍ଦିର ପରିସରରେ ପୂଜକ ସର୍ବେଶ୍ୱର ପତିଙ୍କ ପୌରୋହିତ୍ୟରେ ଲଗ୍ନ ଧରା ନୀତି ଆରମ୍ଭ ହୋଇଥିଲା। ପ୍ରଥମେ ଶ୍ରୀ ନୀଳକଣ୍ଠେଶ୍ୱରଙ୍କ ପାଖରେ ସଂକଳ୍ପ, ପଞ୍ଚାମୃତ ସ୍ନାନ, ନୂତନ ବସ୍ତ୍ର ଓ ଫୁଲ ଅର୍ପଣ କରାଯାଇଥିଲା। ପରେ ବେଦମନ୍ତ୍ର ଉଚ୍ଚାରଣ ମଧ୍ୟରେ ଶିବଙ୍କ ପିତା ପ୍ରଭାତ କୁମାର ସାହୁ ଓ ମାତା ପାର୍ବତୀଙ୍କ ପିତା ହର ପ୍ରସାଦ ଦାସ ପରସ୍ପରକୁ ଗୁଆ, ନଡ଼ିଆ, ବସ୍ତ୍ର ଦେଇ ସମ୍ପର୍କ ସ୍ଥାପନ କରିଥିଲେ। ପାଞ୍ଜି ଦେଖି ଆସନ୍ତା ୧୮ ତାରିଖ ରାତି ୧୦ଟା ୨୭ ମିନିଟ୍‌ରେ ବିବାହ ପାଇଁ ଶୁଭଲଗ୍ନ ସ୍ଥିର କରାଯାଇଛି।

ଏହି ଅବସରରେ ଖମାର ସାହିର ଶତାଧିକ ଗ୍ରାମବାସୀ, ମହିଳା, ଯୁବକ ଓ ଦୁଇ ପରିବାରର ସଦସ୍ୟମାନେ ଉପସ୍ଥିତ ରହି ହରିବୋଲ, ହୁଳହୁଳି ପକାଇ ଉତ୍ସବ ମୁଖର କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଉପସ୍ଥିତ ଭକ୍ତଙ୍କ ମଧ୍ୟରେ ପ୍ରସାଦ ବଣ୍ଟନ କରାଯାଇଥିଲା।

ମନ୍ଦିର ପରିଚାଳନା କମିଟିର ସଭାପତି କହିଛନ୍ତି, “ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଶିବ ବିବାହ ଓ ଶୀତଳ ଷଷ୍ଠୀ ମହାସମାରୋହରେ ପାଳନ ହେବ। ୧୮ ତାରିଖ ସକାଳୁ ମଙ୍ଗଳାର୍ପଣ, ଜଳଯାତ୍ରା, ସନ୍ଧ୍ୟାରେ ବରଯାତ୍ରୀ ଶୋଭାଯାତ୍ରା ଓ ରାତିରେ ବିବାହ ନୀତି ଅନୁଷ୍ଠିତ ହେବ। ୧୯ ତାରିଖରେ ଶୀତଳ ଷଷ୍ଠୀ ଯାତ୍ରା ଓ ଭଣ୍ଡାର ଅନୁଷ୍ଠିତ ହେବ। ଏଥିପାଇଁ ମନ୍ଦିରକୁ ରଙ୍ଗୀନ ଆଲୋକମାଳାରେ ସଜାଯାଉଛି।” ଶୀତଳ ଷଷ୍ଠୀ ହେଉଛି ପଶ୍ଚିମ ଓଡ଼ିଶା ସହ ଢେଙ୍କାନାଳ ଜିଲ୍ଲାର ଏକ ଲୋକପ୍ରିୟ ପର୍ବ।

## ଫିରିଙ୍ଗିଆ ନୂତନ ବସ୍‌ଷ୍ଟାଣ୍ଡ ଦୋକାନ ଗୃହ ବଣ୍ଟନ କଲା ରାଜ୍ୟ ପରିବହନ ବିଭାଗ



**ଫୁଲବାଣୀ,୨୯।୫ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟ ରେ ନିର୍ମାଣଧୀନ ନୂତନ ଅତ୍ୟାଧୁନିକ ବଷ୍ଟାଣ୍ଡ ଭିତରେ ଥିବା ଦୋକାନ ଗୃହ ଗୁଡିକ ଦୋକାନୀ ମାନଙ୍କୁ ବଣ୍ଟନ କରାଯାଇଛି। ତେବେ ଏହି ଦୋକାନ ଗୃହ ପାଇବାରୁ ଚାରିଜଣ ଦୋକାନୀ ବଞ୍ଚିତ ହୋଇଥିବାରୁ ଅସନ୍ତୋଷ ଦେଖା ଦେଇଛି।

ଫିରିଙ୍ଗିଆ ବ୍ଲକ ପରିସରରେ ଥିବା ସଭାଗୃହ ଠାରେ ବିଡ଼ିଓ ଅନୁପ ଅଭିଷେକ ବେହେରା ଙ୍କ ଅଧକ୍ଷତାରେ ଅତିରିକ୍ତ ତହସିଲଦାର ପୃଥ୍ୱୀରାଜ ମହାନନ୍ଦିଆ ଓ ଓଡିଶା ରାଜ୍ୟ ପରିବହନ ବିଭାଗ ର କର୍ମଚାରୀ ମାନଙ୍କ ଉପସ୍ଥିତିରେ ଦୋକାନୀ ମାନଙ୍କୁ ଏହି ଦୋକାନ ଗୃହ ଗୁଡିକ ବଣ୍ଟନ କରାଯାଇଥିଲା। ବଷ୍ଟାଣ୍ଡ ନିର୍ମାଣ ହେବା ଦ୍ୱାରା ବଷ୍ଟାଣ୍ଡ ବାହାରେ ଦୋକାନ କରି ବ୍ୟବସାୟ କରି ଆସୁଥିବା ସତର ଜଣ ଦୋକାନୀଙ୍କ ଦୋକାନ ଘର ଭାଙ୍ଗିବାକୁ ପଡ଼ିଥିବା ବେଳେ ବଷ୍ଟାଣ୍ଡ ନିର୍ମାଣ ହେବା ଆଗରୁ ବଷ୍ଟାଣ୍ଡ ଭିତରେ ଦୋକାନ କରିଥିବା ଚାରିଜଣ ବ୍ୟବସାୟୀଙ୍କ ଦୋକାନ ଘର ମଧ୍ୟ ଭାଙ୍ଗି ଦିଆଯାଇଥିଲା। ତେବେ ବଷ୍ଟାଣ୍ଡ ବାହାରେ ଦୋକାନ କରିଥିବା ବ୍ୟବସାୟୀ ମାନଙ୍କୁ ଆଗରୁ ବ୍ଲକ ପ୍ରଶାସନ ଦୋକାନ ଘର ଯୋଗାଇ ଦେଇଥିବା ବେଳେ ପୁରୁଣା ବଷ୍ଟାଣ୍ଡ ଭିତରେ ଦୋକାନ କରି ବ୍ୟବସାୟ କରି ଆସୁଥିବା ଚାରି ଜଣ ବ୍ୟବସାୟୀଙ୍କୁ ଫିରିଙ୍ଗିଆ ପଞ୍ଚାୟତ ତରଫରୁ ଘର ଯୋଗାଇ ଦିଆଯାଇଥିଲା।

ତେବେ ପ୍ରଥମ ପର୍ଯ୍ୟାୟରେ ଗୁରୁବାର ନବନିର୍ମିତ ବଷ୍ଟାଣ୍ଡ ଭିତରେ ଥିବା କୋଡିଏଟି ଦୋକାନ ଘର ମଧ୍ୟରୁ ପନ୍ଦର ଜଣ ଦୋକାନୀଙ୍କୁ ନୂତନ ଦୋକାନ ଘର ଯୋଗାଇ ଦିଆଯାଇଛି। ସେପଟେ ପୂର୍ବରୁ ପୁରୁଣା ବଷ୍ଟାଣ୍ଡ ଭିତରେ ଦୀର୍ଘଦିନ ଧରି ଦୋକାନ କରି ପରିବାର ପରିପୋଷଣ କରି ଆସୁଥିବା ଚାରିଜଣ ବ୍ୟବସାୟୀ ଦୋକାନ ଗୃହ ଭାଙ୍ଗିଦେବାରୁ ଜୀବିକା ହରାଇ ଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଘର ଯୋଗାଇ ଦିଆଯାଇନାହିଁ। ସେମାନେ ହେଲେ ଗୁପ୍ତେଶ୍ୱର ବିନ୍ଧାଣି, ମହେଶ ଦିଗାଲ, ପ୍ରତାପ ଚନ୍ଦ୍ର ସାହୁ ଓ ପ୍ରଦୀପ ବେହେରା। ଯାହାପାଇଁ ଏହି ଦୋକାନ ଗୃହ ବଣ୍ଟନ ପ୍ରକ୍ରିୟାରେ ପତର ଅନ୍ତର ନୀତି ଅବଲମ୍ବନ କରାଯାଇଛି ବୋଲି ଅଭିଯୋଗ ଅସନ୍ତୋଷ ପ୍ରକାଶ କରିଛନ୍ତି ଏହି ଦୋକାନ ଗୃହ ପାଇନଥିବା ଦୋକାନୀମାନେ।

## ଓଡ଼ିଶା ରାଜ୍ୟ ମହିଳା କମିଶନଙ୍କ ଶିବିର ଅଦାଲତ ଅନୁଷ୍ଠିତ




**ଢେଙ୍କାନାଳ,୨୯।୫ (ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସଦଭାବନା ସଭାଗୃହ ଠାରେ ଓଡ଼ିଶା ରାଜ୍ୟ ମହିଳା କମିଶନଙ୍କ ଶିବିର ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଯୌତୁକ ନିର୍ଯାତନା, ବୈବାହିକ ଜୀବନରେ କଳହ, ଶାରିରୀକ ନିର୍ଯ୍ୟାତନା, ସମ୍ପତ୍ତି ହେରଫେର, ଘରୋଇ ହିଂସା, ଯୌନ ନିର୍ଯାତନା, ନାବାଳିକା ଅତ୍ୟାଚାର ତଥା ମହିଳାମାନେ କୌଣସି ପ୍ରକାରର ଅନ୍ୟାୟ ଅତ୍ୟାଚାରରେ ପିଡ଼ିତ ହୋଇ ନିଜର ନ୍ୟାର୍ଯ୍ୟ ଅଧିକାରରୁ ବଂଚିତ ହେଲେ, ବିହିତ ପ୍ରତିକାର ପାଇଁ ସେମାନେ ଜିଲା ସମାଜ ମଙ୍ଗଳ ଅଧିକାରୀ ଅଥବା ଜିଲ୍ଲାପାଳ କିମ୍ବା ଆରକ୍ଷୀ ଅଧିକ୍ଷକଙ୍କ ଅବଗତ କରାଇବାକୁ ଏବଂ ଆବଶ୍ୟକ ସ୍ଥଳେ ମହିଳା କମିଶନଙ୍କ ଦ୍ୱାରସ୍ଥ ହେବାକୁ ଓଡ଼ିଶା ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶ୍ରୀମତୀ ଶୋଭନା ମହାନ୍ତି ପରାମର୍ଶ ଦେଇଛନ୍ତି । ଏହି ଶିବିରରେ କମିଶନ ଅଧ୍ୟକ୍ଷା ଶ୍ରୀମତୀ ଶୋଭାନା ମହାନ୍ତି ଏବଂ ସଦସ୍ୟା ଶ୍ରୀମତୀ ପ୍ରତିଭା ଶତପଥୀ ଘରୋଇ ହିଂସାର ଶିକାର ହୋଇଥିବା ୭ ଜଣ ମହିଳାଙ୍କ ଅଭିଯୋଗ ଶୁଣାଣି କରିଥିଲେ ।

# ବକ୍ସ ଅଫିସରେ ଧମାଲ୍ କରୁଛି 'ଅବସେସନ୍'





ବର୍ଷ ୨୦୨୬ ରେ ଅନେକ ବଡ଼ ବଡ଼ ବଜେଟ୍ର ମେଗା-ବ୍ଲକବଷ୍ଟର ଚଳଚ୍ଚିତ୍ର ମୁକ୍ତିଲାଭ କରି ବକ୍ସ ଅଫିସରେ ଧମାଲ କରୁଥିବା ବେଳେ, ଏକ ସ୍ୱଳ୍ପ ବଜେଟ୍ର ହରର୍ ଫିଲ୍ମ ସମସ୍ତଙ୍କୁ ପଛରେ ପକାଇ ଦେଇଛି। ଏହି ସିନେମାଟିର ନାମ ହେଉଛି 'ଅବସେସନ୍' (Obsession), ଯାହାକୁ ଦର୍ଶକମାନେ ବେଶ୍ ପସନ୍ଦ କରୁଛନ୍ତି। ମାତ୍ର ୨୦ ଦିନ ମଧ୍ୟରେ ସୁଟିଂ ଶେଷ ହୋଇଥିବା ଏହି ଫିଲ୍ମଟି ବର୍ତ୍ତମାନ ଚଳିତ ବର୍ଷର ସବୁଠାରୁ ଲାଭଦାୟକ (Most Profitable) ଚଳଚ୍ଚିତ୍ର ସାବ୍ୟସ୍ତ ହୋଇଛି। ଗତ ମେ' ୧୫ ରେ ମୁକ୍ତିଲାଭ କରିଥିବା ଏହି ସିନେମାର ବକ୍ସ ଅଫିସ ସଫଳତା ଏବଂ ଏହାର କାହାଣୀ: ବଜେଟ୍ ଓ ବକ୍ସ ଅଫିସର ଯାଦୁକରୀ ଆକଳନ ସ୍ୱଳ୍ପ ବଜେଟ୍: 'ଦ ନମ୍ବର୍ସ' ଏବଂ NBC ନ୍ୟୁଜ୍ ଅନୁଯାୟୀ, ଏହି ଇଣ୍ଡି-ହରର୍ (Indie-horror) ଫିଲ୍ମର ନିର୍ମାଣ ବଜେଟ୍ ମାତ୍ର ୧ ମିଲିୟନ ଡଲାର (ପ୍ରାୟ ୭୫୦,୦୦୦ ଡଲାର ବା ଭାରତୀୟ ମୁଦ୍ରାରେ ପ୍ରାୟ ୭ କୋଟି ଟଙ୍କା) ଥିଲା। ବମ୍ପର ରୋଜଗାର: ନିଜର ଦ୍ୱିତୀୟ ସପ୍ତାହରେ ଚାଲିଥିବା ଏହି ଚଳଚ୍ଚିତ୍ରଟି ବର୍ତ୍ତମାନ ସୁଦ୍ଧା ସାରା ବିଶ୍ୱରେ $୭୫,୪୮୯,୦୦୦ (୭.୫ ମିଲିୟନ ଡଲାରରୁ ଅଧିକ) ର ବ୍ୟବସାୟ କରିସାରିଛି। ମେମୋରିଆଲ୍ ଡେ' ଛୁଟିର ଫାଇଦା: ଆମେରିକାରେ ମେମୋରିଆଲ୍ ଡେ' (Memorial Day) ଛୁଟିଦିନ ହୋଇଥିବାରୁ ଦ୍ୱିତୀୟ ସପ୍ତାହ ଶେଷରେ ଏହି ଚଳଚ୍ଚିତ୍ରଟି କେବଳ ଉତ୍ତର ଆମେରିକାର ୨,୬୫୫ ପ୍ରେକ୍ଷାଳୟରୁ $୨୩.୯ ମିଲିୟନ ଏବଂ ସମ୍ପୂର୍ଣ୍ଣ ଲଙ୍ଗ୍-ୱିକେଣ୍ଡରେ ପ୍ରାୟ $୩୦.୨ ମିଲିୟନ ବ୍ୟବସାୟ କରିଛି। ଏହି ସିନେମାଟି ବର୍ତ୍ତମାନର ବଡ଼ ବଜେଟ୍ ଫିଲ୍ମ ଯେପରିକି ହଲିଉଡର 'ପ୍ରୋଜେକ୍ଟ ହେଲ୍ ମେରି', 'ମାଇକେଲ୍', 'ଦି ସୁପର ମାରିଓ ଗାଲାକ୍ସି ମୁଭି', 'ଦି ମାଣ୍ଡାଲୋରିଆନ୍ ଆଣ୍ଡ ଗ୍ରୋଗୁ' ଏବଂ ଭାରତରେ ରଣବୀର ସିଂଙ୍କ ଅଭିନୀତ ବଡ଼ ସ୍ପାଏ-ଥ୍ରୀଲର 'ଧୁରନ୍ଧର: ଦି ରିଭେଞ୍ଜ' କୁ ମଧ୍ୟ ପଛରେ ପକାଇ ଦେଇଛି।

## ରିଲିଜ୍ ହେଲା ମାତୃଭୂମି ଫିଲ୍ମର ନୂଆ ଗୀତ



ଆଜି ପୁରା ଦେଶରେ ବକରୀଇଦ ଉତ୍ସବ ପାଳନ କରାଯାଉଛି। ଏହାରି ମଧରେ ବଲିଉଡର ସୁପରଷ୍ଟାର ସଲମାନ ଖାନ୍ ତାଙ୍କ ଫ୍ୟାନ୍ସଙ୍କୁ ସପ୍ରାଇଜ୍ ଦେଇଛନ୍ତି । ଆଜି ସକାଳୁ ସଲମାନ ଖାନ୍ ତାଙ୍କ ଇନଷ୍ଟାଗ୍ରାମ ପେଜରେ ଫିଲ୍ମ ମାତୃଭୂମିର ମୈଁ ବାର ରେଷ୍ଟ ଇନ୍ ପିସ୍ ର ନୂଆ ମ୍ୟୁଜିକ୍ ଭିଡିଓ ରିଲିଜ କରିଛନ୍ତି । ଫିଲ୍ମ ମାତୃଭୂମିର ନୂଆ ଗୀତ ମୈଁ ହୁଁ ଏକ ରୋମାଣ୍ଟିକ୍ ଟ୍ରାକ୍ । ଯେଉଁଥିରେ ସଲମାନ ଖାନ୍ ଏବଂ ତାଙ୍କ ହିରୋଇନ୍ ଚିତ୍ରାଙ୍ଗଦା ସିଂ ନଜର ଆସିଛନ୍ତି । ଏହା ଗୀତର ନୂଆ ଭର୍ସନ। ଯେଉଁଥିରେ ଶ୍ରେୟା ଘୋଷାଲ ଏବଂ କୁନିକା ସଦାନନ୍ଦଙ୍କ ପୁଅ ଅୟାନ ଲାଲଙ୍କ କଣ୍ଠ ସ୍ୱର ଶୁଣିବାକୁ ମିଳିଛି । ଏହି ଗୀତରେ ଚିତ୍ରଙ୍ଗଦା ଖୁବ୍ ଇମୋସନାଲ ହୋଇଥିବା ଦେଖିବାକୁ ମିଳିଛି । ଏଥିସହିତ ସେ ଏଥିରେ ସଲମାନଙ୍କ କଥା ଭାବୁଥିବାର ମଧ ଦେଖିବାକୁ ମିଳିଛି । ଦୁହେଁ ଏହି ଗୀତରେ ଖୁବ୍ ରୋମାଣ୍ଟିକ୍ ଭାବେ ନଜର ଆସିଛନ୍ତି । ଅନ୍-ସ୍କ୍ରିନରେ ସେମାନଙ୍କ କେମେଷ୍ଟ୍ରିକୁ ବହୁତ ପ୍ରଶଂସା ମିଳିଛି। ଏହା ସଲମାନ ଖାନଙ୍କ ଦ୍ୱାରା ସେୟାର ହୋଇଥିବା ଛୋଟ ଟିଜର ଥିଲା । ଶ୍ରେୟା ଘୋଷାଲଙ୍କ ଏହି ଗୀତଟି ଆଜି ରିଲିଜ ହେବ । ସଲମାନ ଏହାକୁ ସେୟାର କରିବା ପରେ ତାଙ୍କ ଫ୍ୟାନ୍ସ ଖୁବ୍ ଉତ୍ସାହିତ ରହିଛନ୍ତି । ଏଥିସହ ସମସ୍ତେ ତାଙ୍କୁ ଇଦ୍ ମୁବାରକର ଶୁଭେଚ୍ଛା ମଧ ଜଣାଉଛନ୍ତି ।

## 'ଡନ୍-୩' ଛାଡିବା ରଣବୀରଙ୍କୁ ପଡ଼ିଲା ମହଙ୍ଗା

ବଲିଉଡ୍ର ସବୁଠୁ ଚର୍ଚ୍ଚିତ ଅଭିନେତା ରଣବୀର ସିଂହଙ୍କ ବିରୋଧରେ ଫେଡେରେସନ୍ ଅଫ୍ ୱେଷ୍ଟର୍ନ ଇଣ୍ଡିଆ ସିନେ ଏମ୍ପଲଇ (ଏଫ୍ଡବ୍ଲ୍ୟୁଆଇସିଇ) ଏକ ବଡ଼ ପଦକ୍ଷେପ ନେଇଛି । ଏଫ୍ଡବ୍ଲ୍ୟୁଆଇସିଇ ତାଙ୍କୁ ନିଷିଦ୍ଧ ଘୋଷଣା କରିଛି । ତାଙ୍କ ବିରୋଧରେ ନନ୍-କୋଅପରେସନ୍ ଡାୟରେକ୍ଟିଭ ଜାରି କରିଛି। ଏହା ଜରିଆରେ ରଣବୀରଙ୍କ ସହ କାମ ନ କରିବାକୁ ଫିଲ୍ମ ଇଣ୍ଡଷ୍ଟ୍ରିକୁ କହିଛି । ଫରହାନ ଅଖତରଙ୍କ ଫିଲ୍ମ 'ଡନ୍-୩' ସୁଟିଂର କିଛି ଦିନ ପୂର୍ବରୁ ରଣବୀର ହଠାତ୍ ଫିଲ୍ମ ଛାଡ଼ିବାକୁ ଘୋଷଣା କରିବା ପରେ ଏହି ସ୍ଥିତି ଉପୁଜିଛି । ଫରହାନ ଅଖତର ଓ ରଣବୀର ସିଂହଙ୍କ ମଧରେ ଚାଲିଥିବା 'ଡନ୍-୩' ବିବାଦକୁ ନେଇ ଏଫ୍ଡବ୍ଲ୍ୟୁଆଇସିଇ ମଧସ୍ଥତାରେ ସାମିଲ ହୋଇଥିଲା । 'ଡନ୍-୩' ଆରମ୍ଭରୁ ବିଳମ୍ବର ସମ୍ମୁଖୀନ ହେଉଥିଲା ଏବଂ ଆଗଧାଡ଼ିର ଷ୍ଟାର୍ଙ୍କ କାଷ୍ଟିଂ ଯୋଗୁ ଚର୍ଚ୍ଚାରେ ରହିଥିଲା । ରଣବୀରଙ୍କ ପୂର୍ବରୁ କିଆରା ଆଡ଼ଭାନି ଗର୍ଭାବସ୍ଥା ଯୋଗୁ ଫିଲ୍ମ ଛାଡ଼ିଥିଲେ । 'ଧୁରନ୍ଧର୍' ଭଳି ମେଗା-ବ୍ଲକ୍ବଷ୍ଟର ଫିଲ୍ମ ପରେ ରଣବୀର ହଠାତ୍ 'ଡନ୍-୩' ଛାଡ଼ିବାରୁ ନିର୍ମାତାଙ୍କର ବଡ଼ କ୍ଷତି ହେଲା । ଫରହାନ ଅଖତର ଓ ରିତେଶ ସିଦ୍ଧୱାନି ଦାବି କଲେ ଯେ ରଣବୀର ପ୍ରୋଜେକ୍ଟ ସୁଟିଂର ୧୦ ଦିନ ପୁର୍ବରୁ ଛାଡ଼ିଲେ । କିନ୍ତୁ ରଣବୀର କହିଲେ, ଫରହାନଙ୍କ ତରଫରୁ ଖୁବ୍ ବିଳମ୍ବ ହେଉଥିଲା । ଏଥିସହ ସେ କାହାଣୀକୁ ନେଇ ମଧ ଖୁସି ନଥିଲେ । ଫିଲ୍ମ ଛାଡ଼ିବା ପରେ ଫରହାନ ରଣବୀରଙ୍କୁ ୪୦ କୋଟି ଟଙ୍କା କ୍ଷତିପୂରଣ ଦାବି କରିଥିଲେ, ଯାହା ସେ ଅଦ୍ୟାବଧି ଦେଇନାହାନ୍ତି । ତେବେ ଏ ମାମଲାରେ ରଣବୀରଙ୍କ ଔପଚାରିକ ବୟାନ ସାମ୍ନାକୁ ଆସିଛି । ତାଙ୍କ ପ୍ରବକ୍ତା କହିଛନ୍ତି, ରଣବୀର ଫିଲ୍ମ ଇଣ୍ଡଷ୍ଟ୍ରି ଓ 'ଡନ୍' ଫ୍ରାଞ୍ଚାଇଜି ସହ ଜଡ଼ିତ ସମସ୍ତଙ୍କୁ ସମ୍ମାନ ଦିଅନ୍ତି । 'ଡନ୍-୩' ଘଟଣାକ୍ରମକୁ ନେଇ ରଣବୀର ଚୁପ୍ ରହିଛନ୍ତି, କାରଣ ତାଙ୍କର ବିଶ୍ୱାସ ଯେ ବୃତ୍ତିଗତ ମାମଲା ଓ ବ୍ୟକ୍ତିଗତ ସମ୍ପର୍କକୁ ଗରିମା, ବୁଦ୍ଧିବିଚାର ଓ ପରସ୍ପର ସମ୍ମାନର ସହ ସମ୍ଭାଳିବା ଉଚିତ୍ । କିଛି ଦିନ ହେଲା ଅନେକ କଥା ଓ ଗୁଜବ ଶୁଣିବାକୁ ମିଳୁଛି, କିନ୍ତୁ ରଣବୀର କଦାପି ସର୍ବସାଧାରଣରେ ପ୍ରତିକ୍ରିୟା ଦେବା ଜରୁରି ମନେ କରିନାହାନ୍ତି । ନିଜ କାମ ଓ ଆଗାମୀ ପ୍ରୋଜେକ୍ଟ ଉପରେ ତାଙ୍କର ପୂରା ଧ୍ୟାନ ରହିଛି ।



## 'ଭାରତ ଭାଗ୍ୟ ବିଧାତା'ର ପୋଷ୍ଟର ରିଲିଜ୍



କଙ୍ଗନା ରଣାୱତଙ୍କ ନୂଆ ଫିଲ୍ମ 'ଭାରତ ଭାଗ୍ୟ ବିଧାତା'ର ପୋଷ୍ଟର ରିଲିଜ । ନିର୍ମାତା ଏହାର ଟାଇଟଲ୍ ଦେଇଛନ୍ତି 'ଦ ଅନ୍ସିନ୍ ହିରୋଜ୍' (ଅଦୃଶ୍ୟ ନାୟକମାନେ) । ଏହି ପୋଷ୍ଟର ଦେଶର ଅନାଲୋଚିତ ନାୟକମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛି, ଯେଉଁମାନେ ସର୍ବଦା ଆମ ସହିତ ଅଛନ୍ତି କିନ୍ତୁ ସେମାନଙ୍କୁ ଖୁବ୍ କମ୍ ସ୍ୱୀକୃତି ଦିଆଯାଏ । ନର୍ସ, ୱାର୍ଡ ବୟ, ସ୍ୱଚ୍ଛତା କର୍ମୀ, ଲିଫ୍ଟ ଅପରେଟର, ସିକ୍ୟୁରିଟି କର୍ମଚାରୀ ଏବଂ ପ୍ରଶାସନିକ କର୍ମଚାରୀଙ୍କୁ ଏହି ପୋଷ୍ଟର ସମ୍ମାନ ଜଣାଇଛି ଯେଉଁମାନେ ୨୦୦୮ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣରେ ଅଦମ୍ୟ ସାହସ ପ୍ରଦର୍ଶନ କରିଥିଲେ । କଙ୍ଗନା କହିଛନ୍ତି, 'ଭାରତ ଭାଗ୍ୟ ବିଧାତା' ସେହି ଅଦୃଶ୍ୟ ଆତ୍ମାମାନଙ୍କୁ ସମ୍ମାନ ଜଣାଇଛି, ଯେଉଁମାନେ ସଙ୍କଟ ସମୟରେ ମାନବତା ଓ ସୌହାର୍ଦ୍ଦ୍ୟର ସର୍ବୋତ୍ତମ ପ୍ରାଚୀର ଭାବେ ସର୍ବଦା ସାମ୍ନାକୁ ଆସନ୍ତି। ବିପତ୍ତି ସମୟରେ ସଶସ୍ତ୍ର ବାହିନୀର ସମର୍ପଣ ବିଷୟରେ ଚର୍ଚ୍ଚା ହୁଏ । କିନ୍ତୁ ଏହି ଫିଲ୍ମ ସେହି ୟୁନିଫର୍ମକୁ ଶ୍ରଦ୍ଧାଞ୍ଜଳି ଦେଇଛି, ଯେଉଁମାନ ସମର୍ପଣକୁ ଭୟଙ୍କର ବିପତ୍ତି ଓ ରକ୍ତପାତ ସମୟରେ ବିଶ୍ୱ ଅଣଦେଖା କରେ । ବିଶ୍ୱ ସାମ୍ନାରେ ସେମାନଙ୍କ ସତକୁ ଉଜାଗର କରୁଥିବାରୁ ଫିଲ୍ମକୁ ନେଇ କଙ୍ଗନା ଖୁବ୍ ଗର୍ବ ଅନୁଭବ କରୁଥିବା କହିଛନ୍ତି । ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ମନୋଜ ତପାଡ଼ିୟା । ଆସନ୍ତା ଜୁନ୍ ୧୨ ତାରିଖରେ ଏହା ଥିଏଟରକୁ ଆସିବ ।

## ୧୯ରେ ରିଲିଜ୍ ହେବ 'ଜନ ନାୟଗନ'



ସାଉଥ୍ ସୁପରଷ୍ଟାର ତଥା ତାମିଲନାଡୁ ମୁଖ୍ୟମନ୍ତ୍ରୀ ବିଜୟଙ୍କ ଶେଷ ଫିଲ୍ମ 'ଜନ ନାୟଗନ' କିଛି ମାସ ଧରି ଖବରରେ ରହିଛି। ଫିଲ୍ମଟି ପ୍ରଥମେ ଜାନୁଆରୀରେ ରିଲିଜ୍ ହେବାର ଥିଲା, କିନ୍ତୁ ସେନ୍ସର ସାର୍ଟିଫିକେଟ୍ ଅଭାବରୁ ଏହାକୁ ସ୍ଥଗିତ ରଖାଯାଇଥିଲା। ମେ ମାସରେ ବିଜୟ ମୁଖ୍ୟମନ୍ତ୍ରୀ ହେବା ପରେ, ନିର୍ମାତା ଘୋଷଣା କରିଥିଲେ ଯେ ଫିଲ୍ମଟି ଖୁବ୍ ଶୀଘ୍ର ରିଲିଜ୍ ହେବ। ଏହି ସମୟରେ, ଫିଲ୍ମର ରିଲିଜ୍ ତାରିଖ ସମ୍ପର୍କରେ ଏକ ବଡ଼ ଅପଡେଟ୍ ସାମ୍ନାକୁ ଆସିଛି। ଟିକେଟ୍ ବୁକିଂ ୱେବସାଇଟ ଡିଷ୍ଟ୍ରିକ୍ଟ ଏବଂ ବୁକ ମାଇ ଶୋରେ ଫିଲ୍ମର ରିଲିଜ୍ ତାରିଖ ଅପଡେଟ୍ କରାଯାଇଛି। ଡିଷ୍ଟ୍ରିକ୍ଟ ଫିଲ୍ମର ରିଲିଜ୍ ତାରିଖ ଜୁନ୍ ୧୯ ଦର୍ଶାଉଥିବା ବେଳେ ବୁକ ମାଇ ଶୋରେ ଫିଲ୍ମଟିର ରିଲିଜ୍ ତାରିଖ ଜୁନ୍ ୨୦୨୬ ଦେଖାଉଛି। ଯାହା ପ୍ରଶଂସକଙ୍କ ମଧରେ ଉତ୍ସାହ ସୃଷ୍ଟି କରିଛି। ତଥାପି, ନିର୍ମାତାଙ୍କ ଦ୍ୱାରା ଫିଲ୍ମର ରିଲିଜ୍ ସମ୍ପର୍କରେ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇ ନାହିଁ। ଗଣମାଧମ ରିପୋର୍ଟ ଅନୁସାରେ, ଡିସେମ୍ବର ୨୦୨୫ ରେ ସେନ୍ସର ବୋର୍ଡର ଯାଞ୍ଚ କମିଟି ଦ୍ୱାରା ଫିଲ୍ମଟି ପ୍ରଦର୍ଶିତ ହୋଇଥିଲା, କିନ୍ତୁ କିଛି ସିନ୍ କାଟିବାକୁ ପରାମର୍ଶ ଦିଆଯିବା ପରେ, ଏହାକୁ ପ୍ରମାଣପତ୍ର ମିଳିପାରିଲା ନାହିଁ। ସମ୍ପ୍ରତି, ଫିଲ୍ମ ପ୍ରଯୋଜକ ଭେଙ୍କଟ କେ., ନାରାୟଣ ମନ୍ଦିର ପରିଦର୍ଶନ କରିଥିଲେ, ଯେଉଁଠାରେ ସେ ଗଣମାଧମକୁ କହିଥିଲେ, "ଆମେ ସମସ୍ତେ ସେନ୍ସର ପ୍ରମାଣପତ୍ର ପାଇଁ ଅପେକ୍ଷା କରିଛୁ। ଆମେ ଏହା ପାଇବା ମାତ୍ରେ, ଫିଲ୍ମଟିକୁ ଏକ ମହାନ ଢଙ୍ଗରେ ରିଲିଜ୍ କରିବୁ।" ଏହା ବ୍ୟତୀତ ବିଜୟ ମଧ ଫିଲ୍ମ ରିଲିଜରେ ବିଳମ୍ବ ହେବା ପଛରେ ଏକ ଷଡ଼ଯନ୍ତ୍ର ଅଭିଯୋଗ କରିଥିଲେ। ସେ ଅଭିଯୋଗ କରିଥିଲେ ଯେ କିଛି ଦଳ ଜାଣିଶୁଣି ଫିଲ୍ମକୁ ଅଟକାଇ ରଖୁଛନ୍ତି। ଏଥିସହିତ ଏହା HD ରେ ଲିକ୍ ହେବା ପରେ ଫିଲ୍ମକୁ ନେଇ ଆଉ ଏକ ବିବାଦ ଦେଖାଦେଇଥିଲା। ଏହି ପାଇରେସି ସ୍କାଣ୍ଡାଲରେ ବିଜୟଙ୍କୁ ଅନେକ ଫିଲ୍ମ କଳାକାର ସମର୍ଥନ କରିଥିଲେ ଏବଂ ଏଥିରେ ନଅ ଜଣଙ୍କୁ ଗିରଫ କରାଯାଇଥିଲା।

### ଆଗାମୀ ଦିନରେ ଖଣ୍ଡ ଖଣ୍ଡ ହୋଇଯିବ ବିଜେପିଃ ସୁମିତ୍ରା ଜେନା

# ତିର୍ତ୍ତୋଲରେ ନାରୀ ଅଧିକାର ଅଭିଯାନ




**ତିର୍ତ୍ତୋଲ,୨୯।୫(ସଂଚାର ବ୍ୟୁରୋ)ଃ** ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଜୁ ମହିଳା ଜନତା ଦଳର ନାରୀ ଅଧିକାର ଅଭିଯାନ ବିଶାଳ ମହିଳା ସମାବେଶ ' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ନବୀନ ଙ୍କ ଖାସ୍ ଅନୁଗତ ବରିଷ୍ଠ ନେତ୍ରୀ ତଥା ରାଜ୍ୟ ବିଜେଡ଼ି ଉପ ସଭାନେତ୍ରୀ ଶ୍ରୀମତୀ ସୁମିତ୍ରା ଜେନା ଏହି ସଭାରେ ଅଚାନକ ଯୋଗଦେଇ ଥିଲେ, ପ୍ରଥମ ଥର ତାଙ୍କର ଜଗତସିଂହପୁର ମାଟି ସ୍ପର୍ଶ ହୋଇଥିବାରୁ ବହୁ ନାରୀନେତ୍ରୀ ମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସଭାକୁ ନିମନ୍ତ୍ରିତ କରିଥିଲେ। ଏହାପରେ ଗଣମାଧ୍ୟମ ପ୍ରତିନିଧୀ ମାନେ ଆଜିର ଏହି ମହିଳା ଜନତା ଦଳର ନାରୀ ଅଧିକାର ଅଭିଯାନ ବିଷୟରେ ପଚାରିବାରୁ ସୁମିତ୍ରା କହିଥିଲେ ଯେ ଭାରତ ବର୍ଷ ପରେ ରାଜ୍ୟରେ ଯେଉଁ ଡବଲ ଇଞ୍ଜିନ ସରକାର ଚାଲିଛି ସେହି ସରକାର ଆପଣମାନେ ଦେଖିବେ ଆଉ କେତେଦିନ ରହିବ। ଯେଉଁ ଗଛ ବହୁତ୍ ଦଲଦି ବଢ଼େ ସେ ଗଛ ବହୁତ୍ ଜଲଦି ଭୂମିରୁ ଲୋପପାଏ। ଠିକ୍ ସେହିଭଳି ରାଜ୍ୟରେ ଚାଲିଛି ବିଜେପି ସରକାର ରାଜ୍ୟର ଲୋକେ ଜାଣି ସାରିଲେଣି ଏହି ମୋହନ ସରକାର ର ଦମ୍ କେତେ ? ଯେଉଁ ନାରୀ ଜାତିକୁ ଆମ ଦଳର ମୁଖିଆ ଘର ହାଣ୍ଡି ଶଶାଳ ରୁ ବାହାର କରି ଆଜି ନିଜ ଗୋଡ଼ରେ ନିଜେ ବଂଚିବା ସହିତ କିଭଳି ସାରା ଜଗତକୁ ବଞ୍ଚାଇ ପାରିଛି। ଆମ ନାରୀ ଜାତିକୁ ଏ ଡବଲ ଇଞ୍ଜିନ ସରକାର ଆସୁ ଆସୁ ପ୍ରଥମେ ପଛପଟୁ ଧକ୍କା ମାରିଛି ! କେବଳ ସେତିକି ନୁହେଁ ନାରୀ ଆଜି ବାଟରେ ଘାଟରେ ଯିବା ଆସିବା କରିବା ସୁରକ୍ଷିତ ନୁହେଁ, କାରଣ ରାଜ୍ୟରେ ଏତେ ମାତ୍ରାରେ ଚୋରି, ଡକାୟତି, ରାହାଜାନୀ ସହିତ ଦିନ ଦୁଇ ପ୍ରହର ରେ ବିଚ୍ ରାସ୍ତା ଉପରେ ମର୍ଡର ଭଳି ଘଟଣା ଆଜି ଆମ ନାରୀ ଜାତିକୁ ବ୍ୟଥିତ କରିଛି। ଏହା ଆପଣ ମାନଙ୍କୁ ଅଛପା ନାହିଁ। ଯାହାକି ରାଜ୍ୟରେ ଆଇନୀ ଶୃଙ୍ଖଳା ପରିସ୍ଥିତି ଦୀନକୁ ଦିନ ଜଟିଳ ହେବାରେ ଲାଗିଛି। ସେହିପରି ଏହି ବିଜେପି ସରକାର ଆସୁ ଆସୁ ପ୍ରଥମ ପାହାଚରେ ନାରୀ ଜାତିକୁ ସୁଭଦ୍ରା ଯୋଜନା କରି ଠକିବାକୁ ପଛାଇ ନାହାନ୍ତି। କହିଲେ ଏକାଥରେ ୫୦ ହଜାର ଟଙ୍କା ଦେବୁ କିନ୍ତୁ ନିର୍ବାଚନ କାମ ସରିଲା ଓ ସରକାର କୁ ଆସିଲା ପରେ ପରେ ଦେଲେ ୬ ମାସକୁ ୫ହଜାର। ପଚାରିଲା ବେଳେ କହୁଛି ସରକାର ଦେଇଛନ୍ତି ଛେଳି କିଣି ମହିଳା ସ୍ୱାବଲମ୍ବୀ ହେବାକୁ ! ଏଇଟା କଣ ମହିଳା ଙ୍କ ପାଇଁ ପ୍ରଥମ ପାହାଚରେ ଝୁଣ୍ଟିବା ସଦୃଶ ନୁହେଁକି ? ସେହିଭଳି ମହିଳା ସଂରକ୍ଷଣ ବିଲ୍ ନାମରେ ଡୁମ୍ ଡୁମା ପିଟିଥିବା ଏହି ବିଜେପି ଦଳ ଭିତିରି ରହସ୍ୟ ଅଛି କିଛି ଅଲଗା, ଆମ ଦଳର ମୁଖିଆ ଯେତେବେଳେ ମହିଳାଙ୍କ ପାଇଁ ୩୩% ସଂରକ୍ଷଣ ବ୍ୟବସ୍ଥା ରାଜ୍ୟରେ କରିଥିଲେ ବିଜେପି କେନ୍ଦ୍ର ସରକାର କେଉଁଠି ଥିଲା ସେବେଳେ ? ଯାହାକି ଏବେ କୁମ୍ଭୀର କାନ୍ଦଣା କାନ୍ଦୁଛି।

### ବିଜାଖମନରେ ଡମ୍ପିଂୟାର୍ଡରେ ନିଆଁ

## ଅବିଳମ୍ବେ ସ୍ଥାନାନ୍ତର କରିବାକୁ ବଲାଙ୍ଗିର ମ୍ୟୁନିସିପାଲିଟିକୁ ନୋଟିସ୍




**ବଲାଙ୍ଗିର,୨୯।୫(ସଂଚାର ବ୍ୟୁରୋ)ଃ** ବଲାଙ୍ଗିର-ଟିଟିଲାଗଡ଼ ରୋଡ଼ର ବିଜାଖମନ ଠାରେ ଥିବା ଡ଼ମ୍ପିଂୟାର୍ଡ଼ର ନିଆଁର ପ୍ରଭାବରେ ସ୍ଥାନୀୟ ବାସିନ୍ଦା ପ୍ରଭାବିତ ହେଉଥିବାରୁ ତାହାକୁ ଅତିଶୀଘ୍ର ସ୍ଥାନାନ୍ତର କରିବାକୁ ବଲାଙ୍ଗିର ଜଙ୍ଗଲବିଭାଗ ପକ୍ଷରୁ ମ୍ୟୁନିସିପାଲିଟୀକୁ ନୋଟିସ ଜାରି କରାଯାଇଛି। ସୂଚନା ଅନୁଯାୟୀ, ବଲାଙ୍ଗିର-ଟିଟିଲାଗଡ଼ ରୋଡ଼ର ବିଜାଖମନକୁ ଲାଗି ରହିଛି ବଣ୍ଡା ସଂରକ୍ଷିତ ଜଙ୍ଗଲ। ଏହା ବଲାଙ୍ଗିର ଜଙ୍ଗଲ ବିଭାଗର ଅଧିନରେ ରହିଛି। ଦୀର୍ଘବର୍ଷ ହେଲା ଏହି ଜଙ୍ଗଲର ପାଖାପାଖି ବିଜାଖମନ ଠାରେ ମ୍ୟୁନିସିପାଲିଟୀ ପକ୍ଷରୁ ବଲାଙ୍ଗିର ସହରର ଆବର୍ଜନା ଓ ବର୍ଜବସ୍ତୁକୁ ଟ୍ରାକ୍ଟରରେ ନେଇ ସେଠି ଗଦା କରାଯାଉଛି। ଏପରିକି ଆବର୍ଜନାର ପାହାଡ଼ ତିଆରି ହୋଇଗଲେ ତାକୁ ନିଆଁ ଲଗାଯାଉଛି। ଫଳରେ ୩/୪ଦିନ ଧରି ଉକ୍ତ ଆବର୍ଜନା ଜଳି ସ୍ଥାନୀୟ ଅଞ୍ଚଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବା ସହ ମାତ୍ରାଧିକ ଗରମ ବୃଦ୍ଧି ହେଉଛି। ଆବର୍ଜନାର ନିଆଁ ଶେଷରେ ବ୍ୟାପିଯାଇ ନିକଟରେ ଥିବା ବଣ୍ଡା ସଂରକ୍ଷିତ ଜଙ୍ଗଲକୁ ବ୍ୟାପୁଛି। ଯାହା ଫଳରେ ସଂରକ୍ଷିତ ଜଙ୍ଗଲରେ ଥିବା ଅନେକ ଗଛ ନଷ୍ଟ ହେବାକୁ ଲାଗିଛି। ଏପରିକି ଜଙ୍ଗଲରେ ନିଆଁକୁ ଆୟତ କରିବା ପାଇଁ ଜଙ୍ଗଲ ବିଭାଗର କର୍ମଚାରୀମାନେ ନାକେଦମ ହେଉଛନ୍ତି। ପରିବେଶ ପ୍ରଦୂଷଣ ସହ ଅସ୍ୱାସ୍ଥ୍ୟକର ପରିବେଶ ସ୍ଥାନୀୟ ବାସିନ୍ଦାକୁ କଲବଲ କରୁଛି। ଏହାକୁ ନେଇ ଅନେକ ସମୟରେ ସ୍ଥାନୀୟ ଲୋକେ ମ୍ୟୁନିସିପାଲିଟୀକୁ ଅଭିଯୋଗ କରୁଥିଲେ ହେଁ ମ୍ୟୁନିସିପାଲିଟୀ ଏଦିଗରେ କୌଣସି ଠୋକ୍ ପଦକ୍ଷେପ ନେଉନଥିବା ଅଭିଯୋଗ ହେଉଛି। ଶେଷରେ ବଲାଙ୍ଗିର ଜଙ୍ଗଲ ବିଭାଗ ପକ୍ଷରୁ ଡ଼ିଏଫଓ ପତ୍ରସଂଖ୍ୟା ୪୧୭୯/ତାଃ ୨୮.୪.୨୦୨୬ ଦିନ ବଲାଙ୍ଗିର ମ୍ୟୁନିସିପାଲିଟୀର ପୌରନିର୍ବାହୀ ଅଧିକାରୀକୁ ଚେତାବନୀ ସଦୃଶ ଆବର୍ଜନା ଗଦାରେ ନିଆଁ ନଲଗାଇବାକୁ ବାରଣ କରିଛନ୍ତି। ଏହା ସହ ବିଜାଖମନ ଡ଼ମ୍ପିଂୟାର୍ଡ଼କୁ ଅତିଶୀଘ୍ର ସ୍ଥାନାନ୍ତର କରି ଅନ୍ୟତ୍ର ନେବାକୁ ନୋଟିସ୍ ଜାରି କରିଛନ୍ତି।

## ବରଗାଁ, ସାନମହେଶ୍ୱର ଓ ଖୁଦପେଜ ଧାନ ମଣ୍ଡି ଉଦ୍‌ଘାଟିତ

**ନୂଆପଡ଼ା,୨୯।୫(ସଂଚାର ବ୍ୟୁରୋ)ଃ** ଗତ କୋଡ଼ିଏ ତାରିଖ ଦିନ ନୂଆପଡ଼ା ଜିଲ୍ଲାରେ ରବି ଧାନ ମଣ୍ଡି ଶୁଭାରମ୍ଭ କରାଯାଇଥିଲା। ଆଜି ଜିଲ୍ଲାର ବିଭିନ୍ନ ସ୍ଥାନରେ ମଣ୍ଡି ସବୁ ଆରମ୍ଭ ହୋଇଯାଇଛି। ଖଡ଼ିଆଳ ବ୍ଲକ ବରଗାଁ ପେକ୍ସ ଅଧୀନରେ ତିନିଟି ମଣ୍ଡି ଯଥା ବରଗାଁ, ସାନମହେଶ୍ୱର ଓ ଖୁଦପେଜ ମଣ୍ଡି ଆଜି ଉଦଘାଟିତ ହୋଇଯାଇଛି। ବରଗାଁ ପେକ୍ସ ସଭାପତି ସତ୍ୟପ୍ରିୟ ମୁଣ୍ଡ ପୂଜାର୍ଚ୍ଚନା କରି ଓ ଫିତା କାଟି ମଣ୍ଡି ସବୁର ଶୁଭାରମ୍ଭ କରିଥିଲେ। ଏହି ତିନି ମଣ୍ଡି ପାଇଁ ମୋଟ୍ ୧୩୮୩ ଜଣ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ଅଣୀ ହଜାର କ୍ୱିଂଟାଲରୁ ଅଧିକ ଧାନ କ୍ରୟ କରାଯିବ ବୋଲି ସୂଚନା ଦିଆଯାଇଛି। ଚାଷୀଙ୍କ ପାଇଁ ମଣ୍ଡିରେ ସରକାରଙ୍କ ନିର୍ଦ୍ଦେଶ ମୁତାବକ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିବା ନେଇ ପେକ୍ସ ସଭାପତି ଶ୍ରୀମୁଣ୍ଡ ସୂଚନା ଦେଇଛନ୍ତି। କଟନି ଛଟନି ବନ୍ଦ କରିବା, ପଲିଥିନ ଯୋଗାଇବା, ଠିକ୍ ସମୟରେ ଧାନ ଉଠିବା ଆଦି ବ୍ୟବସ୍ଥା ଦାବି କରିଛନ୍ତି ଚାଷୀ ମାନେ। ଆଜିର ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ପେକ୍ସ ସମ୍ପାଦକ ଭାଗିରଥୀ ପଟେଲ, ଖୁଦପେଜ ସରପଞ୍ଚ ଯଶୋଦା ଶତପଥୀ, ଡିଇଓ ଯଶୋବନ୍ତ ପଟେଲଙ୍କ ସମେତ ଚାଷୀ ମାନେ ଉପସ୍ଥିତ ଥିଲେ।

## ସଡ଼କ ଦୁର୍ଘଟଣାରେ ରାଜ ପରିବାର ସଦସ୍ୟଙ୍କ ଦେହାନ୍ତ

**ବଲାଙ୍ଗିର,୨୯।୫(ସଂଚାର ବ୍ୟୁରୋ)ଃ** ବଲାଙ୍ଗିର ଏକ ଦୁଃଖଦ ଦୁର୍ଘଟଣାରେ ପୁରୁଣା ରାଜବାଟୀ ନିବାସୀ ତେଜବହାଦୂର୍ ସିଂହ ଦେଓଙ୍କ ଅକାଳ ବିୟୋଗ ହୋଇଛି। ସୂଚନା ଅନୁସାରେ, ତେଜ ବାହାଦୂର ସିଂଦେଓ ନିଜ ପାଟଣାଗଡ଼ ଲୁହସିଂହା ସ୍ଥିତ ନିଜ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ଏବଂ ସନ୍ଧ୍ୟାରେ ତାଙ୍କ ବୁଲେଟ ମୋଟର ସାଇକେଲରେ ବଲାଙ୍ଗୀର ଫେରୁଥିଲେ। ତେବେ ପାଟଣାଗଡ଼ ଯୁରିଆ ଗ୍ରାମ ନିକଟରେ ସେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଥିଲେ। ସେପଟେ ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ପାଟଣାଗଡ଼ ଡାକ୍ତରଖାନା ଓ ପରେ ଭୀମ ଭୋଇ ମେଡିକାଲ କଲେଜରେ ଭର୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ବଲାଙ୍ଗୀର ପୁରୁଣା ରାଜବାଟି ରାଜପରିବାରର ସଦସ୍ୟ ତେଜ ବାହାଦୂର ସିଂହ ଦେଓ ଆର୍ତତ୍ରାଣ ସିଂହ ଦେଓଙ୍କ ଦ୍ୱିତୀୟ ପୁତ୍ର ଥିଲେ। ସେ ଶିକ୍ଷିତ ଯୁବକ ଭାବରେ ସମସ୍ତଙ୍କର ପ୍ରିୟ ଥିଲେ। ତେବେ ତାଙ୍କ ମୃତ୍ୟୁ ଖବର ପରେ ବଲାଙ୍ଗିର ସହରରେ ଶୋକର ଛାୟା ଖେଳି ଯାଇଛି।

## ତୁଲଣ୍ଡିରେ ପିଇବା ପାଣି, ଅର୍ଡାରେ ବିଜୁଳି ସମସ୍ୟା

**● ନରସିଂହଙ୍କ ହସ୍ତକ୍ଷେପ ଚାହିଁଲେ ଗ୍ରାମବାସୀ**

**ବଲାଙ୍ଗିର,୨୯।୫(ସଂଚାର ବ୍ୟୁରୋ)ଃ** ବଲାଙ୍ଗିର ଜିଲ୍ଲାରେ ଗ୍ରୀଷ୍ମର ପ୍ରବାହ ଚରମରେ ପହଞ୍ଚିଥିବା ବେଳେ କ୍ରମାଗତ ବିଜୁଳି ବିଭ୍ରାଟ ଓ ପିଇବା ପାଣି ସମସ୍ୟା ଲୋକଙ୍କୁ ଘୋର ହଇରାଣ କରୁଛି। ପିଇବା ପାଣି ଓ ବିଜୁଳି ସମସ୍ୟା ଧିରେ ଧିରେ ଗାଁ ଅଞ୍ଚଳରେ ଉତ୍କଟ ରୂପ ନେଲାଣି। ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ ମିର୍ଦ୍ଧାପାଲି ପଞ୍ଚାୟତର ତୁଲଣ୍ଡି ଗାଁ ରେ ପିଇବା ପାଣି ଘୋର ସମସ୍ୟା ଦେଖାଦେଇଛି। କେନ୍ଦ୍ର ସରକାରଙ୍କ ବସୁଧା ଯୋଜନା ଅନ୍ତର୍ଗତ ପ୍ରତ୍ୟେକ ଘରକୁ ଘର ନଳ ଯୋଗେ ପିଇବା ପାଣି ପହଞ୍ଚାଇବା ଯୋଜନା ଗ୍ରାମାଞ୍ଚଳରେ ସମ୍ପୁର୍ଣ୍ଣ ଫେଲ ମାରିଛି। ତୁଲଣ୍ଡି ଗାଁ ପଟରେ ଯାଇଥିବା ସୁକତେଲ ନଦୀ ରେ ଜଳସ୍ତର ତଳକୁ ତଳ ଯାଉଛି। ନଦୀ ହୁଡାରେ ଖନନ କରାଯାଇଥିବା ଗଭିର ନଳକୂଳ ରେ ପାଣି ହେଉନାହିଁ ତେଣୁ ଏହାର ପ୍ରତିକାର ପାଇଁ ଗ୍ରାମବାସୀ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ରଙ୍କୁ ଗୁହାରି କରିଥିଲେ। ଶ୍ରୀ ମିଶ୍ର ଫୋନ ଯୋଗେ ବିଭାଗୀୟ ଯନ୍ତ୍ରୀ ଙ୍କ ସହ କଥା ହୋଇ ନଦୀ ମଧ୍ୟ ଭାଗରେ ଆଉ ଏକ ଇନଟେକ ୱେଲର ବ୍ୟବସ୍ଥା କରିବାକୁ କହିବା ସହ ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ଗାଁବାସୀଙ୍କ ପାଇଁ ଆଉ ଏକ ନଳକୂପ ଖନନ ର ବ୍ୟବସ୍ଥା କରିବା ପାଇଁ କହିଥିଲେ। ଦେଓଗାଁ ବ୍ଲକ ଅନ୍ତର୍ଗତ ଗାଇବାହାଲ ପଞ୍ଚାୟତର ଲୋକେ ମଧ୍ୟ ବିଜୁଳି ସମସ୍ୟାକୁ ନେଇ ଶ୍ରୀ ମିଶ୍ରଙ୍କ ଆବାସିକ କାର୍ଯ୍ୟାଳୟକୁ ଆସି ଅଭିଯୋଗ ରଖିଥିଲେ। ଗାଁ ରେ ପ୍ରାୟତଃ ଗ୍ରାମବାସୀ ବିଜୁଳି ବିଲ ଠିକ୍ ସମୟରେ ପଇଠ କରୁଥିବା ବେଳେ ବାରମ୍ବାର ବିଜୁଳି ବିଭ୍ରାଟ ହେବା ଯୋଗୁଁ ପିଲାମାନଙ୍କର ପାଠ ପଢ଼ାରେ ବ୍ୟାଘାତ ସହ ଗରବ ଗୁଳିଗୁଳିରେ ଲୋକେ ଅତିଷ୍ଟ ହେବାରେ ଲାଗିଛନ୍ତି। ସେଠାରେ ଲାଗିଥିବା ୧୦୦ କେଭି ର ଟ୍ରାନ୍ସଫରମର ରେ ବାରମ୍ବାର ସମସ୍ୟା ଦେଖାଯାଉଛି।

## କୋର୍ଟରେ ବଢ଼ିଲା ମାମଲା ଅଡୁଆରେ ପ୍ରଧାନଶିକ୍ଷକ



**କାର୍ଯ୍ୟାନୁଷ୍ଠାନ ପାଇଁ ସାମ୍ବାଦିକଙ୍କ ମହଲରୁ ଦାବି**

**ଧାମନଗର,୨୯।୫(ସଂଚାର ବ୍ୟୁରୋ)ଃ** ସାମ୍ବାଦିକକୁ ଆକ୍ରମଣ ଘଟଣା କୋର୍ଟରେ ବଢ଼ିଲା ମାମଲା ଅଡୁଆରେ ପ୍ରଧାନ ଶିକ୍ଷକ ପୁଲିସର ତଦନ୍ତ ଜାରି। ଧାମନଗର ଏନ୍‌ଏସିଅନ୍ତର୍ଗତ ୮ନମ୍ବର ୱାର୍ଡ ଅଧିନ ସରକାରୀ ପ୍ରାଥମିକ ବିଦ୍ୟାଳୟ ଜଗତି ଶାମପୁରର ପ୍ରଧାନ ଶିକ୍ଷକ ସେକ ସାମସୁଦ୍ଦିନ କାର୍ଯ୍ୟରତ ସାମ୍ବାଦିକ ସେକ ଜାଫର ଅଲ୍ଲୀଙ୍କୁ ଦୁର୍ବ୍ୟବହାର ସହ ସଂଘବଧ ଆକ୍ରମଣ କରିଥିବା ଘଟଣାକୁ ନେଇ ଧାମନଗର ଥାନାରେ ଅଭିଯୋଗ କରିଥିଲେ। ଆଇଆଇସି ସୁଭ୍ରଜିତ ଦାଶ ଅଭିଯୋଗ କ୍ରମେ ସଙ୍ଗେ ସଙ୍ଗେ ଥାନା କେସ ନମ୍ବର୍ ୧୭୪/ ୨୨/୦୪/ ୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରୁଛନ୍ତି। ମାମଲା ଏବେ କୋର୍ଟରେ ଅଡୁଆରେ ପ୍ରଧାନ ଶିକ୍ଷକ ପୁଲିସର ତଦନ୍ତ ଜାରି। ପୁଲିସ ପକ୍ଷରୁ ଜିଲ୍ଲା ଏବଂ ବ୍ଲକ ଶିକ୍ଷା ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଚିଠି ହୋଇଥିବା ଆଇଆଇସି ଠାରୁ ସୂଚନା। ଚିଠି ପାଇବା ପରେ ବିଭାଗ ପକ୍ଷରୁ ଉକ୍ତ ଶିକ୍ଷକକୁ କାରଣ ଦର୍ଶାଓ ନୋଟିସ ଜାରି କରାଯାଇଛି ବୋଲି ବିଇଓ ପ୍ରଫୁଲ୍ଲ ସାହୁଙ୍କ ଠାରୁ ସୂଚନା ମିଳିଛି। ଶିକ୍ଷକ ଜଣକ ପାଠ ନପଢାଇ କୁନି କୁନି ଛାତ୍ରଛାତ୍ରୀଙ୍କ ଜୀବନ ସହ ଖେଳ ଖେଳିବା, ବିଦ୍ୟାଳୟକୁ ନଯିବା, ମନମୁଖୀ କାର୍ଯ୍ୟ ସମ୍ପର୍କରେ ନିୟୁଜ ପରିବେଷଣ କରାଯାଇଥିଲା। ତେଣୁ ପୂର୍ବ ଶତୃତାକୁ ନେଇ ସଂଘବଧ ଭାବେ ଆକ୍ରମଣ କରିଥିବାରୁ ବିଭିନ୍ନ ସାମ୍ବାଦିକ ସଂଗଠନ ପକ୍ଷରୁ ନିନ୍ଦା କରାଯାଇଛି। ଦେଖା ସେଖା ସହିତ ବଜାର ରାସ୍ତା ଘାଟରେ ଶିକ୍ଷକ କହୁଛନ୍ତି ପୁଲିସ ଏବଂ ବିଇଓ 'ମୋ'ହାତରେ କିଛି ହେବ ନାହିଁ। ଏଦିଗରେ ଭଦ୍ରକ ଏସପି, ଧାମନଗର ଏସ ଡି ପି ଓ ଏବଂ ଆଇଆଇସି ଉକ୍ତ ଘଟଣାକୁ ଗୁରୁତର ସହିତ ନେଇ ଉକ୍ତ ଘଟଣା ଘଟିବା ଦିନର ସିସିଟିଭି ଫୁଟେଜ୍ ଖାନକା ଅଫିସରୁ ଆଣି ତଦନ୍ତ କରି ଆଇନ ଅନୁଯାୟୀ ଶିକ୍ଷକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସାମ୍ବାଦିକଙ୍କ ମହଲରୁ ଦାବି କରାଯାଇଛି।

## କାଳବୈଶାଖୀର ତାଣ୍ଡବ, ବ୍ୟାପକ କ୍ଷୟକ୍ଷତି



**ସୁବର୍ଣ୍ଣପୁର,୨୯।୫ (ସଂଚାର ବ୍ୟୁରୋ)ଃ** ଗତକାଲି ଗୁରୁବାର ଦିନ ରାତ୍ର ପ୍ରାୟ ୮.୧୫ ବେଳେ ସୁବର୍ଣ୍ଣପୁର ସହର ଓ ଆଖପାଖ ଅଞ୍ଚଳରେ ପ୍ରବଳ କାଳବୈଶାଖୀ ଝଡ଼ ସାଙ୍ଗକୁ ବର୍ଷା ଓ କିଛି ସ୍ଥାନରେ ଛୋଟ କୁଆପଥର ମାଡ଼ ହୋଇ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ପ୍ରାୟ ୨୦ ମିନିଟ୍ ଧରି ଚାଲିଥିବା ଏହି ପ୍ରଳୟଙ୍କରୀ ଝଡ଼ରେ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଘରର ଛାତ ସହ ରାସ୍ତାର ହୋଡ଼ିଂ, ଟ୍ରାଫିକ ପୋଷ୍ଟ ଏବଂ ବାଇକ ମଧ୍ୟ ଉଡ଼ାଇ ନେଇଥିବା ଦେଖିବାକୁ ମିଳିଥିଲା। ସହରର ଜୟଗୁରୁ ମାର୍କେଟ ମେନ ରୋଡ, କଲେଜ ରୋଡ, ବସଷ୍ଟାଣ୍ଡ ଓ ଷ୍ଟେଟ ବ୍ୟାଙ୍କ ରାସ୍ତା ସହ ସହର ର ସମସ୍ତ ୱାର୍ଡ ଏବଂ ଉଲୁଣ୍ଡା ବ୍ଲକ ର କିଛି ଅଞ୍ଚଳରେ ବଡ଼ ବଡ଼ ଗଛ ଉପୁଡି ପଡ଼ିଛି। ଫଳରେ ରାସ୍ତା ଅବରୋଧ ହୋଇଛି। ତୁରନ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ଙ୍କ ଉପସ୍ଥିତିରେ ଅଗ୍ନିଶମ ବିଭାଗ, ବିଦ୍ୟୁତ୍ ବିଭାଗ ସହ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀ ଉଦ୍ଧାର କାର୍ଯ୍ୟ ଜାରି ରଖିଥିବା ବେଳେ ପୌର ପରିଷଦ କର୍ମଚାରୀ ମଧ୍ୟ ସଫେଇ କାର୍ଯ୍ୟ ଜାରି ରଖିଛନ୍ତି। ବହୁ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯିବା ଓ ଗଛ ତାର ଉପରେ ପଡ଼ି ଛିଡିଯିବା ଯୋଗୁଁ ସମଗ୍ର ସହର ପ୍ରାୟ ୧୮ ଘଣ୍ଟା ଧରି ଅନ୍ଧାରରେ ଥିବା ବେଳେ କେତେବେଳେ ଲାଇଟ୍ ଆସିବ ଅନିଶ୍ଚିତତା ଦେଖାଯାଇଛି।

## ବଡ଼ ଡାକ୍ତରଖାନାର ଆଇସିୟୁରେ ପୁଣି ଅଗ୍ନିକାଣ୍ଡ

**ଗଞ୍ଜାମ,୨୯।୫(ସଂଚାର ବ୍ୟୁରୋ)ଃ** ବ୍ରହ୍ମପୁର ବଡ ଡାକ୍ତରଖାନା ପିଏମଏସଏସୱାଇ କୋଠା ପଛରେ ରହିଥିବା ଯକ୍ଷ୍ମା ଓ ଛାତିରୋଗ ବିଭାଗରେ ଆଇସିୟୁରେ ଗତକାଲି ରାତିରେ ଏକ ଫ୍ୟାନ ହଠାତ୍ ସର୍ଟସର୍କିଟରୁ ଜଳିଯାଇଛି। ଏହା ଦେଖି ରୋଗୀମାନେ ଭୟଭୀତ ହୋଇ ବାହାରକୁ ଚାଲି ଆସିଥିଲେ। ଏହାପରେ ରୋଗୀ ଓ କର୍ମଚାରୀମାନେ ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ପରେ, କାର୍ଯ୍ୟରତ ସୁରକ୍ଷା କର୍ମୀମାନେ ଗ୍ୟାସ୍ ଦ୍ୱାରା ଅଗ୍ନି ନିର୍ବାପିତ କରିଥିଲେ। ରେଜିଷ୍ଟ୍ରାର ଡଃ. ଶ୍ୱେତକୁମାର ଦାଶ ଆଇସିୟୁରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରି ରୋଗୀ ମାନଙ୍କୁ ସ୍ଥାନାନ୍ତର କରି ଚିକିତ୍ସା ବ୍ୟବସ୍ଥା କରାଇଥିଲେ।

## ଆରମ୍ଭ ହେଲା ଏସଆଇଆର ପ୍ରକ୍ରିୟା

**ରାଉରକେଲା,୨୯।୫ (ସଂଚାର ବ୍ୟୁରୋ)ଃ** ଭୋଟର ତାଲିକାକୁ ସମ୍ପୂର୍ଣ୍ଣ ସଠିକ୍ ଏବଂ ତ୍ରୁଟିଶୂନ୍ୟ କରିବା ସହ ସମସ୍ତ ଯୋଗ୍ୟ ଭୋଟରଙ୍କୁ ତାଲିକାଭୁକ୍ତ କରିବା ଉଦ୍ଦେଶ୍ୟରେ ସାରା ଓଡ଼ିଶାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଆଜି ସୁନ୍ଦରଗଡ଼ ଜିଲ୍ଲାପାଳ ଡ଼ା. ଶୁଭଙ୍କର ମହାପାତ୍ର ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସମଗ୍ର କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରିଥିଲେ। ଜିଲ୍ଲାପାଳ କହିଥିଲେ ଯେ, ଏହି କାର୍ଯ୍ୟକ୍ରମ ଅଧୀନରେ ଜିଲ୍ଲାର ସମସ୍ତ ବୁଥ ସ୍ତରୀୟ ଅଧିକାରୀ (ବିଏଲଓ) ଏବଂ ବିଏଲଓ ସୁପରଭାଇଜରମାନଙ୍କ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇସାରିଛି। ସେହିଭଳି ପରିଗଣନା ଫର୍ମ ଛପା ହୋଇ ବିଭିନ୍ନ ବ୍ଲକ ପଏଂଟରେ ଉପଲବ୍ଧ କରାଯାଇଛି। ଆସନ୍ତା ୩୦ ମଇ ଠାରୁ ୨୮ ଜୁନ୍ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବି ଏଲ ଓ ଘରେ ଘରେ ପହଞ୍ଚି ଭୋଟରମାନଙ୍କୁ ପରିଗଣନା ଫର୍ମ ପ୍ରଦାନ କରିବେ ଏବଂ ଫର୍ମ ପୂରଣ କରିବାରେ ସହଯୋଗ କରିବେ। ପୂରଣ ହୋଇଥିବା ଫର୍ମ ସଂଗ୍ରହ ପରେ ସେମାନେ ଭୋଟରମାନଙ୍କ ଜାଣତରେ ପ୍ରଦାନ କରିବେ। ସେ କହିଥିଲେ ଯେ, ୫ ଜୁଲାଇ ୨୦୨୬ ରେ ଖସଡ଼ା ଭୋଟର ତାଲିକା ପ୍ରକାଶ ପାଇବ। ଏହାପରେ ୫ ଜୁଲାଇରୁ ୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଦାବି ଓ ଆପତି ଦାଖଲ କରାଯିବ।

## ପ୍ରବଳ ବର୍ଷା, ବିଜୁଳି ଓ ପବନରେ ବ୍ୟାପକ କ୍ଷୟକ୍ଷତିର ଆଶଙ୍କା



**ଧାମନଗର,୨୯।୫(ସଂଚାର ବ୍ୟୁରୋ)ଃ** ଧାମନଗର ଅଞ୍ଚଳରେ ଭୟଙ୍କର କାଳବୈଶାଖୀ ତାଣ୍ଡବଃ ପ୍ରବଳ ବର୍ଷା ସାଙ୍ଗକୁ ବିଜୁଳି, ଭୟଙ୍କର ରୂପ ଧାରଣ କଲା ପବନ ବ୍ୟାପକ କ୍ଷୟକ୍ଷତି ପରିଲକ୍ଷିତ ହୋଇଛି। ଅପରାହ୍ନ ୪ଟା ରୁ ଦୀର୍ଘ ଦୁଇ ଘଣ୍ଟା ଧରି ଲାଗି ରହିଥିଲା ତାଣ୍ଡବ। ପବନ ଯୋଗୁଁ କେଉଁଠି ଗଛ ପଡ଼ି ଯାନବାହନ ଚଳାଚଳ ବନ୍ଦ ହୋଇଥିବା ବେଳେ ବିଦ୍ୟୁତ ଖୁଣ୍ଟ ସହିତ ତାର ଛିଡି ବହୁ କ୍ଷୟକ୍ଷତି ହୋଇଛି। ଧାମନଗର-କୋଠାର ମୁଖ୍ୟ ରାସ୍ତା ଉପରେ ବିରାଟ ବଡ଼ ଗଛ ପଡ଼ି କିଛି ସମୟ ପାଇଁ ରାସ୍ତାରେ ଯିବା ଆସିବା ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଅଗ୍ନି ଶମ ବିଭାଗ ଉକ୍ତ ସ୍ଥାନରେ ପହଞ୍ଚି ଗଛକୁ କାଟିବାରୁ ଚଳାଚଳ ସ୍ୱାଭାବିକ ହୋଇଥିଲା। ଏପଟେ ବିଦ୍ୟୁତ ବିଭାଗ ସହ ଯୋଗାଯୋଗ କଲେ ମଧ୍ୟ ବିଦ୍ୟୁତ ସଂଯୋଗରେ ସମୟ ଲାଗିବ ବୋଲି ସୂଚନା ଦିଆଯାଇଛି। ବର୍ଷା ପବନ ଯୋଗୁଁ ପନିପରିବା ଫସଲ ନଷ୍ଟ ହେବା ସହ ବ୍ୟାପକ କ୍ଷୟକ୍ଷତି ହୋଇଛି ବୋଲି ଚାଷୀ ମାନଙ୍କ ମଧ୍ୟରେ ଚିନ୍ତା ଓ ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ଧାମନଗର ସହରାଞ୍ଚଳରେ ଦୋକାନ ବଜାର ବନ୍ଦ ସାଙ୍ଗକୁ ରାସ୍ତାଘାଟ ଶୂନ ଶାନ ଦେଖିବାକୁ ମିଳିଥିଲା। ତଳିଆ ଅଞ୍ଚଳରେ ଛପର ଘରକୁ ପବନ ଉଡାଇ ନେଇଥିବା ବେଳେ କେତେକ ଘର ଭାଙ୍ଗିଥିବା ସୂଚନା ମିଳିଛି। ଉକ୍ତ ଅଞ୍ଚଳର ରାଜସ୍ୱ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରି ସରକାରୀ ସହାୟତା ଯୋଗାଇଦେବାକୁ ଦାବି କରାଯାଇଛି।

## ମଧୁବାବୁ ନୂତନ ଭତ୍ତା ବଣ୍ଟନଃ ୨୨୯ ହିତାଧିକାରୀ ଉପକୃତ



**ଗୋଲାମୁଣ୍ଡା,୨୯।୫(ସଂଚାର ବ୍ୟୁରୋ)ଃ** ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଗୋଲାମୁଣ୍ଡା ପଞ୍ଚାୟତ ସମିତି ସ୍ତରୀୟ 'ମଧୁବାବୁ ନୂତନ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ' ଆଜି ସ୍ଥାନୀୟ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅଞ୍ଚଳର ଅନେକ ଅସହାୟ ଓ ସାମାଜିକ ସହାୟତା ଲୋଡୁଥିବା ବ୍ୟକ୍ତିଙ୍କୁ ନୂତନ ଭତ୍ତା ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଛି। ସୂଚନା ଅନୁଯାୟୀ, ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ୨୮ଟି ଗ୍ରାମ ପଞ୍ଚାୟତର ସମୁଦାୟ ୨୨୯ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଅବସରରେ ନୂତନ ଭତ୍ତା ପ୍ରଦାନ କରାଯାଇଛି। ସାମାଜିକ ସୁରକ୍ଷାକୁ ବ୍ୟାପକ କରିବା ଲକ୍ଷ୍ୟରେ ବିଭିନ୍ନ ବର୍ଗର ଲୋକଙ୍କୁ ଏଥିରେ ସାମିଲ କରାଯାଇଛି। ସେମାନଙ୍କ ମଧ୍ୟରେ ଭିନ୍ନକ୍ଷମ (ଦିବ୍ୟାଙ୍ଗ) ଭତ୍ତା ୧୦୪ ଜଣ,ବାର୍ଦ୍ଧକ୍ୟ ଭତ୍ତା ୮୫ ଜଣ,ବିଧବା ଭତ୍ତା ୨୮ ଜଣ,ସ୍ୱାମୀ ପରିତ୍ୟକ୍ତା ଭତ୍ତା ୭ ଜଣ,ଅବିବାହିତ ମହିଳା ଭତ୍ତା ୫ ଜଣ ସମୁଦାୟ ୨୨୯ ଜଣ ଯୋଗ୍ୟ ହିତାଧିକାରୀ ଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ଏହି ସାରସ୍ୱତ କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡ଼ିଓ) ତ୍ରିପୁର ମହାନନ୍ଦ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ଏବିଡ଼ିଓ) ବିଜୟ କୁମାର ନାୟକ ଏବଂ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦ୍ରହାସ୍ୟ ବିହାରୀ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖଳିଆପାଲି ସରପଞ୍ଚ ଜିମୁତ ବାହାନ ହରପାଳ,ଧାମନପୁର ସରପଞ୍ଚ ଦିଗାମ୍ବର ତାଣ୍ଡି,ଲେତେର ସରପଞ୍ଚ ଦମୟନ୍ତି ଭୋଇ,ନୂଆଗାଁ ସମିତି ସଭ୍ୟ ରମେଶ ଶବର,ସାମାଜିକ କର୍ମୀ ଶ୍ୟାମସୁନ୍ଦର ଅଗ୍ରୱାଲ, ଗଙ୍ଗାବିଷ୍ଣୁ ମୁଣ୍ଡ ଏବଂ ପଞ୍ଚାୟତ ସମିତିର ଅଧିକାରୀମାନେ ଉପସ୍ଥିତ ରହି ହିତାଧିକାରୀମାନଙ୍କୁ ଭତ୍ତା ବଣ୍ଟନ କରିଥିଲେ। ସରକାରଙ୍କ ଏହି ଜନକଲ୍ୟାଣକାରୀ ଯୋଜନା ଦ୍ୱାରା ଅଞ୍ଚଳର ଗରିବ, ଅସହାୟ, ବୃଦ୍ଧବୃଦ୍ଧା ଓ ଦିବ୍ୟାଙ୍ଗମାନେ ଆର୍ଥିକ ସ୍ତରରେ ସହାୟତା ପାଇ ସ୍ୱାବଲମ୍ବୀ ହୋଇପାରିବେ ବୋଲି ବ୍ଲକ ଅଧ୍ୟକ୍ଷ ଶ୍ରୀ ମହାନନ୍ଦ ନିଜ ମତବ୍ୟକ୍ତ କରିଛନ୍ତି।

## ବ୍ଲକସ୍ତରୀୟ ସଅଳ ରୋଗ ଚିହ୍ନଟ ଓ ଚିକିତ୍ସା ଶିବିର ଅନୁଷ୍ଠିତ

**ସୁବର୍ଣ୍ଣପୁର,୨୯।୫(ସଂଚାର ବ୍ୟୁରୋ)ଃ** ସୁବର୍ଣ୍ଣପୁର ଜିଲ୍ଲା ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ସଅଳ ରୋଗ ଚିହ୍ନଟ ଓ ଚିକିତ୍ସା ଶିବିର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସାହାଜପିଟା ଠାରେ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା. ପୁଜାଶ୍ରୀ ମିଶ୍ର ଙ୍କ ତତ୍ତ୍ୱବଧାନ ରେ ଏହି ଶିବିର ର ଶୁଭାରମ୍ଭ ହୋଇଥିଲା। ଏହି ସ୍ୱାସ୍ଥ୍ୟ ଶିବିରରେ ଜନ୍ମରୁ ୧୮ ବର୍ଷ ବୟସର ଶିଶୁ ମାନଙ୍କ ରୋଗ ଚିହ୍ନଟ ସହ ସେମାନଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯାଇଥିଲା। ଏହି ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସାହାଜପିଟା ର ଆୟୁଷ ଡ଼ା ପ୍ରସନ୍ନ ଦାଶ ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ର ଡ଼ ସୋରାଜ କୁମାର ପଟେଲ, ଡ଼ ଚିତ୍ତରଞ୍ଜନ ତ୍ରିପାଠୀ ଓ ଡ଼ା ଲୋପାମୁଦ୍ରା ପ୍ରଧାନ ପରିଚାଳନା କରିଥିଲେ। ଏହି ସ୍ୱାସ୍ଥ୍ୟ ଶିବିରରେ ସୋନପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଡିଇଆଇସି ର ଅଭୟ ଲେଙ୍କା (ବାକ ଓ ଶ୍ରବଣ ପରାମର୍ଶଦାତ) ଡ଼ ସୋମେଶ ରଞ୍ଜନ ପଣ୍ଡା (ଭୌତିକ ଚିକିତ୍ସା) ରତନ ବିଶ୍ୱାଳ. (ବିଶେଷ ଶିକ୍ଷଦାନ), ଶ୍ରୀଯୁକ୍ତ ସଞ୍ଜୀବ କୁମାର ଭୋଇ (ମନସ୍ତତ୍ତ୍ୱଜ୍ଞ) ଡ଼ା ସତ୍ୟନାରାୟଣ ପଣ୍ଡା (ଦନ୍ତ ଚିକିତ୍ସକ) ଓ ଅଶ୍ୱିନୀ ଶତପଥି (ସାମାଜିକ କର୍ମୀ)ଯୋଗଦାନ ଦେଇଥିଲେ ଓ ସମସ୍ତ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷ୍ୟା କରଯାଇଥିଲା ଏହି କାର୍ଯ୍ୟକ୍ରମ କୁ ସୁଚାରୁରୂପେ ତୁଲଇବା ପାଇଁ ସ୍ୱାସ୍ଥ୍ୟ କେନ୍ଦ୍ରର ଫାର୍ମାସିଷ୍ଟ ହୃଷିକେଶ ମିଶ୍ର, ରଶ୍ମିତା ସାହୁ ମହିଳା ସ୍ୱାସ୍ଥ୍ୟକର୍ମୀ ଗୀତାଞ୍ଜଳି ସାହା, ଶୁଭଲକ୍ଷ୍ମୀ ବାଗ ଓ ଆଶା ଦିଦି ମାନେ ସହଯୋଗ କରିଥିଲେ।

# ଅଘୋଷିତ ବିଦ୍ୟୁତ କାଟରେ ଲାଞ୍ଜିଗଡ଼ବାସୀ ଦହଗଞ୍ଜ



**ଲାଞ୍ଜିଗଡ଼,୨୯।୫(ସଂଚାର ବ୍ୟୁରୋ)ଃ** ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ଅଞ୍ଚଳବାସୀ ଲାଞ୍ଜିଗଡ଼ ଟାଟା ପାୱାର ବିଦ୍ୟୁତ ଗ୍ରୀଡ଼ରେ ଶୁକ୍ରବାର ତାଲା ପକାଇ ଧାରଣା ଦେବାସହ ଯନ୍ତ୍ରୀଙ୍କ ଜରିଆରେ ଟାଟା ପାୱାର ନର୍ଲା ଉପ ବିଭାଗୀୟ ଅଧିକାରୀଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାନୁସାରେ ଲାଞ୍ଜିଗଡ଼ରେ ଗ୍ରୀଷ୍ମ ପ୍ରବାହ ୪୫ ଡିଗ୍ରୀ ଉପରେ ରହୁଥିବା ଗରମ ଓ ଗୁଳୁଗୁଳି ପ୍ରବଳ ହେଉଥିବା ଓ ଲୋ ଭୋଲ୍ଟେଜ ରହୁଥିବା ସହିତ ଅଘୋଷିତ ବିଦ୍ୟୁତ କାଟ ହେଉଥିବା ନେଇ ଉତ୍ୟକ୍ତ ହୋଇ ଲାଞ୍ଜିଗଡ଼ ଅଞ୍ଚଳବାସୀ ଶୁକ୍ରବାର ସକାଳ ୭ ଘଣ୍ଟା ସମୟରେ ଲାଞ୍ଜିଗଡ଼ ଗ୍ରୀଡ଼ରେ ବିଦ୍ୟୁତ ବିଛିନ୍ନ ସଂଯୋଗ ବିଚ୍ଛିନ୍ନ କରିବା ସହିତ ତାଲା ପକାଇ ଧାରଣା ଦେଇଥିଲେ।ଖବର ପାଇ ଟାଟା ପାୱାର ଯନ୍ତ୍ରୀ ଛବିଲାଲ ସାହୁ ଓ ସନ୍ଦୀପ ଠାକୁର ଘଟଣା ସ୍ଥଳରେ ପହଞ୍ଚି ଅଞ୍ଚଳ ବାସୀଙ୍କ ସହିତ ଆଲୋଚନା କରିଥିଲେ। ଅଞ୍ଚଳବାସୀ ଯନ୍ତ୍ରୀ ଛବିଲାଲ ସାହୁଙ୍କ ଜରିଆରେ ଟାଟା ପାୱାର ଏସଡିଓ ନର୍ଲାଙ୍କୁ ଏକ ଲିଖିତ ଅଭିଯୋଗ ପ୍ରଦାନ କରିଥିଲେ। ଯନ୍ତ୍ରୀଙ୍କୁ ଫୋନ କଲେ ୩୩ କେଭି ଲାଇନରେ ଭୁଲ ଥିବା ଦର୍ଶାଯାଉଥିବା ବେଳେ ୩୩ ଫିଡ଼ର ମରାମତି କରୁଥିବା ବିଦ୍ୟୁତ ବିଶେଷଜ୍ଞ ନର୍ଲାରେ ରହୁଥିବା ଯୋଗୁଁ ତୁରନ୍ତ ବିଦ୍ୟୁତ ସେବା ବ୍ୟାହତ ହେଉଛି। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁସାରେ ବାରମ୍ବାର ଅଭିଯୋଗ ସତ୍ୱେ ବିଜୁଳି କାଟ ବନ୍ଦ ହେଉ ଏବଂ ଏହାର ସମାଧାନ ପାଇଁ ରାୟଗଡ଼ା ଜିଲ୍ଲା ମୁନିଗୁଡ଼ାରୁ ଲାଞ୍ଜିଗଡ଼କୁ ୩୩ କେଭି ଲାଇନ ସଂଯୋଗ କରାଯାଉ।୩୩ କେଭି ଗ୍ରୀଡ଼ ମରାମତି ଓ ରକ୍ଷଣା ବେକ୍ଷଣ ପାଇଁ ଲାଞ୍ଜିଗଡ଼ ଠାରେ ସ୍ୱତନ୍ତ୍ର କର୍ମଚାରୀ ଦଳ ସ୍ଥାୟୀ ଭାବେ ନିଯୁକ୍ତି କରାଯାଉ ଏବଂ ସ୍ଥାୟୀ ଲାଇନମେନ ନିଯୁକ୍ତି କରାଯାଉ। ଅଘୋଷିତ ବିଦ୍ୟୁତ କାଟ ବନ୍ଦ କରାଯିବା ସହିତ ଲାଞ୍ଜିଗଡ଼ ଉପଭୋକ୍ତା ମାନଙ୍କ ବିଲ ସଂଶୋଧନ, ଅଧିକ ଆସୁଥିବା ସ୍ମାର୍ଟ ମିଟର ପରିବର୍ତ୍ତନ କରିବା, ଯେଉଁ ଉପଭୋକ୍ତାଙ୍କ ଭୁଲବସତ ଆସୁଥିବା ବିଲ୍ ଗୁଡ଼ିକୁ ସଂଶୋଧନ କରାଯାଉ ଏବଂ ଲାଞ୍ଜିଗଡ଼ ସହରପାଇଁ ସ୍ୱତନ୍ତ୍ର ଫିଡ଼ର ବ୍ୟବସ୍ଥା କରାଯିବା।ନେଇ ଦାବିପତ୍ର ଦେଇଥିଲେ।ଯନ୍ତ୍ରୀ ଶ୍ରୀ ସାହୁ ଦାବିପତ୍ର ଟାଟା ପାୱାର ଏସଡିଓ ନର୍ଲାଙ୍କୁ ପଠାଇବା ପରେ ଏସଡିଓ ଲାଞ୍ଜିଗଡ଼ ସରପଞ୍ଚଙ୍କ ଇମେଲ ଜରିଆରେ ଆସନ୍ତା ସପ୍ତାହରେ ୩୩ କେଭି ଲାଇନ କର୍ମଚାରୀ ଯୋଗାଇଦେବା ସହିତ ଲାଞ୍ଜିଗଡ଼ ଠାରେ କର୍ମଚାରୀ ଯୋଗାଇ ଦେବେ ଏବଂ ମୁନିଗୁଡ଼ାରୁ ଲାଞ୍ଜିଗଡ଼କୁ ୩୩ କେଭି ଲାଇନ ସଂଯୋଗ କରିବା ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯିବା ପାଇଁ ପ୍ରତିଶ୍ରୁତି ପରେ ଦୀର୍ଘ ୬ ଘଣ୍ଟା ପରେ ଅଞ୍ଚଳବାସୀ ଧାରଣାରୁ ଉଠିଥିଲେ। ଏହି ଧାରଣାରେ ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ଶ୍ରୀମୁଖ ଅଗସ୍ତି, ପରମାନନ୍ଦ ନାଏକ, କୁମର ଗୌଡ଼, ସମେତ ଲାଞ୍ଜିଗଡ଼, ବସନ୍ତପଡା, ଜଗନ୍ନାଥପୁର, ତ୍ରିଲୋଚନପୁର ଗ୍ରାମର ଗ୍ରାମବାସୀ ସମେତ ଅଞ୍ଚଳବାସୀ ପ୍ରମୁଖ ଉପସ୍ଥିତ ଥିଲେ।